ବର୍ଷ-୫୭ : ସଂଖ୍ୟା-୧ ଜାନୁଆରୀ, ୨୦୨୬ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଜାନୁଆରୀ, ୨୦୨୬


| | | | | |
|---|---|---|---|---|
| ପ୍ରାର୍ଥନା | ··· | ଶ୍ରୀମା | ··· | ୩ |
| ଶ୍ରୀମାଙ୍କ ବାଣୀ | ··· | ଶ୍ରୀମା | ··· | ୪ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୭ |
| କର୍ମ କରିବା ଓ ଶିକ୍ଷା କରିବାର ପ୍ରକୃଷ୍ଟ ମାର୍ଗ | ··· | ଶ୍ରୀମା | ··· | ୮ |
| ନୂତନ ଯୁଗ ପାଇଁ ପ୍ରସ୍ତୁତି (୩) | ··· | ଶେଖ ଅବଦୁଲ କାଶମ | ··· | ୯ |
| ବାକ୍‌ର ଦିବ୍ୟ ଉତ୍ସ | ··· | ମନୋଜ ଦାସ | ··· | ୧୫ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୫୦) | ··· | ··· | ··· | ୧୭ |
| ସିଦ୍ଧାନ୍ତ-ସମନ୍ୱୟ | ··· | ରାମକୃଷ୍ଣ ଦାସ | ··· | ୨୧ |
| ମା’ ଆପଣ ଏମିତି କହିଛନ୍ତି ... (୭) | ··· | ହୁତା ହିନ୍ଦୋଚା | ··· | ୨୪ |
| ସ୍ୱାମୀ ବିବେକାନନ୍ଦଙ୍କ ସ୍ମରଣେ | ··· | ··· | ··· | ୨୮ |
| ଶ୍ରୀଅରବିନ୍ଦ ଓ କ୍ରମ-ବିବର୍ତ୍ତନ (୨) | ··· | ପ୍ରପତ୍ତି | ··· | ୩୦ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୧୦୫) | ··· | ମହେନ୍ଦ୍ରନାଥ ସ୍ୱାଇଁ | ··· | ୩୩ |
| କାରା-ଜୀବନୀ (୧୦) | ··· | ଉଲ୍ଲାସକର ଦତ୍ତ | ··· | ୩୭ |
| ୨୦୨୬ ବର୍ଷସୂଚୀ (Calendar)ରେ ପରିବେଷିତ ବାଣୀ | ··· | ··· | ··· | ୩୯ |
| ନୂତନ ଶିକ୍ଷାର ଆହ୍ୱାନ (୨୮) | ··· | ଗୟାଧର ଦାଶ | ··· | ୪୦ |
| ଆସନ୍ତୁ ଚେଷ୍ଟା କରିବା | ··· | ପ୍ରସାଦ ତ୍ରିପାଠୀ | ··· | ୪୩ |
| ନବବର୍ଷର ଆବାହନୀ (କବିତା) | ··· | ସୁନାମଣି ରାଉତ | ··· | ୪୫ |
| ଶେଷ ବ୍ରାହ୍ମଣ | ··· | ମନୋଜ ଦାସ | ··· | ୪୬ |
| ରାଜାଙ୍କ ଦରବାର | ··· | ବନମାଳୀ ଆଚାର୍ଯ୍ୟ | ··· | ୪୮ |
| ଦୁଇଟି କ୍ଷୁଦ୍ର ପ୍ରେରଣାପ୍ରଦ ଆଲେଖ୍ୟ | ··· | ··· | ··· | ୫୧ |
| ନେଉଛ ମା ! ପଥ ବାହି (କବିତା) | ··· | ଶରତ କୁମାରୀ ସ୍ୱାଇଁ | ··· | ୫୨ |
| ଉନ୍ମତ୍ତ ସାଗର | ··· | ସବ୍ୟସାଚୀ | ··· | ୫୩ |
| ମହାକୁମ୍ଭର ଶେଷ ପର୍ଯ୍ୟାୟ | ··· | ଧର୍ମକୁମାର ଶତପଥି | ··· | ୫୪ |
| ନୂତନ ବ୍ୟାଧିର ପଦଧ୍ୱନି : ଏକ ଚେତାବନୀ | ··· | ମନୋଜ ଦାସ | ··· | ୫୮ |


❖

# ପ୍ରାର୍ଥନା


ଯେଉଁ ମାର୍ଗ ସମୂହ ଅତୀବ ସହଜ, କୌଣସି ପ୍ରୟାସ ଦାବି କରେ ନାହିଁ, ଯେଉଁ ମାର୍ଗ ସମୂହ ଆମେ ଆମ ଲକ୍ଷ୍ୟରେ ଉପନୀତ ହୋଇ ସାରିଲୁଣି ବୋଲି ଭ୍ରମ ସୃଷ୍ଟି କରେ; ଆମେ ସେସବୁ ମାର୍ଗ ପରିହାର କରିବା । ପ୍ରତ୍ୟେକ ପତନ ମଧ୍ୟକୁ ଦ୍ୱାର ଉନ୍ମୁକ୍ତ କରୁଥିବା ଅବହେଳାମାନ, ଜଳାତଳସବୁ ଦିଗକୁ ଆଗେଇ ନେଉଥିବା ସ୍ୱୟଂତୁଷ୍ଟ ଆତ୍ମ-ପ୍ରଶଂସାକୁ ଆମେ ପରିହାର କରିବା । ଆମେ ବୁଝିବା ଲୋଡ଼ା ଯେ ଆମ ପ୍ରୟାସ, ଆମ ସଂଗ୍ରାମ, ଏପରିକି ଆମ ବିଜୟମାନ ଯେତେ ମହତ୍ ହୋଇଥା'ନ୍ତୁ ନା କାହିଁକି, ଅଦ୍ୟାବଧି ଯେତିକି ଦୂର ପଥ ଅତିକ୍ରମ କରିବା ବାକି ରହିଛି, ତାହା ତୁଳନାରେ ଆମେ ଯେତିକି ଅତିକ୍ରମ କରିଛୁ ସେତକ କିଛି ନୁହେଁ; ଏବଂ ଶାଶ୍ୱତ ସମ୍ମୁଖରେ କ୍ଷୁଦ୍ରାତିକ୍ଷୁଦ୍ର ଧୂଳିକଣା ଅଥବା ଏକାକୃତି ନକ୍ଷତ୍ରପୁଞ୍ଜ – ସବୁହିଁ ସମାନ ।

କିନ୍ତୁ ତୁମେହିଁ ସକଳ ବାଧାବିଘ୍ନ ବିଜେତା, ସମସ୍ତ ଅଜ୍ଞାନକୁ ପ୍ରଭାମୟ କରୁଥିବା ଆଲୋକ, ଯାବତୀୟ ଅହଂକାର ପରାଭୂତ କରୁଥିବା ପ୍ରେମ । ଏବଂ ତୁମ ସମ୍ମୁଖରେ ସ୍ଥାୟୀ ହୋଇ ପାରେନା କୌଣସି ପ୍ରମାଦ ।

ଜାନୁଆରୀ ୮, ୧୯୧୪ — ଶ୍ରୀମା



# ଶ୍ରୀମାଙ୍କ ବାଣୀ


Day and night constantly the Presence is there.
It is enough to turn silently inward
and we detect it.
Let this experience be yours this year.
Love and blessings to my dear child.

Day and night constantly the Presence is there.
It is enough to turn silently inward and we detect it.
Let this experience be yours this year.
Love and blessings to my dear child.

– The Mother

ଦିବାରାତ୍ର ଅବ୍ୟାହତ ରହିଛି ଦିବ୍ୟ-ଉପସ୍ଥିତି ।
ନିରବରେ ଅନ୍ତର୍ମୁଖୀ ହେବାହିଁ ଯଥେଷ୍ଟ ଏବଂ ଆମେ ତା'ର ସନ୍ଧାନ ପାଉ ।
ଏ ବର୍ଷ ଏହାହିଁ ହେଉ ତୁମର ଅଭିଜ୍ଞତା ।
ମୋ ସନ୍ତାନ ସକାଶେ ପ୍ରେମ ଓ ଆଶୀର୍ବାଦ ।

— ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

### ଦ୍ୱିତୀୟ ପର୍ବ : ଏକାଦଶ ସର୍ଗ, ବୃହତ୍ତର ମାନସର ରାଜ୍ୟସକଳ ଓ ଦେବବୃନ୍ଦ

### (The Kingdoms and Godheads of the Greater Mind)

### (୨୫)

## ଶ୍ରୀଅରବିନ୍ଦ

A new beginning flowers in word and laugh,
A new charm brings back the old extreme delight:
He is lost in her, she is his heaven here.

ତାଙ୍କର କଥା ଏବଂ ହସ ଭିତରେ ଫୁଟିଉଠେ ଏକ ନୂତନ ପ୍ରାରମ୍ଭ, ଏକ ନବୀନ ସୁଷମା ଫେରାଇ ଆଣେ ପୁରାତନ ଚରମ ଆନନ୍ଦ : ସେ ଆତ୍ମହରା ହୋଇଯାଏ ତାଙ୍କରି ଭିତରେ, ସିଏହିଁ ଏଠାରେ ତା'ର ସ୍ୱର୍ଗଲୋକ ।

Truth smiled upon the gracious golden game.

ଏହି କମନୀୟ କନକୋଜ୍ଜ୍ୱଳ କ୍ରୀଡ଼ା ଉପରେ ସତ୍ୟ ଢାଳି ଦେଉଥିଲା ସ୍ମିତହାସ୍ୟ ।

Out of her hushed eternal spaces leaned
The great and boundless Goddess feigned to yield
The sunlit sweetness of her secrecies.

ଆପଣାର ନିସ୍ତବ୍ଧ ଶାଶ୍ୱତ ପ୍ରସାରସକଳରୁ ଅବନତ ହୋଇ ଆସିଲେ ସେହି ମହିୟସୀ ଓ ଅସୀମା ମହାଦେବୀ, ସତେ ଅବା ସେ ତାଙ୍କ ଗୋପନ ରହସ୍ୟରାଜିର ସୂର୍ଯ୍ୟସ୍ନାତ ମାଧୁର୍ଯ୍ୟକୁ ଦେଇ ଦେବାକୁ ପ୍ରସ୍ତୁତ ଥିଲେ ।

Incarnating her beauty in his clasp
She gave for a brief kiss her immortal lips
And drew to her bosom one glorified mortal head:
She made earth her home, for whom heaven was too small.

ତା'ର ଆଲିଙ୍ଗନ ଭିତରେ ଆପଣା ସୌନ୍ଦର୍ଯ୍ୟକୁ ଅବତୀର୍ଣ୍ଣ କରାଇ ସେ ତାଙ୍କର ଅମର ଅଧରଯୁଗଳ ଅର୍ପଣ କରିଥିଲେ ଏକ ସଂକ୍ଷିପ୍ତ ଚୁମ୍ବନ ସକାଶେ ଏବଂ ଆପଣା ବକ୍ଷଦେଶକୁ ଆକର୍ଷି ଆଣିଥିଲେ ଏକ ଗୌରବୋଜ୍ଜ୍ୱଳ ନଶ୍ୱର ଶିର : ଏହି ପୃଥିବୀକୁ ସେ ତାଙ୍କର ବାସଗୃହରେ ପରିଣତ କରିଥିଲେ, ଯାହାଙ୍କ ପାଇଁ ସ୍ୱର୍ଗପୁରୀ ଥିଲା ଅତ୍ୟନ୍ତ କ୍ଷୁଦ୍ର ।

In a human breast her occult presence lived;
He carved from his own self his figure of her:
She shaped her body to a mind's embrace.

ଏକ ମାନୁଷୀ ବକ୍ଷରେ ନିବାସ କରୁଥିଲା ତାଙ୍କର ନିଗୂଢ଼ ଉପସ୍ଥିତି; ନିଜର ସତ୍ତା ମଧ୍ୟରୁ ସେ (ମନୁଷ୍ୟ) ଖୋଦନପୂର୍ବକ ଗଢ଼ି ତୋଳିଥିଲା ନିଜ ରୂପ ତୁଲ୍ୟ ତାଙ୍କର ରୂପ : ମନର ଆଲିଙ୍ଗନ ମଧ୍ୟରେ ରହିପାରିଲା ଭଳି ସେହି ଦେବୀ ଆପଣା ଶରୀରକୁ ରୂପାକୃତି ପ୍ରଦାନ କରିଛନ୍ତି ।

Into thought's narrow limits she has come;
Her greatness she has suffered to be pressed
Into the little cabin of the Idea,
The closed room of a lonely thinker's grasp:
She has lowered her heights to the stature of our souls
And dazzled our lids with her celestial gaze.

ଭାବନାର ସଂକୀର୍ଣ୍ଣ ସୀମାବନ୍ଧନଗୁଡ଼ିକ ଭିତରକୁ ସେ ଆସିଛନ୍ତି; ମନୋଗତ ଧାରଣାର କ୍ଷୁଦ୍ର କକ୍ଷ ତଥା ଏକ ନିଃସଙ୍ଗ ଭାବୁକର କରାୟତ୍ତର ରୁଦ୍ଧ ପ୍ରକୋଷ୍ଠ ମଧ୍ୟରେ ନିଜସ୍ୱ ମହିମାକୁ ନିଷ୍ପେଷିତ କରି ରଖିବାର କ୍ଲେଶ ସ୍ୱୀକାର କରିଛନ୍ତି : ଆମ୍ଭମାନଙ୍କର ଅନ୍ତରାତ୍ମାର ଉଚ୍ଚତାସ୍ଥିତିକୁ ସେ ଅବନମିତ କରି ଆଣିଛନ୍ତି ଆପଣାର ଉଚ୍ଚତାସକଳ ଏବଂ ଆମ୍ଭମାନଙ୍କର ନୟନପତାକୁ ଝଲସାଇ ଦେଇଛନ୍ତି ତାଙ୍କର ସେ ଅପଲକ ସ୍ୱର୍ଗୀୟ ଦୃଷ୍ଟିରେ ।

(*କ୍ରମଶଃ...*)

ଗଦ୍ୟାନୁବାଦ : ରବୀନ୍ଦ୍ରନାଥ ପାଢ଼ୀ

❑❑❑

# କର୍ମ କରିବା ଓ ଶିକ୍ଷା କରିବାର ପ୍ରକୃଷ୍ଟ ମାର୍ଗ

## ଶ୍ରୀମା

### କର୍ମ କଲାବେଳେ ଏକାଗ୍ର ହୁଅ

ଯେତେବେଳେ ତୁମେ କୌଣସି କର୍ମ କରୁଛ, ଯଦି ତୁମର ଏକାଗ୍ର ହେବାର ସାମର୍ଥ୍ୟ ଥାଏ, ତେବେ ତୁମେ ସେଇ କାମଟିକୁ ଦଶ ମିନିଟରେ କରିପାରିବ ଯାହା ତୁମକୁ ଅନ୍ୟଥା ଘଣ୍ଟାଏ ଲାଗିଥା'ନ୍ତା । ଯଦି ସମୟ ବଞ୍ଚାଇବାକୁ ଚାହଁ, ତେବେ କାମ କଲାବେଳେ ଏକାଗ୍ର ହୋଇ କାମଟି କରିବାକୁ ଶିକ୍ଷା କର । କେବଳ ମନୋଯୋଗ ଦେଇ କାମ କଲେ ତୁମେ କାମଟିକୁ ଖୁବ୍ ଶୀଘ୍ର ସମାପନ କରିପାରିବ ଏବଂ ତା' ସଙ୍ଗେ ସଙ୍ଗେ କାମଟିକୁ ଅଧିକ ଭଲଭାବେ ମଧ୍ୟ ସଂପନ୍ନ କରିପାରିବ । ଧର, ତୁମକୁ କିଛି ଗୋଟାଏ କାର୍ଯ୍ୟ କରିବାକୁ ଅଛି ଯାହା ଅଧଘଣ୍ଟାଏ ସମୟ ନେବା କଥା – ଅବଶ୍ୟ ମୁଁ କହୁ ନାହିଁ ଯେ ତୁମକୁ ଅଧଘଣ୍ଟାଏ ଧରି ଲେଖିବାକୁ ହେବ – କିନ୍ତୁ ସେତେବେଳେ ଯଦି ତୁମକୁ କିଛି  ଚିନ୍ତା କରିବାକୁ ପଡ଼ିଲା, ତୁମର ମନ ଏଣେତେଣେ ଧାଇଁଲା, ତୁମେ ଯଦି ଉପସ୍ଥିତ ବିଷୟଟି ଉପରେ ଚିନ୍ତା କରିବା ସଙ୍ଗେ ସଙ୍ଗେ ତୁମେ ଆଗରୁ କ'ଣ ସବୁ କରିଥିଲ ଏବଂ ପରେ କ'ଣ ସବୁ କରିବ,ଏବଂ ତା' ସହିତ ପୁଣି ଅନ୍ୟସବୁ ବିଷୟଗୁଡ଼ିକ ଉପରେ ଚିନ୍ତା କରିବାକୁ ଆରମ୍ଭ କରିଦେବ, ତେବେ ତୁମେ ଅଧଘଣ୍ଟାଏ ଭିତରେ କରିବାକୁ ଥିବା କାର୍ଯ୍ୟଟି ତିନିଗୁଣ ସମୟ ନେବ । ଯେତେବେଳେ ତୁମକୁ ଅନେକ ବେଶୀ କାର୍ଯ୍ୟ କରିବାକୁ ଅଛି ସେତେବେଳେ ତୁମକୁ ଶିକ୍ଷା କରିବାକୁ ପଡ଼ିବ ଯେ କିପରି କେବଳ ଯେଉଁ ନିର୍ଦ୍ଦିଷ୍ଟ କାର୍ଯ୍ୟଟି କରୁଛ ତା' ଉପରେ ଏକାଗ୍ର ହୋଇ କାମ କରିବାକୁ ପଡ଼ିବ । ତୁମକୁ ଉପସ୍ଥିତ କର୍ମଟି ଉପରେ ଗଭୀର ମନୋନିବେଶ ସହିତ କରିବାକୁ ହେବ, ଏବଂ ତୁମେ କାମଟିକୁ ଦଶ ମିନିଟରେ କରିପାରିବ, ଯାହା ତୁମକୁ ଅନ୍ୟଥା ଘଣ୍ଟାଏ ଲାଗିଥା'ନ୍ତା ।

### ଯାହା ଶିଖୁଛ, ତାକୁ ବୁଝ

ପ୍ରକୃତ ଉପାୟ ହେଲା (ତୁମେ ଯାହା ଶିକ୍ଷା କରୁଛ) ତାହାକୁ ବୁଝିବା, ଘୋଷି ମନେ ରଖିବା ନୁହେଁ । ତୁମେ ଦେଖ, ଘୋଷାଘୋଷି କରି କିଛି ଶିକ୍ଷା କରିବା ହେଉଛି ଏକ ଯାନ୍ତ୍ରିକ ପଦ୍ଧତି;  କିନ୍ତୁ ଯଦି ବାରଂବାର ତୁମେ ତାକୁ ବ୍ୟବହାର ନକର ତେବେ ଅଳ୍ପ ସମୟ ପରେ ତୁମେ ସେତକ ଭୁଲିଯିବ । ...

କିନ୍ତୁ ତୁମେ ଯଦି ବିଷୟଟିକୁ ବୁଝିଛ, ଯଦି ତୁମେ ବିଷୟଟିର ପୃଷ୍ଠଭୂମିରେ ରହିଥିବା ସୂତ୍ରଟିକୁ ବୁଝିନେଇଛ, ତେବେ ତାହା ତୁମର ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ମନେ ରହିଯିବ । ତୁମେ କେତେ ଶହ ବର୍ଷ ପର୍ଯ୍ୟନ୍ତ ବଞ୍ଚିଲେ ବି ତାହା ତୁମର ସେତେଦିନ ପର୍ଯ୍ୟନ୍ତ ମନେ ରହିଥିବ; ଅନ୍ୟ ପକ୍ଷରେ ତୁମେ କିଛି ଗୋଟାଏ ଘୋଷି କରି ବର୍ତ୍ତମାନ ପାଇଁ ମନେ ରଖିଦେଲ ... କିଛି ଦିନ ପରେ ତୁମର ମସ୍ତିଷ୍କର ଜୀବକୋଷଗୁଡ଼ିକ ବହୁଗୁଣିତ ହୋଇ ବଢ଼ି ଚାଲିଲେ ଏବଂ ପୁରୁଣା ଜୀବକୋଷଗୁଡ଼ିକ ମରିଯିବା ପରେ ତା' ସ୍ଥାନ ଅଧିକାର କରନ୍ତି ନୂଆ ଜୀବକୋଷମାନେ । ଏବଂ ସେତିକିବେଳେ ତୁମର ଅନେକ କଥା ମସ୍ତିଷ୍କରୁ ପୋଛି ହୋଇଯାଏ । ... ଜଣକର ଜୀବନରେ ଏମିତି କିଛି କଥା ଚିରଦିନ ପର୍ଯ୍ୟନ୍ତ ରହିଥାଏ, ଯାହାକି ତା' ଜୀବନରେ ଏକ ବିଶେଷ ସ୍ମାରକୀ ହୋଇ ରହିଯାଏ, ଆଉ କେତେକ କଥା ମଧ୍ୟ ତା' ଜୀବନରୁ ପୂରା ଲୋପପାଇ ଯାଏ, ଯାହା କେବେ ବି ତାହା ତା'ର ସ୍ମରଣକୁ ଆସେ ନାହିଁ, ସେସବୁର ଆଉ ଚିହ୍ନବର୍ଣ୍ଣ ନ ଥାଏ । କିନ୍ତୁ ଆଉ କେତେକ କଥା ଜୀବନରେ ପଥ ପରିମାପକ ପରି,  ମାଇଲଖୁଣ୍ଟ ହୋଇ ରହିଥାଏ । ଠିକ୍ ଅଛି, ଏଗୁଡ଼ିକ ହେଲା ସଚେତନ ଅଭିଜ୍ଞତା, ଅର୍ଥାତ୍ ସେଗୁଡ଼ିକ ବୁଝାପଡୁଛି, ହୃଦୟଙ୍ଗମ କରାଯାଇଛି; ତେଣୁ ଅଭିଜ୍ଞତାଟି ଅନିର୍ଦ୍ଦିଷ୍ଟ କାଳ ପାଇଁ ସେମିତି ରହିଯାଏ, ତୁମେ ସେତେବେଳେ ସାମାନ୍ୟ ଭାବେ ଚେତନାକୁ ପରିଚାଳନା କଲାମାତ୍ରେ ସେଇ ସ୍ମୃତି ବା ଅଭିଜ୍ଞତାଗୁଡ଼ିକ ତୁମ ଆଖି ଆଗରେ ଜୀବନ୍ତ ରୂପେ ଭାସି ଉଠିବେ । କିନ୍ତୁ ଯାହାକିଛି ତୁମେ ଯାନ୍ତ୍ରିକ ଭାବେ ଶିକ୍ଷା କରିଛ – ଅନ୍ୟଥା ମୁଁ କହି ରଖୁଛି, ସେଗୁଡ଼ିକ ଯଦି ତୁମେ ପ୍ରତିଦିନ ଅଭ୍ୟାସ ନକର, ତେବେ ଖୁବ୍ ଶୀଘ୍ର ସେଗୁଡ଼ିକ ତୁମ ସ୍ମୃତିପଟରୁ ଲିଭିଯିବେ ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ନୂତନ ଯୁଗ ପାଇଁ ପ୍ରସ୍ତୁତି
## (୩)
## ଶେଖ ଅବଦୁଲ କାଶମ

ଯଦି ଜଣେ ନିଜର ଜୀବନକୁ ଭଗବାନଙ୍କଠାରେ ସମ୍ପୂର୍ଣ୍ଣଭାବେ ସମର୍ପିତ କରିଦେଇଛି, ଯଦି ସେ ପ୍ରକୃତରେ ନିଷ୍ଠାପର, ତାହାହେଲେ ତା' ଲାଗି ଭୟର ଅବକାଶ ରହିବ ନାହିଁ । ଯେହେତୁ ସେ ଜାଣିଥିବ ଯେ ଯାହା ବି ଘଟୁ ତାହା ସିଦ୍ଧିଲାଭ ଦିଗରେ ଶୀଘ୍ର ବାଟ କଢ଼ାଇ ନେବ । ଦିବ୍ୟକୃପା ଯେ କେବଳ ଜୀବନର ସବୁକିଛିକୁ ସହଜ, ସୁଗମ ଓ ସୁଖକର କରିଦେବା ପାଇଁ ରହିଛି, ତାହା ନୁହେଁ । ଦିବ୍ୟକୃପା କାର୍ଯ୍ୟ କରେ ଆମର ଆସ୍ପୃହାର ସିଦ୍ଧି ସକାଶେ । ଯେଉଁ ସିଦ୍ଧି ଆମର ଲକ୍ଷ୍ୟ ତାହା ଯେମିତି ସବୁଠୁ ଦ୍ରୁତଗତିରେ ହାସଲ ହୋଇ ପାରିବ ସେଥିପାଇଁ ଦିବ୍ୟକୃପା ପ୍ରୟୋଜନୀୟ ବ୍ୟବସ୍ଥାସବୁ କରିଥାଏ । ସେଥିପାଇଁ ଭୟର କୌଣସି ଔଚିତ୍ୟ ନାହିଁ । ଆମର ନିଷ୍ଠାହୀନତା ଯୋଗୁଁହିଁ ଭୟ ଆସିଥାଏ । ଆମେ ଯଦି ସବୁବେଳେ ସୁଖପ୍ରଦ ଓ ଆରାମଦାୟକ ଜୀବନ ଚାହୁଁଥିବା, ପରିସ୍ଥିତିଗୁଡ଼ିକ ସର୍ବଦା ଅନୁକୂଳ ଓ ସୁବିଧାଜନକ ହେଉ ବୋଲି ଚାହୁଁଥିବା, ତାହାହେଲେ ଭୟ ଆସିବହିଁ ଆସିବ । ଜୀବନର ରଙ୍ଗଭୂମି ତଥା ରଣଭୂମିରେ ଯାହା ବି ସଂଘଟିତ ହେଉଛି ତାହା ପଛରେ ଭଗବାନଙ୍କ ସଂକଳ୍ପ ଓ ବିଧାନହିଁ କାର୍ଯ୍ୟ କରୁଛି ବୋଲି ସ୍ୱୀକାର କରିନେଲେ ମନ, ପ୍ରାଣ ହାଲୁକା ହୋଇଯିବ, କୌଣସି ଭୟ, ଆଶଙ୍କା, ଶୋଚନା ବା ବେଦନା ଆମକୁ ପୀଡ଼ିତ କରିପାରିବ ନାହିଁ । ନିର୍ଭୀକତା ତଥା ଭଗବାନଙ୍କ ଉପରେ ଅଖଣ୍ଡ ଭରସା ଓ ନିର୍ଭରତା ନୂତନ ଯୁଗର ଆହ୍ୱାନଗୁଡ଼ିକୁ ସମ୍ମୁଖୀନ ହେବା ଲାଗି ଏକାନ୍ତ ଆବଶ୍ୟକ ।

ଭଗବାନ୍ ଆମ ହାତରେ ଯେଉଁ ଦିବ୍ୟ ଯୋଜନା ଧରାଇ ଦେଇଛନ୍ତି ତାହାର ସଫଳ ରୂପାୟନ ଦୀର୍ଘକାଳସାପେକ୍ଷ ଓ କଷ୍ଟକର ମନେ ହୋଇପାରେ । ମାତ୍ର ଏହା ନିଶ୍ଚୟ ସମ୍ପନ୍ନ ହୋଇପାରିବ ଯଦି ଆମେ ସେଥିପାଇଁ ଅଙ୍ଗୀକାରବଦ୍ଧ ହୋଇଥିବା ଏବଂ ଆନ୍ତରିକ ଭାବେ କେବଳ ତାଙ୍କରି ସହାୟତା ଉପରେହିଁ ଭରସା ରଖିଥିବା । ଆମକୁ ସଦାଜାଗ୍ରତ୍ ଓ ନିରନ୍ତର ମନୋଯୋଗୀ ହୋଇ ନିଜର ସକଳ ଗତିବୃତ୍ତି ଉପରେ ତୀକ୍ଷ୍ଣଦୃଷ୍ଟି ରଖିବାକୁ ହେବ । ଦୁର୍ବଳତାଗୁଡ଼ିକୁ ଅଣଦେଖା କଲେ ଚଳିବ ନାହିଁ । କ୍ଷୁଦ୍ରାତିକ୍ଷୁଦ୍ର ଭୁଲ୍‌ଟିକୁ ମଧ୍ୟ ଜବତ କରି ତାକୁ ତତ୍‌କ୍ଷଣାତ୍ ଦୂର କରିବାକୁ ହେବ । ଯଦି ଜଣେ ଆନ୍ତରିକତାର ସହିତ ଏହି ବିଶୁଦ୍ଧିକରଣ କାର୍ଯ୍ୟରେ ଲାଗି ରହେ ତାହାହେଲେ ତାହା ସହଜ ହେବା ସଙ୍ଗେ ସଙ୍ଗେ ଆଗ୍ରହୋଦ୍ଦୀପକ ହୋଇ ଉଠିବ । ଯାହା ବିପଜ୍ଜନକ ଓ କ୍ଷତିକାରକ ବୋଲି ମନେ ହେଉଛି ସେପରି କଥା ଉପରେ ବେଶୀ ଗୁରୁତ୍ୱ ଦେବା ଉଚିତ ନୁହେଁ । କାରଣ ସେଗୁଡ଼ିକୁ ନେଇ ବେଶୀ ଚିନ୍ତିତ ହେଲେ ସେଗୁଡ଼ିକର ଶକ୍ତି ଓ ପ୍ରକୋପ ବଢ଼ିଯିବ । ପ୍ରତ୍ୟେକ ମୁହୂର୍ତ୍ତକୁ ସାର୍ଥକ ଭାବରେ ବଞ୍ଚିବାକୁ ହେବ । ବର୍ତ୍ତମାନ ଆମ ହାତରେ ଯେଉଁ କାମ ରହିଛି ତାହାରି ଉପରେହିଁ ଅଭିନିବିଷ୍ଟ ହୋଇ ରହିବା ଆବଶ୍ୟକ । ପ୍ରତ୍ୟେକ କ୍ଷେତ୍ରରେ ଦିବ୍ୟଚେତନା ଉପରେହିଁ ସମସ୍ତ ନିଷ୍ପତ୍ତି ଛାଡ଼ିଦେବା ଉଚିତ ।

ଆତ୍ମ-ସଂକେନ୍ଦ୍ରଣ ଅର୍ଥାତ୍ ନିଜର ସ୍ୱାର୍ଥ ଓ ଅହଂ ଭିତରେହିଁ ବୁଡ଼ି ରହିବା – ଏହା ଯାବତୀୟ ଗୋଳମାଳ ସୃଷ୍ଟି କରିଥାଏ । ଏହାହିଁ ସମସ୍ତ ଦୁଃଖର କାରଣ । ଏଥିଯୋଗୁଁ ଆମେ ନାନା ରୋଗରେ ଆକ୍ରାନ୍ତ ହେଉ । ସଂକୀର୍ଣ୍ଣ ଚେତନା ବା ବିଭାଜିତ ଚେତନାହିଁ ସକଳ ସମସ୍ୟାର ସ୍ରଷ୍ଟା । ବିଶ୍ୱତୋମୁଖୀ ଦୃଷ୍ଟିନେଇ ଦିବ୍ୟଚେତନା ଓ ଦିବ୍ୟକୃପା ଉପରେ ନିର୍ଭରତା ରଖି ଚାଲିଲେ ସବୁକିଛି ସଙ୍ଗତିମୟ ଓ ଶୃଙ୍ଖଳିତ ହୋଇଯାଏ । ମାତ୍ର ଅହଂକୈନ୍ଦ୍ରିକ ନିର୍ବୋଧତା (ego-centric imbecility) ଯାହାକୁ ଶ୍ରୀଅରବିନ୍ଦ ''Old Man'' ବୋଲି କହନ୍ତି ତାହାହିଁ ଯାବତୀୟ ଅସୁବିଧାର ମୂଳ କାରଣ ।

ନିଜର ଦୁର୍ବଳତା, ନିମ୍ନ ପ୍ରକୃତିଗତ ଅପୂର୍ଣ୍ଣତା ଓ ସୀମିତତାକୁ ନେଇ ଅଭିଯୋଗ କଲେ ବା ବିଳାପ କଲେ ଚଳିବ ନାହିଁ । ନୈରାଶ୍ୟ ଓ ବିଷଣ୍ଣତା ଆମକୁ ଆଦୌ ସାହାଯ୍ୟ କରିବ ନାହିଁ, ତାହା କେବଳ ଆମର ଦୁଃଖ ଓ ସମସ୍ୟାକୁ ଆହୁରି ବଢ଼ାଇ ଚାଲିବ । ସୁତରାଂ ମା'ଙ୍କ ଶରଣାପନ୍ନ ହୋଇ ତାଙ୍କ ଶକ୍ତି ବଳରେ ସେସବୁ ସୀମିତତା ଉପରେ ବିଜୟଲାଭ କରିବାକୁ ହେବ । ଏଥିପାଇଁ ଦୃଢ଼ ସଂକଳ୍ପ ଓ ପ୍ରଚଣ୍ଡ ଇଚ୍ଛାଶକ୍ତି ଆବଶ୍ୟକ । ଅତୀତ ଆମକୁ ଜାବୁଡ଼ି ଧରିଥାଏ । ସେଥିରୁ ମୁକ୍ତ ହେବା ଆମ ପକ୍ଷରେ କଷ୍ଟସାଧ୍ୟ ମନେ ହେଉଥାଏ । ତେବେ ଆମେ ଯଦି

ନିଃସଙ୍କୋଚରେ ଭବିଷ୍ୟତ୍ ପାଖରେ ନିଜକୁ ସମର୍ପଣ କରିଦେଇ ପାରନ୍ତେ ଏବଂ ଏହି ସମର୍ପଣକୁ ନିରନ୍ତର ପୁନଃ ନବୀକରଣ କରି ଚାଲନ୍ତେ ତାହାହେଲେ ଅତୀତ ଆପେ ଖସି ପଡ଼ନ୍ତା, ତାହା ଆଉ ଆମର ବାଧା ରୂପେ ଛିଡ଼ା ହୋଇ ପାରନ୍ତା ନାହିଁ ।

ପାର୍ଥିବ ଚେତନା ମଧ୍ୟକୁ ଏକ ନୂତନ ଉପାଦାନର ପ୍ରବେଶ ଘଟିଛି । ଏହି ଉପାଦାନଟି ସମସ୍ତ ପ୍ରକାର ସୀମିତତାକୁ ଚୂର୍ଣ୍ଣୀଭୂତ କରିବା ପାଇଁ ସଙ୍କଳ୍ପବଦ୍ଧ । ଅତୀତର ଯେତେସବୁ କୃତି ଓ ସିଦ୍ଧି ତାହା ଆଉ ଆମକୁ ବାନ୍ଧିରଖି ପାରିବ ନାହିଁ । ଅସାମର୍ଥ୍ୟଗୁଡ଼ିକ ଗୋଟିଏ ପରେ ଗୋଟିଏ ଝଡ଼ି ପଡ଼ିବ । ଯାହାସବୁ ଅସମ୍ଭବ, ଅସାଧ୍ୟ ଓ ଦୁଷ୍କର ମନେ ହେଉଥିଲା ସେସବୁ କ୍ରମଶଃ ସମ୍ଭବ ଓ ସହଜ ହୋଇ ଉଠୁଛି । ନୂଆ ନୂଆ ଦିଗନ୍ତ, ନୂଆ ନୂଆ ସମ୍ଭାବନା ଖୋଲି ଯାଉଛି । ପୂର୍ଣ୍ଣରୁ ପୂର୍ଣ୍ଣତର ସିଦ୍ଧି ଆଡ଼କୁ ଆମେ ଗତି କରି ଚାଲିଛୁ । ଏହି ପରିବର୍ତ୍ତନ ଆମର ଇନ୍ଦ୍ରିୟାନୁଭବ ଓ ଉପଲବ୍ଧିଗୁଡ଼ିକ କ୍ଷେତ୍ରରେ ଏକ ବିଭ୍ରାଟ, ଏକ ପ୍ରକାର ଅରାଜକତା ବା ବିପ୍ଳବ ସୃଷ୍ଟି କରିପାରେ ଯାହାକୁ ''chaos of perceptions'' ବୋଲି କୁହାଯାଇପାରେ । ଚତୁର୍ଦ୍ଦିଗରେ ନକାରାତ୍ମକତାର ଘନ କୁହୁଡ଼ି, କର୍ଦ୍ଦମର ଗାଢ଼ ଆସ୍ତରଣ, ଜଟିଳତାର ଚକ୍ରବ୍ୟୂହ । ଏକ ନୂତନ ଜ୍ଞାନର ଉଦ୍ଭାସନ ଏବଂ ନୂତନ ଜଗତର ଅଭ୍ୟୁଦୟ ଘଟିବାକୁ ଯାଉଛି ବୋଲି ଚେତନା କ୍ଷେତ୍ରରେ ଛାଇ-ଆଲୁଅର ଖେଳହିଁ ଆମର ଦୃଷ୍ଟିଗୋଚର ହେଉଛି । ଜଡ଼ ସ୍ତରରେ ଏକ ଶୁଦ୍ଧିକରଣର ତୀବ୍ର ପ୍ରକ୍ରିୟା ସଂଘଟିତ ହୋଇ ଚାଲିଛି । ପୁରାତନ ମିଥ୍ୟାତ୍ୱଗୁଡ଼ିକ ପିଷ୍ଟ ହୋଇ ସବେଗରେ ବାହାରକୁ ଚାଲି ଆସୁଛନ୍ତି । ବସ୍ତୁଗୁଡ଼ିକ କ୍ଷେତ୍ରରେ, ଧାରଣା ଓ ଅନୁଭବଗୁଡ଼ିକ କ୍ଷେତ୍ରରେ ଭୀଷଣ ଦଳାଚକଟା, ନିର୍ମମ ଚୂର୍ଣ୍ଣୀକରଣର କ୍ରିୟା ଜାରି ରହିଛି । କିଛି ସମୟ ଲାଗି ମନେ ହେଉଛି ସତେ ଯେମିତି ମନୁଷ୍ୟ ନିଜ ଗତାନୁଗତିକ ସ୍ଥିତିକୁ ହରାଇ ବସିବ, ଦିଗହରା ହୋଇଯିବ । ପ୍ରଶ୍ନ ଉଙ୍କି ମାରୁଛି – ଜୀବନ ଓ ଜଗତ୍ ନିୟନ୍ତ୍ରଣର ବାହାରକୁ ଚାଲିଯିବ କି ? ମୂଲ୍ୟବୋଧଗୁଡ଼ିକ ଓଲଟପାଲଟ ହୋଇ ଯାଉଛି । ଯାହା ଅତୀତରେ ମହତ୍ତ୍ୱପୂର୍ଣ୍ଣ ମନେ ହେଉଥିଲା ତାହା ଆଜି ମୂଲ୍ୟହୀନ ଓ ହାସ୍ୟାସ୍ପଦ ମନେ ହେଉଛି । ସତେ ଯେମିତି ବିରୋଧାଭାସ ଭିତରକୁ ସବୁକିଛି ନିକ୍ଷିପ୍ତ ହୋଇ ଯାଇଛି । କୌଣସି କଥାକୁ ଆଉ ବ୍ୟାଖ୍ୟା କରି ହେଉ ନାହିଁ । ଯୁକ୍ତି, ତର୍କ ଓ ବିଚାରଣା ଆପଣା ଆପଣାର ଶକ୍ତି ଓ ପ୍ରାସଙ୍ଗିକତାକୁ ହରାଇ ବସୁଛନ୍ତି । ଏ ସମସ୍ତର ପୃଷ୍ଠଭାଗରେ ଏକ ପରମ ସକାରାତ୍ମକ ଉପାଦାନ ତା'ର କଳେବର ବୃଦ୍ଧି କରିବାରେ ଲାଗିଛି । ବିଚାରର ପୁରୁଣା ଡାଞ୍ଚା ଓ ସୌଧଗୁଡ଼ିକ ଭୁଶୁଡ଼ି ପଡୁଛନ୍ତି । ନୂତନ ଜଗତର ସୃଷ୍ଟି ଏକ ପରମାଶ୍ଚର୍ଯ୍ୟ ବାସ୍ତବତା ରୂପେ ପ୍ରତିଭାତ ହେଉଛି । ଯାହାସବୁ ଅଭିବ୍ୟକ୍ତି ଲାଗି ସୂକ୍ଷ୍ମ ଭୌତିକ ଜଗତରେ ବହୁକାଳ ଧରି ଅପେକ୍ଷା କରି ରହିଥିଲେ ସେସବୁ ସ୍ଥୂଳ ଭୌତିକ ଜଗତରେ ଗୋଟି ଗୋଟି କରି ଅଭିବ୍ୟକ୍ତ ହେବାରେ ଲାଗିଛନ୍ତି । ବର୍ତ୍ତମାନର ବିଭ୍ରାନ୍ତି ଓ ଅନିଶ୍ଚିତତା ଏକ ସାମୟିକ ଅବସ୍ଥା ମାତ୍ର । ସବୁକିଛି କ୍ରମେ ସ୍ୱଚ୍ଛ ହେବାରେ ଲାଗିବ । ସତ୍ୟକୁ ଆବୃତ କରି ରହିଥିବା ଢାଙ୍କୁଣୀଟି ଅପସରି ଯିବ । ପୂର୍ଣ୍ଣସ୍ୱରୂପ ନେଇ ସତ୍ୟ ଉଦ୍ଭାସିତ ହେବ ।

'ସାବିତ୍ରୀ' ମହାକାବ୍ୟର କେତେକ ଅଂଶ ଉପରେ ମନ୍ତବ୍ୟ ଦେଲାବେଳେ ମା' ଥରେ କହିଲେ – ''The true world is ready behind the apparent confused and chaotic world that we know. It is ready and it is waiting for the time of manifestation when Matter will be in such a condition that it can express this higher Truth.''

ଅର୍ଥାତ୍, ''ବାହ୍ୟତଃ ବିଭ୍ରାନ୍ତିମୟ ଓ ବିଶୃଙ୍ଖଳ ଦେଖା ଯାଉଥିବା ଆମ ପରିଚିତ ଜଗତର ପୃଷ୍ଠଭାଗରେ ସତ୍ୟର ଜଗତ୍ ପ୍ରସ୍ତୁତ ହୋଇ ରହିଛି । ଏହା ପ୍ରସ୍ତୁତ ଏବଂ ଅଭିବ୍ୟକ୍ତିର ସେହି ମୁହୂର୍ତ୍ତ ପାଇଁ ପ୍ରତୀକ୍ଷାରତ ଯେତେବେଳେ କି ବିଶ୍ୱଗତ ଜଡ଼ ଏପରି ସ୍ଥିତିକୁ ଆସିଯିବ ଯେ ତାହା ଉଚ୍ଚତର ସତ୍ୟକୁ ପ୍ରକାଶିତ କରିପାରିବ ।''

ସାଧକ ନଳିନୀକାନ୍ତ ଗୁପ୍ତ ଥରେ କହିଥିଲେ – ''ଉଚ୍ଚତର ମନ, ଅଧିମାନସ ବା ଅତିମାନସ ଭଳି ବଡ଼ ବଡ଼ ଶବ୍ଦକୁ ଭୁଲିଯିବା ଆମ ପାଇଁ ଅଧିକ ଭଲ ହେବ । ଏଗୁଡ଼ିକ ବିଷୟରେ ଚର୍ଚ୍ଚା କରିବା, ବିଚାରାଲୋଚନା କରିବାର ଅଧିକାର ଆମର ନାହିଁ । ସେଗୁଡ଼ିକ ଏପରି ସ୍ୱପ୍ନ, ଏପରି ରମଣୀୟ ସ୍ୱପ୍ନ ଯାହା ଏବେ ଆମର ପହଞ୍ଚର ବାହାରେ । ସେଗୁଡ଼ିକ ମାଆ ଓ ଶ୍ରୀଅରବିନ୍ଦଙ୍କର ସ୍ୱପ୍ନ ।  ଶ୍ରୀଅରବିନ୍ଦ ସ୍ୱୟଂ କହିଛନ୍ତି –

''I have gathered my dreams in a silver air
Between the gold and the blue
And wrapped them softly and left them there,
My jewelled dreams of you.''

(CWSA, Vol. 2, p. 534)

ଅର୍ଥାତ୍,

''ଠୁଳାଇଛି ମୋର ସ୍ୱପ୍ନସକଳ ରୁପେଲି ସୀମାରେ ମୁହିଁ,
ସ୍ୱର୍ଣ୍ଣ ଓ ନୀଳ ରାଇଜ ମଝିରେ ଯାଇ
ସରାଗେ କୋମଳ ଆବରଣ ତଳେ ଛାଡ଼ି ମୁଁ ଆସିଛି ତହିଁ
ମଣିମଣ୍ଡିତ ମୋ' ସ୍ୱପ୍ନ ତୁମରି ପାଇଁ ।''

ନଳିନୀ ଦା' କହୁଛନ୍ତି : ''ଶ୍ରୀଅରବିନ୍ଦ ମା'ଙ୍କୁ କେନ୍ଦ୍ରରେ ରଖି ଏହି ସ୍ୱପ୍ନଗୁଡ଼ିକ ବୁଣିଛନ୍ତି ଏବଂ ଉଭୟେ ସେହି ସ୍ୱପ୍ନଗୁଡ଼ିକୁ ଯତ୍ନର ସହିତ ଓ ନିରାପଦ ଭାବେ ଆପଣା ଭିତରେହିଁ ଧାରଣ କରି ରହିଛନ୍ତି । ଅଧିମାନସ ଜଗତରେ ସେଗୁଡ଼ିକୁ ସାଇତି ରଖାଯାଇଛି । ଏହା ହେଉଛି ସେମାନଙ୍କ କାମ, ସେମାନଙ୍କ ବ୍ୟାପାର, ସେ ବିଷୟରେ ଆମର କିଛି କରିବାର ନାହିଁ । ମାଆ ନିଜ ବକ୍ଷରେ ସେହି ସ୍ୱପ୍ନଗୁଡ଼ିକୁ ଏକତ୍ରିତ କରି ରଖିଛନ୍ତି, ସେଗୁଡ଼ିକ ଆପଣା ଛନ୍ଦ ଅନୁଯାୟୀ ଆପଣା ସମୟରେହିଁ ବାସ୍ତବ ରୂପ ଗ୍ରହଣ କରିବ ।''

ପରାଚେତନା, ସର୍ବୋଚ୍ଚ ଜ୍ଞାନ, ପରମାନନ୍ଦ, ପରମ ସତ୍ୟ, ଆତ୍ମାର ସମତା, ବିଶ୍ୱଗତତା, ଅନନ୍ତତା, ଶାଶ୍ୱତତା, ଦିବ୍ୟ ଉପସ୍ଥିତି ଆଦି ବିଷୟରେ ଗୁଡ଼ାଏ କଥା କହିବା ବା ଭାଷଣ ଦେବା ଅପେକ୍ଷା ଆମେ ସେହି ମହାନ୍ ତତ୍ତ୍ୱଗୁଡ଼ିକୁ ଅନୁଭବ ଓ ଉପଲବ୍ଧି କରିବାକୁ କିଞ୍ଚିତ୍ ଚେଷ୍ଟା କରିବା ଶ୍ରେୟସ୍କର ଅଟେ । କେବଳ ବୌଦ୍ଧିକ ଓ ତାତ୍ତ୍ୱିକ ଧାରଣା ପଛରେ ଗୋଡ଼ାଇବା ଏକ ନିରର୍ଥକ କାର୍ଯ୍ୟ । ଆତ୍ମୋନ୍ମୋଚନ ଦ୍ୱାରା ଉଚ୍ଚତର ସତ୍ୟଗୁଡ଼ିକ ଦୈନନ୍ଦିନ ବାସ୍ତବ ଜୀବନର ଅନୁଭୂତିରେ ପରିଣତ ହେବା ଆବଶ୍ୟକ । ଚେତନାର ଉନ୍ନତି ସକାଶେ ନିରନ୍ତର ଆଧ୍ୟାତ୍ମିକ ପ୍ରୟାସ କରି ଚାଲିବା ହେଉଛି ଆମ ସ୍ତରର ଯଥାର୍ଥ ପ୍ରସ୍ତୁତି । ନିଜ ସତ୍ତାର ଅଭ୍ୟନ୍ତରକୁ ଦୃଷ୍ଟି ନିକ୍ଷେପ କରି ତାକୁ ବିଶୁଦ୍ଧ ଓ ଗ୍ରହଣଶୀଳ କରି ଗଢ଼ିବା ଆମ ପାଇଁ ପ୍ରଥମ କାମ ।

ନୂତନ ଜଗତ୍ ପାଇଁ ପ୍ରସ୍ତୁତ ହେବା ନିମନ୍ତେ ଆମକୁ କେତେକ ମୌଳିକ ମନସ୍ତାତ୍ତ୍ୱିକ ସର୍ତ୍ତ ପାଳନ କରିବାକୁ ହେବ –

୧. ଭଗବାନଙ୍କ ପ୍ରତି ସର୍ବାନ୍ତଃକରଣରେ ବିଶ୍ୱସ୍ତ ଓ ଅନୁଗତ ହୋଇ ରହିବାକୁ ହେବ । ଭଗବାନଙ୍କ ସୁରକ୍ଷା ବଳୟ ଭିତରେ ରହିବା ପାଇଁ ତାଙ୍କ ପ୍ରତି ଏକନିଷ୍ଠ ଉନ୍ମୁଖତା ଓ ଗ୍ରହଣଶୀଳତା ଆବଶ୍ୟକ ।
୨. ପ୍ରତ୍ୟେକ ବିଷୟରେ ସାଧନାର ମନୋଭାବ ରଖିବାକୁ ହେବ । ଆମର ଚେତନା ଓ ମନ-ଧ୍ୟାନ-ବୃତ୍ତି ସମ୍ପୂର୍ଣ୍ଣଭାବେ ଭଗବାନଙ୍କ ଉପରେ ନିବଦ୍ଧ ହୋଇ ରହିବା ଉଚିତ । ଆମର ପ୍ରତ୍ୟେକ କର୍ମ ଭଗବାନଙ୍କ ସେବା ନିମିତ୍ତ ନିବେଦିତ ହେବ ।
୩. କାମନାବାସନା, ପସନ୍ଦ-ନାପସନ୍ଦ, ସୁଖସୁବିଧା ଉପରେ ଅଧିକ ମହତ୍ତ୍ୱ ପ୍ରଦାନ – ଏସବୁରୁ ବିରତ ହେବାକୁ ପଡ଼ିବ । କପଟତା, ନିଷ୍ଠାହୀନତା ଓ ମିଥ୍ୟା ଗତିବୃତ୍ତି ଯେ ଆମକୁ ଭଗବତ୍ ସୁରକ୍ଷାରୁ ବଞ୍ଚିତ କରିବ – ଏ ବିଷୟରେ ସଚେତନ ରହିବା ଆବଶ୍ୟକ ।
୪. ଭଗବାନଙ୍କ ଇଚ୍ଛା ଉପରେ ନିଜର ବ୍ୟକ୍ତିଗତ ଇଚ୍ଛାକୁ କଦାପି ଲଦି ଦେବାକୁ ଚେଷ୍ଟା କରିବା ନାହିଁ । ସେପରି ଚେଷ୍ଟା ବିପଜ୍ଜନକ । ନିଜ ଉପରେ ଏକ ବୋମା ପଡୁ ବୋଲି ଇଚ୍ଛା କରିବା ଭଳି ତାହା ଏକ ଆତ୍ମଘାତୀ କାର୍ଯ୍ୟ ।
୫. ସର୍ବଦା ସଚେତନ ଓ ଜାଗ୍ରତ୍ ହୋଇ ରହିବାକୁ ହେବ । କୌଣସି ପରିସ୍ଥିତିରେ ବି ସତ୍ୟମାର୍ଗରୁ ବିଚ୍ୟୁତ ନହେବା ଉଚିତ ।
୬. ସଦିଚ୍ଛା ଓ ସଦ୍ଭାବନା ସହିତ ନିଜ ଚତୁର୍ଦ୍ଦିଗରେ ସାଧନା-ଅନୁକୂଳ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବାକୁ ହେବ ।

'ମାନବ ଯୁଗ-ଚକ୍ର' ଗ୍ରନ୍ଥରେ ଶ୍ରୀଅରବିନ୍ଦ କହନ୍ତି ଯେ ସମାଜ ବା ସାଧାରଣ ଜନତାଙ୍କ ଅପ୍ରସ୍ତୁତିହିଁ ପ୍ରଧାନ ଅନ୍ତରାୟ । (''... it is the unpreparedness, the unfitness of the society or of the common mind of man which is always the chief stumbling-block.'') ଅନ୍ୟପକ୍ଷରେ ଯଦି ସାଧାରଣ ଜନତା ନୂତନ ଆଧ୍ୟାତ୍ମିକ ଯୁଗର ଉଚ୍ଚତର ଭାବନା ଓ ଶକ୍ତିକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ହୋଇଯା'ନ୍ତି, ତାହାହେଲେ ତାହା ନୂତନ ଜଗତ୍ ପ୍ରତିଷ୍ଠା ଦିଗରେ ବହୁତ ବଡ଼ ସହାୟକ ହେବ । ପ୍ରାଣିକ, ଅର୍ଥନୈତିକ ଓ ଯାନ୍ତ୍ରିକ ବ୍ୟବସ୍ଥା ପ୍ରତି ଆସକ୍ତି ଯୋଗୁଁ ସମାଜ ସାମଗ୍ରିକ ଭାବେ ଆଧ୍ୟାତ୍ମିକ ପରିବର୍ତ୍ତନ ପ୍ରତି ବିମୁଖ ହୋଇପାରେ, ତା'ର ବିରୋଧ ବି କରିପାରେ । କିନ୍ତୁ ତଥାପି ସାଧାରଣ ମନୁଷ୍ୟମାନଙ୍କ ମନ ଯଦି ନୂତନ ଉଚ୍ଚତର ଭାବନାକୁ ସ୍ୱୀକାର କରିବାକୁ ଆରମ୍ଭ କରେ, ଯଦି ସେମାନଙ୍କ ହୃଦୟ ଏହି ଉଚ୍ଚ ଭାବନା-ପ୍ରସୂତ ଆସ୍ପୃହା ଦ୍ୱାରା ସ୍ପନ୍ଦିତ ହେବାକୁ ଆରମ୍ଭ କରେ ତେବେ ନିକଟ ଭବିଷ୍ୟତରେ ଏକ ଅଗ୍ରଗତି ହେବ ବୋଲି

ଆଶା କରାଯାଏ । ଆଧ୍ୟାତ୍ମିକ ଯୁଗ ଆବିର୍ଭାବର ପ୍ରଥମ ଲକ୍ଷଣ ହେଲା ଲୋକମାନେ ଜୀବନ ପ୍ରତି ଆଶୟବାଦୀ ଦୃଷ୍ଟି ପୋଷଣ କରିବେ । ସେମାନେ ଆତ୍ମା, ଆନ୍ତର ସତ୍ତା ଏବଂ ଅନ୍ତର୍ଗତ ଶକ୍ତି ଓ ସମ୍ଭାବନାସମୂହ ବିଷୟରେ ଆଗ୍ରହ ପ୍ରକାଶ କରିବେ ଏବଂ ସେ ଦିଗରେ ଅନୁସନ୍ଧାନ ଆରମ୍ଭ କରିବେ । ଭଗବାନ୍, ମୁକ୍ତି ଓ ଏକତ୍ୱ-ଜୀବନର ଏହି ତିନୋଟି ମୂଳ ସତ୍ୟକୁ ଉପଲବ୍ଧି କରିବା ପାଇଁ ସେମାନଙ୍କ ଭିତରେ ଆସ୍ପୃହା ସୃଷ୍ଟି ହେବ । ଅହଂକୁ ଜୀବନର କେନ୍ଦ୍ରରେ ରଖିଲେ ତାହା ଯେ ଅନେକ ବିଶୃଙ୍ଖଳାର କାରଣ ହେଉଛି ଏବଂ ଆମକୁ ପ୍ରକୃତ ଆନନ୍ଦରୁ ବଞ୍ଚିତ କରି ରଖୁଛି, ଏହି କଥାଟି କ୍ରମଶଃ ହୃଦ୍‌ବୋଧ ହେବାକୁ ଲାଗିବ । ଆଇନ, ରାଜନୀତି, ପାର୍ଲିଆମେଣ୍ଟ, ପୋଲିସ ବ୍ୟବସ୍ଥା, ପ୍ରଶାସନ, ବାଣିଜ୍ୟ, ସାମରିକ ବ୍ୟବସ୍ଥା ଆଦି ଦ୍ୱାରା ଆମେ ଜୀବନରେ ପରିପୂର୍ଣ୍ଣତା ଲାଭ କରିପାରିବା ନାହିଁ । କୌଣସି ଯାନ୍ତ୍ରିକ ବ୍ୟବସ୍ଥା ମନୁଷ୍ୟକୁ ଏକ ଉଚ୍ଚତର ଜୀବନ ଦେଇ ପାରିବ ନାହିଁ । ଏହି ବାସ୍ତବିକତାକୁ ଯେଉଁଦିନ ସମାଜର ଅଧିକାଂଶ ବ୍ୟକ୍ତି ବୁଝିବାକୁ ଆରମ୍ଭ କରିବେ ସେଇଦିନ ଏକ ଆଧ୍ୟାତ୍ମିକ ଯୁଗର ମୂଳଦୁଆ ସ୍ଥାପିତ ହେବ ।

ଆଧ୍ୟାତ୍ମିକତାର ନିଜସ୍ୱ ସ୍ୱଭାବ ହେଲା ଏହା ଏକ ଆଶୟଧର୍ମୀ ଓ ଆଭ୍ୟନ୍ତରୀଣ ବ୍ୟାପାର । ଯାନ୍ତ୍ରିକତା ବା କୌଣସି ବାହ୍ୟ ଆୟୋଜନ ଦ୍ୱାରା ଆମେ ବ୍ୟକ୍ତି ବା ସମାଜକୁ ଆଧ୍ୟାତ୍ମିକ କରିପାରିବା ନାହିଁ । ଉଚ୍ଚତର ସତ୍ୟକୁ ଜୀବନରେ ନ ବଞ୍ଚିଲେ ସମାଜରେ ଆଧ୍ୟାତ୍ମିକତାରୂପକ ପୁଷ୍ପ ପ୍ରସ୍ଫୁଟିତ ହେବ ନାହିଁ । ଆମେ ଯାହା ସୃଷ୍ଟି କରୁ, ଯାହା ହୋଇଉଠୁ, ତାହାହିଁ ସତ୍ୟ । ଆଧ୍ୟାତ୍ମିକ ସତ୍ୟ ପ୍ରଥମେ ଆମ ଭିତରେ ଜନ୍ମଲାଭ କରିବ, ତା'ପରେ ତାହା ବାହ୍ୟ ଜୀବନରେ ପ୍ରତିଫଳିତ ହେବ, ବାହ୍ୟ ଜୀବନକୁ ତାହା ପରିପୂର୍ଣ୍ଣ କରି ଗଢ଼ିଦେବ ।

ସଂସ୍ଥା, ଅନୁଷ୍ଠାନ, ପରମ୍ପରା ଓ ଢାଞ୍ଚାଗୁଡ଼ିକ ମହତ୍ତ୍ୱପୂର୍ଣ୍ଣ ନୁହଁନ୍ତି । ଅନ୍ତରର ଊର୍ଦ୍ଧ୍ୱମୁଖୀ ଚୈତ୍ୟ-ଅଗ୍ନିହିଁ ମହତ୍ତ୍ୱପୂର୍ଣ୍ଣ । ଆଧ୍ୟାତ୍ମିକ ଲକ୍ଷ୍ୟ ସାଧନ ଦିଗରେ ଆମେ କେତେ ଆନ୍ତରିକ ଓ ସମର୍ପିତ ତାହାରି ଉପରେହିଁ ଆମର ଭବିଷ୍ୟତ୍ ନିର୍ଭର କରେ । ଆଧ୍ୟାତ୍ମିକ ବିବର୍ତ୍ତନର ତତ୍ତ୍ୱଟିକୁ ପ୍ରଥମେ ଆମକୁ ସ୍ୱୀକାର କରିବାକୁ ହେବ । ମନୁଷ୍ୟ ଯେ ଦିନେ ମାନବତ୍ୱକୁ ଅତିକ୍ରମ କରି ଦିବ୍ୟ ପରିପୂର୍ଣ୍ଣତାକୁ ହାସଲ କରିପାରିବ, ଏହି ସମ୍ଭାବନା ଉପରେ ଦୃଢ଼ ବିଶ୍ୱାସ ସ୍ଥାପନ କରିବା ନିହାତି ଆବଶ୍ୟକ ।

ଅତିମାନସ ଚେତନା ପୃଥିବୀରେ ଅଭିବ୍ୟକ୍ତ ହେବା ପରେ ପାର୍ଥିବ ପ୍ରକୃତିର ଯେ ସମୂଳ ରୂପାନ୍ତର ଘଟିବ ଏହା ନିଶ୍ଚିତ ହୋଇ ଯାଇଛି । ଏହି ଚେତନା ବିଭିନ୍ନ ସ୍ତରରେ, ବିଭିନ୍ନ ଢଙ୍ଗରେ କାର୍ଯ୍ୟ କରୁଛି । ଯେଉଁମାନେ ନୂତନ ଚେତନାର ଦାବି ଅନୁସାରେ ସାଧନା କରିବାକୁ ପ୍ରସ୍ତୁତ ସେମାନଙ୍କ ଭିତରେ ଅତିମାନସ ପ୍ରତ୍ୟକ୍ଷ ଓ ସକ୍ରିୟ ରୂପେ କାର୍ଯ୍ୟ କରୁଛି । ଯେଉଁମାନେ ଏଯାଏ ପ୍ରସ୍ତୁତ ହୋଇ ନାହାନ୍ତି, ମାତ୍ର ପ୍ରସ୍ତୁତ ହେବା ପାଇଁ ଚାହୁଁଛନ୍ତି ସେମାନଙ୍କ ଭିତରେ ଏହି ନୂତନ ଚେତନା ପରୋକ୍ଷଭାବେ କାର୍ଯ୍ୟ କରୁଛି । ଅନ୍ୟ ଯେଉଁମାନେ ନୂତନ ଚେତନା ଓ ନୂତନ ଜଗତ୍ ସମ୍ବନ୍ଧରେ କିଛି ଶୁଣି ନାହାନ୍ତି ବା ଜାଣି ନାହାନ୍ତି ସେମାନଙ୍କ ଭିତରେ ମଧ୍ୟ ଅତିମାନସ କାର୍ଯ୍ୟ କରି ଚାଲିଛି, ଅବଶ୍ୟ କ୍ଷୀଣ ରୂପରେ ବା ଶିଥିଳଭାବେ । ଏକ ନୂତନ ଲକ୍ଷଣ ସମାଜର ପ୍ରକୃଷ୍ଟ ବ୍ୟକ୍ତି (elite)ମାନଙ୍କ ମଧ୍ୟରେ ପରିଲକ୍ଷିତ ହେଉଛି । ମନୁଷ୍ୟ ଜୀବନର ମୌଳିକ ସମସ୍ୟାଗୁଡ଼ିକୁ ଏକ ନୂତନ, ଉଚ୍ଚତର ପ୍ରଗତିଶୀଳ ସମାଧାନ ଦେବା ପାଇଁ ସେମାନେ ଇଚ୍ଛା କରୁଛନ୍ତି । ଏକ ବିଶାଳତର, ଅଧିକ ହୃଦ୍‌ବୋଧକାରୀ ପୂର୍ଣ୍ଣତା ମଧ୍ୟକୁ ଉନ୍ନୀତ ହେବା ସକାଶେ ସେମାନେ ପ୍ରୟାସ କରୁଛନ୍ତି । ଅତିମାନସ ଅଲୌକିକତା, ହିଂସା ବା ବିନାଶ ମଧ୍ୟଦେଇ କାର୍ଯ୍ୟ କରିବାକୁ ଚାହେଁ ନାହିଁ । ଏହା ନୀରବରେହିଁ କାର୍ଯ୍ୟ କରିବାକୁ ଚାହେଁ । ମା' କହନ୍ତି – ''ମହାନତମ ବିଜୟଗୁଡ଼ିକ ସବୁଠୁ କମ୍ କୋଳାହଳ କରିଥା'ନ୍ତି । ନୂତନ ଜଗତର ଅଭିବ୍ୟକ୍ତି ବାଜା ବଜାଇ ଘୋଷଣା କରାଯାଏ ନାହିଁ ।'' ଆଧ୍ୟାତ୍ମିକତା କ୍ଷେତ୍ରରେ ନୀରବ ବିପ୍ଳବ (silent revolution) ମାଧ୍ୟମରେ କାର୍ଯ୍ୟଗୁଡ଼ିକ ସିଦ୍ଧ ହୋଇଥାଏ । ମାତ୍ର ଯଦି ମନୁଷ୍ୟସମାଜ ବା ପ୍ରକୃତି ନୂତନ ଚେତନା ସହିତ ସହଯୋଗ ନକରେ ତାହାହେଲେ ଅଭିପ୍ରେତ ପରିବର୍ତ୍ତନଟି ବିପର୍ଯ୍ୟୟ ମଧ୍ୟଦେଇ (under crashing circumstances) ବି ଘଟିପାରେ । ଶ୍ରୀଅରବିନ୍ଦ କହନ୍ତି – "No real peace can be till the heart of man deserves peace; the law of Vishnu cannot prevail till the debt to Rudra is paid."

(Essays on the Gita, p. 386)

ଅର୍ଥାତ୍, ''ମନୁଷ୍ୟର ହୃଦୟ ଶାନ୍ତି ଲାଗି ଯୋଗ୍ୟ ନହେବା ପର୍ଯ୍ୟନ୍ତ ପ୍ରକୃତ ଶାନ୍ତି ଆସି ପାରିବ ନାହିଁ । ରୁଦ୍ରଙ୍କର ଋଣ ପରିଶୋଧ ନହେବା ପର୍ଯ୍ୟନ୍ତ ବିଷ୍ଣୁଙ୍କ ବିଧାନ କାର୍ଯ୍ୟକାରୀ ହୋଇ ପାରିବ ନାହିଁ ।''

ସାଧନାରେ ଅଗ୍ରଗତି କରିବା ପାଇଁ ଶାନ୍ତି ଓ ସମତାର ଏକ ଦୃଢ଼ ଭିତ୍ତିଭୂମି ଆବଶ୍ୟକ । ପୁରାତନ ଯୁଗରେ ଚାପ ଓ ସଂଘର୍ଷରୁ ମୁକ୍ତିଲାଭ ପାଇଁ ଲୋକମାନେ ଆଧ୍ୟାତ୍ମିକ ଶାନ୍ତି ଲୋଡୁଥିଲେ । ଆଧୁନିକ ଯୁଗରେ ଦୁଃସହ ଯାତନା ଓ ଅଜସ୍ର ମାନସିକ ଚାପ ଭିତରେ ସନ୍ତପ୍ତ ହୋଇଥିବା ମନୁଷ୍ୟ ମଧ୍ୟ ଏକଚ୍ଛତ୍ର ଶାନ୍ତିକୁ ସର୍ବୋତ୍ତମ ସହାୟ ରୂପେ ଲାଭ କରିବାକୁ ଚାହେଁ । ମନୁଷ୍ୟ ସ୍ୱଭାବତଃ ଶାନ୍ତିକୁ ବ୍ୟଗ୍ରତା ସହ ସ୍ୱାଗତ କରିଥାଏ । ମାଆ ଥରେ କହିଥିଲେ – ''୧୯୫୬ ମସିହା ପରଠାରୁ ବର୍ଷ ବର୍ଷ ଧରି ମୁଁ ଲକ୍ଷ୍ୟ କରି ଆସିଛି ଯେ ପୂର୍ଣ୍ଣ ସମତା ବ୍ୟତୀତ ଅତିମାନସ ସ୍ପନ୍ଦନ (supramental vibration)କୁ ସଂପ୍ରେରିତ କରାଯାଇ ପାରିବ ନାହିଁ । ଏହି ସମତାର ଯଦି ସାମାନ୍ୟତମ ବିରୋଧ କରାଯାଏ, ଅର୍ଥାତ୍, କ୍ଷୁଦ୍ରତମ ଗତିବୃତ୍ତି ବା ଅହଂଗତ କୌଣସି ଅଭିରୁଚି ଯଦି ଥାଏ ତେବେ ଏହି ସ୍ପନ୍ଦନ ସଂଚାଳିତ ହୋଇପାରେ ନାହିଁ ।''

ଅତିମାନସ ବା ନୂତନ ଜଗତ୍ ସମ୍ବନ୍ଧରେ କେବଳ ମାନସିକ ସ୍ତରରେ କୌତୂହଳ ପ୍ରକାଶ କଲେ ବା ତଜ୍ଜନିତ ଶବ୍ଦ ବା ଧାରଣାଗୁଡ଼ିକୁ ନେଇ ଖେଳି ଚାଲିଲେ ତଦ୍ଦ୍ୱାରା କୌଣସି ସାର୍ଥକ ପରିଣାମ ଉପଲବ୍ଧ ହେବ ନାହିଁ । ଯାହା ଅତ୍ୟନ୍ତ ଆବଶ୍ୟକ ତାହାହେଲା ଏକ ଯଥାର୍ଥ ଆସ୍ପୃହା ଓ ଅନ୍ତରର ଦୃଢ଼ ସଂକଳ୍ପ । ମନୁଷ୍ୟ ପକ୍ଷରେ ଅତିମାନସ ସିଦ୍ଧି ଛଡ଼ା ଅନ୍ୟ କିଛିର ମହତ୍ତ୍ୱ ନରହିବା ଉଚିତ । ପୃଥିବୀରେ ବଞ୍ଚିବାର ଏକମାତ୍ର ଲକ୍ଷ୍ୟ ହେବ ଅତିମାନସ ଦ୍ୱାରା ପାର୍ଥିବ ପ୍ରକୃତିର ରୂପାନ୍ତର । ମାଆଙ୍କ ମତରେ ଜଣେ ଆଧ୍ୟାତ୍ମିକ ପଥରେ ପ୍ରବେଶ କରିଛି ବୋଲି ଯେଉଁ ପ୍ରଥମ ସଙ୍କେତରୁ ଜଣାପଡ଼ିବ ତାହା ହେଲା – ତା' ପକ୍ଷରେ ଆଧ୍ୟାତ୍ମିକତାକୁ ଛାଡ଼ିଦେଲେ ଅନ୍ୟ ସବୁକିଛିର ଆଦୌ କୌଣସି ମହତ୍ତ୍ୱ ରହୁ ନଥିବ ।

ନୂତନ ଜଗତର ଆହ୍ୱାନ ହେଲା ଜୀବନ ଓ ଯୋଗର ପଥରେ ବୀର ଯୋଦ୍ଧାଟିଏ ହେବା । ୧୯୭୨ ମସିହାରେ ମାଆ କହିଥିଲେ – "It is the hour to be heroic" – ''ଏହା ହେଉଛି ବୀର ହେବାର ମୁହୂର୍ତ୍ତ ।'' ବୀରତ୍ୱର ଅର୍ଥ ବୁଝାଇ ମାଆ କହିଥିଲେ – "Heroism is to become wholly unified." ବୀରତ୍ୱର ଅର୍ଥ ହେଲା ସମଗ୍ର ସତ୍ତାରେ ସମ୍ପୂର୍ଣ୍ଣ ଏକୀଭୂତ ହୋଇ ରହିବା ।'' ସେତେବେଳେ ମା'ଙ୍କର ଆହ୍ୱାନ ଥିଲା – "You must tell your ego : 'your hour is gone.' We want a race that has no ego, that has in the place of the ego the Divine Consciousness. ... I ask only one thing : 'do not listen to the ego.' "

(MCW. Vol. II, P. 307 - 08)

ଅର୍ଥାତ୍, ''ତୁମର ଅହଂକୁ ତୁମେ ନିଶ୍ଚୟ କହିବ : 'ତୋର ସମୟ ଚାଲିଯାଇଛି' । ଆମେ ଅହଂମୁକ୍ତ ଏକ ଜାତି ଚାହୁଁ, ଯାହାର ଅହଂ ସ୍ଥାନରେ ରହିଥିବ ଦିବ୍ୟ ଚେତନା । ... ମୁଁ କେବଳ ଗୋଟିଏ କଥା ଚାହୁଁଛି : ଅହଂ ପ୍ରତି କର୍ଣ୍ଣପାତ କର ନାହିଁ ।''

ଆମେ ସମସ୍ତେ ଏକ ଚମତ୍କାର ଭବିଷ୍ୟତର ସନ୍ତାନ । ଆମର ଶ୍ରଦ୍ଧା, ବିଶ୍ୱାସ ଓ ଭରସା ବଳରେ ସେହି ଭବିଷ୍ୟତଟି ତା'ର ପୂର୍ଣ୍ଣ ସ୍ୱର୍ଣ୍ଣିମ ଜ୍ୟୋତିଃ ନେଇ ଆମ ଆଗରେ ଦିନେ ହଠାତ୍ ପ୍ରକାଶିତ ହେବ । ଶ୍ରୀଅରବିନ୍ଦ ହେଉଛନ୍ତି ନୂତନ ଜାତି ଓ ନୂତନ ଜଗତର ଆବାହକ, ବିଘୋଷକ ତଥା ଦିବ୍ୟ ଦିଶାରୀ । ମାଆଙ୍କ ଭାଷାରେ – ''... ଶ୍ରୀଅରବିନ୍ଦ ହେଉଛନ୍ତି ସେହି ଦିବ୍ୟ ଭବିଷ୍ୟତ୍ ଯାହା ତାହାର ଉପଲବ୍ଧି ଦିଗରେ ଅଗ୍ରଗାମୀ ହୋଇ ଚାଲିଛି । ଏହି ରୂପେ ଆମ୍ଭେମାନେ ଏକ ତ୍ୱରାନ୍ୱିତ ଅଗ୍ରଗତି ନିମିତ୍ତ ଆବଶ୍ୟକ ତାରୁଣ୍ୟକୁ ରକ୍ଷା କରିବା ଦରକାର ଯାହା ଫଳରେ ଯାତ୍ରାପଥରେ ଆମ୍ଭେମାନେ ମନ୍ଥରଗାମୀ (loggards on the way) ହେବା ନାହିଁ ।''

ଶ୍ରୀଅରବିନ୍ଦ 'ସାବିତ୍ରୀ' ମହାକାବ୍ୟରେ ଭବିଷ୍ୟବାଣୀ କରିଛନ୍ତି –

''The frontiers of the Ignorance shall recede,
More and more souls shall enter into light,
Minds lit, inspired, the occult summoner hear
And lives blaze with a sudden inner flame
And hearts grow enamoured
of divine delight
And human wills tune to the divine will, ...''

(Savitri, p. 710)

ଅର୍ଥାତ୍, ''ଅଜ୍ଞାନଜନିତ ପଥରୋଧକାରୀ ସୀମାସବୁ ପଛକୁ ପଛ ହଟିଯିବ । ପରିଣାମରେ ଅଧିକରୁ ଅଧିକ ଜୀବପୁରୁଷ ଆଲୋକ ମଧ୍ୟରେ ପ୍ରବେଶ କରିବାକୁ ଲାଗିବେ, ସକଳ ମାନବ ପ୍ରଦୀପ୍ତ ଓ ଅନୁପ୍ରାଣିତ ହୋଇ ଗୂଢ଼ ଆବାହକଙ୍କ ଆବାହନ ଶୁଣି ପାରିବେ, ସକଳ ଜୀବନଧାରା ଆକସ୍ମିକ ଆନ୍ତର ଅଗ୍ନି ଦ୍ୱାରା ପ୍ରଜ୍ୱଳିତ ହୋଇ ଉଠିବ, ସକଳ ହୃଦୟ ଦିବ୍ୟାନନ୍ଦରେ

ବିକଶିତ ଓ ପ୍ରେମାପ୍ଲୁତ ହେବ ଏବଂ ମାନୁଷୀ ଇଚ୍ଛାସବୁ ଦିବ୍ୟଇଚ୍ଛା ସହିତ ସମସ୍ୱରିତ ହେବେ, ...''

ଅତିମାନସ-ଆଧାରିତ ନୂତନ ଜାତିର ସୃଷ୍ଟି ପ୍ରକ୍ରିୟାରେ ଚୈତ୍ୟସତ୍ତାର ପ୍ରମୁଖ ଭୂମିକା ରହିବ । କାରଣ ଚୈତ୍ୟସତ୍ତାହିଁ ପରିଶେଷରେ ଅତିମାନସ ସତ୍ତାରେ ପରିଣତ ହେବ ବୋଲି ମାଆ କହିଛନ୍ତି । ଏହି ଚୈତ୍ୟସତ୍ତାକୁ ଜାଗ୍ରତ କରିବା, ତାକୁ ସତ୍ତାର ସମ୍ମୁଖଭାଗକୁ ନେଇ ଆସିବା ଏବଂ ତାକୁ ଉପଲବ୍ଧି କରିବା ସକାଶେ ଆମକୁ ଭଗବାନଙ୍କ ସହିତ ପ୍ରେମ, ଭକ୍ତି ଓ ସମର୍ପଣର ଏକ ବ୍ୟକ୍ତିଗତ ନିବିଡ଼ ସମ୍ପର୍କ ସ୍ଥାପନ କରିବାକୁ ହେବ ଏବଂ ଶରୀର-ପ୍ରାଣ-ମନର ଅନୁଚିତ ଦାବିଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବାକୁ ହେବ । ଆମେ ଜାଣି ରଖିବା ଉଚିତ ଯେ ଚୈତ୍ୟସତ୍ତା ଆମକୁ ଏକ ସୁଖକର ଓ ଆରାମଦାୟକ ଜୀବନ ଗଠନ କରିବାରେ ସାହାଯ୍ୟ କରେ ନାହିଁ । ବରଂ ଏହା ଆମ ଜୀବନର ପରିସ୍ଥିତିଗୁଡ଼ିକୁ ଏପରି ସଙ୍ଗଠିତ ଓ ବ୍ୟବସ୍ଥିତ କରେ ଯେ ତଦ୍ୱାରା ଆମେ ଭଗବାନଙ୍କ ସହିତ ପୂର୍ଣ୍ଣମିଳନ ଲାଗି ଏକ ତୀବ୍ର ଆସ୍ପୃହା ଓ ଆବଶ୍ୟକତା ଅନୁଭବ କରିଥାଉ । ଏପରିକି ଅନେକ ସମୟରେ ଦୁର୍ଯୋଗ ଓ ଦୁଃଖବିପଦ ମଧ୍ୟ ଆମକୁ ଚୈତ୍ୟସତ୍ତାର ଉପଲବ୍ଧି ଦିଗରେ ପ୍ରଚୋଦିତ କରେ । ନୂତନ ଜଗତର ଯୋଗ୍ୟ ହେବାକୁ ହେଲେ ଚୈତ୍ୟସତ୍ତାର ଆବିଷ୍କାର ଏକାନ୍ତ ଅପରିହାର୍ଯ୍ୟ । ସୁତରାଂ ଚୈତ୍ୟସତ୍ତାହିଁ ଆମ ଅଭିନିବେଶର କେନ୍ଦ୍ର ସ୍ଥଳରେ ରହିବା ଉଚିତ ।

ବର୍ତ୍ତମାନ ହେଉଛି ଅପ୍ରତ୍ୟାଶିତର ମୁହୂର୍ତ୍ତ । ଅସମ୍ଭବଗୁଡ଼ିକ ହଠାତ୍ ସମ୍ଭବ ହୋଇ ଉଠିବ । ଯାବତୀୟ କଳ୍ପନାଜଳ୍ପନା, ସଂଶୟ ଓ ଆଶଙ୍କାକୁ ପଛରେ ପକାଇ ବିବର୍ତ୍ତନ ଶକ୍ତି ଆଗକୁ ମାଡ଼ି ଚାଲିବ । ମିଥ୍ୟା ଓ ଅଜ୍ଞାନର ଅପଶକ୍ତିମାନେ ଯେତେ ଚକ୍ରାନ୍ତ କଲେ ମଧ୍ୟ ପରିଶେଷରେ ପରମ ସତ୍ୟରହିଁ ବିଜୟ ଘଟିବ । ଶ୍ରୀଅରବିନ୍ଦ 'ସାବିତ୍ରୀ' ମହାକାବ୍ୟରେ ଆଗାମୀ ନବସୃଷ୍ଟିର ନିଶ୍ଚିତତାକୁ ଦୃଢ଼ କଣ୍ଠରେ ଘୋଷଣା କରି କହୁଛନ୍ତି –

"A new creation from the old shall rise,
A Knowledge inarticulate find speech,
Beauty suppressed burst into paradise bloom,
Pleasure and pain dive into absolute bliss.
A tongueless oracle shall speak at last,
The Superconscient conscious grow on earth,
The Eternal's wonders join the dance of Time."

(Savitri, p. 330)

ଅର୍ଥାତ୍, ''ଏକ ନୂତନ ସୃଷ୍ଟି ପୁରାତନ ସୃଷ୍ଟି ମଧ୍ୟରୁ ନିଶ୍ଚିତ ଭାବେ ଜନ୍ମଲାଭ କରିବ, ଯେଉଁ ଦିବ୍ୟଜ୍ଞାନ ମୂକ ହୋଇ ରହିଥିଲା ତାହା ରତବାକ୍ ପ୍ରାପ୍ତ ହେବ । ଯେଉଁ ସୌନ୍ଦର୍ଯ୍ୟ ଅପ୍ରକାଶିତ ହୋଇ ରହିଥିଲା ତାହା ସ୍ୱର୍ଗର ପାରିଜାତ ସଦୃଶ ପ୍ରସ୍ଫୁଟିତ ହୋଇ ଉଠିବ, ସୁଖ ଓ ଦୁଃଖ ପରମାନନ୍ଦ ମଧ୍ୟରେ ଝାସ ଦେବ । ପରିଶେଷରେ ଏପରି ଏକ ଦିନ ଆସିବ ଯେତେବେଳେ ଏକ ନିର୍ବାକ୍ ଭବିଷ୍ୟବାଣୀ ଆସି କଥା କହିବ । ଏହି ପୃଥିବୀରେ ଅତିମାନସ ଚେତନା ବିକାଶଲାଭ କରିବ ଏବଂ ଶାଶ୍ୱତଙ୍କର ସକଳ ଆଶ୍ଚର୍ଯ୍ୟମୟତା କାଳର ନୃତ୍ୟଲୀଳାରେ ଯୋଗ ଦେବ ।''

ପୃଥିବୀପୃଷ୍ଠରେ ସ୍ୱର୍ଗରାଜ୍ୟର ନିର୍ମାଣ କାର୍ଯ୍ୟ ଶ୍ରୀମାଶ୍ରୀଅରବିନ୍ଦ ସ୍ୱୟଂ ଗ୍ରହଣ କରିଛନ୍ତି । ଆମ ସତ୍ତାର ପ୍ରତ୍ୟେକ ଅଂଶ ସେହି ମହାନ୍ ଦିବ୍ୟ କାର୍ଯ୍ୟରେ ସହଯୋଗ କରିବା ପାଇଁ ଆଗେଇ ଆସିବା ଉଚିତ । ମା'ଙ୍କର ପରମ ଅପରାଜେୟ ଶକ୍ତିହିଁ ସବୁକିଛି ସିଦ୍ଧ କରିବ । ଆମେ ପ୍ରତ୍ୟେକେ କେବଳ ତାଙ୍କ ହସ୍ତରେ ବିଶ୍ୱସ୍ତ ନମନୀୟ ଯନ୍ତ୍ରଟିଏ ହୋଇ କାର୍ଯ୍ୟ କରିବା । ଥରେ ମାଆ ଜଣେ ସାଧକଙ୍କୁ କହିଲେ – ''ମନୁଷ୍ୟ ନିଜେ ନିଜକୁ ଅତିମାନବ ରୂପେ ପରିବର୍ତ୍ତନ କରିବାକୁ ଯାଉ ନାହିଁ ।'' ସାଧକ ଜିଜ୍ଞାସା କଲେ – ''ସତେ ନା କ'ଣ ?'' ମା'ଙ୍କ ଉତ୍ତର – ''ଟିକିଏ ଚେଷ୍ଟା କରି ଦେଖ ! ... ଅନ୍ୟ କୌଣସି ଏକ ଶକ୍ତି ଏହି କାର୍ଯ୍ୟଟି କରିବାକୁ ଯାଉଛି । କିନ୍ତୁ ବର୍ତ୍ତମାନ ... ମନୁଷ୍ୟ ସହଯୋଗ କରିପାରେ । ଅର୍ଥାତ୍, ସେ ସଦିଚ୍ଛା ଓ ଆସ୍ପୃହା ସହ ଏହି କାର୍ଯ୍ୟଧାରା ମଧ୍ୟରେ ନିଜକୁ ଢାଳି ଦେଇପାରେ (can lend himself to the process with goodwill, with aspiration), ଏବଂ ସେ ତା'ର ସାଧ୍ୟମତେ ସାହାଯ୍ୟ କରିପାରେ । ସେଥିପାଇଁ ମୁଁ କହିଛି ଯେ ଏହି କାମଟି କ୍ଷିପ୍ରତର ଗତିରେ ଆଗେଇ ଚାଲିବ । ମୋର ଆଶା, ଏହା ଖୁବ୍ ଅଧିକ କ୍ଷିପ୍ରଗତିରେ ସମ୍ପନ୍ନ ହୋଇ ଚାଲିବ ।''

ଯେଉଁ ନୂତନ ଚେତନା ଓ ଆଲୋକ ପୃଥିବୀକୁ ଅବତରଣ କରି ଆସିଛି ଆମେ ତାହା ପ୍ରତି ନିଜକୁ ଖୋଲି ଧରିବା ହେଉଛି ଆମ ପାଇଁ ପ୍ରଧାନତମ କର୍ମ । ତା'ହେଲେ ଆମ ସମ୍ମୁଖରେ ଏକ ଜ୍ୟୋତିର୍ମୟ ପଥ ଉନ୍ମୁକ୍ତ ହୋଇଯିବ ।

(ସମାପ୍ତ) ❑

# ବାକ୍‌ର ଦିବ୍ୟ ଉତ୍ସ

## ମନୋଜ ଦାସ

### ଜ୍ଞାନ ପର୍ଯ୍ୟାୟ
### କାରିକା - ୩

"When I speak, the reason says, 'This will I say'; but God takes the word out of my mouth and the lips say something else at which reason trembles."

(*Thoughts and Aphorisms,* Sri Aurobindo)

ଅର୍ଥାତ୍, ''ମୁଁ କଥା କହିବାକୁ ଗଲାବେଳେ ମୋ ହେତୁବୋଧ କହେ, 'ମୁଁ ଏଇଆ କହିବି'; କିନ୍ତୁ ଭଗବାନ୍ ମୋ ମୁହଁରୁ କଥା ଛଡ଼େଇ ନିଅନ୍ତି ଏବଂ ପାଟିରୁ ଏପରି କଥା ବାହାରେ, ଯେଉଁଥିରେ ହେତୁବୋଧ ଥରହର ହୁଏ ।''

*

କଥାଟାଏ କହିସାରି ଆମେ ଜିଭ କାମୁଡ଼ି ପକାଉଁ — ସେମିତି ନ କହିଥିଲେ ଭଲ ହୋଇଥା'ନ୍ତା ବୋଲି ହୃଦୟଙ୍ଗମ କରୁଁ ଏବଂ କହିଥିବା ଯୋଗୁଁ ପସ୍ତେଇ ହେଉଁ — ଏପରି ଅଭିଜ୍ଞତା କାହାର ବା ନ ହୁଏ ! ଅର୍ଥାତ୍, ଅନେକ ସମୟରେ ଜିଭ ଆମ ବିବେକ ବା ହେତୁବୋଧର ଅକ୍ତିଆରରେ ନ ଥାଏ । କିଏ ତେବେ ତାକୁ ପରିଚାଳିତ କରୁଥାଏ ?

କହିବା ବାହୁଲ୍ୟ, ନ କହିବା କଥା କୁହାଇ ଦିଏ ଆମର ଉତ୍ତେଜନା, ଅବଚେତନ ବା ବିଚାରବୁଦ୍ଧିକୁ ମାନୁ ନ ଥିବା ଅନ୍ୟ କୌଣସି ଆବେଗ । ସାଧାରଣ ମଣିଷଙ୍କ କ୍ଷେତ୍ରରେ ଏହାହିଁ ହୋଇଥାଏ ।

ଶ୍ରୀଅରବିନ୍ଦଙ୍କ କ୍ଷେତ୍ରରେ କିନ୍ତୁ ଯାହା ହେଉଥିଲା ତାହା ଏହି ସାଧାରଣ ନିୟମର ବିପରୀତଧର୍ମୀ ବ୍ୟାପାର । ଶ୍ରୀମା ଆମକୁ ଚେତାଇ ଦେଉଛନ୍ତି, ଏଠାରେ ଶ୍ରୀଅରବିନ୍ଦ ପ୍ରଥମ ପୁରୁଷ ('ମୁଁ') ଦ୍ୱାରା ନିଜକୁହିଁ ବୁଝାଉଛନ୍ତି; ମଣିଷର ପ୍ରତିନିଧିତ୍ୱ କଲା ଅର୍ଥରେ 'ମୁଁ' ଅଭିବ୍ୟକ୍ତି ସେ ବ୍ୟବହାର କରୁ ନାହାନ୍ତି ।

ଶ୍ରୀଅରବିନ୍ଦଙ୍କ ବିଚାରଶକ୍ତି ଓ ହେତୁବୋଧ ଥିଲା ଅସାଧାରଣ । ତଥାପି ତାଙ୍କ ମୁହଁରୁ ସ୍ଫୁରିତ ଭାଷା ଆଗରେ ସେ ବିଚାରଶକ୍ତି ମଳିନ ହୋଇଯାଉଥିଲା । ତାଙ୍କ ବକ୍ତବ୍ୟ ଏପରିକି ହେତୁବୋଧ ପାଇଁ ମଧ୍ୟ ଏଡ଼େ ଅପ୍ରତ୍ୟାଶିତ ଥିଲା ଯେ ହେତୁବୋଧ ତାହା ଶୁଣି ହତଚକିତ ହୋଇ ଯାଉଥିଲା — ଥରି ଉଠୁଥିଲା ।

ଯଦି ଆବେଗ ଦ୍ୱାରା ପରିଚାଳିତ ହୋଇ ଶ୍ରୀଅରବିନ୍ଦ କଥା କହୁ ନ ଥିଲେ କି ଯୁକ୍ତିବୋଧ ଦ୍ୱାରା ବି ନୁହେଁ, ତେବେ ତାଙ୍କୁ କଥା କୁହାଉଥିଲା କିଏ ? କୁହାଉଥିଲା ହେତୁବୋଧ, ବିଚାରଶକ୍ତି, ଏସବୁଠୁଁ ବହୁ ଗୁଣ ଅଧିକ ଶକ୍ତିଶାଳୀ ଦିବ୍ୟ-ପ୍ରେରଣା । ବହୁ ଉଚ୍ଚ ସ୍ତରରୁ ସେ ପ୍ରେରଣା ଆସୁଥିଲା । ଶ୍ରୀମା ପୁଣି କହୁଛନ୍ତି, ଦିନ ଆସିବ ଯେତେବେଳେ ସେହି ମହତ୍ତର ପ୍ରେରଣା ଆଜିର ହେତୁବୋଧ ଭଳି ଆମ ଚେତନାର ଏକ ସ୍ୱାଭାବିକ ଗୁଣ ବନିଯିବ । ତାହାଠୁଁ ଊର୍ଦ୍ଧ୍ୱତର ଚେତନାର ଅଭିବ୍ୟକ୍ତି ତାକୁ ବି ସେମିତି ଅପ୍ରତ୍ୟାଶିତ ଲାଗିବ ଏବଂ ସେ ତାହା ଶୁଣି ହତଚକିତ ହେବ ।

*

ଶ୍ରୀଅରବିନ୍ଦ ନିଜ ବିଚାରବୁଦ୍ଧି, ସାମାଜିକ ଦୃଷ୍ଟିରୁ ଉଚିତ-ଅନୁଚିତ ଜ୍ଞାନ, ଏସବୁକୁ ଭିତ୍ତି କରି କଥା କହିବାର ଅଭ୍ୟାସରୁ ବହୁ ଦିନରୁ ଉତ୍ତୀର୍ଣ୍ଣ ହୋଇ ସାରିଥିଲେ । ତାଙ୍କ ଜୀବନର ରାଜନୈତିକ ପର୍ଯ୍ୟାୟ (ବରୋଦା ଓ କଲିକତା)ରେ ମଧ୍ୟ ସେ ଭାବିଚିନ୍ତି ବା ପରିସ୍ଥିତି, ବିପଦ, ଆପଦକୁ ବିଚାରକୁ ନେଇ ଭାଷଣ ଦେଉ ନ ଥିଲେ । ସେ ମନକୁ ସମ୍ପୂର୍ଣ୍ଣ ନୀରବ କରି ଭାଷଣ ଦେବାକୁ ଠିଆ ହେଉଥିଲେ । ଯାହା ସେ କହିବା ବିଧିନିର୍ଦ୍ଦିଷ୍ଟ, ତାହା ବଳେ ବଳେ ତାଙ୍କ ମୁହଁରୁ ନିର୍ଗତ ହେଉଥିଲା ।

ତାଙ୍କ ବାକ୍‌ଶକ୍ତିର ପ୍ରଭାବ ଥିଲା ଅପୂର୍ବ । ତାଙ୍କ କଣ୍ଠସ୍ୱର ଥିଲା ଗମ୍ଭୀର, ମଧୁର । ବାକ୍‌ଚାତୁରୀ ବୋଇଲେ ଯାହା ବୁଝାଏ, ଯେଉଁଭଳି ନିନାଦ ଓ ଅଙ୍ଗଭଙ୍ଗି ବିରାଟ ବକ୍ତାମାନଙ୍କର ଲକ୍ଷଣ, ସେସବୁଠୁଁ ଶ୍ରୀଅରବିନ୍ଦ ଥିଲେ ବହୁ ଦୂରରେ । ସେ ଭାଷଣ ଦେଉଥିଲେ ଇଂରାଜୀରେ; ପୁଣି ସେ

ଇଂରାଜୀର ଉଚ୍ଚାରଣ ଇଂରେଜ-ସୁଲଭ । କେତେ ଜଣ ତାହା ବୁଝୁଥିଲେ କହିହେବ ନାହିଁ । ଅଥଚ ତାଙ୍କ ଉପସ୍ଥିତିହିଁ ସଭାରେ ଆଣି ଦେଉଥିଲା ନୀରବତା ଓ ଶୃଙ୍ଖଳା । ଏହାର ବହୁ ଦୃଷ୍ଟାନ୍ତ ବିଂଶ ଶତାବ୍ଦୀର ପ୍ରଥମ ଦଶନ୍ଧିର ସମ୍ବାଦପତ୍ରମାନଙ୍କରେ ମିଳେ । ଏଠାରେ ଗୋଟିଏ ନମୁନା ଉପସ୍ଥାପିତ କରାଯାଇପାରେ । ସମ୍ବାଦଟି ପ୍ରକାଶ ପାଇଥିଲା ଲଣ୍ଡନର ବିଖ୍ୟାତ ଦୈନିକ 'ଟାଇମ୍ସ୍'ରେ । ଏହା ୧୯୦୯ ମସିହାର କଥା :

''ଅଗଷ୍ଟ ୭ ତାରିଖ ସଭାରେ ପାଞ୍ଚ ହଜାର ସରିକି ଶ୍ରୋତା ଉପସ୍ଥିତ ଥିଲେ । ଅଧାଅଧି ଯୁବକ ... ସେଦିନର ଏକମାତ୍ର ବୟକଟ୍ ପ୍ରଚାରକ ବକ୍ତା ବାବୁ ଭୂପେନ୍ଦ୍ରନାଥ ବୋଷ; କିନ୍ତୁ ଶ୍ରୋତୃମଣ୍ଡଳୀକୁ ଜମାରୁ ଅନୁପ୍ରାଣିତ କରିପାରିଲେ ନାହିଁ । ... କିନ୍ତୁ ଯାହା ତାତ୍ପର୍ଯ୍ୟପୂର୍ଣ୍ଣ, ତାହା ହେଲା ଜନତାର ମାନସିକ ଅବସ୍ଥା ଯେତେବେଳେ ଅତ୍ୟନ୍ତ ମାନ୍ଦା, ସେତିକିବେଳେ ହଠାତ୍ ପ୍ରଚଣ୍ଡ ଉଲ୍ଲାସଧ୍ୱନିରେ ପରିବେଶ ପ୍ରକମ୍ପିତ ହେଲା – କାରଣ ଟେବୁଲ ପାଖରେ ଶ୍ରୀଅରବିନ୍ଦ ଘୋଷ ଠିଆ ହୋଇଥିବାର ଜନତା ଦେଖି ପକାଇଲେ । ନିଃସନ୍ଦେହରେ ସେ ହୋଇଗଲେ ସେହି ସଭାର ନାୟକ ।''

ଶ୍ରୀଅରବିନ୍ଦ ଯାହା କହିଲେ ତା'ର ସଂକ୍ଷିପ୍ତସାର ଅବଶ୍ୟ 'ଟାଇମ୍ସ୍' ପରିବେଷଣ କରିଛନ୍ତି । କିନ୍ତୁ ସେ ବିରାଟ ଜନତା କାହିଁକି ତାଙ୍କୁ ଦେଖିବା ମାତ୍ରେ ଅହେତୁକୀ ଭାବରେ ଉତ୍‌ଫୁଲ୍ଲ ହେଲେ, ତାଙ୍କ ଭାଷଣ ବୁଝନ୍ତୁ ନ ବୁଝନ୍ତୁ କାହିଁକି ଏଡ଼େ ଏକାଗ୍ର ସହକାରେ ତାଙ୍କ ବକ୍ତବ୍ୟ ଶୁଣିଲେ ଯେ ସେହିଁ ହେଲେ ସେ ସଭାର 'ନାୟକ', – ସେକଥା 'ଟାଇମ୍ସ୍'ର ସମ୍ବାଦଦାତା କହିପାରି ନ ଥା'ନ୍ତେ । ତାଙ୍କ କଣ୍ଠସ୍ୱରରେ ରହିଥିଲା ଅସୀମତାର ସ୍ପର୍ଶ । ଜନତା ସେକଥା ନ ବୁଝିଲେ ବି ତାହାହିଁ ସେମାନଙ୍କୁ ମୁଗ୍ଧ କରି ପାରୁଥିଲା ।

*

ଯାହା ଶ୍ରୀଅରବିନ୍ଦଙ୍କ କଥା ପ୍ରତି ପ୍ରଯୁଜ୍ୟ, ତାହା ମଧ୍ୟ ତାଙ୍କ ଲେଖା ପ୍ରତି ପ୍ରଯୁଜ୍ୟ । ମନେପଡୁଛି ଜଣେ ପରଲୋକଗତ ଆଶ୍ରମବାସୀଙ୍କ ସ୍ମୃତିଚାରଣ । ସେତେବେଳେ ସେ ଆମ ଦେଶର ଏକ ବଡ଼ ବିଶ୍ୱବିଦ୍ୟାଳୟର ଛାତ୍ର । ସେ ଟ୍ୟୁଟୋରିଆଲ୍ କ୍ଲାସ ଭିତରକୁ ପଶି ଆସିବା ବେଳକୁ ବିଶ୍ୱବିଦ୍ୟାଳୟର ବୋଧହୁଏ ଶେଷ ଇଂରେଜ ଅଧ୍ୟାପକ ଜଣକ କୌଣସି ଏକ ବହି ପଢ଼ିବାରେ ନିମଗ୍ନ ଅଛନ୍ତି । କିଛି ସମୟ ପରେ ଛାତ୍ରଛାତ୍ରୀମାନେ ନୀରବରେ ଆସି ତାଙ୍କ ଆଗରେ ଆସନ ଗ୍ରହଣ କରିସାରିଥିବା ବିଷୟରେ ଅଧ୍ୟାପକ ମହୋଦୟ ସଚେତନ ହୋଇ ବହି ବନ୍ଦ କଲେ ଓ ଅଧ୍ୟାପନାରେ ମନୋନିବେଶ କଲେ ।

କ୍ଲାସ ଶେଷ ହେବା ପରେ ଅଧ୍ୟାପକଙ୍କୁ ଅନୁସରଣ କଲେ ଉପରୋକ୍ତ ଛାତ୍ର ଏବଂ ସୁଯୋଗ ଦେଖି ପ୍ରଶ୍ନ କଲେ, ''ସାର୍ ! ଆପଣ ଏଡ଼େ ତନ୍ମୟ ଭାବରେ କି ବହି ପଢୁଥିଲେ ?''

ଅଧ୍ୟାପକ ମହୋଦୟ ବହିଟି ଦେଖାଇ କହିଲେ, ''ସଦ୍ୟ ପ୍ରକାଶିତ ଏହି ବହିର ନାମ 'ଲାଇଫ୍ ଡିଭାଇନ୍' । ପ୍ରଥମ ଖଣ୍ଡ ଆଜି ପାଇ ପଢୁଥିଲି ।''

ବହିଟି ନିଜ ବ୍ୟାଗ୍‌ରେ ପୂରାଇବା ଅବସରରେ ସ୍ୱଗତୋକ୍ତି କଲା ଭଳି କଣ୍ଠରେ ଅଧ୍ୟାପକ କହି ପକାଇଲେ, ''କୌଣସି ମଣିଷ ଏ ବହି ତ ଲେଖି ପାରି ନ ଥା'ନ୍ତା !'' (No human being could have written this book !)

ମନ୍ତବ୍ୟ ନିଷ୍ପ୍ରୟୋଜନ । ଅଧ୍ୟାପକଙ୍କ ଏହିଭଳି ଅପ୍ରତ୍ୟାଶିତ ବିବୃତିରେ ସ୍ତବ୍ଧ ଛାତ୍ରଟି ସେହି ସନ୍ଧ୍ୟାରେ ଅନ୍ୟ ଏକ ସ୍ଥାନରୁ ବହିଟି ସଂଗ୍ରହ କଲେ ଓ ବଦଳିଗଲା ତାଙ୍କ ଚେତନାର ଧାରା ।

['ପ୍ରଜ୍ଞା-ପ୍ରଦୀପିକା' ପୁସ୍ତକରୁ ସଂଗୃହୀତ, ପୃଷ୍ଠା : ୧୦ - ୧୨]

❑❑❑

ପ୍ରଥମ କଥା ଯାହା ଆବଶ୍ୟକ ତାହା ହେଉଛି ନିଜ ଉପରେ ସଂଯମ, ବିଶେଷ କରି ନିଜ ବାକ୍‌ଶକ୍ତି ଉପରେ । ଯଦି ଲୋକମାନେ ନୀରବ ରହିବାକୁ ଶିକ୍ଷା କରିପାରନ୍ତେ ତେବେ କେତେ ଅସୁବିଧାକୁ ଏଡ଼େଇ ଦେଇ ହୁଅନ୍ତା !

– ଶ୍ରୀମା

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୫୦)

### 'ଭାରତ ଉଦ୍ଧାର' ନିମିତ୍ତ ହସ୍ତକ୍ଷେପ (ଘ) :

ନୀରଦବରଣ ଉଲ୍ଲେଖ କରିଛନ୍ତି : ''... ଆମର 'କଥୋପକଥନ'ରେ ଇଉରୋପୀୟ ଯୁଦ୍ଧ ସମ୍ବନ୍ଧେ ଆଲୋଚନା ହେଉଥିଲେ ମଧ୍ୟ ଭାରତର ରାଜନୈତିକ ସମସ୍ୟା ସମ୍ବନ୍ଧେ ସ୍ୱାଭାବିକ ଭାବେ ଏହା ଏକ ପ୍ରଧାନ ଭୂମିକା ନେଉଥିଲା । ... ୭ ଅକ୍‌ଟୋବର ୧୯୪୦ର ବୈଠକରେ ଦେଶର ତଦାନୀନ୍ତନ ପରିସ୍ଥିତି ସମ୍ବନ୍ଧରେ ଆଲୋଚନା କରିବାକୁ ଯାଇ ଶ୍ରୀଅରବିନ୍ଦ କହିଲେ, 'ଇତିପୂର୍ବରୁ ଭାରତକୁ ବ୍ରିଟିଶ ସ୍ୱାୟତ୍ତ ଶାସନ (Dominion Status) ଦେବାର ପ୍ରସ୍ତାବ ରଖି ପରସ୍ପର ମଧ୍ୟରେ ଏକ ଆପୋସ ମିଳାମିଶାର କଥା ଉଠାଇଥିଲା । ଏହି ସୁଯୋଗକୁ ହରାଇ କଂଗ୍ରେସ ମନ୍ତ୍ରୀମଣ୍ଡଳ ସବୁକିଛିକୁ ଭଣ୍ଡୁର କରି ଦେଇଥିଲା । ... ଏବେ ଭାରତ ସରକାର ତା'ର ମନୋଭାବରେ ପରିବର୍ତ୍ତନ ଆଣିଛି ଏବଂ ଭାରତୀୟଙ୍କର ସହଜାତ ଆନ୍ତର ମନୋଭାବ ବା ପ୍ରବୃତ୍ତି ସମ୍ବନ୍ଧେ ସୁବିଦିତ ଅଛି । ଆମର ରାଜନୀତିଜ୍ଞ(ବିଶେଷ କରି ବିଧାୟକ)ଙ୍କର ଏକ ଧରାବନ୍ଧା, ଅନମନୀୟ ଧାରଣା ଓ କଳ୍ପନା ରହିଛି ଏବଂ ପ୍ରଭୂତ ଭାବରେ ତା'ରି ଦ୍ୱାରା ମଧ୍ୟ ପରିଚାଳିତ । ରାଜନୈତିକ ଏବଂ ପ୍ରଶାସନିକ ପ୍ରବୀଣ ନେତାଗଣ ସମସାମୟିକ ଅବସ୍ଥାସବୁକୁ ବିଚାରକୁ ନେଇ ଚାହିଦା ମୁତାବକ ପଦକ୍ଷେପ ନେବା ଉଚିତ । ସର୍ବୋପରି ସେମାନଙ୍କର ଆନ୍ତରଦୃଷ୍ଟି ରହିଥିବା ବିଧେୟ ।'

''ଆମେ (ଶ୍ରୋତାଗଣ) ପ୍ରତିବାଦ କରି କହିଲୁ, 'କିନ୍ତୁ ବ୍ରିଟିଶର ନୀତି ହେଉଛି ଦେଶରେ ବିଭାଜନ ସୃଷ୍ଟି କରାଇ ଶାସନ କରିବା (divide and rule) । ଏବଂ ଏଥିସକାଶେ ଆମେ ହିନ୍ଦୁ ଓ ମୁସଲମାନ ଭାଇ-ଭାଇ ହୋଇ ମିଶି ପାରୁ ନାହିଁ ।

''ଶ୍ରୀଅରବିନ୍ଦ ଅବଜ୍ଞା କରି କହି ଉଠିଲେ, 'Nonsense !' (ଶ୍ରୀଅରବିନ୍ଦଙ୍କ ଏହି ଶବ୍ଦ 'ଅବାନ୍ତର କଥା' କହିବାର ମର୍ମାର୍ଥ ଥିଲା – ବ୍ରିଟିଶର ଏହି ନୀତି ରହିଛି, ଏକଥା ମୁଁ ସ୍ୱୀକାର କରୁଛି; କିନ୍ତୁ ଆମମାନଙ୍କ ଭିତରେ ଏହି ବିଭାଜନଟି ବ୍ରିଟିଶ ଆସିବା ପୂର୍ବରୁ ଉପୁଜିଥିଲା କି ନାହିଁ ? ତେଣୁ ବ୍ରିଟିଶ ଏହାର ସୁଯୋଗ ନେଇ ସେଇଟିକୁ ବଳବତ୍ତର କରାଉଛନ୍ତି ମାତ୍ର ।)

''ଶ୍ରୀଅରବିନ୍ଦ କହି ଚାଲିଲେ, 'ଭାରତରେ ବ୍ରିଟିଶ ଶାସନ ପୂର୍ବରୁ ଐକ୍ୟଭାବ ରହିଥିଲା କି ? ... ଜିନ୍ନା ସମ୍ମିଳିତ ହେବାକୁ ଚାହେଁ କି ? ତା'ର ମାନସିକ ଓ ନୈତିକ ସ୍ୱଭାବହିଁ ସୂଚାଇ ଦିଏ ଯେ ତା'ର ଭିତିରି ଉଦ୍ଦେଶ୍ୟ କ'ଣ; ମୁସଲମାନଙ୍କର ସ୍ୱାଧୀନତା ଏବଂ ଯଦି ସମ୍ଭବ ହୁଏ ଏହି ସ୍ୱାଧୀନତାରୁ ଭାରତକୁ ଶାସନ କରିବା – ସେଇ ପୁରୁଣା ମନୋବୃତ୍ତି ।' ''

('Twelve Years with Sri Aurobindo' : pp. 139-41)

ଏହା ଥିଲା ୧୯୩୯-୪୦ ମସିହାର କଥା । ପୁନଶ୍ଚ ୧୧ ମାର୍ଚ୍ଚ ୧୯୪୨ରେ ବ୍ରିଟିଶ ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲ ଅଚାନକ ସିଦ୍ଧାନ୍ତ ନେଲେ ନୂତନ କରି ଭାରତକୁ 'Dominion Status'ର ପ୍ରସ୍ତାବ ଦେବେ । ଏହି ପ୍ରସ୍ତାବର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଭାରତର ନେତୃବୃନ୍ଦଙ୍କୁ ଏକ ଦାୟିତ୍ୱପୂର୍ଣ୍ଣ 'କେନ୍ଦ୍ରୀୟ ସରକାର' ଗଠନ କରିବା ଲାଗି ସୁଯୋଗ ଦେବା ଏବଂ ଯୁଦ୍ଧରେ ବ୍ରିଟିଶ ତଥା ମିତ୍ରଶକ୍ତିଙ୍କର ଉଦ୍ୟମରେ ଭାରତକୁ ସାହାଯ୍ୟ କରିବା ନିମିତ୍ତ ଆମନ୍ତ୍ରଣ କରିବା । ଯଦ୍ଦ୍ୱାରା ପୃଥିବୀକୁ ଅସୁର ଶକ୍ତିରାଜି କବଳରୁ ମୁକ୍ତ କରାଯାଇ ପାରିବ । ଏହି ପ୍ରସ୍ତାବ ସହିତ ସାର୍ ଷ୍ଟାଫୋର୍ଡ୍ କ୍ରିପ୍‌ସ ୨୨ ମାର୍ଚ୍ଚରେ ବିମାନ ପଥରେ ଦିଲ୍ଲୀରେ ପଦାର୍ପଣ କଲେ । ଏହି ଦିନହିଁ ଉପରଓଳି ସେ ସାମ୍ବାଦିକମାନଙ୍କ ସହ ସମୂହ ସାକ୍ଷାତ୍କାର (Press Conference) ନିମିତ୍ତ ଆମନ୍ତ୍ରଣ କଲେ । ...

୩୦ ମାର୍ଚ୍ଚ ୧୯୪୨ର ସାନ୍ଧ୍ୟ ସମାଚାରରେ ଦିଲ୍ଲୀ ବେତାର କେନ୍ଦ୍ରରୁ କ୍ରିପ୍‌ସ ଉପରୋକ୍ତ 'ମିସନ୍' ବା 'ପ୍ରପୋଜାଲ୍'କୁ ଘୋଷଣା କଲେ ।*

---

* କ୍ରିପ୍‌ସଙ୍କର ସମ୍ପୂର୍ଣ୍ଣ ଘୋଷଣାଟି ସୁନୟନା ପଣ୍ଡାଙ୍କ ଦ୍ୱାରା ସମ୍ପାଦିତ 'Sri Aurobindo and the Cripps Mission', ଗ୍ରନ୍ଥରେ ମୁଦ୍ରିତ । ପୃଷ୍ଠା : ୨୨-୨୯ ଦ୍ରଷ୍ଟବ୍ୟ ।

ସେତେବେଳେ ଆଶ୍ରମର ପବିତ୍ରଙ୍କ ଘରେ ରେଡ଼ିଓ ଥିଲା ଏବଂ ଶ୍ରୀଅରବିନ୍ଦ ରେଡ଼ିଓରୁ ଯୁଦ୍ଧ ଖବର ପ୍ରତିଦିନ ପ୍ରତ୍ୟକ୍ଷ ଭାବରେ ତାଙ୍କ ନିଜ କକ୍ଷରେ ଶୁଣି ପାରିବା ନିମିତ୍ତ ସ୍ପିକର୍ ରଖାଯାଇଥିଲା । ତେଣୁ ୩୦ ତାରିଖରେହିଁ ଶ୍ରୀଅରବିନ୍ଦ ରେଡ଼ିଓରୁ କ୍ରିପ୍‌ସଙ୍କର ସମ୍ପୂର୍ଣ୍ଣ ଘୋଷଣାଟି ଶୁଣି ସାରିବା ପରେ ପରଦିନ କ୍ରିପ୍‌ସଙ୍କ ନିକଟକୁ ନିମ୍ନୋକ୍ତ ଟେଲିଗ୍ରାମଟି ପଠାଇ ଥିଲେ । ମୂଳ ଟେଲିଗ୍ରାମଟିର ଭାବାନୁବାଦ ଏହିପରି ଥିଲା :

୩୧ ମାର୍ଚ୍ଚ, ୧୯୪୨
ସାର୍ ଷ୍ଟାଫୋର୍ଡ୍ କ୍ରିପ୍‌ସ
ନୂଆ ଦିଲ୍ଲୀ

ମୁଁ ଆପଣଙ୍କର ବେତାର ବାର୍ତ୍ତା ଶୁଣିଲି । ମୁଁ ପୂର୍ବରୁ ଭାରତର ଜାତୀୟତାବାଦୀର ଜଣେ ନେତା ଥିଲି ଏବଂ ଭାରତର ସ୍ୱାଧୀନତା ଲାଭ ସକାଶେ ଜଣେ ଦେଶ ସେବକ ଥିଲି । ଯଦିଓ ଏକଦା ମୋର କାର୍ଯ୍ୟକଳାପ ରାଜନୈତିକ କ୍ଷେତ୍ରରେ ରହିଥିଲା, ଏବେ କିନ୍ତୁ ସେଇଟି କେବଳ ଆଧ୍ୟାତ୍ମିକ କ୍ଷେତ୍ରରେହିଁ ପର୍ଯ୍ୟବସିତ ରହିଛି । ତଥାପି ମୁଁ ଆପଣଙ୍କର ଏହି ପ୍ରସ୍ତାବ ଆଣିବାର ସମସ୍ତ ପ୍ରଚେଷ୍ଟାକୁ ତାରିଫ କରୁଛି । ମୁଁ ଏହି ପ୍ରସ୍ତାବଟି ଅଧୁନାତନ ପରିସ୍ଥିତିରେ ଭାରତକୁ ମିଳିଥିବା ଏକ ଅପୂର୍ବ ସୁଯୋଗ ହିସାବରେ ସାଦରେ ଗ୍ରହଣ କରେ; ଏବଂ ଏହା ଦ୍ୱାରା ଭାରତ ନିଜେ ତା'ର ସ୍ୱାଧୀନତା ଓ ଐକ୍ୟ ଗଠନରେ ସମ୍ପୂର୍ଣ୍ଣ ସ୍ୱତନ୍ତ୍ରତା ରକ୍ଷା କରି ନିର୍ବାଚନ କରିପାରିବ ଏବଂ ନିଷ୍ପତ୍ତି ନେଇ ପାରିବ ଏବଂ ପୃଥିବୀର ସ୍ୱାଧୀନ ଦେଶମାନଙ୍କ ମଧ୍ୟରେ ନିଜର ସମୁଚିତ ଆସନ ପ୍ରାପ୍ତ କରିପାରିବ । ମୋର ଆଶା ଭାରତ ଏହି ପ୍ରସ୍ତାବକୁ ଗ୍ରହଣ କରିବ ଏବଂ ଦେଶରେ ରହିଥିବା ଯାବତୀୟ ବିବାଦ ଓ ବିଭାଜନକୁ ଦୃଢ଼ତାର ସହିତ ପରିତ୍ୟାଗ କରି ଏହାର ଯଥାର୍ଥ ସଦୁପଯୋଗ କରିବ । ମୁଁ ମଧ୍ୟ ଆଶା କରେ ଯେ ଏହା ଦ୍ୱାରା ବ୍ରିଟେନ୍ ଓ ଭାରତ ମଧ୍ୟରେ ରହି ଆସିଥିବା ଅତୀତର ଯାବତୀୟ ସଂଘର୍ଷ ପରିବର୍ତ୍ତେ ଏକ ସୌହାର୍ଦ୍ଦପୂର୍ଣ୍ଣ ସମ୍ପର୍କ ଗଢ଼ି ଉଠିବ ଏବଂ ସମଗ୍ର ପୃଥିବୀରେ ଏକ ମହତ୍ତର ଐକ୍ୟ ସ୍ଥାପନରେ ଏହା ଏକ ଅଗ୍ର ପଦକ୍ଷେପ ହୋଇ ଉଠିବ; ଯେଉଁଥିରେ ଭାରତ ଏକ ସ୍ୱାଧୀନ ଦେଶ ହିସାବରେ ସମଗ୍ର ମାନବଜାତିର ଜୀବନଧାରାରେ ଏକ ଉତ୍କୃଷ୍ଟତର ତଥା ଅଧିକ ଆନନ୍ଦପ୍ରଦ ଜୀବନ ବଞ୍ଚିବାରେ ତା'ର ଆଧ୍ୟାତ୍ମିକ ଶକ୍ତି ପ୍ରଦାନ କରିପାରିବ । ଏହି ପରିପ୍ରେକ୍ଷୀରେ ମୁଁ ସର୍ବସାଧାରଣରେ ମୋର ସଂଶ୍ଳିଷ୍ଟତା ପ୍ରଦାନ କରୁଛି, ଏହା ଯଦି ଆପଣଙ୍କର କାର୍ଯ୍ୟନିର୍ବାହରେ ସହାୟତା କରିପାରେ ।

ଶ୍ରୀଅରବିନ୍ଦ
ଆଶ୍ରମ (The Ashram)
ପଣ୍ଡିଚେରୀ

ଶ୍ରୀଅରବିନ୍ଦଙ୍କର ଟେଲିଗ୍ରାମ ପାଇ ସାର୍ ଷ୍ଟାଫୋର୍ଡ୍ କ୍ରିପ୍‌ସ ଉତ୍ତରରେ ନିମ୍ନୋକ୍ତ ଟେଲିଗ୍ରାମ ପଠାଇଥିଲେ । ତାଙ୍କ ଟେଲିଗ୍ରାମଟିର ଭାବାନୁବାଦ ଏହିପରି :

୧ ଏପ୍ରିଲ, ୧୯୪୨

ମୁଁ ଆପଣଙ୍କର ହୃଦୟସ୍ପର୍ଶୀ, ସୌହାର୍ଦ୍ଦପୂର୍ଣ୍ଣ ବାର୍ତ୍ତାରେ ଖୁବ୍ ଆନନ୍ଦିତ । ଏହା ମୋତେ ଭାରତକୁ ସୂଚାଇ ଦେବାରେ ତୀବ୍ର ପ୍ରେରଣା ଦେଇଛି ଯେ ଆପଣ ଯିଏକି ଭାରତର ଯୁବଗୋଷ୍ଠୀଙ୍କ ସୃଜନୀଶକ୍ତିର ପରିକଳ୍ପନାରେ ଏକଦା ଅତୁଳନୀୟ ସାମାଜିକ ପଦମର୍ଯ୍ୟାଦାର ଶୀର୍ଷସ୍ଥାନରେ ଅଧିଷ୍ଠିତ ଥିଲେ । ମହାନୁଭବ ବ୍ରିଟିଶ ସରକାରଙ୍କର ଏହି ନିର୍ଦ୍ଦିଷ୍ଟ ଘୋଷଣାଟି ସମ୍ବନ୍ଧେ ଆପଣ ଦୃଢ଼ ଭାବରେ ଆସ୍ଥାଭାଜନ ହୋଇଛନ୍ତି ଯେ ଏହା ଗୁରୁତ୍ୱପୂର୍ଣ୍ଣ ଭାବେ ଭାରତର ପୂର୍ଣ୍ଣ ସ୍ୱାଧୀନତା ନିମିତ୍ତ ସୁପରାମର୍ଶ ଦେଇଛି; ଯେଉଁ ସ୍ୱାଧୀନତା ନିମିତ୍ତ ବହୁ ବର୍ଷ ଧରି ଭାରତୀୟ ଦେଶପ୍ରେମୀବୃନ୍ଦ ସର୍ବାନ୍ତଃକରଣରେ ପ୍ରବଳ ଉଦ୍ୟମ କରି ଆସିଛନ୍ତି ।

ଷ୍ଟାଫୋର୍ଡ୍ କ୍ରିପ୍‌ସ
('Sri Aurobindo and the Cripps Mission';
pp. 30 - 31)

ଏବେ 'କ୍ରିପ୍‌ସ ମିସନ୍' ସମ୍ବନ୍ଧେ ଶ୍ରୀମା'ଙ୍କର ମତାମତ ବିଷୟରେ ଜନୈକ ଭକ୍ତଙ୍କର 'ସ୍ମୃତିକଥା'ରୁ ଉଦ୍ଧୃତି :

''... ୩୦ ମାର୍ଚ୍ଚ, ୧୯୪୨ର ସନ୍ଧ୍ୟାରେ ଦିଲ୍ଲୀରୁ ଭାରତବର୍ଷକୁ ଷ୍ଟାଫୋର୍ଡ୍ କ୍ରିପ୍‌ସଙ୍କର ବେତାର ବାର୍ତ୍ତାର ପ୍ରସାରଣ ହେବା ପରେ ଭାରତରେ ସର୍ବତ୍ର ସେବିଷୟରେ ଆଲୋଚନା ହେବାକୁ ଲାଗିଲା । ...

''୩୧ ମାର୍ଚ୍ଚ, ଅପରାହ୍ଣ ୨ଟା । ଦେଢ଼ଟା ସମୟରେ ଅଲ୍ ଇଣ୍ଡିଆ ରେଡ଼ିଓରୁ ଖବର ପ୍ରସାରଣ ପରେ ପବିତ୍ରଙ୍କ କକ୍ଷରେ (ପବିତ୍ରଙ୍କୁ ନେଇ ତିନି ଜଣ ସାଧକଙ୍କ ମଧ୍ୟରେ) ଖୁବ୍ ଉତ୍ତେଜନାମୂଳକ ତର୍କବିତର୍କ ଚାଲିଥିଲା । ଆଲୋଚନାରେ ପବିତ୍ରଙ୍କର ଥିଲା ଜଣେ ନୈଷ୍ଠିକ ଆଧ୍ୟାତ୍ମିକ ସାଧକଙ୍କର ଦୃଷ୍ଟିକୋଣ । ଏହାଙ୍କର ବିଚାରଧାରା ଥିଲା ବାହ୍ୟ ଘଟଣାର

ପଶ୍ଚାତରେ ଥିବା ଅନ୍ତର୍ନିହିତ ଉଦ୍ଦେଶ୍ୟ ସମ୍ବନ୍ଧେ । ତାଙ୍କର କଥାବାର୍ତ୍ତାର ଭାବଭଙ୍ଗୀରୁ ଏହା ସ୍ପଷ୍ଟ ପ୍ରତୀୟମାନ ହୋଇ ଉଠୁଥିଲା ଯେ ଇତିପୂର୍ବରୁ ସେ ଶ୍ରୀମାଙ୍କ ସହିତ ଏ ବିଷୟରେ କଥାବାର୍ତ୍ତା ହୋଇଛନ୍ତି ଏବଂ ତେଣୁ ତାଙ୍କର ଶକ୍ତିଶାଳୀ ଯୁକ୍ତି ଥିଲା ଏହି ପ୍ରସ୍ତାବଟିକୁ ଗ୍ରହଣ କରି ନେବାର ସପକ୍ଷରେ । ଦ୍ୱିତୀୟ ସାଧକ ଜଣଙ୍କ ଥିଲେ ଇତିପୂର୍ବରୁ ଗାନ୍ଧିଜିଙ୍କର କଂଗ୍ରେସ ଅମଳର ଜନୈକ ଅଭିଜ୍ଞ ରାଜନୀତିଜ୍ଞ ଏବଂ ସେ ପ୍ରସ୍ତାବଟିକୁ ପ୍ରତ୍ୟାଖ୍ୟାନ କରିବାର ସପକ୍ଷରେ ଥିଲେ । ଅଧିକନ୍ତୁ ସେ ଏହି ପ୍ରସ୍ତାବର ସପକ୍ଷରେ ଓ ବିପକ୍ଷରେ ଥିବା କାରଣ ଓ ଯୁକ୍ତି ଉପସ୍ଥାପନ କରି ନିଜର ମତ ବ୍ୟକ୍ତ କରିଥିଲେ ଯେ ଭାରତୀୟ ନେତାଗଣ ଏହାକୁ ପ୍ରତ୍ୟାଖ୍ୟାନ କରିବା ବିଧେୟ । ତୃତୀୟ ଜଣଙ୍କ ଥିଲେ ଦେଶରେ ରାଜନୈତିକ କ୍ଷେତ୍ରରେ ଜଣେ ଅନଭିଜ୍ଞ ସାଧକ । ତାଙ୍କର ମନୋଭାବ ଥିଲା ପ୍ରସ୍ତାବଟିକୁ ଗ୍ରହଣ କରି ନେବାର ସପକ୍ଷରେ । ଏହି ଆଲୋଚନା କ୍ରମଶଃ ଅଧିକରୁ ଅଧିକ ଉତ୍ତେଜନାପୂର୍ଣ୍ଣ ହୋଇ ଉଠିଲା । ସ୍ୱଭାବତଃ ଏମାନଙ୍କର ଯୁକ୍ତିତର୍କର କଣ୍ଠସ୍ୱର ଏପରି ସ୍ତରରେ ଉପନୀତ ହୋଇ ଉଠିଥିଲା ଯେ ଶ୍ରୀମା ତାଙ୍କର ସ୍ନାନାଗାରରୁ ବାହାରି ତାଙ୍କର ପ୍ରସାଧନ କକ୍ଷ ଆଡ଼କୁ ଯାଉଥିବା ବେଳେ ପବିତ୍ରଙ୍କର ପ୍ରକୋଷ୍ଠରେ ଚାଲିଥିବା ପାଟିତୁଣ୍ଡକୁ ଶୁଣି ପାରିଲେ । ତେଣୁ ସେ ସିଧା ସେ ଦିଗରେ ଯାଇ ମନୋଯୋଗପୂର୍ବକ ସେସବୁକୁ ଶୁଣିବାକୁ ଲାଗିଲେ । ପବିତ୍ରଙ୍କର ପ୍ରକୋଷ୍ଠକୁ ପ୍ରବେଶ କରିବା ପୂର୍ବରୁ ଅଳିନ୍ଦରେ ଛିଡ଼ା ହୋଇ କିଛି କ୍ଷଣ ସେଇ ତର୍କବିତର୍କର କିୟଦଂଶ ହୃଦୟଙ୍ଗମ କଲେ । ତା'ପରେ କକ୍ଷ ଭିତରକୁ ପ୍ରବେଶ କରି ମନ୍ଦହାସ୍ୟରେ ପଚାରିଲେ, 'କେଉଁ ବିଷୟରେ ଏମିତି ତର୍କବିତର୍କ ଚାଲିଛି ?' ପବିତ୍ର କହିଲେ, 'ମା, ଆମମାନଙ୍କ ଭିତରୁ ଜଣେ ଯୁକ୍ତି ଦେଖାଉଛନ୍ତି ଯେ ଭାରତୀୟ ନେତାଗଣଙ୍କ ଦ୍ୱାରା 'କ୍ରିପ୍ସ ପ୍ରସ୍ତାବ' ପ୍ରତ୍ୟାଖ୍ୟାତ ହେବା ଉଚିତ । ଶ୍ରୀମା ଆଗ୍ରହରେ ପଚାରିଲେ, 'କାହିଁକି ?' – ଏହା କହୁ କହୁ ସେ ତାଙ୍କ ସାମନାରେ ଥିବା ଚୌକିରେ ବସିଲେ । ଏହି ଦୃଶ୍ୟଟି ଥିଲା ଅତ୍ୟନ୍ତ ବିରଳ ଓ ଚିତ୍ତାକର୍ଷକ ଦୃଶ୍ୟ । ଶ୍ରୀମା ସେହିମାତ୍ର ତାଙ୍କର ସ୍ନାନାଗାରରୁ ବାହାରି ଆସିଥିଲେ ଓ ତାଙ୍କର ଅତି ମନୋହର ଜାପାନୀ କିମୋନୋ ପରିଧାନ କରିଥିଲେ । ମନେ ହେଉଥିଲା ସେ ତାଙ୍କର ପୋଷାକ ବଦଳାଇବାରେ ଦୃଷ୍ଟି ନଦେଇ କ୍ରିପ୍ସ ପ୍ରସ୍ତାବ ଉପରେ ଚାଲିଥିବା ତର୍କବିତର୍କ ପ୍ରତି ଅଧିକ ଆଗ୍ରହାନ୍ୱିତ ହୋଇ ଉଠିଥିଲେ – ବିଶେଷ କରି ପ୍ରତ୍ୟାଖ୍ୟାନ କରିବାର ଯୁକ୍ତିରେ । ଚୌକିରେ ଉପବେଶନ କରିବା ପରେ ସେ ଅତ୍ୟନ୍ତ ଶାନ୍ତ ଓ ସ୍ଥିରତାର ସହିତ ସୁସ୍ପଷ୍ଟ କଣ୍ଠରେ କହିବାକୁ ଆରମ୍ଭ କଲେ । ଏହି ନିର୍ଦ୍ଦିଷ୍ଟ କ୍ଷଣରେ ଉପସ୍ଥିତ ଯେକୌଣସି ବ୍ୟକ୍ତି ନିଶ୍ଚିତ ରୂପେ ହୃଦୟଙ୍ଗମ କରି ପାରିବ ଯେ ମୁହୂର୍ତ୍ତକ ପୂର୍ବରୁ ଶ୍ରୀମା ତାଙ୍କ ଚେତନାର ଯେଉଁ ସ୍ଥିତିରେ ରହି କକ୍ଷକୁ ପ୍ରବେଶ କରି କଥା କହୁ କହୁ ଚୌକିରେ ବସିଥିଲେ, ଏବେ କିନ୍ତୁ ତାଙ୍କର ଶ୍ରୀତୁଣ୍ଡରୁ ଉଚ୍ଚାରିତ ଶବ୍ଦସବୁ ସମ୍ପୂର୍ଣ୍ଣ ରୂପେ ଅନ୍ୟ ଏକ ସ୍ତରରୁ ଉଚ୍ଚାରିତ ହେଉଛି । ...

''ଶ୍ରୀମା ଏହି ମର୍ମରେ କହିବା ଆରମ୍ଭ କଲେ : 'କ୍ରିପ୍ସ ପ୍ରସ୍ତାବଟିକୁ ସମ୍ପୂର୍ଣ୍ଣ ରୂପେ ଭଗବାନଙ୍କ ହାତରେ ଅର୍ପଣ କରିଦେବା ଉଚିତ; ମୋର ଦୃଢ଼ ବିଶ୍ୱାସ ରହିଛି ଯେ ଭଗବାନ୍ ଏ ସମ୍ବନ୍ଧେ ସବୁକିଛି ନିର୍ଣ୍ଣୟ କରିବେ । ଅବଶ୍ୟ ଏକଥା ସତ ଯେ ନିଶ୍ଚିତ ରୂପେ ଏହି ପ୍ରସ୍ତାବରେ ଦୋଷତ୍ରୁଟିମାନ ରହିଛି । ଧରାପୃଷ୍ଠରେ ମାନବ-ସୃଷ୍ଟ କୌଣସି କିଛି ତ୍ରୁଟିଶୂନ୍ୟ ନୁହେଁ, କାରଣ ମଣିଷର ମନସ୍ତରଟିରେ ସୀମିତ ସାମର୍ଥ୍ୟ ରହିଥାଏ । ତଥାପି ଏହି ପ୍ରସ୍ତାବରେ ପ୍ରତ୍ୟକ୍ଷ ଭାବରେ ଦିବ୍ୟ କରୁଣା ବିଦ୍ୟମାନ । ବର୍ତ୍ତମାନ ଭାରତର ଦ୍ୱାରଦେଶରେ ଦିବ୍ୟ କରୁଣା ଉପସ୍ଥିତ; ସେ ତା'ର ସାହାଯ୍ୟ ଅର୍ପଣ କରିବା ନିମିତ୍ତ ପ୍ରସ୍ତୁତ ରହିଛି । ପୃଥିବୀ ଇତିହାସରେ ଏଇ ଧରଣର ଅପୂର୍ବ ସୁଯୋଗସବୁ ସଚରାଚର ବାରଂବାର ଆସି ନଥାଏ । ଦେଶର ଯୁଗ ଯୁଗ ଧରି ପ୍ରସ୍ତୁତି ଓ ତପସ୍ୟା ଫଳରେ ଏପରି ବିରଳ ଦିବ୍ୟ କରୁଣା ଉପସ୍ଥିତ ହୋଇଥାଏ । ଯଦି ସେହି ଦେଶ ସେହି ମୁହୂର୍ତ୍ତରେ ଉପସ୍ଥିତ କରୁଣାକୁ ସ୍ୱୀକାର କରିନିଏ ତେବେ ଉପୁଜିଥିବା ଘୋର ବିପଦରୁ ଦେଶଟି ବଞ୍ଚିଯାଏ ଏବଂ ଦିବ୍ୟ ଚେତନା ପ୍ରାପ୍ତ ହୋଇ ସେ ଏକ ନବଜନ୍ମ ଲାଭ କରେ । କିନ୍ତୁ ଯଦି ସେ ଏହାକୁ ସେହି ମୁହୂର୍ତ୍ତରେ ପ୍ରତ୍ୟାଖ୍ୟାନ କରେ ତେବେ ଦିବ୍ୟ କରୁଣା ଅନନ୍ୟୋପାୟ ହୋଇ ନିଜକୁ ଅପସରାଇ ନିଏ ଏବଂ ପରିଣାମତଃ ସେହି ଦେଶ ସାଂଘାତିକ ରୂପେ ଦୁଃଖକଷ୍ଟ ଭୋଗିଥାଏ, ବିଷମ ଦୁର୍ଦ୍ଦୈବ ଅବସ୍ଥାର ସମ୍ମୁଖୀନ ହୋଇଥାଏ ।

'' 'ଏଇ କିଛି ଦିନ ପୂର୍ବରୁ ଏହି ସମାନ ଦିବ୍ୟ କରୁଣା ଫ୍ରାନ୍ସର ଦ୍ୱାରଦେଶରେ ଉପସ୍ଥିତ ହୋଇଥିଲା, ଠିକ୍ ଡନ୍‌କର୍କର ପତନ ପରେ ପରେ ଚର୍ଚ୍ଚିଲ ଫ୍ରାନ୍ସକୁ ପ୍ରସ୍ତାବ ଦେଇଥିଲେ ଯେ ଆମେ ଦୁଇ ଦେଶ ମିଶି ମିଳିତ ଭାବରେ ଶତ୍ରୁର ବିପକ୍ଷରେ ଲଢ଼ିବୁ । ଶ୍ରୀଅରବିନ୍ଦଙ୍କ ଉକ୍ତିରେ ଏହାହିଁ ଥିଲା ସେଇ ପ୍ରସ୍ତାବର ଯଥାର୍ଥ ପରିକଳ୍ପନା ଏବଂ ଏହା ତାଙ୍କର କାର୍ଯ୍ୟରେ ଯଥେଷ୍ଟ

ସଫଳତା ପ୍ରଦାନ କରିଥା'ନ୍ତା । କିନ୍ତୁ ସେହି ମୁହୂର୍ତ୍ତରେ ନିଜର ଗତାନୁଗତିକ ମନୋବୃତ୍ତିର ସ୍ତରରୁ ଫ୍ରାନ୍ସ ଊର୍ଦ୍ଧ୍ୱକୁ ଉନ୍ନୀତ ହୋଇ ପାରିଲା ନାହିଁ ଏବଂ ଚର୍ଚ୍ଚିଲଙ୍କର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲା । ଫଳତଃ ଦିବ୍ୟ କରୁଣା ନିଜକୁ ଅପସରାଇ ନେଲା ଏବଂ ଫ୍ରାନ୍ସର ଆତ୍ମା ଅନ୍ତର୍ମୁଖୀ ହୋଇ ଉଠିଲା । ଯଥାର୍ଥ ଫ୍ରାନ୍ସ ତା'ର ସ୍ୱରୂପରେ କେବେ ଯେ ଉପନୀତ ହେବ – ଏ ସମ୍ବନ୍ଧେ କେହି ବି କିଛି କହି ପାରିବେ ନାହିଁ ।

'' 'କିନ୍ତୁ ଭାରତବର୍ଷ ଯୁଗ ଯୁଗ ଧରି ତା'ର ଅଧ୍ୟାତ୍ମ ସାଧନାର କ୍ରମୋନ୍ନତି ଫଳରେ ତା'ର ଜ୍ଞାନଗରିମାଗତ ଯୋଗ୍ୟତା ଅର୍ଜନ କରି ପାରିଛି ଏବଂ ତା'ର ସାମାଜିକ ଅବସ୍ଥାରେ ଦୃଢ଼ ପ୍ରତିଷ୍ଠିତ ରହିଛି । ତେଣୁ କ୍ରିପ୍ସଙ୍କର ଏହି ପ୍ରସ୍ତାବ ପଶ୍ଚାତରେ ଥିବା ଦିବ୍ୟ କରୁଣା ସମ୍ବନ୍ଧେ ନିଶ୍ଚିତ ରୂପେ ହୃଦୟଙ୍ଗମ କରିବା ଉଚିତ । ଯଦିଓ ଏହି ପ୍ରସ୍ତାବଟି ମଣିଷର ମନନ ଶକ୍ତି ଦ୍ୱାରା ପ୍ରସ୍ତୁତ କରାଯାଇଛି, ତେଣୁ ଏଥିରେ ସ୍ୱଭାବତଃ କେତେକ ତ୍ରୁଟିପୂର୍ଣ୍ଣ ବିଷୟସବୁ ସ୍ଥାନ ପାଇଛି । କିନ୍ତୁ ଏଥିରେ ଆଦୌ କିଛି ଭାବିବାର ନାହିଁ । ଦିବ୍ୟ କରୁଣା ଉପରେ ବିଶ୍ୱାସ ଓ ଭରସା ରଖ ଏବଂ ତାଙ୍କରି ହାତରେହିଁ ସବୁକିଛି ଅର୍ପଣ କରିଦିଅ । ସେ ନିଶ୍ଚିତ ରୂପେ ସମସ୍ୟାସବୁର ସମୁଚିତ ସମାଧାନ ଆଣିବେ ।

'' 'ଭାରତବର୍ଷକୁ ମୋର ଏହି ସନିର୍ବନ୍ଧ ଅନୁରୋଧ ଯେ ସେ ଏହି ପ୍ରସ୍ତାବକୁ ନିଶ୍ଚିତ ରୂପେ ଗ୍ରହଣ କରୁ । ଏଇ ଅଳ୍ପ ଦିନ ପୂର୍ବରୁ ଫ୍ରାନ୍ସ ଯେଉଁ ଭୁଲ୍ କରି ନିଜକୁ ରସାତଳଗାମୀ କରାଇଛି, ଭାରତ ଯେପରି କଦାଚିତ୍ ସେହି ସମାନ ଭୁଲ୍ ନକରୁ ।'

''ଶ୍ରୀମା ତାଙ୍କର ବକ୍ତବ୍ୟ ଶେଷ କରି ଆଉ ପଦଟିଏ କଥା ନକହି ବା କାହାରିକୁ ନ ଅନାଇ ତୁରନ୍ତ ନିଜର ପ୍ରସାଧନ କକ୍ଷକୁ ଚାଲିଗଲେ । ପରେ ସେଦିନ (ପହିଲା ଏପ୍ରିଲ ୧୯୪୨) ସେ ତାଙ୍କର 'ପ୍ରସ୍ପରିଟି ବିତରଣ' କାର୍ଯ୍ୟ ଶେଷ କରି ଆସିଲେ । ତା'ପରେ ସେ ଏହି ମର୍ମରେ ସମସ୍ତଙ୍କୁ ପ୍ରକାଶ କଲେ ଯେ ଶ୍ରୀଅରବିନ୍ଦ ଇତି ମଧ୍ୟରେ ସାର୍ ଷ୍ଟାଫୋର୍ଡ୍ କ୍ରିପ୍ସଙ୍କୁ ତାରବାର୍ତ୍ତା ପଠାଇ ଦେଇଛନ୍ତି ଏବଂ କ୍ରିପ୍ସ ସେଇଟିକୁ ପଢ଼ି ସଙ୍ଗେ ସଙ୍ଗେ ତାଙ୍କର ସହୃଦୟତାପୂର୍ଣ୍ଣ ଉତ୍ତର ମଧ୍ୟ ଦେଇଛନ୍ତି । ନଳିନୀ ଦୁଇଟି ତାରବାର୍ତ୍ତାକୁ ନୋଟିସ୍ ବୋର୍ଡରେ ଲଗାଇ ଦେଇଛନ୍ତି ।

''ତହିଁ ଆରଦିନ କି ତା' ପରଦିନ କଂଗ୍ରେସ ଘୋଷଣା କଲା ଯେ ଏହି ପ୍ରସ୍ତାବଟିକୁ ପ୍ରତ୍ୟାଖ୍ୟାନ କରାଯାଇଛି । ଶ୍ରୀମା ଏହି ଘୋଷଣା ଶୁଣି ଏକେବାରେ ଗମ୍ଭୀର ଓ ଅବିଚଳିତ ରହିଥିଲେ; ତାଙ୍କର ଶ୍ରୀତୁଣ୍ଡରୁ କେବଳ ଏତିକି କଥା ଉଚ୍ଚାରିତ ହୋଇଥିଲା : 'ଏବେ ଭାରତବର୍ଷ ଉପରେ ଘୋର ବିପତ୍ତି ଘନେଇ ଆସିବ ।' ('Now calamity will be-fall India.')

''ଏହା ପରଠୁ ଆଜି ପର୍ଯ୍ୟନ୍ତ ('ସ୍ମୃତିକଥା' ଲେଖିବାର ଠିକ୍ ବର୍ଷ ଜଣା ନାହିଁ) ଦେଶରେ ଯେଉଁସବୁ ଗୁରୁତ୍ୱପୂର୍ଣ୍ଣ ଅଘଟଣ ଘଟିଛି ସେସବୁ ସମ୍ବନ୍ଧେ ଉଲ୍ଲେଖ କରିବା ଅନାବଶ୍ୟକ । ଆମର ସେହି ଏକମାତ୍ର ତ୍ରୁଟି ସକାଶେ ଆରମ୍ଭରୁହିଁ ଆମେ ସେସବୁର ବିଷମ ପରିଣାମ ଭୋଗି ଆସୁଛୁ ।''

('Twelve Years with Sri Aurobindo';
pp. 146 - 48 ଦ୍ରଷ୍ଟବ୍ୟ)

ପରିଶେଷରେ ଆମର ଉଲ୍ଲେଖ କରିବା ଏକାନ୍ତ ଆବଶ୍ୟକ ଯେ 'କ୍ରିପ୍ସ ପ୍ରସ୍ତାବ' ସମ୍ବନ୍ଧେ ଶ୍ରୀଅରବିନ୍ଦ ସ୍ୱ-ମତାମତ ଜଣାଇ ନୀରବ ରହି ନଥିଲେ । ଅଖଣ୍ଡ ଭାରତର ସ୍ୱାଧୀନତା ନିମିତ୍ତ ପରମ ପ୍ରଭୁ ତାଙ୍କର ଅନ୍ୟାନ୍ୟ ପ୍ରଚେଷ୍ଟା ମଧ୍ୟ ଚଳାଇଥିଲେ; ସେ ଭଲ ଭାବରେ ହୃଦୟଙ୍ଗମ କରିଥିଲେ ଯେ ତାଙ୍କର ଏସବୁ ପ୍ରଚେଷ୍ଟା ବିଫଳ ହେବ, ତଥାପି ସେ ତାଙ୍କର 'ନିଷ୍କାମ କର୍ମ' ସମ୍ପାଦନରେ ବିନ୍ଦୁମାତ୍ର ଅବହେଳା କରି ନାହାନ୍ତି ।

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

ଶ୍ରୀଅରବିନ୍ଦ କୌଣସି କିଛିକୁ ବାଦ୍ ଦେଇ ନାହାନ୍ତି, ସେ ସବୁକିଛିକୁ ସମ୍ମିଳିତ ଓ ସମସ୍ତ ଦୃଷ୍ଟିକୋଣକୁ ସମନ୍ୱିତ କରିଛନ୍ତି ।

— ଶ୍ରୀମା

# ସିଦ୍ଧାନ୍ତ-ସମନ୍ୱୟ

## ରାମକୃଷ୍ଣ ଦାସ

[**ପୂର୍ବାଭାଷ :** ସାଧାରଣ ଜାଗତିକ ବ୍ୟାପାରରେ କୌଣସି ସିଦ୍ଧାନ୍ତ ସର୍ବସମ୍ମତଭାବେ ଗ୍ରହଣୀୟ ହେବା ଯେଉଁଠି ଦୁରୂହ ହୋଇଉଠେ, ସେଠାରେ ଅଧ୍ୟାତ୍ମ-ଦର୍ଶନ ଭଳି ଦୁର୍ବୋଧ ବ୍ୟାପାରରେ ସର୍ବସମ୍ମତ ସିଦ୍ଧାନ୍ତରେ ଉପନୀତ ହେବା ସାଧାରଣ ମନ ପାଖରେ ପ୍ରାୟ ଅସମ୍ଭବ ବୋଲି ମନେହୁଏ । ଯୁଗେ ଯୁଗେ ଭଗବାନଙ୍କ ବିଧାନରେ ମହାପୁରୁଷଗଣ ଯୁଗୋପଯୋଗୀ ଏପରି ଅଧ୍ୟାତ୍ମ-ସିଦ୍ଧାନ୍ତମାନ ଉପସ୍ଥାପିତ କରିଯାଇଛନ୍ତି ଯାହା ସାଧାରଣ ବିଚାରରେ ପରସ୍ପର ବିରୋଧୀ ବୋଲି ମନେହୁଏ ଏବଂ ସାଧାରଣତଃ କୌଣସି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତର ଅନୁଗାମୀ ସାଧକମାନେ ଅପର ସିଦ୍ଧାନ୍ତ ଓ ତଦବଲମ୍ବୀ ସାଧକମାନଙ୍କୁ ନିଜର ବିରୋଧୀ ବୋଲି ଭାବିଥା'ନ୍ତି । ତେଣୁ ଆଜି ଜଗତରେ ଅନେକ ପ୍ରକାର ଧର୍ମ, ଯୋଗପ୍ରଣାଳୀ ତଥା ସାଧକ ପରିଦୃଷ୍ଟ ହୁଅନ୍ତି ଏବଂ ବିଭିନ୍ନ ଧର୍ମାବଲମ୍ବୀ ବା ଯୋଗ-ସାଧକମାନଙ୍କ ମଧ୍ୟରେ ପ୍ରାଚୀନ କାଳରୁ ଏପର୍ଯ୍ୟନ୍ତ ଏପରି ଗୋଟାଏ ଅମେଳ ବା ବିରୋଧ ରହି ଆସିଛି ଯାହା ସମଗ୍ର ବିଶ୍ୱ ବା ମାନବଜାତିର ସମ୍ମୁଖରେ ତାହାର ସତ୍ୟ, ଶାନ୍ତି, ଆନନ୍ଦ, ଶକ୍ତି, ପ୍ରେମ ଓ ସୌନ୍ଦର୍ଯ୍ୟ ପଥରେ ଅବାଧ ଓ ସ୍ୱଚ୍ଛନ୍ଦ ଅଗ୍ରଗତିରେ ବାଧକ ଭାବେ ଦଣ୍ଡାୟମାନ ହୋଇଛି ।

କିନ୍ତୁ ବର୍ତ୍ତମାନ ସମୟ ଆସିଛି, ଅର୍ଥାତ୍ ଏହି ଦେବ-ମୁହୂର୍ତ୍ତରେ ଭଗବାନଙ୍କ ବିଧାନରେ ମାନବ ଶରୀର ଧାରଣ କରି ଶ୍ରୀମା ଶ୍ରୀଅରବିନ୍ଦ ମାନବଜାତିର ପରମ କଲ୍ୟାଣ ସକାଶେ ଅତୀତର ସମସ୍ତ ଅଧ୍ୟାତ୍ମ-ସିଦ୍ଧାନ୍ତର ଏପରି ଏକ ପୂର୍ଣ୍ଣାଙ୍ଗ ତଥା ସମନ୍ୱୟମୂଳକ ନୂତନ ରୂପ ଦେଇଛନ୍ତି ଯାହା ମାନବଜାତିର ଅଭୂତପୂର୍ବ ଚରମ ବିକାଶର ସୁବର୍ଣ୍ଣ ଦ୍ୱାରକୁ ଚିରୋନ୍ମୁକ୍ତ କରିଦେଇଛି । ଏହି ନୂତନ ସିଦ୍ଧାନ୍ତରେ ଯଥାର୍ଥରେ ବିଭିନ୍ନ ସିଦ୍ଧାନ୍ତର ସମନ୍ୱୟ ଘଟିଛି ଏବଂ ଏଥିରେ ପ୍ରତ୍ୟେକ ସାଧନା ପ୍ରଣାଳୀ ମଧ୍ୟ ତା'ର ଯଥାଯଥ ଓ ସମୁନ୍ନତ ଅବସ୍ଥା ପ୍ରାପ୍ତ ହୋଇଛି । ଏହି ବିଷୟକୁ 'ସିଦ୍ଧାନ୍ତ ସମନ୍ୱୟ' ଆଖ୍ୟା ଦେଇ ଅଭିଜ୍ଞ ଲେଖକ ଅତି ସରଳ ତଥା ପ୍ରାଞ୍ଜଳ ଭାଷାରେ ଏହି ପୁସ୍ତିକାରେ ବ୍ୟାଖ୍ୟା କରିଛନ୍ତି । ଆମ୍ଭେମାନେ ଆଶାକରୁ, ଅଧ୍ୟାତ୍ମବାଦୀ ସାଧକ ଓ ତତ୍ତ୍ୱବିତ୍‌ମାନେ ଏହି ପୁସ୍ତିକାକୁ ତୁଲ୍ୟ ଦୃଷ୍ଟିସହ ପାଠ କରିବେ । — ପ୍ରକାଶକ]

### ମନୁଷ୍ୟ ଜୀବନର ବିକାଶରେ ସହାୟକ ଅଧ୍ୟାତ୍ମ-ଦର୍ଶନ

ଅଧ୍ୟାତ୍ମ-ଦର୍ଶନ ମନୁଷ୍ୟର ବିକାଶରେ ସାହାଯ୍ୟ କରେ, ବିକାଶ ପାଇଁ ଆବଶ୍ୟକ ସମୟର ପରିମାଣକୁ ସଂକ୍ଷିପ୍ତ କରେ, ମାର୍ଗର ଦୁଃଖକଷ୍ଟ ଲାଘବ କରେ, ଦୁର୍ଗମ ମାର୍ଗକୁ ସୁଗମ କରେ, ମନୁଷ୍ୟକୁ ଜ୍ଞାନ-ଜ୍ୟୋତିଃ ପ୍ରଦାନ କରି ଯଥାର୍ଥ ମାର୍ଗରେ ପରିଚାଳିତ କରେ । ଭଗବାନ୍ ଅବତାର ନେଇ ମନୁଷ୍ୟ ଶରୀର ଧାରଣ କରି ଆଦର୍ଶ କର୍ମ କରି ମନୁଷ୍ୟକୁ ତା'ର ବିକାଶ-ମାର୍ଗରେ ସାହାଯ୍ୟ କରନ୍ତି । ବୁଦ୍ଧ, ଖ୍ରୀଷ୍ଟ, ମହମ୍ମଦ, ମହାବୀର, ଶଙ୍କର, ରାମାନୁଜ, ରାମାନନ୍ଦ, ନିମ୍ବାର୍କ, ବିଷ୍ଣୁସ୍ୱାମୀ, ମାଧବ ଓଗେର ଆଚାର୍ଯ୍ୟମାନେ ପୃଥିବୀକୁ ଆସି ମନୁଷ୍ୟକୁ ସମୟୋପଯୋଗୀ ଶିକ୍ଷା ଦେଇ ତାକୁ ପୂର୍ଣ୍ଣତା ଦିଗରେ ଅଗ୍ରସର କରାଇ ନିଅନ୍ତି । କିନ୍ତୁ ସେମାନଙ୍କ ସିଦ୍ଧାନ୍ତରେ ଯେଉଁ ପରସ୍ପର ବିରୋଧ ଥାଏ, ଶ୍ରୀଅରବିନ୍ଦଙ୍କ ସିଦ୍ଧାନ୍ତରେ ସେସବୁର ସମନ୍ୱୟ ହୁଏ, ଯେଉଁ ସିଦ୍ଧାନ୍ତରେ ମନୁଷ୍ୟର ମନ-ପ୍ରାଣ-ଶରୀର ତା'ର ଚିନ୍ମୟ ତତ୍ତ୍ୱରେ ରୂପାନ୍ତର, ସମସ୍ତ ସତ୍ତାରେ ଭଗବାନଙ୍କ ସଙ୍ଗେ ଏକ ଏବଂ ଭଗବାନଙ୍କୁ ସମସ୍ତ ସତ୍ତାରେ ପ୍ରକାଶ କରାହୁଏ । ଏହାହିଁ ମନୁଷ୍ୟର ଲକ୍ଷ୍ୟ । ଏହି ଲକ୍ଷ୍ୟ ପ୍ରାପ୍ତି ସକାଶେ ସେ ଏହି ପୃଥିବୀକୁ ଆସିଅଛି ।

### କ୍ରମ-ବିବର୍ତ୍ତନ

ମନୁଷ୍ୟ ବିକାଶଶୀଳ । ସେ ଅଜ୍ଞାତ ତଥା ଜ୍ଞାତରେ ଅହରହ ନଦୀ ସ୍ରୋତ ସଦୃଶ ଲକ୍ଷ୍ୟ ଆଡ଼କୁ ଧାବିତ ହେଉଅଛି । ତା'ର ଲକ୍ଷ୍ୟ ଦୁଃଖ, ଦ୍ୱନ୍ଦ୍ୱ ଅମିଶ୍ରିତ ପରମାନନ୍ଦ ପ୍ରାପ୍ତି — ରୋଗ, ଜରା, ମୃତ୍ୟୁରୁ ମୁକ୍ତ ଦିବ୍ୟ ଚିନ୍ମୟ ଶରୀର, ପରସ୍ପର ପ୍ରେମ-ମୈତ୍ରୀ-ସତ୍ୟ ଆଚରିତ ସ୍ୱର୍ଗରାଜ୍ୟ । କିନ୍ତୁ ସେ ମୋହ

ମାୟା ଅଜ୍ଞାନଗ୍ରସ୍ତ । ତା'ର ଏହି ଯଥାର୍ଥ ଲକ୍ଷ୍ୟ ସମ୍ବନ୍ଧେ ଧାରଣା ଅସ୍ପଷ୍ଟ । ଯଥାର୍ଥରେ ସେ କିଏ ? କାହିଁକି ଏହି ପୃଥିବୀକୁ ଆସିଛି ? କ'ଣ କରିବା ଉଚିତ ? — ଏସବୁ ସେ ଜାଣେ ନାହିଁ । ସେ ବ୍ରହ୍ମ ସ୍ୱରୂପ, ଭଗବାନଙ୍କୁ ପ୍ରକାଶ କରିବାକୁ ଆସିଛି — ଏହି ଲକ୍ଷ୍ୟ ପ୍ରାପ୍ତିର ପ୍ରଯତ୍ନ କରିବା ଉଚିତ । ଯଥାର୍ଥରେ ସେ ସଚ୍ଚିଦାନନ୍ଦ ପରଂବ୍ରହ୍ମ ପୁରୁଷୋତ୍ତମ ତତ୍ତ୍ୱର ଅଂଶ, ପ୍ରତିଭୂ ଅଥବା ସ୍ୱରୂପ । ବ୍ରହ୍ମ ନିଜ ସଂକଳ୍ପରେ 'ଏକୋଽହଂ ବହୁସ୍ୟାମି', ବହୁ ମଧ୍ୟରେ ନିଜକୁ ପ୍ରକାଶ କରିବା ସକାଶେ ସ୍ୱେଚ୍ଛାରେ ନିଜ ମାୟାକୁ ଆଶ୍ରୟ କରି ଅଜ୍ଞାନ ଅନ୍ଧକାରକୁ ସ୍ୱୀକାର କରି ଏକବାରେ ଜଡ଼, ଅନ୍ଧକାର, ଅଜ୍ଞାନ ମଧ୍ୟରେ ନିମଜ୍ଜନ କରି ଆତ୍ମଗୋପନ କଲେ । କ୍ରମବିକାଶର ଧାରା ଅନୁସାରେ ପୁଣି ପ୍ରକୃତିର ପରିଚାଳନାରେ ଜଡ଼ରୁ ତରୁ-ତୃଣ ପଶୁ-ପକ୍ଷୀ ମଧ୍ୟ ଦେଇ ବର୍ତ୍ତମାନ ମନୁଷ୍ୟ ସ୍ତରରେ ଉପନୀତ ହୋଇଅଛନ୍ତି । ବିକାଶର ନିୟମ ଅନୁସାରେ ଏଠାରେ ସ୍ଥଗିତ ନହୋଇ ନିଜ ଲକ୍ଷ୍ୟ ଜ୍ଞାନଯୁକ୍ତ ଦିବ୍ୟ ଶରୀର ଦେବମାନବ ସ୍ତରକୁ ଗତି କରିବେ । ମନୁଷ୍ୟଜାତିର ପରେ ପ୍ରତିଷ୍ଠିତ ହେବ ଦିବ୍ୟ ମାନବଜାତି, ସଂସାର ହେବ ସ୍ୱର୍ଗ । ଏହା ମନୁଷ୍ୟର ଅବଶ୍ୟମ୍ଭାବୀ ଲକ୍ଷ୍ୟ ।

ଜଡ଼ରୁ ପଶୁ ପର୍ଯ୍ୟନ୍ତ ଯେଉଁ ବିକାଶ ଚାଲିଥିଲା, ତାହା ଥିଲା ପ୍ରକୃତିର ଆଶ୍ରିତ ଏବଂ ପ୍ରକୃତି ଦ୍ୱାରା ଚାଳିତ । ମନୁଷ୍ୟକୁ ମନ, ବୁଦ୍ଧି ପ୍ରାପ୍ତ ହେବାରୁ ବିକାଶ କେବଳ ପ୍ରକୃତି ଉପରେ ନିର୍ଭରଶୀଳ ନହୋଇ ମନୁଷ୍ୟର କର୍ମର ଆବଶ୍ୟକ ହେଲା । କେବଳ ପ୍ରକୃତି ଦ୍ୱାରା ହଜାର ହଜାର ବର୍ଷରେ ଯେଉଁ ବିକାଶ ହେଉଥିଲା, ପ୍ରକୃତି ସହିତ ମନୁଷ୍ୟର ସହଯୋଗରେ ତାହା ବହୁ ଅଳ୍ପ ସମୟରେ ସମ୍ପନ୍ନ ହୋଇ ପାରିଲା । କିନ୍ତୁ ମନୁଷ୍ୟ ଅନ୍ଧକାରରୁ ବିକାଶ ଦିଗରେ ଆସିବାରୁ ତାକୁ ମନ, ବୁଦ୍ଧି ପ୍ରାପ୍ତ ହେବା ସତ୍ତ୍ୱେ ଜଡ଼ତା, ଅଜ୍ଞାନତା ତା' ମଧ୍ୟରେ ବିଦ୍ୟମାନ ରହିଲା ।

ମନୁଷ୍ୟର ମନ, ପ୍ରାଣ, ଶରୀର ତଥା ଆତ୍ମାର ସମାବେଶରେ ହୁଏ ବ୍ୟକ୍ତିତ୍ୱ । ଏହି ସମସ୍ତ ଆସିଛି ସଚ୍ଚିଦାନନ୍ଦ ଦିବ୍ୟ ତତ୍ତ୍ୱରୁ । କେବଳ ଆତ୍ମା ତା'ର ନିଜ ସ୍ୱରୂପରେ ସ୍ଥିତ ଥିବାରୁ ତା'ର ଜ୍ଞାନ ବିଦ୍ୟମାନ । କିନ୍ତୁ ମନ, ପ୍ରାଣ, ଶରୀର ବିକୃତ ହେବାରୁ ସେସବୁ ଅନ୍ଧକାରାଚ୍ଛନ୍ନ, ଅଜ୍ଞାନରେ ବ୍ୟାମୋହ । ଆତ୍ମାର ଜ୍ଞାନ ଅବିକୃତ ଥିବାରୁ ତା'ର ନିଜ ସ୍ୱରୂପ, ଲକ୍ଷ୍ୟ ତଥା ଲକ୍ଷ୍ୟପ୍ରାପ୍ତି ସମ୍ବନ୍ଧେ ସେ ସଚେତ । କିନ୍ତୁ ଆତ୍ମା ମନ-ପ୍ରାଣର ଆଶ୍ରିତ । ଆତ୍ମାର ସଂକଳ୍ପ ପ୍ରକାଶ ହୁଏ ମନ-ପ୍ରାଣ ମଧ୍ୟ ଦେଇ । ସୁତରାଂ ଶୁଦ୍ଧ ଆଲୋକ ବିଭିନ୍ନ ରଙ୍ଗିନ କାଚ ଭିତରେ ପ୍ରବେଶ ହୋଇ ବିକୃତ ହେବା ପରି ଆତ୍ମାର ସଂକଳ୍ପ ଅନ୍ଧକାରାଚ୍ଛନ୍ନ ମନ, ପ୍ରାଣରେ ବିକୃତ ହୋଇଯାଏ । ସେହି କାରଣରୁ ମନୁଷ୍ୟ ମନ-ପ୍ରାଣଯୁକ୍ତ ସ୍ଥୂଳ ଶରୀରକୁ 'ମୁଁ' ବ୍ୟକ୍ତି ବୋଲି ମାନେ । ସେ ସଚ୍ଚିଦାନନ୍ଦଙ୍କ ଅଂଶ ବା ପ୍ରତିଭୂ ବୋଲି ଭୁଲିଯାଏ । ନିଜ ମନ, ପ୍ରାଣ, ଶରୀରରେ ପରମବ୍ରହ୍ମ ପରମାନନ୍ଦଙ୍କୁ ପ୍ରକାଶ କରିବା ଆତ୍ମ ସଂକଳ୍ପ ପରିବର୍ତ୍ତେ ଭ୍ରମବଶତଃ ସ୍ତ୍ରୀ, ପୁତ୍ର, ମାନ, ଯଶଃ, ଅୟସ-ଆରାମରେ ସୁଖ ଖୋଜେ, ପରିଣାମରେ ଦୁଃଖ ପାଏ । ତଥାପି ତା'ର ପରମାନନ୍ଦ ପ୍ରାପ୍ତିର ପରମ ଲକ୍ଷ୍ୟ ସୂକ୍ଷ୍ମ ରୂପେ ତା'ର ତତ୍ତ୍ୱ ମଧ୍ୟରେ ନିହିତ ଥାଏ, ସେ ଅଜ୍ଞାନ ଅବସ୍ଥାରେ ମଧ୍ୟ ପୂର୍ଣ୍ଣତଃ ବିସ୍ମୃତ ହୁଏ ନାହିଁ । ସଂସାରରେ ଦୁଃଖ ଥାଏ, ମୃତ୍ୟୁ ଥାଏ, ରୋଗ ଥାଏ, ଜରା ଥାଏ — ସେ କେବେ ବି ଏସବୁକୁ ଚାହେଁ ନାହିଁ । ସେ ଚାହେଁ ଦୁଃଖ ଅମିଶ୍ରିତ ସୁଖ । ଏହି ଅଜ୍ଞାତ ଲକ୍ଷ୍ୟ ସାଧାରଣ ମନୁଷ୍ୟଠାରୁ ଶ୍ରେଷ୍ଠ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତଙ୍କ କ୍ଷେତ୍ରରେ ଏକ । ସଂସାରରେ ମନୁଷ୍ୟ ସୁଖ ପ୍ରାପ୍ତିର ଉପାୟ ରୂପେ ସମସ୍ତ କର୍ମ କରେ । ନିଜ ସମ୍ବନ୍ଧେ, ଲକ୍ଷ୍ୟ ସମ୍ବନ୍ଧେ, ଉପାୟ ସମ୍ବନ୍ଧେ ଅଜ୍ଞାନ ଥିବାରୁ ସେ ଲକ୍ଷ୍ୟ ପ୍ରାପ୍ତି କରି ନପାରି ଦୁଃଖଦ୍ୱନ୍ଦ୍ୱମୟ ବିପଦ୍‌ପୂର୍ଣ୍ଣ ଜନ୍ମ, ମରଣ ସଂସାର କର୍ମରେ ଭ୍ରମୁଥାଏ । ମନୁଷ୍ୟର ଅଜ୍ଞାନତା ବୃଦ୍ଧି ହେଲେ ସେ ଅନ୍ୟାୟରେ ପ୍ରବୃତ୍ତ ହୁଏ ଏବଂ ଅଧିକ କଷ୍ଟ ଭୋଗେ, ଅଶାନ୍ତ ହୁଏ । ଏହି ଅବସ୍ଥାର ଅନ୍ୟ ନାମ ଧର୍ମ-ଗ୍ଳାନି ବା ଧର୍ମ-ହାନି; ଏହାହିଁ ମନୁଷ୍ୟର ସାଧାରଣ ବିକାଶ ମାର୍ଗର ଅବସ୍ଥା ।

## ମନୁଷ୍ୟର ବିକାଶରେ ସାହାଯ୍ୟ

ଏହି ଅବସ୍ଥାରେ ଭଗବାନ୍ ସ୍ୱୟଂ ମନୁଷ୍ୟ ଶରୀରରେ ଅବତାର ନେଇ ଏହି ପୃଥିବୀରେ କର୍ମ କରନ୍ତି । ମନୁଷ୍ୟ ତାଙ୍କରି ଆଦର୍ଶ ଅନୁସରଣ କରି ନିଜର ବିକାଶ ମାର୍ଗରେ ଗୋଟିଏ ଚେତନାସ୍ତର ଅତିକ୍ରମ କରେ । ଆଚାର୍ଯ୍ୟମାନେ ମଧ୍ୟ ଭଗବାନଙ୍କ ସଂକଳ୍ପରେ ପୃଥିବୀକୁ ଆସି ସମୟୋଚିତ ଶିକ୍ଷା ଦେଇ ମନୁଷ୍ୟକୁ ନୂତନ ଚେତନା ସ୍ତରରେ ଉପନୀତ ହେବାରେ ସାହାଯ୍ୟ କରନ୍ତି । ତାହା ହୁଏ ବେଦ, ଉପନିଷଦ୍ ଇତ୍ୟାଦି ଶାସ୍ତ୍ର ପ୍ରତିପାଦ୍ୟ ଆଦର୍ଶ । ଏହି ଆଦର୍ଶକୁ ଶିକ୍ଷା ଦେବାର

ଦୁଇଟି ଅନିବାର୍ଯ୍ୟ ପ୍ରଣାଳୀ : ଗୋଟିଏ, ସ୍ୱୟଂ ଆଚରଣ କରି ଆଦର୍ଶ ରୂପେ ମନୁଷ୍ୟ ସାମନାରେ ରଖିବା, ଅନ୍ୟଟି ଏହା ମନୁଷ୍ୟର ଆବଶ୍ୟକ ଏବଂ ବେଦ, ଉପନିଷଦ୍ ଇତ୍ୟାଦି ଶାସ୍ତ୍ରର ପ୍ରତିପାଦ୍ୟ ବୋଲି ମନୁଷ୍ୟର ବୁଦ୍ଧିଗ୍ରାହ୍ୟ ଯୁକ୍ତିରେ ଲିଖିତ ଗ୍ରନ୍ଥ ଦ୍ୱାରା ବୁଝାଇ ଦେବା । ଏହାର ନାମ ଦର୍ଶନ ଶାସ୍ତ୍ର ବା ସିଦ୍ଧାନ୍ତ । ଆଚରଣ ତଥା ଦର୍ଶନ ଶାସ୍ତ୍ର ଏହି ଦୁଇଟିଯାକ ମନୁଷ୍ୟର ଶିକ୍ଷା ସକାଶେ ଆବଶ୍ୟକ । ଏହି ଦୁଇଟିରୁ ଗୋଟିକର ଅଭାବରେ ମନୁଷ୍ୟ ଶିକ୍ଷା ଗ୍ରହଣ କରିବାରେ ଅସମର୍ଥ ହୁଏ । ସ୍ୱୟଂ ଆଚରଣ ନକରି କେବଳ ଦର୍ଶନଶାସ୍ତ୍ର ଲେଖିଲେ ଲୋକେ ତାହା ବିଶ୍ୱାସ କରନ୍ତି ନାହିଁ । ସ୍ୱୟଂ କର୍ମ ଆଚରଣ କରି ଦର୍ଶନଶାସ୍ତ୍ର ଦ୍ୱାରା ତାହା ପ୍ରତିପାଦନ ନକଲେ କିଛିଦିନ ପରେ ତାହା ବିକୃତ ହୁଏ ଏବଂ ମନୁଷ୍ୟ ଜୀବନରେ ତାହାର ଆବଶ୍ୟକତା, ନିଜ ଲକ୍ଷ୍ୟ, ଲକ୍ଷ୍ୟ ପ୍ରାପ୍ତିର ଉପାୟ ବୋଲି ସେ ବୁଝିପାରେ ନାହିଁ । ଏହି କାରଣରୁ ଆଚରଣ ତଥା ଦର୍ଶନ-ଶାସ୍ତ୍ର ଉଭୟ ଆବଶ୍ୟକ ।

ଏହିରୂପେ ମନୁଷ୍ୟର ବିକାଶରେ ସାହାଯ୍ୟ କରିବା ବ୍ୟକ୍ତିଙ୍କୁ ଆଚାର୍ଯ୍ୟ କୁହାଯାଏ, ଯେଉଁମାନେ କି ବେଦ, ଉପନିଷଦ୍‌ରେ ନିହିତ ଥିବା ସତ୍ୟକୁ ଆବିଷ୍କାର କରନ୍ତି ଏବଂ ତଦନୁସାରେ ଆଚରଣ କରନ୍ତି ତଥା ତାହାର ବିସ୍ତାର କରନ୍ତି, ଯାହାଦ୍ୱାରା ମନୁଷ୍ୟଜାତି ଗୋଟାଏ ନୂତନ ଆଲୋକ ପାଇପାରେ । ସେହିମାନେ ହେଉଛନ୍ତି ବୁଦ୍ଧ, ଖ୍ରୀଷ୍ଟ, ମହମ୍ମଦ, ମହାବୀର, ଆଚାର୍ଯ୍ୟ ଶଙ୍କର, ରାମାନୁଜ, ରାମାନନ୍ଦ, ନିମ୍ବାର୍କ, ମାଧବ, ବିଷ୍ଣୁସ୍ୱାମୀ ଓଗେର ମହାପୁରୁଷ । ଆଚାର୍ଯ୍ୟମାନେ ଯଥାର୍ଥରେ ମନୁଷ୍ୟଜାତିର ପଥ-ପ୍ରଦର୍ଶକ ।

## ବୁଦ୍ଧଦେବ

ଏହି ଆଚାର୍ଯ୍ୟମାନଙ୍କ ମଧ୍ୟରୁ ଉଦାହରଣ ରୂପେ କେତେକ ଆଚାର୍ଯ୍ୟଙ୍କ ସିଦ୍ଧାନ୍ତ ସମ୍ବନ୍ଧେ ଆଲୋଚନା କରିବା । ବୁଦ୍ଧଦେବ ଥିଲେ ଭଗବାନଙ୍କ ଅବତାର । ସେ ପୃଥିବୀକୁ ଆସି ସ୍ୱୟଂ ସାଧନା କରି ସତ୍ୟ ଉପଲବ୍ଧ କଲେ । ସେସମୟର ବ୍ୟକ୍ତି କାମନା ବାସନା ତୃପ୍ତ କରିବା ସକାଶେ ଯାଗ ଯଜ୍ଞ କରି ରାଜସିକ ଭୋଗରେ ଲିପ୍ତ ଥିଲେ । ଜୀବନର ପରମ ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ଏକାବେଳେକେ ଭୁଲି ଯାଇଥିଲେ । ସେମାନଙ୍କର ରାଜସିକତା ପ୍ରବଳ ମାତ୍ରାରେ ବୃଦ୍ଧି ହୋଇଥିବାରୁ ସେମାନେ ବେଦରୁ କେବଳ ମାତ୍ର ରାଜସିକ କର୍ମକୁ ପ୍ରତିପାଦନ କରୁଥିଲେ । ସେମାନଙ୍କୁ ରାଜସିକ କର୍ମରୁ ନିବୃତ୍ତ କରିବା ସକାଶେ ବୁଦ୍ଧଦେବ ବେଦ ପ୍ରତିପାଦକ କର୍ମକାଣ୍ଡକୁ ଖଣ୍ଡନ କଲେ । ନିର୍ବାଣ ଶିକ୍ଷା ଦେଇ ହଜାର ହଜାର ନରନାରୀଙ୍କୁ ନିର୍ବାଣ ମୁକ୍ତିପ୍ରାପ୍ତ କରାଇ ଦେଲେ । ନିର୍ବାଣ ଅନୁଭୂତିର ସ୍ୱରୂପ, ଅବସ୍ଥା ଜାଣିବା ମନ ପକ୍ଷେ ଅସମ୍ଭବ । ସେଥିପାଇଁ ତା'ର ନାମ ଅପ୍ରକାଶ୍ୟ ଅଥବା ଶୂନ୍ୟ ରଖିଥିଲେ । ଯଥାର୍ଥରେ ତାହା ଅଲୌକିକ ପରମାନନ୍ଦ ଅବସ୍ଥା ।

(କ୍ରମଶଃ)

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*,
ପ୍ରଥମ ଖଣ୍ଡ, ପୃଷ୍ଠା : *୨୨୬ - ୨୨୯*)

❑❑❑

ପ୍ରାଚୀନ ଯୋଗର ସତ୍ୟଗୁଡ଼ିକୁ ମୁଁ କେବେହେଲେ ଅସ୍ୱୀକାର କରି ନାହିଁ । ମୋର ନିଜର ବୈଷ୍ଣବ ଭକ୍ତି ଓ ବ୍ରହ୍ମ ନିର୍ବାଣର ଅନୁଭୂତି ହୋଇଥିଲା । ସେଗୁଡ଼ିକର ନିଜର କ୍ଷେତ୍ରରେ ଓ ନିଜର ଉଦ୍ଦେଶ୍ୟ ସିଦ୍ଧି ନିମନ୍ତେ ଯେଉଁ ସତ୍ୟ ରହିଛି – ଅର୍ଥାତ୍ ସେଗୁଡ଼ିକର ଅନୁଭୂତିର ଯେତିକି ସତ୍ୟତା ରହିଛି – ମୁଁ ତାହା ସ୍ୱୀକାର କରେ । କିନ୍ତୁ ସେହିସବୁ ଅନୁଭୂତି ଉପରେ ପ୍ରତିଷ୍ଠିତ ମାନସିକ ଦର୍ଶନସବୁକୁ ଗ୍ରହଣ କରିବାକୁ ମୁଁ କୌଣସିମତେ ବାଧ୍ୟ ନୁହେଁ । ସେହିପରି ମୋର ଯୋଗକୁ ମୁଁ ତା'ର ନିଜର କ୍ଷେତ୍ରରେ – ଯାହା ଏକ ବୃହତ୍ତର କ୍ଷେତ୍ର ବୋଲି ମୋର ମତ ଓ ନିଜର ଉଦ୍ଦେଶ୍ୟ ସିଦ୍ଧି ଦୃଷ୍ଟିରୁ ସତ୍ୟ ବୋଲି ଜାଣେ ।

(ନିଜ ସମ୍ବନ୍ଧେ ଓ ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ) — ଶ୍ରୀଅରବିନ୍ଦ

# ମା' ଆପଣ ଏମିତି କହିଛନ୍ତି ...

## (୭)

## ହୁତା ହିନ୍ଦୋଚା

[ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପ୍ରତି ପୂର୍ଣ୍ଣ ସମର୍ପିତା ହୁତା ହିନ୍ଦୋଚାଙ୍କ ଦ୍ୱାରା ଇଂରାଜୀ ଭାଷାରେ ଲିଖିତ "Mother You said so ..." ପୁସ୍ତକର ଓଡ଼ିଆ ଭାଷାରେ ଅନୁବାଦ : ''ମା' ଆପଣ ଏମିତି କହିଛନ୍ତି ...''। ୧୯୫୫ ମସିହାରୁ ୧୯୭୩ ମସିହା ପର୍ଯ୍ୟନ୍ତ ମା' ବିଭିନ୍ନ ସମୟରେ ହୁତାଙ୍କୁ ଯେଉଁ କଥାସବୁ କହିଥିଲେ ସେସବୁ ଉକ୍ତ ପୁସ୍ତକରେ ସନ୍ନିବେଶିତ ହୋଇଛି। ଶ୍ରୀମା ସ୍ୱହସ୍ତରେ ହୁତାଙ୍କ ପାଣ୍ଡୁଲିପି ସଂଶୋଧନ କରିଥିଲେ ଏବଂ ପୁସ୍ତକର ନାମକରଣ କରିଥିଲେ "Mother You said so ..."

ପରମା ଦିବ୍ୟଜନନୀ ଶ୍ରୀମା'ଙ୍କ କୃପାରୁ ଧାରାବାହିକ ଭାବେ ଏହାର ଅନୁବାଦ 'ନବପ୍ରକାଶ' ମାସିକ ପତ୍ରିକାରେ ପ୍ରକାଶ କରିବାର ଏକ ପ୍ରୟାସ କରାଯାଉଛି। – ସମ୍ପାଦନା]

ଆତ୍ମା ହେଉଛି ଆସ୍ପୃହାର ଦୃଢ଼, ଅଟଳ ଓ ପବିତ୍ର ଅଗ୍ନିଶିଖା। ପ୍ରକୃତ ସତ୍ତା ବିରୋଧରେ ଯେଉଁ ସତ୍ତାଗୁଡ଼ିକ ନିରନ୍ତର ବିଦ୍ରୋହ କରୁଥା'ନ୍ତି ସେମାନଙ୍କ ଉପରେ ଏହା ଚାପ ସୃଷ୍ଟି କରେ ନାହିଁ। ଏହା ସତ୍ତ୍ୱେ, ସମଗ୍ର ସତ୍ତାର ଏହି ଅଂଶଗୁଡ଼ିକ (ବିଦ୍ରୋହ କରୁଥିବା ସତ୍ତାସକଳ) ଆତ୍ମା ନିକଟରେ ସମର୍ପଣ କରିବା ଉଚିତ; ତା'ପରେ ଏକମାତ୍ର ଆତ୍ମାହିଁ ସେଗୁଡ଼ିକ ଉପରେ ଶାସନ କରି ପାରିବ।

ପରମ ପ୍ରଭୁ ନିଜର ଆଲୋକରେ ଆଲୋକିତ, ସେ ମଧୁମୟ, ଅନୁକମ୍ପାଭରା ଏବଂ ଦିବ୍ୟ ପ୍ରେମରେ ପରିପୂର୍ଣ୍ଣ। ଏହି ପୃଥିବୀ ନିଶ୍ଚିତ ଭାବେ ପରମଙ୍କ ନିକଟରେ ସମର୍ପିତ ହେବା ଉଚିତ।

ଯେଉଁମାନେ ଦିବ୍ୟ ପରମପ୍ରଭୁଙ୍କର ଶରଣ ନିଅନ୍ତି, ପ୍ରଭୁ ନିଜେ ତାଙ୍କ ମାର୍ଗରେ ସେମାନଙ୍କୁ ଆଗେଇ ନିଅନ୍ତି। ଯେଉଁ ଲୋକମାନେ ସମର୍ପଣ କରନ୍ତି ନାହିଁ ଅଥଚ ବିଦ୍ରୋହ କରନ୍ତି ସେମାନଙ୍କ ଉର୍ଦ୍ଧ୍ୱରେ ଏବଂ ଚତୁଃପାର୍ଶ୍ୱରେ ତଥାପି ଦିବ୍ୟ କରୁଣା, ଦିବ୍ୟ ପ୍ରେମ ଓ ଦିବ୍ୟ ଆଲୋକ ଘେରି ରହିଥାଏ।

୧୪.୪.୫୭

ତୁମେ କାହା କଥା ଶୁଣି, ପୁସ୍ତକରୁ ବା ଶିକ୍ଷକମାନଙ୍କ ଠାରୁ ପେଣ୍ଟିଂ ଶିକ୍ଷା କରିପାରିବ ନାହିଁ। ତୁମର ଆନ୍ତର ଚେତନା ଓ ଦୃଷ୍ଟିକୁ ବିକଶିତ କରିବା ଉଚିତ। ତା'ପରେ ତୁମେ ଅନ୍ତଃ-ସୌନ୍ଦର୍ଯ୍ୟର ଦୀପ୍ତିକୁ ପ୍ରକାଶ କରି ପାରିବ।

ତୁମେ ଅନ୍ତର ଭିତରୁ ନିଶ୍ଚିତ ରୂପେ କିଛି ନୂତନ ବସ୍ତୁସବୁକୁ ଆବିଷ୍କୃତ କରିବ ଏବଂ ପ୍ରକୃତ ଚେତନାର ସାହଚର୍ଯ୍ୟରେ ନୂତନ ବସ୍ତୁସବୁକୁ କାର୍ଯ୍ୟକାରୀ କରିବ। ଯାହାହେଉ, ଏଥିପାଇଁ ଅବିରତ ପ୍ରଚେଷ୍ଟା, ଧୈର୍ଯ୍ୟ ଓ ଅଧ୍ୟବସାୟ ଆବଶ୍ୟକ।

ଉଦାହରଣ ସ୍ୱରୂପ, ଗୋଟିଏ ବସ୍ତୁକୁ ନିଅ। ବିଭିନ୍ନ ମାର୍ଗରେ ଏବଂ ଶୈଳୀରେ ତଥା ରେଖାମାନଙ୍କ ମାଧ୍ୟମରେ ଏହାକୁ ତୁମେ ପ୍ରକାଶ କରିପାରିବ।

ଦେଖିବାକୁ ଗଲେ ଏଠାରେ ସେଭଳି ବସ୍ତୁର କିଛି ମୂଲ୍ୟ ନାହିଁ; ମୁଖ୍ୟ କଥା ହେଉଛି ତୁମେ ଏହାକୁ କିପରି ପେଣ୍ଟିଂ କରୁଛ। ୧୨.୫.୫୭

*ମା ଧ୍ୟାନସ୍ଥ ଅବସ୍ଥାକୁ ଅନୁପ୍ରବେଶ କରୁଥିଲେ, ମୁଁ ତାଙ୍କୁ ପଚାରିଲି : ''ମା, ଉଚ୍ଛୃଙ୍ଖଳଭାବେ ପଶି ଆସୁଥିବା ବିଭିନ୍ନ ଚିନ୍ତାକୁ କିପରି ରୋକାଯାଇ ପାରିବ ଏବଂ ଭଗବାନଙ୍କ ଉପରେ ଏକାଗ୍ର ହୋଇ ହେବ ?''*

*ମା'ଙ୍କର ଚକ୍ଷୁ ବିସ୍ଫାରିତ ହେଲା। ତାଙ୍କ ଓଷ୍ଠାଧରରେ ସ୍ମିତ ହାସ୍ୟଟିଏ ଖେଳିଗଲା। ସେ କହିଲେ :*

ବାସ୍ତବତଃ, ମନ ହେଉଛି ଏକ ଗୁଣ୍ଡୁଚି ମୂଷା ସଦୃଶ ଯାହାକି ଘୂର୍ଣ୍ଣାୟମାନ ପଞ୍ଜୁରି ଭିତରେ ଚକ୍ରାକାରରେ ଘୂରିବୁଲୁଛି। କିନ୍ତୁ ତୁମେ କପାଳର କେନ୍ଦ୍ରରେ ଥିବା ଏକ ବିନ୍ଦୁରେ ସମସ୍ତ ଚିନ୍ତାକୁ କେନ୍ଦ୍ରୀଭୂତ କରିବା ଉଚିତ, ତତ୍ପରେ ସେସବୁକୁ ହୃଦୟ ମଧ୍ୟକୁ ନେଇ ଆସ, ଆନ୍ତରମୁଖୀ ହୋଇ ହୃଦୟର

ଗଭୀରତା ମଧ୍ୟକୁ ପ୍ରବେଶ କର, ଯେପରିକି ଅଣଓସାରିଆ ଏକ କୂପ ମଧ୍ୟକୁ ପ୍ରବେଶ କରୁଛ । ତୁମକୁ ପାହାଚ ପରେ ପାହାଚ ଓହ୍ଲାଇ ଆସି ତଳକୁ ଯିବାକୁ ହେବ । ପ୍ରଥମେ ଅବଶ୍ୟ ତୁମେ ଉପରି ଭାଗରେ ଗତି କରିବ ଏବଂ ତତ୍ପରେ ଖୁବ୍ ଗଭୀରକୁ ଯିବ ଏବଂ ସେଠାରେ ତୁମେ ପ୍ରକୃତ ବସ୍ତୁ ପାଇପାରିବ ଓ ପ୍ରତ୍ୟେକ ବସ୍ତୁକୁ ତୁମ ଆନ୍ତର ଚକ୍ଷୁରେ ଦେଖି ପାରିବ ।

ସେଠାରେ ଅନ୍ୟ ଏକ ଉପାୟ ମଧ୍ୟ ରହିଛି । ଏହା ଏହିପରି : କଳ୍ପନା କର ତାହା (ହୃଦୟ) ଭିତରେ ଗୋଟିଏ କୋଠରି ଅଛି, ଯାହା ଭିତରକୁ ତୁମେ ଯାଇପାରିବ – ସେହି କୋଠରିର ଗୋଟିଏ ବାହ୍ୟ ଦ୍ୱାର ଅଛି, ଯାହା ଭିତର ଦେଇ ତୁମକୁ ନିଶ୍ଚୟ ଯିବାକୁହିଁ ହେବ ।

ଯେତେବେଳେ ମନ୍ଦ ପରାମର୍ଶସବୁ ଆସୁଛି ଏବଂ ତୁମକୁ ଆକ୍ରମଣ କରୁଛି ତୁମେ ତୁମର ଚିନ୍ତାସକଳକୁ ଠିକ୍ ଗୋଟିଏ କଇଁଛ ପରି ଭିତରକୁ ନେଇଯାଅ ।

ତୁମର ଆନ୍ତର ଚେତନାକୁ ଜାଗ୍ରତ କରିବା ଉଚିତ ଏବଂ ଚୈତ୍ୟ ଚେତନାର ସ୍ପର୍ଶ ଲାଭ କର । ତା'ପରେ ନିଃସନ୍ଦେହରେ ତୁମେ ଦିବ୍ୟ ସତ୍ୟକୁ ପାଇପାରିବ; ଅନ୍ୟଥା ବୁଝିବାକୁ ହେବ ଯେ ଦିବ୍ୟ ପରମଙ୍କୁ ପାଇବା ନିମନ୍ତେ ତୁମେ ଏପର୍ଯ୍ୟନ୍ତ ଆନ୍ତର ଯାତ୍ରା ଆରମ୍ଭ କରି ନାହଁ । ଏହା ସତ୍ତ୍ୱେ ଏହା ପ୍ରଭୂତ ପ୍ରଚେଷ୍ଟା ଆବଶ୍ୟକ କରେ – ଏହା ଗୋଟିଏ ଦିନରେ ଆସି ନପାରେ । ଏହା ବର୍ଷ ପରେ ବର୍ଷ ସମୟ ନିଏ ।

୧୬.୬.୫୭

ମଣିଷମାନେହିଁ ଜୀବନକୁ ଜଟିଳ କରି ପକାନ୍ତି ।

ଯାହା ଅନ୍ତର ଭିତରେ ରହିଛି ତାହା ଖୁବ୍ ବଳିଷ୍ଠ, ଦୀପ୍ତିମାନ୍ ଓ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ । ବାହ୍ୟସତ୍ତା ବହୁ ପରିମାଣରେ ତ୍ରୁଟିପୂର୍ଣ୍ଣ ଏବଂ ଏହାର ଅନେକ ଛିଦ୍ର ରହିଛି । ସମଗ୍ର ପ୍ରକୃତିରେ ପୂର୍ଣ୍ଣତାର ପ୍ରତିଷ୍ଠା ନିମନ୍ତେ କାର୍ଯ୍ୟ କରିବା ପାଇଁ ଆନ୍ତରସତ୍ତା ନିଶ୍ଚିତ ରୂପେ ବାହାରକୁ ଆସିବା ଆବଶ୍ୟକ । ଅନ୍ତରର ଗଭୀରତା ମଧ୍ୟରେ ଦିବ୍ୟସତ୍ୟର ବୀଜ ରହିଛି । ଅନ୍ତରରୁ ଦିବ୍ୟ ସତ୍ୟର ସୌନ୍ଦର୍ଯ୍ୟ ଯେତେବେଳେ ବାହାରକୁ ଆସିବ ସେତେବେଳେ ଜୀବନରେ ଦିବ୍ୟ ସୁଖ, ଦିବ୍ୟ ଆନନ୍ଦ ମିଳିବ । ବାହ୍ୟ ସତ୍ତାରେ ମଧ୍ୟ ଅନେକ ଉତ୍ତମ ଗୁଣର ବୀଜ ରହିଛି । ତେଣୁ ବାହ୍ୟ ସତ୍ତା ନିଶ୍ଚିତ ରୂପେ ଆନ୍ତର ସତ୍ତାକୁ ସହଯୋଗ କରିବା ଉଚିତ ।

ଉଦାହରଣ ସ୍ୱରୂପ, ଜଣେ ବ୍ୟକ୍ତି ଅନ୍ତରରେ ଖୁବ୍ ସତ୍ୟନିଷ୍ଠ – ତାହା ହେଉଛି ଭଗବାନଙ୍କ ପ୍ରତି ନିଷ୍ଠାପରତା – ମାତ୍ର ବାହ୍ୟ ଜୀବନରେ ସେ ଜଣେ ମିଥ୍ୟାବାଦୀ – ତାହା ହେଉଛି ସାଧାରଣ ପୃଥିବୀ ପାଇଁ । କିନ୍ତୁ ସତ୍ୟ ନିଶ୍ଚିତ ରୂପେ ପ୍ରକାଶିତ ହେବ ଏବଂ ସମଗ୍ର ସତ୍ତାକୁ ଆଚ୍ଛାଦିତ କରିବ – ଏଥିପାଇଁ ସେ ଆସ୍ପୃହା କରିବା ଏବଂ ଭଗବାନଙ୍କୁ ନିରବଚ୍ଛିନ୍ନ ଭାବେ ପ୍ରାର୍ଥନା କରିବା ଆବଶ୍ୟକ । ପ୍ରାର୍ଥନା ଏବଂ ଆସ୍ପୃହା ପାଇଁ ନିର୍ଦ୍ଦିଷ୍ଟ ବା ସ୍ୱତନ୍ତ୍ର ପଦ୍ଧତି କିଛି ନାହିଁ କିଂବା ଉପରଠାଉରିଆ ବାହ୍ୟ ଜ୍ଞାନର ଆବଶ୍ୟକତା ମଧ୍ୟ ନାହିଁ । ଏହା ସ୍ୱତଃସ୍ଫୂର୍ତ୍ତଭାବେ ଅନ୍ତରରୁ ଆସିବ ଏବଂ ବାହ୍ୟ ସତ୍ତାକୁ ଅଧିକାର କରିବ : ତତ୍ପରେ ସ୍ୱାଭାବିକ ଭାବେ ସବୁ କିଛି ସହଜ ଓ ଚମତ୍କାର ହୋଇଉଠିବ ।

୫.୭.୫୭

ଆତ୍ମା ହେଉଛନ୍ତି ଦିବ୍ୟ ପରମଙ୍କ ମନ୍ଦିର ।

୨୪.୭.୫୭

ଲୋକମାନେ ଯେତେବେଳେ ସେମାନଙ୍କର ଜୀବନକୁ ଶେଷ କରିଦେବାକୁ ଚାହାନ୍ତି, ସେମାନେ ଠିକ୍ କାର୍ଯ୍ୟ କରନ୍ତି ନାହିଁ । କାରଣ, ସେମାନେ ଯେତେବେଳେ ମୃତ୍ୟୁବରଣ କରନ୍ତି, ସେମାନଙ୍କର ଜୀବନ ଓ ଚେତନାର ଅନ୍ତ ହୁଏ ନାହିଁ । ଅବଶ୍ୟ ଶରୀରଟି ମୃତ୍ୟୁବରଣ କରେ । କିନ୍ତୁ ଭୌତିକ ପ୍ରାଣ, ନିମ୍ନ ମନ ଏବଂ ସେସବୁର ଆବେଗ (emotions), ଇନ୍ଦ୍ରିୟାନୁଭୂତି (sensations), କାମନାସକଳ – ସମସ୍ତ ନିମ୍ନ ବସ୍ତୁଗୁଡ଼ିକ ଯଥାପୂର୍ବ ଅବସ୍ଥାରେ ରହିଥା'ନ୍ତି । ଶରୀର ହେଉଛି ସମସ୍ତ ମନ୍ଦ ବସ୍ତୁଗୁଡ଼ିକର ବିରୋଧରେ ଯଥାର୍ଥ ପ୍ରତିରୋଧକ କାରଣ ତା' ଭିତରେ ଚୈତ୍ୟସତ୍ତା ରହିଛନ୍ତି । ମୃତ୍ୟୁ ସମୟରେ ଲୋକେ ସୂକ୍ଷ୍ମ ଓ ନିମ୍ନବସ୍ତୁଗୁଡ଼ିକ ସମ୍ପର୍କରେ ଅଧିକ ସଚେତନ ହୁଅନ୍ତି ।

ଉଦାହରଣ ସ୍ୱରୂପ, ଲୋକମାନେ ଯେତେବେଳେ ଦୁଃସ୍ୱପ୍ନମାନ ଦେଖନ୍ତି, ସେମାନେ ଭୟଙ୍କର ବସ୍ତୁଗୁଡ଼ିକୁ ଦେଖନ୍ତି ଓ ଅନୁଭବ କରନ୍ତି । ସେହି ଦୁଃସ୍ୱପ୍ନଗୁଡ଼ିକ ଯେତେବେଳେ ଅତି ଭୟଙ୍କର ହୁଏ ଏବଂ ଲୋକେ ସେଗୁଡ଼ିକୁ ସହ୍ୟ କରିପାରନ୍ତି ନାହିଁ ବା ଦେଖି ପାରନ୍ତି ନାହିଁ, ସଙ୍ଗେ ସଙ୍ଗେ ସେମାନେ ଜାଗ୍ରତ୍ ହୋଇ ଯାଆନ୍ତି ଏବଂ ପାର୍ଥିବ ଶରୀରକୁ ପ୍ରବେଶ କରି ଯାଆନ୍ତି ଏବଂ ସେମାନଙ୍କର କିଛି କ୍ଷତି ହୁଏ ନାହିଁ । ଯେତେବେଳେ ସେମାନେ ଶରୀର ତ୍ୟାଗ କରନ୍ତି ସେତେବେଳେ ସେମାନେ କୌଣସି ସୁରକ୍ଷା ପାଇପାରନ୍ତି ନାହିଁ । ଏଣୁ ସେମାନେ ଭୟଙ୍କର ଭାବେ ଦୁଃଖ ଭୋଗନ୍ତି, କାରଣ ଏହି ଭୌତିକ ପ୍ରାଣ ଓ ନିମ୍ନ ମନର ପାର୍ଥିବ ଜଗତରେ ଅବର୍ଣ୍ଣନୀୟ

ଦୁଃଖ, ଦାରୁଣ ଯନ୍ତ୍ରଣା ଓ ଗତିବିଧିମାନ ରହିଥାଏ । ତେଣୁ ଲୋକମାନେ ଏହି ଜଗତରୁ କୌଣସି ସୁରକ୍ଷା ପାଇ ପାରନ୍ତି ନାହିଁ ।

ଲୋକମାନେ ଭୟଙ୍କର ଭାବେ ମୃତ୍ୟୁକୁ ଭୟ କରନ୍ତି, ତଥାପି ସେମାନେ ମରିଯିବା କଥା ଭାବନ୍ତି । କିନ୍ତୁ ଏହା ବିଜ୍ଞତା ନୁହେଁ । ସେମାନଙ୍କର ଏହି ଧାରଣା ଥାଏ ଯେ ମୃତ୍ୟୁ ପରେ ସମସ୍ତ କଷ୍ଟରୁ ରକ୍ଷା ପାଇଯିବେ ଏବଂ ଶାନ୍ତି ପାଇବେ; ମାତ୍ର ଏହା ସତ୍ୟ ନୁହେଁ । ବାସ୍ତବତଃ, ଯେତେବେଳେ ମୃତ୍ୟୁ ଆସେ ସେ ସମୟରେ ବ୍ୟକ୍ତି ସର୍ବଦା ଆତ୍ମ-ସଚେତନା ରହିବା ଉଚିତ; ଯଦି ଏହି ପ୍ରକାରର ପରିବେଶରେ ସେମାନେ ଶରୀର ତ୍ୟାଗ କରନ୍ତି, ସ୍ୱାଭାବିକ ଭାବରେ ସେମାନଙ୍କର ଆତ୍ମା ଚମତ୍କାର ଭାବେ ପରମ ଶାନ୍ତିରେ ବିଶ୍ରାମ ନିଏ ।

ଅବଶ୍ୟ ଧ୍ୟାନ, ଏକାଗ୍ରତା, ଭକ୍ତି, ଆସ୍ପୃହା, ପୂଜାର୍ଚ୍ଚନା, ଭଗବତ୍ ପ୍ରେମ ଏବଂ ଭଗବତ୍ ବିଶ୍ୱାସ ଦ୍ୱାରା ଲୋକମାନେ ଆତ୍ମ ସଚେତନ ହୁଅନ୍ତି ଏବଂ ମୃତ୍ୟୁ ପରେ ମଧ୍ୟ ସେମାନେ ସେହି ଚେତନାରେ ରୁହନ୍ତି, ତେବେ ସେମାନଙ୍କର ଆତ୍ମା ସମସ୍ତ ଭୟରୁ ରକ୍ଷା ପାଏ ।

ଯେତେବେଳେ ବିଭିନ୍ନ ଅଭିଜ୍ଞତା ଏବଂ ପୂର୍ଣ୍ଣତା ପ୍ରାପ୍ତି ନିମିତ୍ତ ଚୈତ୍ୟସତ୍ତା ଜନ୍ମନେବା ପାଇଁ ସିଦ୍ଧାନ୍ତ ନିଅନ୍ତି ସେତେବେଳେ ସେ ଦିବ୍ୟ ଶାନ୍ତିରେ ବିଶ୍ରାମ ନିଅନ୍ତି । ମାତ୍ର ଏହି ଶାନ୍ତି ଆସେ ଯେତେବେଳେ ଲୋକେ ଦିବ୍ୟ ପରମଙ୍କ ନିକଟରେ ସମର୍ପିତ ହୁଅନ୍ତି । ଅବଶ୍ୟ ବିରୋଧିଶକ୍ତିଗୁଡ଼ିକର ପରାମର୍ଶ ସର୍ବଦା ଆସିବ, କାରଣ ସଇତାନ ଖାଦ୍ୟ ଚାହେଁ ଏବଂ ସେଥିପାଇଁ ସେ ଦୁଷ୍ଟାମି କରିବାକୁ ଭଲପାଏ – ତଦୂରେ ସେ ଲୋକଙ୍କ ପ୍ରାଣ ସତ୍ତାକୁ ଗ୍ରାସ କରେ – କେବଳ ସେତିକି ନୁହେଁ, ସେହି ଭୟଙ୍କର ଜଗତରେ ଆହୁରି ନିକୃଷ୍ଟତମ କଥା ରହିଛି – ଯାହା ଅତ୍ୟନ୍ତ ଅପ୍ରୀତିକର, ଅଶ୍ଳୀଳ, ଅସୁନ୍ଦର, ଭୟପ୍ରଦ ଓ ହିଂସ୍ର । ମାତ୍ର ଏଠାରେ – ଏହି ପୃଥିବୀରେ ଲୋକଙ୍କର କଷ୍ଟ ଓ ଦାରୁଣ ଯନ୍ତ୍ରଣା ରହିଛି । ସେମାନଙ୍କର ଶରୀର ଯନ୍ତ୍ରଣା ପାଏ କିନ୍ତୁ ଏହା ସେହି ଅସୁନ୍ଦର ଜଗତର ଭୟାବହତା ଠାରୁ ଅନେକ ଉତ୍ତମ ।

ଲୋକଙ୍କର ଯେପର୍ଯ୍ୟନ୍ତ ପାର୍ଥିବ ଶରୀର ରହିଛି, ସେମାନେ ଯାହା ଇଚ୍ଛା ତାହା କରି ପାରନ୍ତି, ମାତ୍ର ଅବଶ୍ୟ ସେଥିରେ ଗୋଟିଏ ସର୍ତ୍ତ ଅଛି : ସେମାନେ ନିଶ୍ଚିତ ଭାବେ ଦିବ୍ୟ ପରମଙ୍କ ନିକଟରେ ସମର୍ପଣ କରିବା ଆବଶ୍ୟକ ଏବଂ ପରମପ୍ରଭୁ ତାଙ୍କ ନିଜ ଇଚ୍ଛାରେ ଯାହା କରିବାକୁ ଚାହିଁବେ ସେପରି କରିବେ ।

ଯେତେବେଳେ ଲୋକମାନେ ମନ ଓ ପ୍ରାଣର ଅଜ୍ଞତା ଯୋଗୁଁ ବିଦ୍ରୋହ କରନ୍ତି, ପ୍ରତିକ୍ରିୟା ପ୍ରକାଶ କରନ୍ତି ଏବଂ ଶେଷରେ ଚିନ୍ତା କରନ୍ତି ଜୀବନକୁ ଶେଷ କରି ଦେବାକୁ – ଏହା ଆଉ କିଛି ନୁହେଁ, ଏହା ସବୁଠାରୁ ବଡ଼ ଅଜ୍ଞତା ଓ ନିର୍ବୋଧ କାର୍ଯ୍ୟ । ସ୍ୱାଭାବିକ ଭାବେ ସେମାନେ ପ୍ରକୃତି ଓ ସର୍ବୋଚ୍ଚ ବିଧି ବିରୋଧରେ ସଂଗ୍ରାମ କରନ୍ତି ।

ପ୍ରତ୍ୟେକ ବ୍ୟକ୍ତିଙ୍କର ଗୋଟିଏ ସଂକଳ୍ପ ଶକ୍ତି ଅଛି; କିନ୍ତୁ ଏହାର ଅର୍ଥ ନୁହେଁ ଯେ ସେମାନେ ଏହାକୁ ଭୁଲ୍ ବାଟରେ ପରିଚାଳିତ କରିବେ; ଅପରପକ୍ଷରେ ସେମାନେ ଏହାକୁ (ଇଚ୍ଛା ଶକ୍ତିକୁ) ଠିକ୍ ମାର୍ଗରେ ପରିଚାଳିତ କରିବା ଉଚିତ ଏବଂ ଦିବ୍ୟ ପରମଙ୍କ ନିକଟରୁ ଯାହା ଆସିଥାଏ ତାକୁ ଆନନ୍ଦର ସହ ଗ୍ରହଣ କରିବା ଉଚିତ ।

ସେମାନେ ମୃତ୍ୟୁ ସମ୍ପର୍କରେ ଚିନ୍ତା କରିବେ ନାହିଁ । କିନ୍ତୁ ଯଦି ଏହା ଆସେ, ଆଦୌ ତାକୁ ଭୟ କରିବେ ନାହିଁ । ଯଦି ସେମାନେ ଆତ୍ମା ସମ୍ପର୍କରେ ସଚେତ ଥାଆନ୍ତି ଏବଂ ଆତ୍ମାର ଚେତନାରେ ରହିଥା'ନ୍ତି, ମୃତ୍ୟୁ ଆସିବା ସମୟରେ ସେମାନେ କିଛି ବି ଅନୁଭବ କରନ୍ତି ନାହିଁ । ମାତ୍ର ସେମାନେ ଯେତେବେଳେ ବିଚଳିତ, ବିକ୍ଷୁବ୍ଧ ଏବଂ ଆତ୍ମା ସମ୍ପର୍କରେ ସଚେତନ ନଥା'ନ୍ତି, ସେମାନେ ମୃତ୍ୟୁ ପରେ ବି ସର୍ବଦା ଅସୁଖୀ ରହନ୍ତି ।

ସମସ୍ତ କଦାକାର ବସ୍ତୁର ପୂର୍ଣ୍ଣ ରକ୍ଷାକବଚ ହେଉଛି ଶରୀର । ମାତ୍ର ଲୋକେ ଯଦି ଆତ୍ମହତ୍ୟା କରିବାକୁ ଚେଷ୍ଟା କରନ୍ତି, ସେମାନେ କୌଣସି ସୁରକ୍ଷା ପାଆନ୍ତି ନାହିଁ ଏବଂ ସେମାନଙ୍କର ଦୁଃଖର ସୀମା ନଥାଏ – ଏବଂ ସେହି ଦୁର୍ଦ୍ଦଶାରୁ ବାହାରି ଆସିବା ପାଇଁ କୌଣସି ସୁଯୋଗ ମଧ୍ୟ ନଥାଏ । ଉଦାହରଣ ସ୍ୱରୂପ, ଲୋକେ ଯଦି ସେମାନଙ୍କର ଦେହର ଚମଡାକୁ ଛାଲି ଦିଅନ୍ତି, ସେମାନେ କିଭଳି ଅନୁଭବ କରିବେ ? – ଶରୀରରୁ ବାହାରି ଆସିବା ପରେ ସେମାନେ ଠିକ୍ ସେହିଭଳି ଅନୁଭବ କରିବେ ।

ଲୋକେ ଭଗବାନଙ୍କ ଇଚ୍ଛା ଏବଂ କାର୍ଯ୍ୟ ବିରୋଧରେ ଯିବା ଉଚିତ ନୁହେଁ ।

୨୯.୭.୫୭

କ୍ରମଶଃ ଆମର ସ୍ୱପ୍ନସବୁ ଠିକ୍ ହୁଏ । ଏପରି ଜଣେ ବି

ଲୋକ ନାହାନ୍ତି, ଯେଉଁମାନେ ସ୍ୱପ୍ନ ଦେଖନ୍ତି ନାହିଁ। ପ୍ରାତଃକାଳର ସ୍ୱପ୍ନଗୁଡ଼ିକ ଅଧିକ ସଚେତନ ।

ଯେତେବେଳେ ଜଣେ ବ୍ୟକ୍ତି ସଚେତନ ଥାଏ ଏବଂ 'ସତ୍-ଚିତ୍-ଆନନ୍ଦ' ମଧ୍ୟକୁ ପ୍ରବେଶ କରେ, ତତ୍କ୍ଷଣାତ୍ ସେ ବିଶ୍ରାମ ପାଇଯାଏ ଏବଂ ସେତେବେଳେ ଘଣ୍ଟାଏ କି ଦୁଇଘଣ୍ଟା ବିଶ୍ରାମ ତା' ପାଇଁ ଯଥେଷ୍ଟ ହୋଇଥାଏ । ମାତ୍ର ଯେତେବେଳେ ଜଣେ ବ୍ୟକ୍ତି ସଚେତନ ନଥାଏ, ସେ ବହୁତ ଘଣ୍ଟା ଧରି ମଧ୍ୟ ବିଶ୍ରାମ ପାଏ ନାହିଁ ।

ଶ୍ରୀଅରବିନ୍ଦ କହିଛନ୍ତି, ହୃଦୟରେ ଥରେ ଶାନ୍ତି ପ୍ରତିଷ୍ଠା ହୋଇଗଲେ ଏବଂ ସମଗ୍ର ସତ୍ତାରେ ନିରବତା ବ୍ୟାପିଗଲେ, ବ୍ୟକ୍ତି ନିଜକୁ ସହଜ କରିଦେଇ ପାରେ ଏବଂ ହୃଦୟରେ ମଧ୍ୟ ସେ ଏକ ପ୍ରକାର ମଧୁରତା ଏବଂ ଉଷ୍ଣତା ଅନୁଭବ କରେ ।

ଏଥିପାଇଁ ଅନେକ ଉପାୟ ମଧ୍ୟରୁ ଧ୍ୟାନ ଗୋଟିଏ ଉପାୟ ।

୬.୮.୫୭

(କ୍ରମଶଃ)

ଅନୁବାଦକ : ଇନ୍ଦୁମାଧବ ମହାନ୍ତି

❑❑❑


"In the sincerity of our trust lies the certitude of our victory."

*(MCW, Vol 15, page 82)* - The Mother

**Collected Works of the Mother 17 Vols. (CR) (PB)** **– Rs. 3500**

**The Great Adventure - A Diary for all times: (New Revised Edition)** **– Rs. 400**

**Ideal Child, Ideal Parent, Ideal Teacher (3in1) Booklet** **– Rs. 75**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***)** **– Rs. 50**

**125 Drops of Nectar – Daily Quotations by the Divine Mother and Lord Sri Aurobindo** **– Rs. 150**

**VAK** - ***The Spiritual Book Shop***, Pondicherry - 605 001

E-mail: vakbooks@gmail.com, Contact No. : +91 9489063512, website: www.vakbooks.in

# ସ୍ୱାମୀ ବିବେକାନନ୍ଦଙ୍କ ସ୍ମରଣେ

**(୧୨ ଜାନୁଆରୀ, ୧୮୬୩ – ୪ ଜୁଲାଇ, ୧୯୦୨)**

ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମବାସରରେ ତାଙ୍କ ସମ୍ବନ୍ଧରେ ପଦେଅଧେ :

ମନୋଜ ଦାସଙ୍କ ଉକ୍ତିରେ : ''ବିବେକାନନ୍ଦଙ୍କ ଜୀବନକାଳ ଚାଳିଶ ବର୍ଷରୁ ମଧ କମ୍। ଅଥଚ ଊନବିଂଶ ଶତାବ୍ଦୀର ଭାରତବର୍ଷର ଆଧ୍ୟାତ୍ମିକ, ସାମାଜିକ ଏବଂ ଶିକ୍ଷାଗତ ଇତିହାସରେ ତାଙ୍କ ଭୂମିକାର ପଟାନ୍ତର ନାହିଁ। ଜୀବନକାଳର ଦୈର୍ଘ୍ୟ ନୁହେଁ, ଚେତନାର ସ୍ତର ଏବଂ ସମୟର ଉପଯୋଗହିଁ ଜଣକର ଜୀବନକୁ ତାତ୍ପର୍ଯ୍ୟପୂର୍ଣ୍ଣ କରେ – ତତ୍ତ୍ୱ ଭାବରେ ଏ ସତ୍ୟ ଆମ ସମସ୍ତଙ୍କୁ ଜଣା। କିନ୍ତୁ ଏ ତାତ୍ତ୍ୱିକ ସତ୍ୟକୁ ନିଜ ଜୀବନରେ ସମ୍ପୂର୍ଣ୍ଣ ରୂପାୟିତ କରିବାର ଦୃଷ୍ଟାନ୍ତ ବିରଳ।

''... (ତାଙ୍କର) ସାଧନା ସଙ୍ଗେ ସଙ୍ଗେ ସଙ୍ଗଠନ ଯୋଗ ଓ ଦର୍ଶନର ବ୍ୟାଖ୍ୟା ସମ୍ବଳିତ ଅମୂଲ୍ୟ ରଚନା ସଙ୍ଗେ ସଙ୍ଗେ ମୌଖିକ ଭାବେ ଭାରତର ଆଧ୍ୟାତ୍ମିକ ଐଶ୍ୱର୍ଯ୍ୟର ହୃଦୟଗ୍ରାହୀ ପରିବେଷଣ ଦ୍ୱାରା ପାଶ୍ଚାତ୍ୟ-ମନୀଷାକୁ ଚମକାଇ ଦେବା ସଙ୍ଗେ ସଙ୍ଗେ ଅଳସ ଓ ଅଚେତନ ସ୍ୱଦେଶବାସୀଙ୍କୁ ମଧ ଜଗାଇ ଦେବା – ଏମନ୍ତ ପ୍ରତିଭାର ମାମୁଲି ମନସ୍ତାତ୍ତ୍ୱିକ ମୂଲ୍ୟାୟନ ସମ୍ଭବ ନୁହେଁ। କିନ୍ତୁ ଆମେ ଯଦି ତାଙ୍କ ଜନ୍ମ-ରହସ୍ୟ ମନେ ପକାଇବା ତେବେ ଆଧ୍ୟାତ୍ମିକ ଆଲୋକରେ ସେହି ମୂଲ୍ୟାୟନ ସହଜ ହୋଇଯିବ।''

ଦିନେ କଥା ପ୍ରସଙ୍ଗରେ ଶ୍ରୀରାମକୃଷ୍ଣ ସେହି ରହସ୍ୟ ପ୍ରକଟ କରିବା ଉଦ୍ଦେଶ୍ୟରେ ନିଜର ଏକ ସୂକ୍ଷ୍ମ-ଦର୍ଶନର ବର୍ଣ୍ଣନା ଏହିପରି କରିଥିଲେ :

''ଦିନେ ଦେଖିଲି, ମୋର ମନ ସମାଧି ଅବସ୍ଥାରେ ଜ୍ୟୋତିର୍ମୟ ପଥ ଧରି ଊର୍ଦ୍ଧ୍ୱକୁ ଉଠିଗଲା। ଚନ୍ଦ୍ର, ସୂର୍ଯ୍ୟ, ତାରକାମଣ୍ଡିତ ସ୍ଥୂଳଜଗତକୁ ସହଜରେ ଅତିକ୍ରମ କରି ଏହା ପ୍ରଥମେ ସୂକ୍ଷ୍ମ-ଭାବଜଗତରେ ପ୍ରବେଶ କଲା। ଏହି ରାଜ୍ୟର ଉଚ୍ଚରୁ ଉଚ୍ଚତର ସ୍ତରସମୂହରେ ଏହା ଯେତେ ଯେତେ ଆରୋହଣ କରୁଥିଲା, ସେତେହିଁ ନାନା ଦେବଦେବୀଙ୍କର ଭାବଘନ ବିଚିତ୍ର ମୂର୍ତ୍ତିସମୂହ ପଥର ଦୁଇ ପାର୍ଶ୍ୱରେ ଅବସ୍ଥିତ ଥିବାର ମୁଁ ଦେଖିବାକୁ ପାଉଥିଲି। ଏହି ରାଜ୍ୟର ଚରମ ସୀମାରେ ଏହା ଆସି ଉପସ୍ଥିତ ହେଲା। ସେଠାରେ ଦେଖିଲି, ଏକ ଜ୍ୟୋତିର୍ମୟ ବ୍ୟବଧାନ (ରେଖା) ପ୍ରସାରିତ ହୋଇ ଖଣ୍ଡ ଓ ଅଖଣ୍ଡର ରାଜ୍ୟକୁ (ଦ୍ୱୈତ ଓ ଅଦ୍ୱୈତର ରାଜ୍ୟକୁ) ପୃଥକ୍ କରି ରଖିଛି। ଉକ୍ତ ବ୍ୟବଧାନ ଉଲ୍ଲଙ୍ଘନ କରି ମନ କ୍ରମେ ଅଖଣ୍ଡର ରାଜ୍ୟରେ ପ୍ରବେଶ କଲା; ଦେଖିଲି, ସେଠାରେ ମୂର୍ତ୍ତିବିଶିଷ୍ଟ କେହି ବା କିଛି ବି ଆଉ ନାହିଁ; ଦିବ୍ୟ ଦେହଧାରୀ ଦେବଦେବୀସକଳ ପର୍ଯ୍ୟନ୍ତ ଯେମିତି ଏଠାରେ ପ୍ରବେଶ କରିବାକୁ ଶଙ୍କିତ ହୋଇ ବହୁ ଦୂରରେ ନିମ୍ନରେ ନିଜ ନିଜ ଅଧିକାର ବିସ୍ତୃତ କରି ରହି ଅଛନ୍ତି। କିନ୍ତୁ ପରକ୍ଷଣରେ ଦେଖିବାକୁ ପାଇଲି ଦିବ୍ୟଜ୍ୟୋତିଃ ଘନତନୁ ସାତ ଜଣ ପ୍ରବୀଣ ଋଷି ସେଠାରେ ସମାଧିସ୍ଥ ହୋଇ ବସି ରହିଛନ୍ତି। ବୁଝିଲି, ଜ୍ଞାନ ଓ ପୁଣ୍ୟରେ, ତ୍ୟାଗ ଓ ପ୍ରେମରେ ଏମାନେ ମନୁଷ୍ୟ ତ ଦୂରର କଥା; ଦେବଦେବୀମାନଙ୍କୁ ବି ଅତିକ୍ରମ କରି ଅଛନ୍ତି। ବିସ୍ମିତ ହୋଇ ଏମାନଙ୍କର ମହତ୍ତ୍ୱ କଥା ଚିନ୍ତା କରୁଥିଲି, ଠିକ୍ ଏହି ସମୟରେ ଦେଖିଲି, ସମ୍ମୁଖର ସେଇ ଅଖଣ୍ଡ ଲୋକର ଭେଦମାତ୍ର ବିରହିତ, ଆନନ୍ଦଘନ ଜ୍ୟୋତିର୍ମଣ୍ଡଳର ଏକାଂଶ ଘନୀଭୂତ ହୋଇ ଏକ ଦିବ୍ୟ ଶିଶୁର ରୂପ ନେଲା। ଏହି ଦେବଶିଶୁ ସେହି ଋଷିଗଣଙ୍କ ଭିତରୁ ଜଣଙ୍କ ନିକଟକୁ ଅବତରଣପୂର୍ବକ ନିଜର ଅପୂର୍ବ ସୁଲଳିତ ବାହୁଯୁଗଳ ଦ୍ୱାରା ତାଙ୍କର କଣ୍ଠ ଦେଶକୁ ପ୍ରେମରେ ଆବଦ୍ଧ କଲା। ପରେ ବୀଣାନିନ୍ଦିତ ନିଜ ଅମୃତମୟୀ ବାଣୀ ଦ୍ୱାରା ସାଦରେ ଆହ୍ୱାନପୂର୍ବକ ସମାଧିସ୍ଥ ଅବସ୍ଥାରୁ ସେହି ଋଷି(ପ୍ରବୁଦ୍ଧ)ଙ୍କୁ ଜାଗ୍ରତ୍ କରିବାକୁ ଅଶେଷ ପ୍ରଯତ୍ନ କରିବାକୁ ଲାଗିଲା। ସୁକୋମଳ ପ୍ରେମ ସ୍ପର୍ଶରେ ଋଷି ସମାଧିସ୍ଥ ଅବସ୍ଥାରୁ ଜାଗି ଉଠିଲେ ଏବଂ ଅର୍ଦ୍ଧସ୍ତିମିତ ନିର୍ନିମେଷ ନୟନରେ ସେଇ ଅପୂର୍ବ ବାଳକକୁ ନିରୀକ୍ଷଣ କରିବାକୁ ଲାଗିଲେ। ତାଙ୍କ ମୁଖମଣ୍ଡଳର ପ୍ରସନ୍ନୋଜ୍ଜ୍ୱଳଭାବ ଦେଖି ମନେ ହେଲା, ବାଳକଟି ଯେପରି ତାଙ୍କର ବହୁକାଳର ପୂର୍ବପରିଚିତ ହୃଦୟର ଗଣ୍ଠିଧନ। ଅଦ୍ଭୁତ ଦେବଶିଶୁଟି ତା'ପରେ ଅସୀମ ଆନନ୍ଦ ପ୍ରକାଶପୂର୍ବକ ତାଙ୍କୁ କହିବାକୁ ଲାଗିଲା, 'ମୁଁ ନିମ୍ନକୁ ଯାଉଛି, ତୁମକୁ ବି ଯିବାକୁ ହେବ।' ପିଲାଟିର ଏଇଭଳି ଅନୁରୋଧରେ ଋଷି କୌଣସି କଥା ନକହିଲେ ବି ତାଙ୍କର ପ୍ରେମପୂର୍ଣ୍ଣ ନୟନଯୁଗଳ ତାଙ୍କ ଅନ୍ତରର ସମ୍ମତି ବ୍ୟକ୍ତ କଲା। ପରେ ଠିକ୍ ସେମିତି ସପ୍ରେମ

ଦୃଷ୍ଟିରେ ବାଳକକୁ କିଛି କ୍ଷଣ ଚାହିଁ ରହିଥିବା ଅବସ୍ଥାରେ ସେ ପୁଣି ସମାଧିସ୍ଥ ହୋଇ ପଡ଼ିଲେ । ତା'ପରେ ମୁଁ ବିସ୍ମିତ ହୋଇ ଦେଖିଲି, ତାଙ୍କରହିଁ ଶରୀର ଓ ମନର ଏକ ଅଂଶ ଉଜ୍ଜ୍ୱଳ ଜ୍ୟୋତିର୍ପୁଞ୍ଜର ଆକାର ଧାରଣ କରି ବିପରୀତ ମାର୍ଗରେ ଧରାଧାମରେ ଅବତରଣ କଲା । ନରେନ୍ଦ୍ରକୁ ଦେଖିବା ମାତ୍ରେ ବୁଝି ପାରିଥିଲି ଯେ ଇଏ ସେଇ ଋଷି ।''

ଆଉ ଏଇ ଦେବଶିଶୁଟି ? ଶିଶୁଟି ଥିଲେ ସ୍ୱୟଂ ଶ୍ରୀରାମକୃଷ୍ଣ !

ଶ୍ରୀରାମକୃଷ୍ଣଙ୍କ ଶିଶୁରୂପୀ ଆତ୍ମ-ସତ୍ତାର ନିମନ୍ତ୍ରଣ କ୍ରମେ ଏକ ମୁକ୍ତ, ମୋକ୍ଷପ୍ରାପ୍ତ ଆତ୍ମା ବିବେକାନନ୍ଦ ଧରାପୃଷ୍ଠରେ ଅବତୀର୍ଣ୍ଣ ହୋଇଥିଲେ – ୧୨ ଜାନୁଆରୀ, ୧୮୬୩ ମସିହାରେ । ଏବଂ ଧରାପୃଷ୍ଠରେ ଶ୍ରୀରାମକୃଷ୍ଣଙ୍କର ଆବିର୍ଭାବ ହୋଇଥିଲା – ୧୮ ଫେବ୍ରୁଆରୀ, ୧୮୩୬ରେ । ବିବେକାନନ୍ଦଙ୍କ ସଦୃଶ ତାଙ୍କର ଜୀବନ-କାଳ ମଧ୍ୟ ଥିଲା ମାତ୍ର ପଚାଶ ବର୍ଷ । ତାଙ୍କ କରୁଣାର ଏକ ବିଶେଷ ଦିଗକୁ କାର୍ଯ୍ୟକାରୀ କରିଥିଲେ ବିବେକାନନ୍ଦ – ଆଧ୍ୟାତ୍ମିକ ଉତ୍ସାହ ଓ ପ୍ରେରଣା ମାଧ୍ୟମରେ ମାନବ ସମାଜକୁ ଆଲୋକିତ ଓ ଉନ୍ନତ କରିବା ଥିଲା ସେହି ବିଶେଷ ଦିଗଟିର ପରିଚୟ ଓ ଭୂମିକା ।

ଶ୍ରୀରାମକୃଷ୍ଣଙ୍କ ସହିତ ବିବେକାନନ୍ଦଙ୍କର ଭୌତିକ ଜଗତରେ ପ୍ରଥମ ସାକ୍ଷାତ୍ ହୁଏ ୧୮୮୧ର ନଭେମ୍ବର ମାସରେ । ଏବଂ ୧୬ ଅଗଷ୍ଟ ୧୮୮୬ରେ ଶ୍ରୀରାମକୃଷ୍ଣ ତାଙ୍କର ମରଶରୀର ତ୍ୟାଗର ଅବ୍ୟବହିତ ପୂର୍ବରୁ ଦିନେ ଏକାନ୍ତରେ ବିବେକାନନ୍ଦଙ୍କୁ ଡାକି କହିଥିଲେ : ''ଆଜ୍ ତୋକେ ଆମାର୍ ସର୍ବସ୍ୱ ଦିୟେ ଫକିର୍ ହଲାମ୍ ।'' ଏହାର ମର୍ମାର୍ଥ ଏହିପରି : ଗୁରୁଦେବ ତାଙ୍କ ମଧ୍ୟରେ ଚିରଦିନ ସମାହିତ ହୋଇ ରହିବେ ।

ଶ୍ରୀରାମକୃଷ୍ଣ ଓ ବିବେକାନନ୍ଦଙ୍କ ସମ୍ବନ୍ଧରେ ଶ୍ରୀଅରବିନ୍ଦ ଉଲ୍ଲେଖ କରିଛନ୍ତି :

"What was Ramakrishna? God manifest in a human being; but behind there is God in His infinite impersonality and His universal Personality. And what was Vivekananda? A radiant glance from the eye of Shiva; but behind him is the divine gaze from which he came and Shiva himself and Brahma and Vishnu and OM all-exceeding."

(C.W.S.A , Vol. 12, p. 442 - 43)

ଅର୍ଥାତ୍, ''ରାମକୃଷ୍ଣ କ'ଣ ଥିଲେ ? ଏକ ମାନବ-ଆଧାରରେ ଭଗବାନଙ୍କର ଆବିର୍ଭାବ; କିନ୍ତୁ ତାଙ୍କ ପଶ୍ଚାତରେ ବିଦ୍ୟମାନ ଥିଲେ ଅସୀମ ନୈର୍ବ୍ୟକ୍ତିକ ଏବଂ ବିଶ୍ୱଗତ ବ୍ୟକ୍ତିତ୍ୱ ସ୍ୱରୂପରେ ଏକ ଭଗବାନ୍ । ଆଉ ବିବେକାନନ୍ଦ କ'ଣ ଥିଲେ ? ଶିବଙ୍କର ନେତ୍ରର ଏକ ସମୁଜ୍ଜ୍ୱଳ କଟାକ୍ଷ; କିନ୍ତୁ ତାଙ୍କ ପଶ୍ଚାତରେ ବିଦ୍ୟମାନ ଥିଲା ଦିବ୍ୟ-ସ୍ଥିରଦୃଷ୍ଟି ଯେଉଁଥିରୁ ସେ ଉଦ୍ଭୂତ ଏବଂ ସ୍ୱୟଂ ଶିବ ଏବଂ ବ୍ରହ୍ମା ଏବଂ ବିଷ୍ଣୁ ଏବଂ ଓଁ ଏବଂ ଏସବୁକୁ ଅତିକ୍ରମ କରି ଆହୁରି କିଛି ।''

ସଂକଳନ ଓ ଭାଷାନ୍ତର : ଗୋପାଳ ଚନ୍ଦ୍ର ମାହାନା

❑❑❑

ଯାହାର ଜୀବନ ଓ ଏହାର ବାଧାବିପତ୍ତିସବୁକୁ ଧୈର୍ଯ୍ୟ ଏବଂ ଦୃଢ଼ତାର ସହ ମୁକାବିଲା କରିବା ଲାଗି ସାହସ ନାହିଁ ସେ ସାଧନା କ୍ଷେତ୍ରରେ ଏହାଠାରୁ ଆହୁରି ବୃହତ୍ତର ଆନ୍ତର ବାଧାବିପତ୍ତି ମଧ୍ୟଦେଇ କେବେ ବି ଗତି କରିବା ଲାଗି ସମର୍ଥ ହୋଇ ପାରିବ ନାହିଁ । ଏ ଯୋଗର ସର୍ବ ପ୍ରଥମ ଶିକ୍ଷା ହେଉଛି ଏକ ସ୍ଥିର ମନ, ଦୃଢ଼ ସାହସ ଓ **ଦିବ୍ୟ ଶକ୍ତି** ଉପରେ ଏକ ପରିପୂର୍ଣ୍ଣ ନିର୍ଭରତା ସହ ଜୀବନ ଓ ତା'ର ପରୀକ୍ଷା ସମୂହର ମୁକାବିଲା କରିବା ।

– ଶ୍ରୀଅରବିନ୍ଦ

# ଶ୍ରୀଅରବିନ୍ଦ ଓ କ୍ରମ-ବିବର୍ତ୍ତନ

## (୨)

## ପ୍ରପତ୍ତି

ଶ୍ରୀଅରବିନ୍ଦ ୧୮୯୩ ସାଲ ଫେବ୍ରୁଆରୀ ମାସରେ ଚଉଦ ବର୍ଷକାଳ ଇଂଲଣ୍ଡରେ ରହିଲା ପରେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କଲେ । ଭୁଲ୍‌ବଶତଃ ଖବର ପହଞ୍ଚିଲା ଯେ ସେ ଯେଉଁ ଜାହାଜରେ ଆସୁଥିଲେ ସେ ଜାହାଜ ଲିସ୍‌ବନ୍‌ରେ ବୁଡ଼ିଗଲା ଏବଂ ଏହି ଖବର ପାଇ ତାଙ୍କର ପିତା ଅତ୍ୟନ୍ତ ଶୋକାଭିଭୂତ ହୋଇ ପ୍ରାଣ ତ୍ୟାଗ କଲେ । ପରେ ଶ୍ରୀଅରବିନ୍ଦ ଅନ୍ୟ ଏକ ଜାହାଜରେ ଆସି ବମ୍ବେର ଆପୋଲୋ ବନ୍ଦରରେ ପ୍ରଥମେ ପଦାର୍ପଣ କଲେ । ଏହି ସମୟରେ ଭାରତ ଭୂମିରେ ପାଦ ଦେଉ ନ ଦେଉଣୁ ସେ ଏକ ବିଶାଳ ଆଧ୍ୟାତ୍ମିକ ଅନୁଭୂତି ପ୍ରାପ୍ତ କରିଥିଲେ । ସେ ଆପୋଲୋ ବନ୍ଦରରେ ଜାହାଜରୁ ଅବତରଣ କରିବା ମାତ୍ରକେ ତାଙ୍କର ମସ୍ତକ ଉପରେ ଏକ ବିଶାଳ ଶାନ୍ତି ଅବତରଣ କଲା । ତତ୍ପରେ ବମ୍ବେରୁ ସେ ବରୋଦା ଯାତ୍ରା କଲେ । ପ୍ରଥମେ ବରୋଦାରେ ରେଭିନ୍ୟୁ ବିଭାଗ, ପରେ ସେଟ୍‌ଲମେଣ୍ଟ୍ ବିଭାଗରେ କାର୍ଯ୍ୟ କରିବାକୁ ଲାଗିଲେ । କିଛିଦିନ ପରେ ସେ ବରୋଦା କଲେଜର ଇଂରେଜୀ ଅଧ୍ୟାପକ ଏବଂ ତା'ପରେ ସେହି କଲେଜର ସହକାରୀ ଅଧକ୍ଷ ପଦରେ ନିଯୁକ୍ତ ହେଲେ । କିଛିଦିନ ପାଇଁ ମଧ୍ୟ ସେ ମହାରାଜାଙ୍କର ପ୍ରାଇଭେଟ୍ ସେକ୍ରେଟାରୀ ରୂପେ କାର୍ଯ୍ୟ କରିଥିଲେ । ବରୋଦାରେ ସେ ଦୀର୍ଘ ତେର ବର୍ଷକାଳ କଟାଇଥିଲେ ଏବଂ ଏହି ସମୟରେ ସେ ନାନା ଭାରତୀୟ ଭାଷା – ଗୁଜୁରାଟୀ, ମରହଟ୍ଟୀ, ବଙ୍ଗଳା ଓ ବିଶେଷ କରି ସଂସ୍କୃତ ଭାଷା ଶିକ୍ଷା କରିଥିଲେ । ଏହି ସମୟରେ ସେ ବହୁ କାବ୍ୟ, କବିତା ଏବଂ ଗଳ୍ପ ଇତ୍ୟାଦି ଲେଖିଥିଲେ । ପରବର୍ତ୍ତୀ କାଳରେ ଏସବୁ ପଣ୍ଡିଚେରୀରୁ ପ୍ରକାଶିତ ହୋଇଅଛି । କିନ୍ତୁ ଏହି ଲେଖାଲେଖିର ଅଧିକାଂଶ ଭାଗ ସେ ପରେ ରାଜନୈତିକ ବନ୍ଦୀ ଥିଲା ବେଳେ ନଷ୍ଟ ହୋଇଗଲା । ଚଉଦ ବର୍ଷ କାଳ ସେ ବିଲାତରେ ରହି ଯେପରି ପାଶ୍ଚାତ୍ୟ ଜ୍ଞାନର ରତ୍ନଭଣ୍ଡାରକୁ ଆୟତ୍ତ କରିଥିଲେ, ସେହିପରି ବରୋଦାରେ ତେରବର୍ଷ କାଳ ରହି ସେ ଭାରତର ତଥା ପ୍ରାଚ୍ୟ ଜଗତର ଭାସ୍ୱର ଓ ମହିମମୟ ପ୍ରତିଭା ସହିତ ପରିଚିତ ହୋଇଥିଲେ । ବରୋଦାରେ ଥିଲା ବେଳେ ତାଙ୍କୁ ବଙ୍ଗଳା ଭାଷା ଶିକ୍ଷାରେ ସହାୟତା କରିବା ସକାଶେ ଶ୍ରୀ ଦୀନେନ୍ଦ୍ର କୁମାର ରାୟ ଆସିଥିଲେ । ଦୀନେନ୍ଦ୍ର କୁମାର ବଙ୍ଗଳାରେ ''ଶ୍ରୀଅରବିନ୍ଦ ପ୍ରସଙ୍ଗ'' ନାମକ ପୁସ୍ତକ ଲେଖିଛନ୍ତି ଏବଂ ସେଥିରୁ ଶ୍ରୀଅରବିନ୍ଦଙ୍କ ବରୋଦା ଜୀବନ ସମ୍ବନ୍ଧେ ଏକ ପୁଙ୍ଖାନୁପୁଙ୍ଖ ଆଭାସ ମିଳେ ।

ବରୋଦାରେ ଥିଲାବେଳେ ଦେଶର ରାଜନୈତିକ ଚର୍ଚ୍ଚାରେ ସେ ଧୀରେ ଧୀରେ ମନୋନିବେଶ କରିଥିଲେ । ପ୍ରଥମେ ସେ ପୁନାରୁ ପ୍ରକାଶିତ ''ଇନ୍ଦୁପ୍ରକାଶ'' ନାମକ ପତ୍ରିକାରେ ଅନେକଗୁଡ଼ିଏ ପ୍ରବନ୍ଧ ଲେଖି ତତ୍କାଳୀନ ଭାରତୀୟ ରାଜନୀତିକୁ ଗଭୀର ସମାଲୋଚନା କରିଥିଲେ । ପରେ ଏହି କାଗଜର ସମ୍ପାଦକ ଆଉ ଏପରି ପ୍ରବନ୍ଧ ଛପାଇ ପାରିବେ ନାହିଁ ବୋଲି ମନା କଲେ । ଏଥିମଧ୍ୟରେ ଶ୍ରୀଅରବିନ୍ଦ ରାଜନୈତିକ ବ୍ୟାପାରରେ ଅନେକ ଦୂର ଅଗ୍ରସର ହୋଇ ଯାଇଥିଲେ । ୧୯୦୬ ସାଲରେ ବଙ୍ଗଭଙ୍ଗ ଆନ୍ଦୋଳନ ବେଳେ ସେ ବରୋଦା ଚାକିରି ପରିତ୍ୟାଗ କରି ପ୍ରକାଶ୍ୟରେ ରାଜନୀତିରେ ଯୋଗ ଦେଲେ । ରାଜନୀତିରେ ସେ ପ୍ରବେଶ କରି ତାଙ୍କର ତୀକ୍ଷ୍ଣ ବିଚାରଧାରା, ଅପୂର୍ବ କର୍ମ-ପ୍ରେରଣା ଓ ଅଗ୍ନିମୟୀ ଲେଖା ଦ୍ୱାରା ସମସ୍ତ ଦେଶକୁ ଉଦ୍‌ବୁଦ୍ଧ କରିଥିଲେ । କିଛି କାଳ ସେ ''ବନ୍ଦେ ମାତରମ୍'' କାଗଜର ସମ୍ପାଦନା କରିଥିଲେ ଏବଂ ନାନା ଭାବରେ ଗୋପନରେ ରହି ବିପ୍ଳବାତ୍ମକ କାର୍ଯ୍ୟମାନ କରିବାକୁ ଲାଗିଲେ । ତାଙ୍କର ରାଜନୈତିକ ମତବାଦକୁ ତିନୋଟି ଭାଗରେ ନିର୍ଦ୍ଦିଷ୍ଟ କରାଯାଇପାରେ; ପ୍ରଥମତଃ, ଶ୍ରୀଅରବିନ୍ଦ ବ୍ରିଟିଶ ଲୋକଙ୍କ ସ୍ୱଭାବ ବୁଝିଥିଲେ ଏବଂ ସ୍ୱୟଂ ଅନୁଭବ କରୁଥିଲେ ଯେ ଦେଶରେ ଏକ ସଶସ୍ତ୍ର ବିପ୍ଳବ ଦ୍ୱାରା ତତ୍କାଳୀନ ସରକାରଙ୍କୁ ଧ୍ୱଂସ କରାଯାଇପାରେ । ଦ୍ୱିତୀୟତଃ, ସେ କହୁଥିଲେ ଯେ, ପୂର୍ଣ୍ଣ ସ୍ୱାଧୀନତାର ଆଦର୍ଶ ସର୍ବ ସାଧାରଣରେ ପ୍ରଚାର କରି ସମଗ୍ର ଜନତାକୁ ଉଦ୍‌ବୁଦ୍ଧ କରିବାକୁ ହେବ । ତୃତୀୟତଃ, ଅସହଯୋଗ ଆନ୍ଦୋଳନ ଦ୍ୱାରା ଏବଂ ବିଦେଶୀ ମାଲ ବର୍ଜନ ଦ୍ୱାରା ତତ୍କାଳୀନ ସରକାରକୁ ଖର୍ବ

କରି ହେବ । ଏହି କଥା ଶ୍ରୀଅରବିନ୍ଦ ତାଙ୍କର "Doctrine of Passive Resistance" ନାମକ ପୁସ୍ତକରେ ଆଲୋଚନା କରିଛନ୍ତି । ଏକଥା ମନେ ରଖିବା ଉଚିତ ଯେ ଶ୍ରୀଅରବିନ୍ଦ କେବେ ବି ଅହିଂସାର ପକ୍ଷପାତି ନଥିଲେ ।

ଧୀରେ ଧୀରେ ଅଗ୍ନିଶିଖା ପ୍ରଜ୍ୱଳିତ ହେବାକୁ ଲାଗିଲା । ସମଗ୍ର ଦେଶରେ ବିପ୍ଳବର ବିଜୟ ଭେରୀ ବାଜି ଉଠିଲା । ଶ୍ରୀଅରବିନ୍ଦ ସ୍ୱୀୟ ଉତ୍ସାହ, ଉଦ୍ୟମ ଓ ତୀବ୍ର ଦେଶାତ୍ମବୋଧ ଲେଖାଗୁଡ଼ିକ ଦ୍ୱାରା ଦେଶରେ ସର୍ବତ୍ର ସ୍ୱାଧୀନତାର ବୀଜ ବପନ କରିଦେଲେ । ସେ ବିଭିନ୍ନ ବିପ୍ଳବୀ ଦଳମାନଙ୍କ ସହଯୋଗରେ ନାନା ସଂସ୍ଥାମାନ ତିଆରି କରିବାକୁ ଲାଗିଲେ । କଥିତ ଅଛି ଏହି ବିପ୍ଳବୀମାନେ ଗୋଳା, ବାରୁଦ, ବନ୍ଧୁକ ଓ ବୋମା ସହ ବିଦେଶୀ ସରକାରଙ୍କ ସଙ୍ଗେ ଯୁଦ୍ଧ କରିବାକୁ ପ୍ରସ୍ତୁତ ହୋଇଥିଲେ । ଏତିକିବେଳେ ବଙ୍ଗ ଦେଶରେ ବିପ୍ଳବୀମାନଙ୍କ ଉପରେ ଭୟାନକ ସରକାରୀ ଜୁଲମ ଓ ଅତ୍ୟାଚାର ଆରମ୍ଭ ହେଲା । ଏହି ସମ୍ପର୍କରେ କିଙ୍ଗସ୍‌ଫୋର୍ଡ଼ ନାମକ ଜନୈକ ଅତ୍ୟାଚାରୀ ଉଚ୍ଚପଦସ୍ଥ ଇଂରେଜ କର୍ମଚାରୀଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଖୁଦିରାମ ଓ ପ୍ରଫୁଲ୍ଲ ଚାକି ମୋଜାଫରପୁର ଗଲେ ଏବଂ ସେଠାରେ ତାଙ୍କର ବୋମା ନିକ୍ଷେପ ଫଳରେ କେନେଡ଼ି ସାହେବଙ୍କ ପତ୍ନୀ ଓ କନ୍ୟା ପ୍ରାଣତ୍ୟାଗ କଲେ । ଭାଗ୍ୟବଶତଃ କିଙ୍ଗସଫୋର୍ଡ଼ ସାହେବ ଏହି ହତ୍ୟାରୁ ବର୍ତ୍ତିଗଲେ । ଏଥିରେ ସମଗ୍ର ଦେଶରେ ଚହଳ ପଡ଼ିଗଲା । ପ୍ରଫୁଲ୍ଲ ପୁଲିସ ଦ୍ୱାରା ବନ୍ଦୀ ହେବା ପୂର୍ବରୁ ନିଜେ ନିଜେ ଆତ୍ମହତ୍ୟା କଲେ ଏବଂ ଖୁଦିରାମ ମୋଜାଫରପୁର ଜେଲରେ ଅମର ସହିଦ ରୂପେ ଫାଶି ଖୁଣ୍ଟରେ ଝୁଲି ପଡ଼ିଲେ । ଏହି ଘଟଣାକୁ ମଧ୍ୟ 'ଆଲିପୁର ବୋମା ମୋକଦ୍ଦମା' ବୋଲି କୁହାଯାଏ । ଏଥିରେ ଶ୍ରୀଅରବିନ୍ଦ ଓ ତାଙ୍କର ସହକର୍ମୀଗଣ ମଧ୍ୟ ଗିରଫ ହେଲେ ଏବଂ ଆଲିପୁର ଜେଲରେ ବନ୍ଦୀ ହେଲେ । ଏହି ଆଲିପୁର ବୋମା ମୋକଦ୍ଦମାରେ ପ୍ରାୟ ଚାରିଶହ ବ୍ୟକ୍ତି ଗିରଫ ହୋଇଥିଲେ ଏବଂ ଅନେକ ଜଣ କଠୋର ସଜା ପାଇଥିଲେ – ଦ୍ୱୀପାନ୍ତରିତ ହୋଇଥିଲେ । ଶ୍ରୀଅରବିନ୍ଦ ଜେଲରେ ବନ୍ଦୀ ହୋଇଥିବା ବେଳେ ଏକ ଅଦ୍ଭୁତ ଅଧ୍ୟାତ୍ମ-ସିଦ୍ଧି ଲାଭ କଲେ । ସେ ଜେଲରେ ସର୍ବତ୍ର, ସର୍ବଘଟରେ ବାସୁଦେବଙ୍କୁ ଜୀବନ୍ତ ମୂର୍ତ୍ତି ରୂପେ ଦେଖିଲେ । ଜେଲର ସେହି ନିର୍ଜନ କୋଠରି ମଧ୍ୟରେ ସେ ଦିନ ପରେ ଦିନ ଭଗବାନ୍ ଶ୍ରୀକୃଷ୍ଣଙ୍କ ସାକ୍ଷାତ୍ ଲାଭ କରି ତାଙ୍କ ଠାରୁ ଭବିଷ୍ୟତ୍ ମାନବ-ସମାଜର ରୂପରେଖ କଥା ଜାଣି ପାରିଲେ । ଭାରତବର୍ଷର ଅନ୍ତର୍ନିହିତ ନିଗୂଢ଼ ରହସ୍ୟ ଓ ହିନ୍ଦୁ ଧର୍ମର ଚରମ ସତ୍ୟ ସେ ଏହିଠାରେହିଁ ଉପଲବ୍ଧି କରିଥିଲେ । ଜେଲରେ ତାଙ୍କର ଏହି ମହିମମୟ ଅନୁଭୂତିକୁ ସେ ''ଉତ୍ତରପଡ଼ା ଅଭିଭାଷଣ'' ନାମକ ଏକ କ୍ଷୁଦ୍ର ପୁସ୍ତକରେ ଲିପିବଦ୍ଧ କରିଛନ୍ତି । ସେଥିରୁ ବୁଝାଯାଏ ସେ ଦେଶକୁ କିପରି ଭଲ ପାଉଥିଲେ ଏବଂ ଦେଶକୁ କିପରି ଏକ ଦିବ୍ୟ-ଶକ୍ତିର ବ୍ୟକ୍ତ ଅଂଶ ବୋଲି ଅନୁଭବ କରୁଥିଲେ । ଏହି ଆନ୍ଦୋଳନ ମଧ୍ୟରେ ଯେ ସ୍ୱୟଂ ଭଗବାନ୍ ଅଛନ୍ତି ଏକଥା ସେ ବେଶ୍ ଜାଣିଥିଲେ ଏବଂ ତାହାପରେ ସେ ଆନ୍ଦୋଳନର ସମସ୍ତ ଭାର ଭଗବାନଙ୍କ ଉପରେ ଅର୍ପଣ କରି ଦେଇଥିଲେ । ଏହି ମୋକଦ୍ଦମାରେ ଶ୍ରୀଅରବିନ୍ଦଙ୍କ ସପକ୍ଷରେ ସ୍ୱନାମଧନ୍ୟ ବାରିଷ୍ଟର ଶ୍ରୀ ଚିତ୍ତରଞ୍ଜନ ଦାସ ଲଢ଼ିଥିଲେ ଏବଂ ତାଙ୍କର ଅପୂର୍ବ ଯୁକ୍ତିଧାରା ଓ ତର୍କ ଫଳରେ ଶ୍ରୀଅରବିନ୍ଦ ସମ୍ପୂର୍ଣ୍ଣ ନିର୍ଦୋଷ ବୋଲି ରାୟ ଫଳରେ ଖଲାସ ହେଲେ । ଅବଶ୍ୟ ଶ୍ରୀଅରବିନ୍ଦ ପ୍ରଥମରୁ ଜାଣିଥିଲେ ଯେ ସେ ଏହି ମୋକଦ୍ଦମାରୁ ଖଲାସ ହୋଇଯିବେ । ଜେଲରୁ ଖଲାସ ହୋଇ ଶ୍ରୀଅରବିନ୍ଦ ଇଂରାଜୀରେ ''କର୍ମଯୋଗୀନ୍'' ଏବଂ ବଙ୍ଗଳାରେ ''ଧର୍ମ'' ନାମକ ଦୁଇଟି ପତ୍ରିକା ସମ୍ପାଦନା କରିବାକୁ ଲାଗିଲେ । ଏହି ସମୟରେ ପୁନରାୟ ପୁଲିସ ଶ୍ରୀଅରବିନ୍ଦଙ୍କୁ ଗିରଫ କରିବା ପାଇଁ ଉଦ୍ୟମ କଲେ । ଏହି ଖବର ସେ ପୂର୍ବରୁ ପାଇ କ'ଣ କରିବାକୁ ହେବ ବୋଲି ଭଗବାନଙ୍କର ଆନ୍ତର ନିର୍ଦ୍ଦେଶକୁ ଅପେକ୍ଷା କଲେ । ହଠାତ୍ ତାଙ୍କୁ ଉପରୁ ନିର୍ଦ୍ଦେଶ ମିଳିଲା ଯେ ସେ ସେଠାରୁ ଚନ୍ଦନ ନଗର ଚାଲି ଯାଆନ୍ତୁ । ଶ୍ରୀଅରବିନ୍ଦ ୧୯୦୯ ସାଲ ମେ ମାସରେ ''କର୍ମଯୋଗୀନ୍'' ଅଫିସରୁ ସିଧା ଚନ୍ଦନ ନଗର ଚାଲି ଆସିଲେ । ଚନ୍ଦନ ନଗରରେ ସେ କିଛିଦିନ ରହିଲା ପରେ ପୁନଶ୍ଚ ୧୯୧୦ ସାଲ ଏପ୍ରିଲ ୪ ତାରିଖରେ ପଣ୍ଡିଚେରୀରେ ଆସି ପହଞ୍ଚିଲେ । ପଣ୍ଡିଚେରୀ ସେତେବେଳେ ଫରାସୀ ଶାସିତ ରାଜ୍ୟ ଏବଂ ଏହିଠାରେ ସେ ତାଙ୍କର ମହାପ୍ରୟାଣ ୧୯୫୦ ସାଲ ଡିସେମ୍ବର ୫ ତାରିଖ ପର୍ଯ୍ୟନ୍ତ ରହିଥିଲେ । ସେ ଯେଉଁ ଗୃହରେ ୧୯୨୪ ସାଲ ପରେ ରହୁଥିଲେ ତାହାହିଁ ଆଜି ପୃଥିବୀ ବିଖ୍ୟାତ ଶ୍ରୀଅରବିନ୍ଦ ଆଶ୍ରମର କେନ୍ଦ୍ରପୀଠ ରୂପେ ପରିଗଣିତ ହେଉଛି ।

ଶ୍ରୀଅରବିନ୍ଦଙ୍କ ଯୋଗଜୀବନ ଆଲୋଚନା କଲେ ଜଣାଯାଏ ଯେ ସେ ନିୟମିତ ରୂପେ ଯୋଗ-ଚର୍ଚ୍ଚା ଆରମ୍ଭ କରିଥିଲେ ୧୯୦୪ ସାଲରେ । ଏହି ସାଧନା ପଥରେ ସେ ଅନେକ କିଛି ସହାୟତା ପାଇଥିଲେ ବିଷ୍ଣୁଭାସ୍କର ଲେଲେ ନାମକ

ଜଣେ ମରହଟ୍ଟା ଯୋଗୀଙ୍କଠାରୁ । ଲେଲେଜି ତାଙ୍କୁ କହିଥିଲେ କିପରି ମନକୁ ନୀରବ କରି ଅନ୍ତରରୁ ଭଗବାନଙ୍କ ନିର୍ଦ୍ଦେଶ ଉପରେ ନିର୍ଭର କରାଯାଇପାରେ ଏବଂ କିପରି ଏହି ନିର୍ଦ୍ଦେଶକୁ ସର୍ବଦା ପାଳନ କରି ଚଳିବାକୁ ହୁଏ । ଶ୍ରୀଅରବିନ୍ଦ ଏହିପରି ନିର୍ଦ୍ଦେଶରେ ଯୋଗସାଧନା ପଥରେ ଅଗ୍ରସର ହୋଇଥିଲେ । ଏହି ସମୟରେ ସେ 'ବନ୍ଦେ ମାତରମ୍' କାଗଜରେ ଅଧିକାଂଶ ଲେଖା ମନର ଊର୍ଦ୍ଧ୍ୱରାଜ୍ୟରୁ ପ୍ରେରଣା ସ୍ୱରୂପ ପ୍ରାପ୍ତ କରି ଲେଖିଥିଲେ । ତତ୍ପରେ ୧୯୦୮ ସାଲରେ ଆଲିପୁର ଜେଲରେ ସେ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ପ୍ରାପ୍ତ କରି ଯୋଗର ଏକ ମହତ୍ତମ ସିଦ୍ଧିରେ ଉପନୀତ ହୋଇଥିଲେ । ତତ୍ପରେ ୧୯୧୦ ସାଲରେ ପଣ୍ଡିଚେରୀ ଚାଲି ଆସି ଗଭୀର ଯୋଗ ସାଧନାରେ ନିମଗ୍ନ ହେଲେ । ୧୯୧୪ ସାଲରେ ଶ୍ରୀମା ଯେତେବେଳେ ଫ୍ରାନ୍ସରୁ ଆସିଲେ, ତାଙ୍କର ସହଯୋଗିତାରେ ଶ୍ରୀଅରବିନ୍ଦଙ୍କ ଜନ୍ମ ଦିବସରେ ''ଆର୍ଯ୍ୟ'' ପତ୍ରିକା ପ୍ରକାଶ ପାଇଲା । ଅଳ୍ପ ଦିନ ପରେ ଶ୍ରୀମା ଫ୍ରାନ୍ସ ଚାଲିଗଲେ ଏବଂ ଶ୍ରୀଅରବିନ୍ଦ ଏହି ପତ୍ରିକା ସମ୍ପାଦନାର ସମସ୍ତ ଭାର ନେଲେ । ଏହି ପତ୍ରିକାରେ ଶ୍ରୀଅରବିନ୍ଦଙ୍କର ଗଭୀର ଦର୍ଶନ, ଯୋଗ, ସମାଜ ଓ ରାଷ୍ଟ୍ରନୀତି ପ୍ରଭୃତି ନାନା ସମାଲୋଚନାମୂଳକ ପ୍ରବନ୍ଧ ଓ ଉଚ୍ଚକୋଟିର ରଚନା ପ୍ରକାଶିତ ହୋଇଥିଲା । ବର୍ତ୍ତମାନ ତାହା ପୁସ୍ତକ ଆକାରରେ ପଣ୍ଡିଚେରୀରୁ ପ୍ରକାଶିତ ହୋଇଅଛି । ଏହି ପୁସ୍ତକଗୁଡ଼ିକ ଆଜି ପୃଥିବୀର ଚିନ୍ତାଧାରାରେ ଆଲୋଡ଼ନ ସୃଷ୍ଟି କରିଛି । ଏହା ମଧ୍ୟରେ ତାଙ୍କର ସର୍ବଶ୍ରେଷ୍ଠ ପୁସ୍ତକ ହେଲା ''ଦିବ୍ୟ ଜୀବନ'' ଗ୍ରନ୍ଥ ଯେଉଁଥିରେ ସେ ମାନବ-ସମାଜର ଭବିଷ୍ୟତ୍ ରୂପରେଖ ଦେଇଛନ୍ତି । ପୁନଶ୍ଚ ଏହାପରେ ଇଂରାଜୀରେ ''ସାବିତ୍ରୀ'' ନାମକ ଏକ ଅମୂଲ୍ୟ ମହାକାବ୍ୟ ରଚନା କରିଛନ୍ତି । ଏହା ଇଂରାଜୀ ଭାଷାର ଅତୁଳନୀୟ ସମ୍ପଦ । ଏତତ୍ ବ୍ୟତୀତ ଏହି ସମୟରେ ଶ୍ରୀଅରବିନ୍ଦ ପ୍ରାଚୀନ ଭାରତୀୟ ଦର୍ଶନ — ବେଦ, ବେଦାନ୍ତ, ଉପନିଷଦ୍, ଗୀତା ସମ୍ବନ୍ଧରେ ଯେଉଁ ଅମର ଭାଷ୍ୟମାନ ଲେଖି ଯାଇଛନ୍ତି ତାହା ଯୁଗ ଯୁଗ ଧରି ଅମୂଲ୍ୟ ମଣି ରୂପେ ଜାଜ୍ୱଲ୍ୟମାନ ରହିଥିବ । ଏହା ଦ୍ୱାରା ସେ ଦେଶର ଲୁପ୍ତ ରତ୍ନର ଉଦ୍ଧାର କରିଥିଲେ । ୧୯୨୬ ସାଲ ୨୪ ତାରିଖ ନଭେମ୍ବରରେ ଶ୍ରୀଅରବିନ୍ଦ ଓ ଶ୍ରୀମା ଯୋଗ ସାଧନାରେ ସିଦ୍ଧି ଲାଭ କଲେ । ଏହାପରେ ସେ ଏକାକୀ ଗୋଟିଏ କୋଠରିରେ ରହି ତପସ୍ୟା କରିବାକୁ ଲାଗିଲେ । ୧୯୨୬ ସାଲରେ ସେ ଜାଣିଲେ ଯେ ଅତିମାନସ ଶକ୍ତି ପୃଥିବୀ ଉପରେ ନିଶ୍ଚୟହିଁ ଅବତରଣ କରିବ । ତତ୍ପରେ ସେ ଏହି ଶକ୍ତିକୁ ପୃଥିବୀରେ ଅବତରଣ କରାଇବା ସକାଶେ ସାଧନା କରିବାକୁ ଲାଗିଲେ । ୧୯୫୦ ସାଲ ଡିସେମ୍ବର ୫ ତାରିଖରେ ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ଘଟିଲା ଏବଂ ତତ୍‌ସଙ୍ଗେ ତାଙ୍କର ତପସ୍ୟାର ଅଭିଳକ୍ଷିତ ବସ୍ତୁ ସେହି ବିରାଟ ଅଧ୍ୟାତ୍ମ ଶକ୍ତି ''ଅତିମାନସ ଜ୍ୟୋତି'' ପୃଥିବୀପୃଷ୍ଠରେ ଅବତରଣ କଲା ଏବଂ ଏହି ଶକ୍ତି ବର୍ତ୍ତମାନ ଅପ୍ରକାଶ୍ୟରେ କାର୍ଯ୍ୟକାରୀ ହୋଇ ଚାଲିଛି । ଶ୍ରୀଅରବିନ୍ଦଙ୍କ ସାଧନାର ପ୍ରଧାନ ଲକ୍ଷ୍ୟ ଥିଲା ପୃଥିବୀପୃଷ୍ଠରେ ଏହି ଅତିମାନସ ଶକ୍ତିକୁ ଅବତରଣ କରାଇ ଆଣିବା ଏବଂ ଦ୍ୱିତୀୟରେ ଏହି ଶକ୍ତି ଦ୍ୱାରା ମାନବ ଜୀବନକୁ ରୂପାନ୍ତରିତ କରି ଦିବ୍ୟରୂପ ପ୍ରଦାନ କରିବା । ତାଙ୍କ ସାଧନାର ଦ୍ୱିତୀୟ ପର୍ଯ୍ୟାୟଟିକୁ ସେ ଶ୍ରୀମା'ଙ୍କ ହସ୍ତରେ ଅର୍ପଣ କରିଛନ୍ତି । ବର୍ତ୍ତମାନ ସେହି ଦିବ୍ୟ ରୂପାନ୍ତରର କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି ।

(କ୍ରମଶଃ)

('ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ', ଦ୍ୱିତୀୟ ଖଣ୍ଡ, ପୃ. ୩୫୮-୩୬୨)

❑❑❑

ଶ୍ରୀଅରବିନ୍ଦଙ୍କ ଉଦ୍ଦେଶ୍ୟରେ ଆମର ସର୍ବୋତ୍ତମ ଶ୍ରଦ୍ଧାଞ୍ଜଳି ହେବ ... ପ୍ରଗତି ସକାଶେ ପିପାସା ପୋଷଣ କରିବା ଏବଂ ପୃଥିବୀପୃଷ୍ଠରେ ସେ ଯେଉଁ ଦିବ୍ୟ ପ୍ରଭାବର **ବାର୍ତ୍ତାବହ** ସେଥିପ୍ରତି ଆମର ସମଗ୍ର ସତ୍ତାକୁ ଉନ୍ମୁକ୍ତ କରିବା ।

— ଶ୍ରୀମା

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୧୦୫)


## ମହେନ୍ଦ୍ରନାଥ ସ୍ୱାଇଁ


**ସୂକ୍ଷ୍ମ ଭୌତିକ :**

ମାର୍ଚ୍ଚ ୧୪, ୧୯୧୪ ପ୍ରାର୍ଥନାଟିରେ ମା' ଲେଖିଛନ୍ତି –

"IN the immutable solitude of the desert there is something of Thy majestic presence, and I understand why one of the best means of finding Thee has always been to withdraw into these immense stretches of sand.

"But for one who knows Thee, Thou art everywhere, in all things, and none of them seems more suitable than another for manifesting Thee; for all things that exist – and many others that yet do not – are necessary to express Thee. Each thing, by virtue of Thy divine intervention of love, is an effort of life towards Thee; and as soon as our eyes are unsealed, we perceive this effort constantly.

"O Lord, my heart is athirst for Thee and my thought seeks for Thee constantly. In a mute adoration I bow to Thee."

(Prayers and Meditations, p. 99)

''ମରୁଭୂମିର ଏକାନ୍ତ ନିର୍ଜନତା ମଧ୍ୟରେ ରହିଛି ତୁମର ମହିମମୟ ସାନ୍ନିଧ୍ୟର କିଛି ଆଭାସ, ଏବଂ ମୁଁ ବୁଝିପାରୁଛି ଯେ କାହିଁକି ତୁମକୁ ଉପଲବ୍ଧି କରିବା ସକାଶେ ଚିରକାଳହିଁ ଗୋଟିଏ ପ୍ରକୃଷ୍ଟ ଉପାୟ ହେଉଛି ଏଇ ମରୁଭୂମିର ବିପୁଳ ବାଲୁକାରାଶି ମଧ୍ୟରେ ଆଶ୍ରୟ ଗ୍ରହଣ କରିବା ।

''କିନ୍ତୁ ତୁମକୁ ଯିଏ ଜାଣେ, ତାହା ପାଇଁ ତୁମେ ସର୍ବତ୍ର ବିଦ୍ୟମାନ, ସକଳବସ୍ତୁ ଭିତରେ ଏବଂ ସେମାନଙ୍କ ମଧ୍ୟରୁ କେହି ହେଲେ ଅନ୍ୟଠାରୁ ଅଧିକ ଉପଯୁକ୍ତ ନୁହଁନ୍ତି ତୁମକୁ ପ୍ରକାଶିତ କରିବା ନିମନ୍ତେ; କାରଣ ଯେଉଁ ସମସ୍ତ ବସ୍ତୁ ବିଦ୍ୟମାନ – ଏବଂ ଏବେ ବି ଯେଉଁ ସକଳ ବସ୍ତୁ ପ୍ରକଟ ହୋଇ ନାହିଁ – ସେମାନେ ସମସ୍ତେ ତୁମକୁ ପରିପ୍ରକାଶ କରିବାର ଆବଶ୍ୟକତା ରହିଛି । ପ୍ରତ୍ୟେକଙ୍କ ଭିତରେ ତୁମର ଦିବ୍ୟ ପ୍ରେମର ହସ୍ତକ୍ଷେପ ହେଉଛି, ଜୀବନ ତୁମ ଆଡ଼କୁ ଚାଳିତ ହେବାର ପ୍ରଚେଷ୍ଟାରେ ଲାଗିଛି; ଏବଂ ଆମ୍ଭମାନଙ୍କର ଦୃଷ୍ଟି ଯେତେବେଳେ ଖୋଲିଯାଏ ସେତେବେଳେ ଆମେ ନିରନ୍ତର ଏହି ପ୍ରଚେଷ୍ଟାକୁ ଅନୁଭବ କରିପାରିବା ।

''ହେ ପ୍ରଭୁ, ମୋ ହୃଦୟ ତୁମ ପାଇଁ ତୃଷାର୍ତ୍ତ ଏବଂ ମୋର ଚିନ୍ତା ଓ ଭାବନା ନିରନ୍ତର ତୁମକୁ ଖୋଜୁଛି । ଏକ ନୀରବ ନିଶ୍ଚଳ ଭକ୍ତିର ସହିତ ମୁଁ ତୁମକୁ ବିନମ୍ର ପ୍ରଣତି ଜଣାଉଛି ।''

ମରୁଭୂମିର ବିସ୍ତୃତ, ପ୍ରଶସ୍ତ ସୁବର୍ଣ୍ଣବର୍ଣ୍ଣା ବାଲୁକା ପ୍ରାନ୍ତର, ହିମାଳୟ ପର୍ବତଶ୍ରେଣୀର ଶୁଭ୍ର ଚମତ୍କାର ବରଫାବୃତ୍ତ ଗଡ଼ାଣିଆ ସ୍ଥାନରେ ଥିବା ଗୁମ୍ଫା, ଘଞ୍ଚ, ସବୁଜ ଅରଣ୍ୟାନୀର ଶାନ୍ତ ପରିବେଶରେ ସ୍ଥିତ ବୃକ୍ଷରାଜି ବେଷ୍ଟିତ ଆଶ୍ରମ, ଚିରସ୍ରୋତା ନଦୀକୂଳରେ ଥିବା କ୍ଷୁଦ୍ର ପର୍ଣ୍ଣକୁଟୀର ସଦାସର୍ବଦା ପ୍ରଭୁଙ୍କୁ ଅନ୍ୱେଷଣ କରୁଥିବା ସାଧୁ, ସନ୍ଥ ଓ ସନ୍ନ୍ୟାସୀମାନଙ୍କ ନିମନ୍ତେ ଯୁଗେ ଯୁଗେ ଅତିପ୍ରିୟ ଏବଂ ଉପଯୁକ୍ତ ସ୍ଥାନ ଭାବରେ ପରିଗଣିତ ହୋଇ ଆସିଛି । ସେମାନେ ଅନୁଭବ କରନ୍ତି ଯେ ଏତାଦୃଶ ଚମତ୍କାର ନୀରବ ନିଶ୍ଚଳ ପରିବେଶ ପ୍ରଭୁଙ୍କ ଠାରେ ଲୟ ଲଗାଇ ଧ୍ୟାନସ୍ଥ ହେବା ନିମନ୍ତେ ଉପଯୁକ୍ତ ସ୍ଥାନ । ଏହି ପ୍ରକାର ନିର୍ବାଚନ କେବଳ ମାତ୍ର ନିର୍ବାଣ, ମୋକ୍ଷ, ଜୀବାତ୍ମାକୁ ପରମାତ୍ମାଙ୍କ ସହିତ ଲୀନ କରାଇ ଦେବାର ଲକ୍ଷ୍ୟ ନେଇ କରାଯାଇଥାଏ । କିନ୍ତୁ ପୂର୍ଣ୍ଣଯୋଗ ପଥର ପଥିକ ନିମନ୍ତେ ଏହାର ଆବଶ୍ୟକତା ଥିଲା ପରି ମନେହୁଏ ନାହିଁ । କାରଣ ଜୀବନର ପ୍ରତ୍ୟେକ ପଦକ୍ଷେପରେ ହୃଦୟରେ ଆଘାତ ଦେଉଥିବା ସମାଲୋଚନା, ଅନ୍ୟାୟରେ ଶାସ୍ତି ଅନ୍ୟମାନଙ୍କ ଠାରୁ ପ୍ରାପ୍ତ ହେଉଥାଏ । ଅର୍ଥହୀନ ପ୍ରଶଂସା, ତୋଷାମଦ – ସଂକ୍ଷେପରେ କହିବାକୁ ଗଲେ ଅନ୍ୟମାନେ ପ୍ରଦର୍ଶିତ କରୁଥିବା

ସମସ୍ତ ପ୍ରକାର ନିମ୍ନ ସ୍ୱଭାବ ଦ୍ୱାରା ଜର୍ଜରିତ ହୋଇ ସାଧକ ପଥଚ୍ୟୁତ ହେବାର ସମ୍ଭାବନା ମଧ୍ୟ ରହିଥାଏ । ମନର ବୌଦ୍ଧିକତା, ପ୍ରାଣର ସମ୍ବେଦନା ଏବଂ ଶାରୀରିକ ଗଠନ ପଦ୍ଧତି ମଣିଷ ଜୀବନର ସ୍ଥିତିକୁ ସଦାସର୍ବଦା ପ୍ରଭାବିତ କରି ଆସୁଛି । ଏହି ପ୍ରଭାବ ଦ୍ୱାରା ସାଧକର ଚକ୍ଷୁ ଝଲସି ଯାଇପାରେ, ଗୋଲକଧନ୍ଦାରେ ମଧ୍ୟ ପଡ଼ି ଯାଇପାରେ । ସେ ତା'ର କର୍ମକୁ ଭୁଲି ଚକଚକ ଦେଖା ଯାଉଥିବା ଅରଣ୍ୟର ଅଗମ୍ୟ ରାସ୍ତାରେ ପାଦ ଦେଇଥାଏ । ଆକର୍ଷଣୀୟ କଟାକ୍ଷପାତରେ ଆପଣାର କରିନେବା ଉଦ୍ଦେଶ୍ୟରେ ଆଗକୁ ବଢ଼ି ଆସୁଥିବା ହୃଦୟମାନେ ତାକୁ କବଳିତ କରି ବିରୋଧୀଶକ୍ତିମାନଙ୍କ ଜାଲରେ ଛନ୍ଦି ଦେଇଥା'ନ୍ତି ।

ପଣ୍ଡିଚେରୀ ଆଶ୍ରମରେ 'ପରିଚାନ୍ଦଦା' ଜଣେକ ପୁରାତନ ଏବଂ ବରିଷ୍ଠ ସାଧକ ଏକଦା ତାଙ୍କର ଏକ ଅନୁଭୂତି ବର୍ଣ୍ଣନା କରିଥିଲେ । ତାହାହେଲା ତାଙ୍କ ଆଶ୍ରମ ଜୀବନର ପ୍ରାରମ୍ଭରେ ସେ ଏକପ୍ରକାର ଆତ୍ମକୈନ୍ଦ୍ରିକ ବ୍ୟକ୍ତି ଥିଲେ । ଜଣେ ସଚେତନ ସାଧକ ହୋଇଥିବାରୁ ସର୍ବଦା ନିଜର ଭୁଲ୍‌ଭ୍ରାନ୍ତି ଅନ୍ୟମାନଙ୍କ ଆଗରେ ପ୍ରକାଶ କରି ନିଜକୁ ସୁଧାରି ଦେଉଥିଲେ । ସେ ଯେଉଁ ଅଟ୍ଟାଳିକାରେ ରହୁଥିଲେ ସେଠାରେ ଅନ୍ୟ ଜଣେ ସାଧକ ତାଙ୍କ ସହିତ ସେହି ଘରେ ରହୁଥିଲେ । ଥରେ ତାଙ୍କ ବନ୍ଧୁଙ୍କର ଦେହ ଖରାପ ହୋଇଗଲା । ପରିଚାନ୍ଦଦା' ତାଙ୍କର ସେବାଯତ୍ନ କଲେ । ଆଶ୍ରମର ପ୍ରାରମ୍ଭରେ କୌଣସି ନୂତନ କାର୍ଯ୍ୟ ହାତକୁ ନେବା ପୂର୍ବରୁ ସାଧକଙ୍କୁ ମା'ଙ୍କୁ ସୂଚନା ପ୍ରଦାନ କରି ଅନୁମତି ନେବାକୁ ହେଉଥିଲା । ପରିଚାନ୍ଦଦା' ଭାବିଥିଲେ ଜଣେ ସାଧକଙ୍କର ଯତ୍ନ ନେବା କେବେହେଲେ ଭୁଲ୍ ବୋଲି କୁହାଯିବ ନାହିଁ । ସେହି କାରଣରୁ ସେ ମା'ଙ୍କୁ ଜଣାଇ ନଥିଲେ ଏବଂ ଅନୁମତି ନେଇ ନଥିଲେ । ଅଳ୍ପ କିଛିଦିନ ପରେ ତାଙ୍କୁ କିଛି ଭଲ ଲାଗିଲା ନାହିଁ, ସେ ଅଶ୍ୱସ୍ତିବୋଧ କଲେ ତା'ପରେ ମା'ଙ୍କୁ ସବୁ ଘଟଣା ଜଣାଇଲେ । ମା' ସବୁ ଶୁଣିସାରିଲା ପରେ କହିଲେ, "It had been a wrong moment on your part, a continuation of old sanskar of service and asked him to discontinue the nursing." ''ତୁମ ପକ୍ଷରେ ଏହା ଏକ ଭୁଲ୍ ଗତିବୃତ୍ତି, ସେବା ହେଉଛି ପୁରାତନ ସଂସ୍କାରର ଏକ ଗତାନୁଗତିକ ପ୍ରକ୍ରିୟା, ତୁମକୁ ଏହି ସେବା କାର୍ଯ୍ୟ ଶୀଘ୍ର ବନ୍ଦ କରିବାକୁ ହେବ ।'' ମା' ପୁନଶ୍ଚ ପ୍ରକାଶ କଲେ, ''ସାଧକମାନଙ୍କ ଦେହ ଖରାପ ହେବା ହେଉଛି ସାଧନା କ୍ଷେତ୍ରରେ ଏକ ବାଧକ ଏବଂ ସେହି ସାଧକଙ୍କର କଥା ମୋତେ ଜଣାଇ ତାଙ୍କର ସମସ୍ତ ଦାୟିତ୍ୱ ମୋ ଉପରେ ଛାଡ଼ି ଦେବା ଉଚିତ । ଯଦି ଜଣେ ସାଧକ ଏହିପରି ସେବାକାର୍ଯ୍ୟକୁ ଉଚିତ ମନେକରି ଭୁଲ୍ କରି ବସେ, ତାହାହେଲେ ଏହି ପୂର୍ଣ୍ଣଯୋଗ ପଥରେ (on this path of Integral Yoga) ପାଦଦେଇ ଅନ୍ୟ ଅସୁବିଧାର ସମ୍ମୁଖୀନ ହୋଇ ନିଜେ ନିଜେ ତାକୁ ସଜାଡ଼ିବାରେ ଲାଗି ପଡ଼ିଲେ, ତୁମେ ଯେତେବେଳେ ଅଧିକ ଜଟିଳ ପରିସ୍ଥିତିର ସମ୍ମୁଖୀନ ହେବ ସେତେବେଳେ କ'ଣ କରିବ ? ସେଥିପାଇଁ ସଂସାର ତ୍ୟାଗ ହେଉଛି ଏକ ସୁରକ୍ଷିତ ମାର୍ଗ, ପୂର୍ଣ୍ଣଯୋଗର ପଥ ନୁହେଁ ।'' ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ ଦିବ୍ୟ ଜନନୀ ଶ୍ରୀମା ପୂର୍ଣ୍ଣଯୋଗୀର ସମସ୍ତ ଦାୟିତ୍ୱ ନିଜ ହାତକୁ ନେଇ ଯାଇଥା'ନ୍ତି ।

କିନ୍ତୁ ଆଲୋଚ୍ୟ ପ୍ରାର୍ଥନାଟିର ଦ୍ୱିତୀୟ ଅନୁଚ୍ଛେଦରେ ମା' ପୂର୍ଣ୍ଣଯୋଗ ପଥରେ ଆଗକୁ ବଢ଼ିବା ପାଇଁ ଅନ୍ୟ ଏକ ପନ୍ଥା ନିରୂପଣ କରି ଦେଇଛନ୍ତି । ତାହା ହେଲା ପ୍ରଭୁଙ୍କୁ ସ୍ମରଣ କରିବା, ମନେ ରଖିବା । ପ୍ରତ୍ୟେକ କାର୍ଯ୍ୟ କରିବା ପୂର୍ବରୁ ମା'ଙ୍କୁ ଜଣାଇବା । ପ୍ରଭୁ ସର୍ବତ୍ର ବିଦ୍ୟମାନ । ବର୍ତ୍ତମାନ ଯେଉଁଠି ଅଛୁ ତାହା ଯେ ସର୍ବୋତ୍କୃଷ୍ଟ ସ୍ଥାନ, ଅନ୍ୟ ସ୍ଥାନ ଯେ ତାହାଠାରୁ ଅଧିକ ଉପଯୁକ୍ତ ନୁହେଁ – ଏହିପରି ଭାବିବା ଉଚିତ ହେବ ନାହିଁ । ପ୍ରତ୍ୟେକ ସତ୍ତା ଏବଂ ପଦାର୍ଥ ପରମପ୍ରଭୁଙ୍କ ଦିବ୍ୟପ୍ରେମର ହସ୍ତକ୍ଷେପର ପରିଣାମ ସ୍ୱରୂପ ଏଠାରେ ସୃଷ୍ଟି ହୋଇଛନ୍ତି, ଏହାରି ଭିତରେ ରହିଛି ଉପରକୁ ଉଠିଯିବା ନିମନ୍ତେ ଏକ ସତତ ପ୍ରଚେଷ୍ଟା । ଯେତେବେଳେ ଆମ ଚକ୍ଷୁ ଉପରୁ ଅନ୍ଧପୁଟୁଳି ଖୋଲିଯିବ ଆମେ ଏହି ପ୍ରକ୍ରିୟାକୁ କେବଳ ଯେ ଅନୁଭବ କରିପାରିବା ସେତିକି ନୁହେଁ, ଦେଖିପାରିବା ମଧ୍ୟ ।

'ଯୋଗ ସମନ୍ୱୟ' ପୁସ୍ତକରେ ପ୍ରଭୁ ଶ୍ରୀଅରବିନ୍ଦ ପ୍ରଥମ ଅଧ୍ୟାୟରେ ଉଦ୍‌ଘୋଷଣା କରି କହିଛନ୍ତି, 'All life is Yoga'; ଅର୍ଥାତ୍ 'ସମଗ୍ର ଜୀବନହିଁ ଯୋଗ' । ଜୀବନର ଯେତେସବୁ ସମସ୍ୟା ପୂର୍ଣ୍ଣଯୋଗ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ । ଆଲୋଚ୍ୟ ପ୍ରାର୍ଥନାଟିର ଅନ୍ତଃସ୍ରୋତରେ ଦିବ୍ୟ ଜନନୀ ଶ୍ରୀମା ଏହି ଦିବ୍ୟତତ୍ତ୍ୱକୁ ପ୍ରଚ୍ଛନ୍ନ ଭାବରେ ପ୍ରବାହିତ କରାଇଛନ୍ତି । ମା' କହୁଛନ୍ତି ଯେ, ଦିବ୍ୟପ୍ରେମ – 'Divine Love' ଏହି ସୃଷ୍ଟିର ପ୍ରତ୍ୟେକଟି ସତ୍ତା ଓ ପଦାର୍ଥ ଭିତରେ ପ୍ରକାଶିତ ହୋଇଛନ୍ତି । ତେଣୁ ପ୍ରତ୍ୟେକେ ପ୍ରଚେଷ୍ଟା କରୁଛନ୍ତି ସେହି ଦିବ୍ୟପ୍ରେମ ମାଧ୍ୟମରେ ପରମ ପ୍ରଭୁଙ୍କୁ ପ୍ରକାଶିତ କରାଇବା ପାଇଁ । ଏହି

କାର୍ଯ୍ୟ ନିମନ୍ତେ କୌଣସି ବୃତ୍ତି, ସ୍ଥାନ, କାଳ, କର୍ମ ବା ବେଶୀ ଅନୁକୂଳ ପରିବେଶର ଆବଶ୍ୟକତା ନାହିଁ; ସବୁ ପରିସ୍ଥିତି ପ୍ରଭୁଙ୍କୁ ପ୍ରକାଶିତ କରିବା ନିମନ୍ତେ ସତତ ପ୍ରସ୍ତୁତ । ସୁତରାଂ ସମଗ୍ର ଜୀବନ-କାଳ ହେଉଛି ଏକ ନିରବଚ୍ଛିନ୍ନ ଯୋଗ ପ୍ରକ୍ରିୟା ।

'ସମଗ୍ର ଜୀବନହିଁ ଯୋଗ' – ଏହା ଆମେ ଭଲ ଭାବରେ ହୃଦୟଙ୍ଗମ କରିପାରିବା ନିମ୍ନୋକ୍ତ ବିଷୟଟିକୁ ଆଲୋଚନା କଲେ । ତାହା ଏହିପରି –

ଜନୈକ ଅଧ୍ୟାତ୍ମ ଅନୁସନ୍ଧିତ୍ସୁ 'ଟି' ନଭେମ୍ବର ମାସ ୧୯୬୦ ମସିହାରେ ତାଙ୍କ କାର୍ଯ୍ୟାଳୟ ତରଫରୁ ଏକ ତାଲିମ ନେବା ପାଇଁ ମାନ୍ଦ୍ରାଜ ଆସିଥିଲେ । ଏକଦା ତାଙ୍କ ସାଙ୍ଗମାନେ ମାନ୍ଦ୍ରାଜ ସହର ମଧ୍ୟରେ ଥିବା ବିଭିନ୍ନ ଦର୍ଶନୀୟ ସ୍ଥାନମାନ ଦେଖିବାକୁ ଯିବାକୁ ସ୍ଥିରକଲେ; କିନ୍ତୁ 'ଟି' କହିଲେ, ''ମୁଁ ପଣ୍ଡିଚେରୀ ଯିବି, ଶ୍ରୀଅରବିନ୍ଦ ଆଶ୍ରମ ଦେଖିବା ପାଇଁ ।'' ତାଙ୍କ ସହକର୍ମୀମାନେ କହିଲେ, ''It is a damp place, it is not the proper season to go there.'' ନଭେମ୍ବର ମାସରେ ସେଠାରେ ପ୍ରବଳ ବର୍ଷା ହୁଏ, ବର୍ଷା ପାଣି ଜମି ରହି ଚାରିଆଡ଼େ ସନ୍ତସନ୍ତିଆ ହୋଇ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୁଏ, ସେଠାକୁ ଯିବା ନିମନ୍ତେ ବର୍ଷା ଦିନ ଅନୁକୂଳ ନୁହେଁ । ତେଣୁ ତାଙ୍କୁ ବର୍ଷାଋତୁ ଶେଷ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ । ଶେଷରେ 'ଟି' ତିନି ଦିନ ଛୁଟିନେଇ ଫେବୃଆରୀ ୧୯୬୧ରେ ପଣ୍ଡିଚେରୀରେ ପହଞ୍ଚିଲେ ।

ଆଶ୍ରମର ଚମତ୍କାର ବାତାବରଣ 'ଟି'ଙ୍କର ସମଗ୍ର ସତ୍ତାକୁ ଅଧିକାର କରିନେଲା । ତାଙ୍କ ପାଇଁ ସମାଧି ସମ୍ମୁଖରେ ଠିଆ ହେବା ସମୟରେ ସ୍ୱୟଂ ପରମପ୍ରଭୁଙ୍କ ସମ୍ମୁଖରେ ଦଣ୍ଡାୟମାନ ହେବା ଭଳି ଅନୁଭବ କଲେ । ସେ ଭଲ ଭାବରେ ଅନୁଭବ କଲେ ଯେ, "Here man forgets himself in God and God expresses Himself in man." ଅର୍ଥାତ୍, ''ଏଠାରେ ମଣିଷ ଭଗବାନଙ୍କ ଭିତରେ ହଜିଯାଏ ଏବଂ ଭଗବାନ୍ ମଣିଷଙ୍କ ଭିତରେ ନିଜକୁ ପ୍ରକାଶିତ କରନ୍ତି ।''

'ଟି', ତାଙ୍କର ଏକାଗ୍ରତା ସହିତ ଅନ୍ୟ କୌଣସି କଥାକୁ ତୁଳନା କରୁ ନଥିଲେ । ତେଣୁ ବାହ୍ୟ କର୍ମ କରିବାରେ ତାଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା । ବର୍ତ୍ତମାନ ସେ ସ୍ଥିର କଲେ ତାଙ୍କ ନିମନ୍ତେ ଆଶ୍ରମ ଜୀବନହିଁ ଉପଯୁକ୍ତ ଜୀବନ । ତାଙ୍କର ତିନି ଦିନ ତିନି ମିନିଟ ପରି ଅତିବାହିତ ହୋଇଗଲା । ଯେହେତୁ ସେ କର୍ତ୍ତବ୍ୟରେ ବନ୍ଧା ହୋଇଥିଲେ, ତାଙ୍କୁ ମାନ୍ଦ୍ରାଜକୁ ଫେରି ଯିବାକୁ ହେବ । ସେ ଦୁଇଟି ପୁସ୍ତକ ଆଶ୍ରମର ରିସେପ୍‌ସନ୍ ବୁକ୍‌ଷ୍ଟଲରୁ କ୍ରୟ କଲେ । ପ୍ରଥମଟି ହେଲା "A Practical guide to Integral Yoga" ଏବଂ ଦ୍ୱିତୀୟଟି "Sri Aurobindo – The Prophet of Divine Life" । ତାଲିମ ସରିବା ପରେ ସେ କାର୍ଯ୍ୟରେ ଯୋଗ ଦେଲେ । କିନ୍ତୁ ଆଶ୍ରମ ଛାଡ଼ି ଯିବା ପାଇଁ ତାଙ୍କର ଆତ୍ମା ଚାହୁଁ ନଥିଲା । ମେ ମାସ ୧୯୬୧ ମସିହାରେ ସେ ଆଶ୍ରମରେ ରହିବା ପାଇଁ ଅଭୀପ୍‌ସା ପୋଷଣ କରି ମା'ଙ୍କୁ ଲେଖିଲେ, ''ମା', ମୁଁ ଯଦି ଆଶ୍ରମରେ ରହି ପାରିବି ନାହିଁ, ତେବେ ଆଶ୍ରମକୁ ମୋ ସହିତ ନେଇଯିବା ପାଇଁ ଅନୁମତି ମିଳୁ ।'' ସେଥରକ ସେ "The Life Divine" ଏବଂ "The Synthesis of Yoga" ଏହି ଦୁଇଖଣ୍ଡ ଗ୍ରନ୍ଥ ସାଥିରେ ନେଇ କର୍ମସ୍ଥଳକୁ ଫେରି ଆସିଲେ ।

ଅକ୍‌ଟୋବର ୧୯୬୧ରେ 'ଟି' ପୁନର୍ବାର ଆଶ୍ରମକୁ ଜନୈକ ପୁରାତନ ଭକ୍ତଙ୍କ ସହିତ ଆସିଲେ । ପଣ୍ଡିଚେରୀରୁ ଫେରିବା ସମୟରେ ବନ୍ଧୁ ଜଣକ ତାଙ୍କୁ ଏକ ଅମୂଲ୍ୟ ଉପଦେଶ ପ୍ରଦାନ କରିଥିଲେ – ତାହା ହେଲା, "Always live as if you were along with the Mother and Sri Aurobindo, even if others on their own levels of consciousness are not able to understand you properly." ଅର୍ଥାତ୍, ''ସଦାସର୍ବଦା ଏପରି ରୁହ ଯେପରି ମା' ଶ୍ରୀଅରବିନ୍ଦଙ୍କ ସହିତ ବାସ କରୁଛ, ଯଦ୍ୟପି ଅନ୍ୟମାନେ ସେମାନଙ୍କର ନିଜ ନିଜ ଚେତନାରେ ରହି ତୁମର ଆଚରଣକୁ ଠିକ୍ ଭାବେ ବୁଝି ନପାରନ୍ତି, ସେଥିରେ କିଛି ଯାଏ ଆସେ ନାହିଁ ।''

ନଭେମ୍ବର ୭, ୧୯୬୧ରେ 'ଟି' ଅନୁମତି ପ୍ରାପ୍ତ ହୋଇ ମା'ଙ୍କ ପ୍ରକୋଷ୍ଠକୁ ଗଲେ ଏବଂ ଦିବ୍ୟ ଜନନୀଙ୍କ ସମ୍ମୁଖରେ ଦଣ୍ଡାୟମାନ ହେଲେ । ପୂର୍ବରୁ ତାଙ୍କର ଅଭୀପ୍ସା ସମ୍ପର୍କରେ ମା'ଙ୍କୁ ଅବଗତ କରାଯାଇଥିଲା । ପରଦିନ ସକାଳେ ମା' କହିଲେ, ''ସେ ଆଶ୍ରମ ଜୀବନ ଗ୍ରହଣ କରିବା ପାଇଁ ଚେଷ୍ଟା କରି ପାରନ୍ତି, କିନ୍ତୁ ତତ୍‌କ୍ଷଣାତ୍ ତାଙ୍କ ଚାକିରି ଛାଡ଼ନ୍ତୁ ନାହିଁ ।'' ପୁନଶ୍ଚ ମା' ତାଙ୍କୁ କହିଲେ, "You must see for yourself whether you can adjust to the Ashram atmosphere."

ଅର୍ଥାତ୍, ''ତୁମେ ନିଜେ ଦେଖ ଆଶ୍ରମ ବାତାବରଣ

ସହିତ ନିଜକୁ ଖାପଖୁଆଇ ପାରୁଛ କି ନାହିଁ।'' ଆଶ୍ରମରେ 'ଟି'ଙ୍କୁ କିଛି କାମ ଦିଆଗଲା ।

ଆଶ୍ରମ ବାତାବରଣରେ ରହିବା ପାଇଁ 'ଟି'ଙ୍କର ପ୍ରସ୍ତୁତି ସମୟ ଥିଲା ଛଅ ମାସ । ଏହି ଛଅ ମାସ ପରେ ସେ ତାଙ୍କ ଚାକିରିରୁ ଅବ୍ୟାହତି ନେବା ପାଇଁ ଦରଖାସ୍ତ ପଠାଇ ଦେଲେ । ବର୍ତ୍ତମାନ ତାଙ୍କ ଭିତରେ ଥିବା ନିମ୍ନପ୍ରକୃତି ଉପରେ ବିଜୟ ହାସଲ କରିବାକୁ ଏବଂ ଆଧ୍ୟାତ୍ମିକ ଜୀବନଯାପନ କରିବାକୁ ସ୍ଥିର କରିନେଲେ । କିନ୍ତୁ ନିମ୍ନପ୍ରକୃତିମାନଙ୍କର ଆକ୍ରମଣର ସମ୍ମୁଖୀନ ହେବା ନିମନ୍ତେ ତାଙ୍କର ଯଥେଷ୍ଟ ଶକ୍ତି ନଥିଲା । ସେ ଧ୍ୟାନସ୍ଥ ହୋଇ ମା'ଙ୍କୁ ସବୁକଥା ଜଣାଇ ଦେଲେ । ଦିବ୍ୟ ଜନନୀ ତାଙ୍କ ସମ୍ମୁଖରେ ଆବିର୍ଭାବ ହେଲେ ଏବଂ ଅପୂର୍ବ ସ୍ମିତହାସ୍ୟର ସହ ଭବିଷ୍ୟତ୍ ସୁରକ୍ଷା ପ୍ରଦାନ ନିମନ୍ତେ ଦିବ୍ୟ ପ୍ରତିଶ୍ରୁତି ଦେଲେ । ସେହି ଦିନଠାରୁ 'ଟି'ଙ୍କର ଯୋଗପଥ ସହଜ ଏବଂ ସ୍ୱାଚ୍ଛନ୍ଦ୍ୟ ସମ୍ଭାବନାରେ ପୂର୍ଣ୍ଣ ହୋଇ ଯାଇଥିଲା ।

'ଟି' ଏକ ପୁସ୍ତକରେ ପଢ଼ିଲେ ଯେ ପ୍ରଭୁ ଶ୍ରୀଅରବିନ୍ଦ ସୂକ୍ଷ୍ମ ଭୌତିକ ସ୍ତରରେ ବାସ କରୁଛନ୍ତି ଏବଂ ସେଠାକୁ ଯାଇ ପାରିଲେ ଜଣେ ତାଙ୍କୁ ଦର୍ଶନ କରିପାରିବ । ସେ ଦିନରାତି ନିରବଚ୍ଛିନ୍ନ ଭାବରେ ଅଭୀପ୍ସାରେ ଲାଗି ରହିଲେ, ଯେପରି ସେହି ସୂକ୍ଷ୍ମ ଜଗତକୁ ଯାଇ ପ୍ରଭୁ ଶ୍ରୀଅରବିନ୍ଦଙ୍କ ଦିବ୍ୟ-ଶରୀର ଦର୍ଶନ କରି ପାରିବେ ।

ଥରେ ରାତିରେ 'ଟି' ନିଜ ଅନ୍ତଃ-ପ୍ରଦେଶକୁ ପ୍ରବେଶ କଲେ ଏବଂ ଏପରି ଏକ ସ୍ଥାନରେ ପହଞ୍ଚିଲେ ଯେଉଁଠାରେ ସେ ଏକ ସ୍ୱର ଶୁଣି ପାରିଲେ । ସେହି ଦିବ୍ୟସ୍ୱର କହୁଥିଲେ — "This is the subtle physical." ''ଏହାହିଁ ସୂକ୍ଷ୍ମ-ଭୌତିକ ରାଜ୍ୟ ।'' ତତ୍ପରେ ସେ ବିନମ୍ର ଭାବରେ ପ୍ରଶ୍ନ କଲେ, ''Then where is the residence of Sri Aurobindo ?'' ''ଏଠାରେ ପ୍ରଭୁ ଶ୍ରୀଅରବିନ୍ଦଙ୍କ ବାସସ୍ଥଳୀଟି କେଉଁଠି ?'' ସେହି ସ୍ୱର ଉତ୍ତର ଦେଲେ, ''On the eastern side, at the source of the golden river is the residence of Sri Aurobindo.'' ''ପୂର୍ବ ପଟରେ ସୁବର୍ଣ୍ଣ ନଦୀର ଉତ୍ସସ୍ଥଳରେ ପ୍ରଭୁ ଶ୍ରୀଅରବିନ୍ଦଙ୍କ ବାସସ୍ଥଳୀ ଅବସ୍ଥିତ ।'' ଏହା ଶ୍ରବଣ କଲା ପରେ 'ଟି' ପୂର୍ବ ଦିଗକୁ ଚାଲିବାକୁ ଆରମ୍ଭ କଲେ, ସେଠାରେ ପହଞ୍ଚି ସୁବର୍ଣ୍ଣ ନଦୀ ପ୍ରବାହିତ ହେଉଥିବାର ଦେଖିଲେ ଏବଂ ସେହି ନଦୀର ଉତ୍ସ ଆଡ଼କୁ ଯାତ୍ରା ଆରମ୍ଭ କରିଦେଲେ । ନଦୀଟି ଏକ ଉଚ୍ଚ ପାହାଡ଼ ଉପରୁ ନିମ୍ନକୁ ପ୍ରବାହିତ ହେଉଥିଲା । ସେ ପାହାଡ଼ ଉପରକୁ ଆରୋହଣ କରିବାକୁ ଲାଗିଲେ ଏବଂ ଏହାର ଶିଖର ଦେଶରେ ପହଞ୍ଚିଗଲେ; କିନ୍ତୁ ସୁବର୍ଣ୍ଣ ନଦୀର ଆଲୋକ ଏତେ ଉଜ୍ଜ୍ୱଳ ହୋଇଗଲା ଯେ ସେଥିରେ ତାଙ୍କ ଆଖି ଝଲସି ଉଠିଲା; ସେ ଆଉ ଆଗକୁ ଗତି କରି ପାରିଲେ ନାହିଁ ।

'ଟି' କହନ୍ତି ବର୍ତ୍ତମାନ ସୁଦ୍ଧା ସେହି ସୁବର୍ଣ୍ଣ ନଦୀର ଉତ୍ସରେ ପହଞ୍ଚିବା ନିମନ୍ତେ ସେ ସାଧନା ଜାରି ରଖିଛନ୍ତି ।

("How They came to Sri Aurobindo and The Mother", Vol. II ପୁସ୍ତକର ପୃଷ୍ଠା. ୨୩୧-୨୩୨ରୁ ସଂଗୃହୀତ ।)

(କ୍ରମଶଃ)

❑❑❑

**ତଥ୍ୟ ନିର୍ଦ୍ଦେଶିକା**

(୧) Prayers and Meditations – The Mother

(୨) How they came to Sri Aurobindo and The Mother – Vol. II by Shyam Kumari

ଧାର୍ମିକ ଚିନ୍ତା ଓ ଅନୁଭୂତିରୁ ସମସ୍ତ ପ୍ରକାର ହୀନତା, ସଂକୀର୍ଣ୍ଣତା ଓ ସ୍ଥୂଳଦର୍ଶିତା ବର୍ଜନ କର । ବୃହତ୍ତମ ଦିଗ୍‌ବଳୟ ଠାରୁ ବୃହତ୍ତର ହୁଅ, ଉଚ୍ଚତମ କାଞ୍ଚନଜଙ୍ଘା ଠାରୁ ଉଚ୍ଚତର ହୁଅ, ଗଭୀରତମ ମହାସାଗର ଠାରୁ ଗଭୀରତର ହୁଅ ।

— ଶ୍ରୀଅରବିନ୍ଦ

# କାରା-ଜୀବନୀ

## (୧୦)

## ଉଲ୍ଲାସକର ଦତ୍ତ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ସାଧାରଣତଃ ଦେଖାଯାଏ ଆମମାନଙ୍କର ଜନ୍ମର ପ୍ରାରମ୍ଭରୁ ଆମର ଶାରୀରିକ ଏବଂ ମାନସିକ ବୁଦ୍ଧିବୃତ୍ତି ଇତ୍ୟାଦି ମଧ୍ୟରେ ବୁଦ୍ଧିବୃତ୍ତିହିଁ ପ୍ରାୟ ସର୍ବଶେଷରେ ପ୍ରାପ୍ତ ହୁଏ । କଥାରେ କୁହାଯାଏ, ''ଗଉଡ଼ମାନଙ୍କର ଅଶୀ ବର୍ଷରେ ବୁଦ୍ଧି ହୁଏ'' । ଏ କ୍ଷେତ୍ରରେ କିନ୍ତୁ ଠିକ୍ ଏହାର ବିପରୀତ, ଯାହା ସର୍ବଶେଷରେ ପ୍ରାପ୍ତ ହୋଇଛି ତାହାହିଁ ସର୍ବପ୍ରଥମେ ଆବିର୍ଭୂତ ହେଲା, ଯେପରି କ, ଖ, ଗ – ଏଇ ପର୍ଯ୍ୟାୟ ଓଲଟାଇ ଦେଲେ ଗ, ଖ, କ ହୋଇଯାଏ । ବୁଦ୍ଧିବୃତ୍ତି ଆବିର୍ଭୂତ ହେଲେ ବି ଶରୀରରେ ତଡ଼ିତ୍ ଆଘାତଜନିତ ଅଣୁ-ପରମାଣୁର ଭିତରେ ଯେଉଁ ଗତିବେଗର ସୃଷ୍ଟି ହୋଇଥିଲା, ତାହା ସାମ୍ୟାବସ୍ଥା ପ୍ରାପ୍ତ ହେବାର ପୂର୍ବରୁହିଁ ବାକ୍‌ନିଷ୍ପତ୍ତି ନେବାରେ ଅଧ୍ୟାପକ ସାହେବଙ୍କର ଧାରଣା ଶକ୍ତି ଅଥବା ଇନ୍ଦ୍ରିୟମାନଙ୍କର ସ୍ୱାଭାବିକ କାର୍ଯ୍ୟକାରୀ ଶକ୍ତି କିଛିକ୍ଷଣ ନିମନ୍ତେ ଏହିପରି ବିକ୍ଷିପ୍ତ ଅଥବା ବିକୃତ ଅବସ୍ଥା ପ୍ରାପ୍ତ ହୋଇଥିଲା, ତେଣୁ କରି ସେ ଏପରି ଦେଖିଥିଲେ – ଏପରି ଅନୁମାନ କରିବାକୁ ବୋଧହୁଏ କାହାରି ଆପତ୍ତି ନାହିଁ । ବର୍ତ୍ତମାନ ଆମମାନଙ୍କର ଆଲୋଚ୍ୟ ଘଟଣା ସହିତ ଉକ୍ତ ଘଟଣାର ପାର୍ଥକ୍ୟ ହେଉଛି ଏହା ଯେ ଟିଣ୍ଡାଲ ସାହେବ ସ୍ୱୟଂ ଯାହା ଅନୁଭବ କରିଥିଲେ ତାହା ତାଙ୍କର ବ୍ୟକ୍ତିଗତ ଅନୁଭୂତି ମାତ୍ର, ସଭାସ୍ଥଳରେ ଥିବା ଅନ୍ୟ କେହି ବି ଏପରି ଅନୁଭବ କରି ନାହାନ୍ତି କି ଦେଖି ବି ନାହାନ୍ତି; କିନ୍ତୁ ଏହି ଘଟଣା ଆମେ ଉଭୟହିଁ ଅନୁଭବ କରିଛୁ, ଅର୍ଥାତ୍ – ମୁଁ ଯାହା ସ୍ୱଚକ୍ଷୁରେ ଦେଖିଛି, ମୋର ବନ୍ଧୁ ମଧ୍ୟ ତାହାହିଁ ଅନୁଭବ କରିଛନ୍ତି; ସୁତରାଂ ଘଟଣାଟି କେବଳ ମାତ୍ର ବ୍ୟକ୍ତିଗତ ଅନୁଭୂତି ବୋଲି ଏଡ଼ାଇ ଦେଲେ ଚଳିବ ନାହିଁ । ଏଥିରେ ସମଷ୍ଟିଗତ ଅନୁଭୂତିର ବି ଏକ ସାଧାରଣ ଭୂମିକା ଅଛି ବୋଲି କହିବାକୁ ହେବ । ପରେ ଆମେ ଦେଖିବାକୁ ପାଇପାରୁ କେବଳ ଦୁଇଜଣ କାହିଁକି କୋଡ଼ିଏ, ପଚିଶ ଜଣ କିଂବା ତତୋଽଧିକ ଲୋକଙ୍କ ସମକ୍ଷରେ ବି ଅତିଲୌକିକ ଘଟଣାଟି ସଂଘଟିତ ହୋଇଛି; ଆବଶ୍ୟକ ହେଲେ ସେମାନଙ୍କ ମଧ୍ୟରୁ କାହାରି କାହାରି ସାକ୍ଷ୍ୟ ପର୍ଯ୍ୟନ୍ତ ନିଆଯାଇପାରେ । ମୁଁ ନିଜେ ଏହିଭଳି ଅତିଲୌକିକ ରାଜ୍ୟରୁ ମୋ ସାମନାରେ ଆବିର୍ଭୂତ ବ୍ୟକ୍ତିମାନଙ୍କ ସହ ଆଳାପ-ଆଲୋଚନା ଏପରିକି କରମର୍ଦ୍ଦନ ପର୍ଯ୍ୟନ୍ତ କରିଛି । ସେମାନଙ୍କର ଆବିର୍ଭାବ ସମୟର ଶରୀର ପ୍ରାୟ ଆମର ପାର୍ଥିବ ଶରୀର ପରି ସ୍ଥୂଳଗୁଣସମ୍ପନ୍ନ, ଏପରିକି ସ୍ପର୍ଶ ପର୍ଯ୍ୟନ୍ତ କରାଯାଇପାରେ; ସୁତରାଂ ଏପରି ଶରୀର ଯେତେବେଳେ ଚକ୍ଷୁ ସମ୍ମୁଖରେ ଶୂନ୍ୟରେ ମିଳାଇ ଯାଉଛି ସେତେବେଳେ କ'ଣ ଏହିପରି ଅନୁମାନ କରାଯାଇ ପାରେନା ଯେ ଆମ ପରସ୍ପରର ବାକ୍‌ବିତଣ୍ଡା ମଧ୍ୟରେ ଏହି ପ୍ରକାର କୌଣସି ଐଶୀ ଶକ୍ତିର ପ୍ରବଳ ସହାୟତା ନେଇ ଦୁର୍ବଳଙ୍କୁ ଅଥବା ତା'ର ଶରୀର କିଂବା ଶରୀରର ଅଂଶବିଶେଷକୁ କ୍ଷଣକ ପାଇଁ ଏକେବାରେ ଅଦୃଶ୍ୟ ଏପରିକି ଧୂଳିସାତ୍ କରାଯାଇ ପାରେ ? ଏବଂ ସ୍ୱୟଂ ଯେଉଁ ପ୍ରକାରରେ ଏହା ଆବିର୍ଭୂତ ହୋଇଛି ସେଇ ପ୍ରକାରରେ ପୁନଃ ବିଚ୍ୟୁତ ଅଂଶ ଦ୍ୱୟ ଅଥବା ଶରୀର ପୂର୍ବ ପରି ପୂର୍ଣ୍ଣାବୟବ କରି ଦେଇପାରେ ? ଯେଉଁ ତଡ଼ିତ୍-ଶକ୍ତି ଅଥବା ଆଲୋକ-ଶକ୍ତିର ଗତି ନିମିଷକେ ଲକ୍ଷ କୋଟି ମାଇଲ ବୋଲି ନିର୍ଦ୍ଧାରିତ ହୋଇଛି, ଏପରି କେଉଁ ପ୍ରକାର ଶକ୍ତି ପକ୍ଷରେ ଏହା ପୁଣି ଆଶ୍ଚର୍ଯ୍ୟଜନକ ବୋଲି ବୋଧ ହେବ କାହିଁକି ?

ବର୍ତ୍ତମାନ ମୁଁ ଏହା ପରର ଘଟଣା ବର୍ଣ୍ଣନା କରିବି । ସେଦିନ ମହରମ ଦିନ; ଚାରିଆଡ଼େ ନାଗରା ବାଜା ବାଜୁଛି । ଏଇ ସୁଯୋଗରେ ଶୁଣିବାକୁ ପାଇଲି ଯେପରି ସୁପରିନ୍‌ଟେଣ୍ଡେଣ୍ଟ୍ ସାହେବଙ୍କ ବଙ୍ଗଳାରୁ ଦଳେ ମହରମ ଖେଳାଳୀ ଆମର criminal enclosure ଆଡ଼କୁ ଆସୁଛନ୍ତି । ଘଟଣାଟି ଦେଖିବା ପାଇଁ ଆମେ ସମସ୍ତେ ଫାଟକ ପାଖରେ ହାଜିର ହେଲୁ । ସେମାନେ ବି ଢୋଲ ଇତ୍ୟାଦି ବଜାଇ ବଜାଇ କ୍ରମେ ଆମ ଫାଟକ ପାଖରେ ପହଞ୍ଚିଲେ । ସେମାନେ ପ୍ରାୟ ପାଞ୍ଚ, ସାତ ଜଣ ଲୋକ ହେବେ, ସାଥିରେ ତିନି କିଂବା ଚାରି ବର୍ଷର ପିଲାଟିଏ ବି ଅଛି । ଫାଟକର କବାଟ ଖୋଲି ଦେବାରୁ ସେମାନେ ସମସ୍ତେ ଭିତରେ ପ୍ରବେଶ କଲେ ଏବଂ ଦେଖିବାକୁ ପାଇଲି

ସେମାନେ ତାଙ୍କ ଭିତରୁ ଜଣକୁ ପ୍ରାୟ ଚାରି, ପାଞ୍ଚ ଜଣ ମିଶି ଗଳାରେ ଅର୍ଦ୍ଧ ଚନ୍ଦ୍ରାକୃତି କଣ୍ଠାଭରଣ ପିନ୍ଧାଇ ସେଥିରେ ଚାରି, ପାଞ୍ଚଟି ଚେନ୍ ଲଗାଇ ଚାରି, ପାଞ୍ଚ ଦିଗକୁ ଟାଣି ଧରିଛନ୍ତି । ଏବଂ ଯାହାକୁ ଟାଣୁଛନ୍ତି ତା'ର ଶରୀରକୁ ନାନା ପ୍ରକାର ରଙ୍ଗରେ ଚିତ୍ରିତ କରାହୋଇଛି ଏବଂ ଅପରାପର ଅନ୍ୟମାନେ ବି ଏଇ ପ୍ରକାର ନାନା ବର୍ଣ୍ଣରେ ଚିତ୍ରିତ ହୋଇଛନ୍ତି । ଘଟଣା କ'ଣ ପଚାରିବାରୁ ଜାଣିଲି ଏଇଟିହିଁ ସେଠାକାର ''ପୁଲି ନାଚ'' (Tiger Play) । ସେଠାକାର ସ୍ଥାନୀୟ ତାମିଲ ଭାଷାରେ ପୁଲି ମାନେ 'ବାଘ' । ମହରମ ସମୟରେ ସେ ଅଞ୍ଚଳରେ ଏଇ ଭଳି ବେଶ ହୋଇ ଲାଠି-ଚକ୍ରି ଖେଳିବାର ପ୍ରଥା ପ୍ରଚଳନ ଅଛି । ପ୍ରଥମେ ଦେଖିଲି ସେଇ ତିନି, ଚାରି ବର୍ଷର ପିଲାଟି ତାଙ୍କର ବାଜାର ତାଳେ ତାଳେ ବେଶ୍ ମଲ୍ଲଯୁଦ୍ଧ କରିବା ଭଳି ପଦ ଚାଳନା କରୁଛି । ଏହା ଦେଖି କୌତୂହଳବଶତଃ ଟିକିଏ ଅଗ୍ରସର ହୋଇ ସେମାନଙ୍କ ମଧ୍ୟରୁ ଜଣକୁ ପଚାରିଲି, ''ପିଲାଟି କାହାର ?'' ଯାହାକୁ ପଚାରିଲି ସେ ଯେପରି କଥାଟିକୁ ପ୍ରଥମେ ଶୁଣି ପାରିଲାନି; କିନ୍ତୁ କହିଲା, ''ଶୁଣି ପାରିଛି''; ପୁନରାୟ ପଚାରିବାରୁ କହିଲା, ''ହେ ଭଗବାନ୍'', ଏବଂ ମୋତେ ଏସବୁ ଆଉ କିଛି ପଚାରିବାକୁ ମନା କଲା । ମୁଁ ଏସବୁ ଘଟଣା କ'ଣ କିଛି ବୁଝି ପାରିଲିନି, ତେବେ ପଚାରିବା ସମୟରେ ଯଦିଓ ତା'ର କାନ ପାଖକୁ ମୁହଁ ନେଇ କଥାଟା ପଚାରିଲି, ତଥାପି ଯେ ସେ ଶୁଣି ପାରୁନି ଏହା ବେଶ୍ ଅନୁଭବ କଲି । ଅତି ଉଚ୍ଚ ପାହାଡ଼ ଉପରକୁ ଉଠିଲେ ଯେପରି ଜଣାଯାଏ, ଅର୍ଥାତ୍ ସେଠାକାର ବାୟୁ ସ୍ତର ଏପରି ହାଲୁକା ହୋଇ ଯାଇଛି ଯେ ପରସ୍ପର କଥା କହିବା ବେଳେ ମନେ ହୁଏ ଯେପରି କଥାଗୁଡ଼ିକ ଉଡ଼ି ଯାଉଛି, ଅଳ୍ପ ବ୍ୟବଧାନରେ ଠିଆ ହୋଇଥିଲେ ବି ଯେପରି ଜଣକର କଥା ଅନ୍ୟ ଜଣକ ନିକଟରେ ପହଞ୍ଚି ପାରେ ନାହିଁ – ଏ କ୍ଷେତ୍ରରେ ଠିକ୍ ସେହିପରି ବୋଧ ହେଲା । ସେମାନଙ୍କର ଦେହର ଆବରଣଟି ଦେଖିବାକୁ ଆମ ପରି ସ୍ଥୂଳ ହେଲେ ବି ଏପରି କିଛି ସୂକ୍ଷ୍ମ ପଦାର୍ଥରେ ନିର୍ମିତ ଯେ, ଆମର ସ୍ଥୂଳ ଜଗତର ଶବ୍ଦ ଲହରୀଗୁଡ଼ିକ ଯେପରି ସହଜରେ ସେମାନଙ୍କର ବୋଧଗମ୍ୟ ହେଉ ନାହିଁ । ସେ ଯାହାହେଉ ମୁଁ ଆଉ ବିଶେଷ କିଛି କଥାବାର୍ତ୍ତା ନକରି ସେମାନଙ୍କର ଖେଳ ଦେଖିବାକୁ ଲାଗିଲି । ମୋର ଯେଉଁ କନିଷ୍ଠ ଭ୍ରାତାର କଥା ପୂର୍ବରୁ ଉଲ୍ଲେଖ କରିଛି ସେ ଯେ ଏଇ ଦଳ ଭିତରେ ଅଛି ଏହା ମୁଁ କେବେହେଲେ ବି କଳ୍ପନା କରିପାରି ନାହିଁ । କିନ୍ତୁ କି ଆଶ୍ଚର୍ଯ୍ୟ ! ଯାହାର ଗଳାରେ ଅର୍ଦ୍ଧଚନ୍ଦ୍ରାକୃତି କଣ୍ଠାଭରଣ ଲଗାଇ ଚାରି, ପାଞ୍ଚ ଜଣ ଧରି ରଖିଛନ୍ତି, ଏ ଯେ ସେଇ ମୂର୍ତ୍ତି ! ତେବେ ସେ ନିଜେ ଆସି ପରିଚୟ ନ ଦେଇଥିଲେ ତା'ର ଏଇଭଳି ରୂପ, ରଙ୍ଗ-ବେରଙ୍ଗର ଆବରଣ ଭିତରୁ ତାକୁ ଚିହ୍ନି ପାରିଥାଆନ୍ତି – ଏପରି ଆଶା କରାଯାଏନା । ସେମାନଙ୍କର 'ବାଘ' ଖେଳର ଦଳ ମଧ୍ୟରେ ସେହିଁ ପ୍ରଧାନ 'ବାଘ' । ପରିଧାନରେ କେବଳ ଖଣ୍ଡିଏ ମାତ୍ର ଲେଙ୍ଗୁଟି ଯାହାକୁ ତାମିଲ ଭାଷାରେ ''ଜଲ୍ଲଟମ୍'' କୁହାଯାଏ ଓ ସର୍ବାଙ୍ଗରେ ହରିଦ୍ରା ବର୍ଣ୍ଣର ଏକ ପ୍ରକାର ରଙ୍ଗ, ମଝିରେ ମଝିରେ ବାଘର ପଞ୍ଝା ଅନୁରୂପ କଳା କଳା ରେଖା, ହାତ ଉପରେ ବାଘର ଅନୁକରଣରେ ଏକ ପ୍ରକାର ଦସ୍ତାନା ପରି ରଙ୍ଗ କରାଯାଇଛି । ମୋତେ ଦେଖି ସେ ଅନେକ କଥାବାର୍ତ୍ତା କଲା ପରେ ତା'ର ଖେଳ ଆରମ୍ଭ ହେଲା । ମହରମର ତାଳେ ତାଳେ ନାନା ପ୍ରକାର ମଲ୍ଲଯୁଦ୍ଧ ପରି ପଦଚାଳନା ଏବଂ ଅଙ୍ଗଭଙ୍ଗି ପରେ ବାଘ ଯେପରି ଗରମ ହୋଇ ଯାଇଛି; ତେଣୁ ପାଖରେ ଆମର ପିଇବା ପାଇଁ ଯେଉଁ ସମସ୍ତ ଜଳର ପାତ୍ର ପୂର୍ଣ୍ଣ କରି ରଖାଯାଇଥିଲା ତା' ଭିତରୁ ପ୍ରାୟ ଦୁଇ ତିନିଟି ପାତ୍ର ଜଳ ଆଣି ତା' ଉପରେ ଢାଳି ଦିଆଗଲା । କିନ୍ତୁ ସେଇ ଜଳରେ ତା'ର ତୃପ୍ତି ହେଲା ନାହିଁ, ତାହା ସ୍ପଷ୍ଟ ବୁଝି ପାରିଲି ଏବଂ ସେ ବି ଏହା ସ୍ୱୀକାର କଲା । ଅର୍ଥାତ୍ – ଆମର ପାର୍ଥିବ ଜଳ ଯେପରି ସ୍ଥୂଳ ଗୁଣସମ୍ପନ୍ନ, ସେମାନଙ୍କର ଦେହ ସେତେଟା ସ୍ଥୂଳ ବିଷୟାନୁଭୂତିରେ ଅଭ୍ୟସ୍ତ ନୁହେଁ, ତେଣୁ ଯେପରି ସେଥିରେ ତା'ର ବିଶେଷ କିଛି ତୃପ୍ତି ଲାଭ ହେଲା ନାହିଁ । ଶେଷରେ ସେଠାକାର ସାହେବ ୱାର୍ଡ଼ରଙ୍କୁ ଗୋଟିଏ ଚୌକିରେ ବସିବା ପାଇଁ ଅନୁରୋଧ କରା ହେଲା । ସେମାନେ ସେଇ ଚୌକି ସାମନାରେ ଖେଳ ଦେଖାଇବେ, ଏହାହିଁ ତାଙ୍କର ଉଦ୍ଦେଶ୍ୟ । ଏଇ ସାହେବ ୱାର୍ଡ଼ରଟି ସେତେବେଳକୁ କୋଡ଼ିଏ କିଂବା ପଚିଶ ବର୍ଷ ଧରି ସେଇ ପାଗଳ ଗାରଦରେ କାମ କରୁଛି । ମୁଁ ସେଠାରୁ ନିଷ୍କୃତି ପାଇ ଚାଲି ଆସିବାର କିଛି ଦିନ ପୂର୍ବରୁ ପେନ୍‌ସନ୍ ନେଇ ଅନ୍ୟତ୍ର ଚାଲିଯାଇଛି । ମହରମର ଦଳ ଆସିଛି ଶୁଣି ହୁଏତ କିଛି ବକ୍‌ସିସ୍ ଦେବାର ଆବଶ୍ୟକତା ହୋଇପାରେ ଏହିପରି ଅନୁମାନ କରି ସେଇ ୱାର୍ଡ଼ରଟି ପୂର୍ବରୁ ଗୋଟିଏ ଟଙ୍କା ଆଣି ହାତରେ ରଖିଥିଲା । ଚୌକିରେ ବସିବାକୁ ଅନୁରୋଧ କରିବାରୁ ସେ କହିଲା, ''ତୁମେମାନେ ବୋଧହୁଏ କିଛି ବକ୍‌ସିସ୍ ଚାହଁ ?'' ଏପରି କହିବାରୁ ସେମାନେ ବିଚାର ଭାରି ଅପ୍ରସ୍ତୁତ ହୋଇ ପଡ଼ିଲେ । କିନ୍ତୁ ଯେତେବେଳେ ମଣିଷର ଖେଳ ଖେଳିବାକୁ

ଆସିଛନ୍ତି, ସବୁକିଛି ମଣିଷ ପରି ହେବା ଆବଶ୍ୟକ; ନଚେତ୍ ଧରା ପଡ଼ିଯିବାର କଥା; ସୁତରାଂ ବକ୍‌ସିସ୍ ନନେଇ ଗତ୍ୟନ୍ତର ନାହିଁ; ତେଣୁ ଟିକିଏ ଇତସ୍ତତଃ ପରେ ପ୍ରଧାନ 'ବାଘ' ରାଜି ହେଲା । ବର୍ତ୍ତମାନ ଟଙ୍କାଟି ଯେ ପୂରାପୂରି ପାର୍ଥିବ ଜଡ଼ ପଦାର୍ଥରେ ପ୍ରସ୍ତୁତ, ମ୍ୟାଜିକ୍ ଅବା ଭୋଜବିଦ୍ୟା ନୁହେଁ, ସେମାନେ ଏଇ ଟଙ୍କା ନେଇ କ'ଣ କରିବେ ? ସେ ଯା' ହେଉ ଟଙ୍କାଟି ସେଇ ସାହେବ ଓ୍ୱାର୍ଡ଼ରର ପାଦ ତଳେ ରଖା ହେଲା ଏବଂ ମୋର ଭାଇ ସେଇ ଦେବଦେହୀ ବାଘ ବାଜାର ତାଳେ ତାଳେ ନାଚି ନାଚି ଏବଂ ନାନା ପ୍ରକାରର ଅଙ୍ଗଭଙ୍ଗି ଓ ପଦଚାଳନା କରୁ କରୁ କେତେଥର ଆଗକୁ ଆଉ କେତେଥର ପଛକୁ ଯାଇ ବହୁ କଷ୍ଟରେ ନଇଁ ପଡ଼ି ମୁଖ ଦେଇ ସେଇ ଟଙ୍କାଟିକୁ ଉଠାଇ ନେଲା । ବର୍ତ୍ତମାନ ଏଇ ଟଙ୍କାଟି ନେଇ ଯେପରି ସେ ଭାରି ଅଡୁଆରେ ପଡ଼ିଗଲା । ସେଠାରେ ସମସ୍ତଙ୍କ ସାମନାରେ ସେ ତା'କୁ ଫିଙ୍ଗି ବି ଦେଇ ପାରୁନି ଅଥଚ ହାତରେ ରଖିବାକୁ ଗଲେ ଏଇ ଜଡ଼ ପଦାର୍ଥ ତା'ର ଶରୀର ଉପରେ ଏପରି ପ୍ରକ୍ରିୟା କରୁଥିଲା ଯେ ସେଥିରେ ଯେପରି ତା'ର ପେଟର ନାଡ଼ୀ ପର୍ଯ୍ୟନ୍ତ ଓଲଟି ବାହାରି ଆସିବାକୁ ଚାହୁଁଥିଲା ।

ସେମାନଙ୍କ ଦଳର ସମସ୍ତଙ୍କ ମଧ୍ୟରେ ଏଇ ଟଙ୍କା ନେଇ ସେ ଯେମିତି ଧରା ପଡ଼ିଗଲା; ତେଣୁ କ'ଣ କରିବ, ସଙ୍ଗୀମାନଙ୍କୁ ବିଦାୟ ଦେଇ ସେଆଡ଼କୁ 'ଚାଲି ଯାଅ' ଏଇ ଆଜ୍ଞା ଦେବା ମାତ୍ରେ ଯେ ଯାହାର ଚାରି ଦିଗରେ ଅଦୃଶ୍ୟ ହୋଇଗଲେ; କିନ୍ତୁ ସେ ନିଜେ ସେତେବେଳ ପର୍ଯ୍ୟନ୍ତ ଅଦୃଶ୍ୟ ହୋଇ ପାରିଲା ନାହିଁ । ସେ ବର୍ତ୍ତମାନ କ'ଣ କରିବ ପଚାରିବାରୁ କହିଲା, ''କ'ଣ ଆଉ କରିବି, ପାଖରେ କୌଣସି ଏକ ଘରେ ଟଙ୍କାଟି ରଖି ଅଦୃଶ୍ୟ ହେବାର ଚେଷ୍ଟା କରିବି'', ଇତ୍ୟାଦି ।

ଯେଉଁ ସାହେବ ଓ୍ୱାର୍ଡ଼ର ଟଙ୍କା ରଖିଥିଲା ତା' ଘର ପାଖରେ ଆଉ ଜଣେ ସାହେବ ଓ୍ୱାର୍ଡ଼ର ସପରିବାରେ ବାସ କରୁଥିଲେ; ଉଭୟହିଁ Criminal Closureର ଖୁବ୍ ନିକଟରେ, ଫାଟକ ଖୋଲିଲେହିଁ ଦେଖିବାକୁ ମିଳେ । ସେ ଯେତେବେଳେ ଏଇ ଘର ଆଡ଼କୁ ଅଗ୍ରସର ହେଉଥିଲେ ସେତେବେଳେ ଆମେ କେତେଜଣ ତା' ପଛେ ପଛେ ଯାଇଥିଲୁ, କିନ୍ତୁ ସେ ମନା କରିବାରୁ ଆମେ ଏଥିରୁ ନିବୃତ୍ତ ହେଲୁ । ଏଇ ଘଟଣା ସମ୍ବନ୍ଧରେ ବର୍ତ୍ତମାନ ସୁଦ୍ଧା ଯାହା କୁହାଯାଇଛି ତା'ପରେ ବୋଧହୁଏ ବ୍ୟାଖ୍ୟା ହିସାବରେ ଆଉ ବିଶେଷ କିଛି ନକହିଲେ ବି ବିଷୟଟି କେତେ ପରିମାଣରେ ଆମର ଧାରଣାଯୋଗ୍ୟ ହୋଇ ପାରିଛି ।

ବର୍ତ୍ତମାନ କେବଳ ଏଇସବୁ ଅତିଲୌକିକ ଓ ଅତ୍ୟାଶ୍ଚର୍ଯ୍ୟ ଘଟଣାର ବର୍ଣ୍ଣନା ନକରି ମଝିରେ ମଝିରେ ଆମର ସାଧାରଣ ଦୈନନ୍ଦିନ କାର୍ଯ୍ୟକଳାପ ସମ୍ବନ୍ଧରେ ଆଲୋଚନା କଲେ ବୋଧହୁଏ ପାଠକମାନଙ୍କର କେତେଟା ମନଃପୂତ ହେବ । ଏକେବାରେ ଏକସଙ୍ଗେ କେତେଗୁଡ଼ିଏ ଅସମ୍ଭବ ଏବଂ ଅନଭ୍ୟସ୍ତ ରାଜ୍ୟର ବ୍ୟାପାର ନେଇ ଖୋଳତାଡ଼ କରିବାକୁ ଗଲେ ଯେ ଆମର ବାସ୍ତବ ରାଜ୍ୟରେ ଅଭ୍ୟସ୍ତ ମସ୍ତିଷ୍କ ଅଧୀର ହୋଇ ପଡ଼ିବ ସେଥିରେ ଆଉ ସନ୍ଦେହ ନାହିଁ ।

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑



## ୨୦୨୬ ବର୍ଷସୂଚୀ (Calendar)ରେ ପରିବେଷିତ ବାଣୀ

All grace and glory and all divinity
Were here collected in a single form

ସମସ୍ତ କରୁଣା ଏବଂ ଗରିମା ଏବଂ ସମସ୍ତ ଦିବ୍ୟତା
ଏଠାରେ ସଂଗୃହୀତ ଏକ ଅଦ୍ୱୟ ରୂପରେ

# ନୂତନ ଶିକ୍ଷାର ଆହ୍ୱାନ

## (୨୮)

**ଗୟାଧର ଦାଶ**

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

(୨୪) ପୂର୍ଣ୍ଣାଙ୍ଗ ଶିକ୍ଷାର ଶିକ୍ଷକ ସ୍ୱୟଂ ମାତୃଶକ୍ତି ବା ମା'। ଏହି ମାତୃଶକ୍ତିର ଅନ୍ୟ ଏକ ବିଭାବ ବା ରୂପ ହେଉଛି ଆମର ଅନ୍ତରାତ୍ମା। ତେଣୁ ସେହି ଅସଲ ଶିକ୍ଷକଟି ସମ୍ମୁଖକୁ ଆସିଲେ ପୂର୍ଣ୍ଣାଙ୍ଗ ଶିକ୍ଷାର ନବଦିଗନ୍ତଗୁଡ଼ିକ ଖୋଲିଯାଏ। ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନର ଶିକ୍ଷକ କେବଳ ଭଗବାନ୍ ଓ ଶିକ୍ଷାର୍ଥୀ (ଶିଶୁ) ମଧ୍ୟରେ ଯୋଗସୂତ୍ର ରୂପେ କାର୍ଯ୍ୟ କରିବ। ଏଥିପାଇଁ ପୂର୍ଣ୍ଣାଙ୍ଗ ଶିକ୍ଷାର ଶିକ୍ଷକର ଗୁଣ ଓ ଯୋଗ୍ୟତା ବିଷୟରେ ମା' କହନ୍ତି –

"Teachers who do not possess a perfect calm, an unfailing endurance, an unshakable quietness, who are full of self-conceit will reach nowhere.

"One must be a saint and a hero to become a good teacher.

"One must be a great Yogi to become a good teacher.

"One must have the perfect attitude in order to be able to expect from one's pupils a perfect attitude.

"You cannot ask of a person what you do not do yourself. It is a rule. ..."

(Pavitra – Education and the Aim of Human Life, p. 137)

ଅର୍ଥାତ୍, ''ଯେଉଁ ଶିକ୍ଷକଙ୍କର ପରିପୂର୍ଣ୍ଣ ସ୍ଥିରତା ନାହିଁ, ଅବ୍ୟର୍ଥ ସହନଶୀଳତା ନାହିଁ, ଅବିଚଳିତ ପ୍ରଶାନ୍ତି ନାହିଁ ଓ ଯିଏ ନିଜେ ଆତ୍ମ-ପ୍ରତାରଣାରେ ପରିପୂର୍ଣ୍ଣ ସେ କୌଣସି କାର୍ଯ୍ୟରେ ସଫଳ ହୋଇ ପାରିବ ନାହିଁ।

''ଉତ୍ତମ ଶିକ୍ଷକ ହେବାକୁ ହେଲେ ଜଣକୁ ନିଶ୍ଚିତଭାବେ ସାଧୁ ଓ ବୀର ହେବାକୁ ପଡ଼ିବ।

''ଉତ୍ତମ ଶିକ୍ଷକ ହେବାକୁ ହେଲେ ଜଣକୁ ମହାନ୍ ଯୋଗୀ ହେବାକୁ ପଡ଼ିବ।

''ଛାତ୍ରମାନଙ୍କଠାରୁ ଯଥାର୍ଥ ମନୋଭାବ ଆଶା କରୁଥିଲେ ଶିକ୍ଷକଙ୍କୁ ପ୍ରଥମେ ଉତ୍ତମ ମନୋଭାବ ପୋଷଣ କରିବାକୁ ହେବ।

''ତୁମେ ନିଜେ ଯାହା କରୁ ନାହଁ ଅନ୍ୟ କେହି ତାହା କରୁ ବୋଲି ତୁମେ କେବେହେଲେ ଆଶା କରିବ ନାହିଁ। ଏହା ଏକ ନିୟମ। ...''

ସୁତରାଂ ପୂର୍ଣ୍ଣାଙ୍ଗ ଶିକ୍ଷାର ଶିକ୍ଷକ ଏକ ଜ୍ୱଳନ୍ତ ଅଗ୍ନିଶିଖା ପରି ସର୍ବଦା ଏକ ଉଦାହରଣ ହୋଇ ରହିବ।

ମାନବସମାଜ ଆଗରେ ଚାରୋଟି ମହାନ୍ ସମସ୍ୟା ରହିଛି। ସେଗୁଡ଼ିକ ହେଲା –

(୧) ସମଗ୍ର ମାନବ ସମାଜରେ ଐକ୍ୟ ଓ ସମନ୍ୱୟ ପ୍ରତିଷ୍ଠା କରିବା।
(୨) ଜୀବନ ଓ ଜଗତରେ ଶାନ୍ତି ପ୍ରତିଷ୍ଠା କରିବା।
(୩) ବ୍ୟକ୍ତିଗତ ଜୀବନରେ ଏକ ଗଭୀର ସୁଦୃଢ଼ ଭୂମି ଓ ଅନ୍ତରାତ୍ମାର ଆବିଷ୍କାର କରିବା।
(୪) ପୂର୍ଣ୍ଣାଙ୍ଗ ଜୀବନ ଓ ଦିବ୍ୟ ଜୀବନର ସନ୍ଧାନ କରିବା।

ଏହି ଚାରୋଟି ମହାନ୍ ସମସ୍ୟାର ସମାଧାନ ପଥରେ ଶିକ୍ଷକ ନେତୃତ୍ୱ ନିଏ। ଶିକ୍ଷକ ନିଜେ ଏକ ସତୀର୍ଥ ହୋଇ ଅନ୍ୟ ସତୀର୍ଥମାନଙ୍କୁ ଆପଣାର କରେ ଏବଂ ନିଜେ ଅଗ୍ରଗତି କରିବା ସହ ଅନ୍ୟକୁ ତା'ର ଅଗ୍ରଗତିରେ ସାହାଯ୍ୟ କରେ। ଶିକ୍ଷକର ତପସ୍ୟା ହେଉଛି ଶ୍ରଦ୍ଧା ଓ ଅନୁରାଗର ତପସ୍ୟା। ସେ ମନଦେଇ ନୁହେଁ, ହୃଦୟ ଦେଇ ପିଲାଙ୍କୁ ବୁଝିବ ଓ ଶ୍ରଦ୍ଧା କରିବ। ମା' କହନ୍ତି – "The system is not very important. It is the attitude of the teacher that matters." (CWM, Vol. 12, p. 183)

ଅର୍ଥାତ୍, ''ଶିକ୍ଷାର ବ୍ୟବସ୍ଥାଟି ଯେତେ ଗୁରୁତ୍ୱପୂର୍ଣ୍ଣ ନୁହେଁ, ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଶିକ୍ଷକର ଦୃଷ୍ଟିଭଙ୍ଗୀ।'' ତା'ର ଅନନ୍ୟ ଦୃଷ୍ଟିଭଙ୍ଗୀରେ ମରୁଭୂମିରେ

ପଦ୍ମ ଫୁଟି ପାରିବ, ବନ୍ଧ୍ୟାଭୂମିଟି ମଧ୍ୟ ଶସ୍ୟଶ୍ୟାମଳାରେ ହସି ଉଠିବ ।

ଶିକ୍ଷକ ଏକ ସତ୍‌ସଙ୍ଗ । ସତ୍ୟ ଓ ନ୍ୟାୟପଥରୁ ସେ କେବେ ବି ବିଚ୍ୟୁତ ହୁଏ ନାହିଁ । ଏପରି ଏକ ସତ୍‌ସଙ୍ଗ ଲାଭ କରି ଛାତ୍ରମାନେ ଅମାପ ଶକ୍ତିର ଅଧିକାରୀ ହୁଅନ୍ତି ଏବଂ ଜୀବନଧାରାଟି ସଙ୍ଗଠିତ ହୋଇଥାଏ । ସୁତରାଂ ଶିକ୍ଷକତା ଏକ ବୃତ୍ତି ନୁହେଁ, ଏକ ଭଗବତ୍ ସେବା । ଶିକ୍ଷକର ପ୍ରଭାବହିଁ ଛାତ୍ର ଭିତରେ ଜ୍ଞାନର ପ୍ରଦୀପକୁ ଜାଳିଦିଏ । ଏପରି ଏକ ମହାନ୍ ଶିକ୍ଷକର କଥା ପୂର୍ଣ୍ଣାଙ୍ଗ ଶିକ୍ଷାରେ କୁହାଯାଇଛି ଯାହା ଭବିଷ୍ୟତ୍ ସମାଜ ପାଇଁ ଏକ ମର୍ମସ୍ପର୍ଶୀ ସଙ୍କେତ ।

(୨୫) ଶିକ୍ଷା ଏକ ପାରସ୍ପରିକ ପ୍ରକ୍ରିୟା । ଆମର ପାରସ୍ପରିକ ସମ୍ପର୍କଟି ଯେତେ ଶୁଦ୍ଧ ଓ ମଧୁର ହେବ, ଶିକ୍ଷା କାର୍ଯ୍ୟକ୍ରମଗୁଡ଼ିକ ସେତେ ସରସ ଓ ସୁନ୍ଦର ହେବ । ଶିକ୍ଷା ବ୍ୟବସ୍ଥାଟି କିପରି ହେବ ପୂର୍ଣ୍ଣାଙ୍ଗ ଶିକ୍ଷା ତା' ଉପରେ ଗୁରୁତ୍ୱ ପ୍ରଦାନ କରେ ନାହିଁ । ଏହା ଆତ୍ମଭାବ ଉପରେ ଗୁରୁତ୍ୱ ଦିଏ । ''ମିତ୍ରସ୍ୟାହଂ ଚକ୍ଷୁସା ସର୍ବାଣି ଭୂତାନି ସମୀକ୍ଷେ'', 'ମିତ୍ରସ୍ୟ ଚକ୍ଷୁସା ସମୀକ୍ଷାବହେ' ।

ଅର୍ଥାତ୍ – ''ମୁଁ ସମସ୍ତଙ୍କୁ ମିତ୍ର ଦୃଷ୍ଟିରେ ଦେଖେ ଏବଂ ଆମ୍ଭେମାନେ ମିତ୍ର ଚକ୍ଷୁରେ ପରସ୍ପରକୁ ଦେଖୁ ।'' 'ଋତସ୍ୟ ପଥା ପ୍ରେତ' ଅର୍ଥାତ୍ – ସତ୍ୟ ପଥରେ ଚାଲ । 'ଶ୍ରଦ୍ଧୟା ସତ୍ୟମାପ୍ୟତେ' ।

ଅର୍ଥାତ୍ – ଶ୍ରଦ୍ଧା ଦ୍ୱାରା ସତ୍ୟ ମିଳେ । ଏହି ପ୍ରକାର ଭାବ ଜୀବନ୍ତ ହୋଇ ପାରିଲେ ଶିକ୍ଷା ବ୍ୟବସ୍ଥା ଆପେ ଆପେ ବଦଳିଯିବ । ମାଆ ସ୍ପଷ୍ଟଭାବେ କହିଛନ୍ତି ଯେ –

"... for so long as national life and the relations between nations remain what they are, it is quite impossible to live a supramental life on earth." (CWM, Vol. 9, p. 167)

ଅର୍ଥାତ୍, ''... ଜାତୀୟ ଜୀବନ ଓ ଜାତି ଜାତି ମଧ୍ୟରେ ରହିଥିବା ସମ୍ପର୍କମାନ ଯେପର୍ଯ୍ୟନ୍ତ ରହିଛି, ଠିକ୍ ସେହିପରି ହୋଇ ରହିଥିବ, ତେବେ ପୃଥିବୀର ମନୁଷ୍ୟମାନଙ୍କ ପାଇଁ ଏକ ଉଚ୍ଚତର ଚେତନାର ଜୀବନ ବଞ୍ଚିବା ସମ୍ପୂର୍ଣ୍ଣଭାବେ ଅସମ୍ଭବ ହୋଇ ରହିଥିବ ।''

ସୁତରାଂ ପୂର୍ଣ୍ଣାଙ୍ଗ ଶିକ୍ଷାର ଆହ୍ୱାନ ହେଉଛି ଯେ ଏକ ନୂତନ ଦୃଷ୍ଟିରେ ଆମେ ଶିକ୍ଷା, ଶିକ୍ଷାର୍ଥୀ ଓ ସମାଜକୁ ଦେଖିଲେ ହତାଶା, ନିରାଶା, ଅବିଶ୍ୱାସ, ସଂଶୟ, ବିଭେଦତା, ସଂକୀର୍ଣ୍ଣତା, ଅସାମର୍ଥ୍ୟ ଓ ଅଜ୍ଞାନତାର ପରଦାଟି ଖସିପଡ଼ିବ ଏବଂ ନୂତନ ସୂର୍ଯ୍ୟାଲୋକରେ ନୂତନ ଶିକ୍ଷାର ଦିଗ୍‌ବଳୟଟି ସ୍ପଷ୍ଟ ହୋଇଉଠିବ ।

(୨୬) ପୂର୍ଣ୍ଣାଙ୍ଗ ଶିକ୍ଷା ହେଉଛି ଆତ୍ମ-ପରିପୂର୍ଣ୍ଣତାର ଶିକ୍ଷା । ଆତ୍ମ-ପରିପୂର୍ଣ୍ଣତା ପଥରେ କିଏ କାହାକୁ ଶିକ୍ଷା ଦାନ କରିବ ? ଏଥିପାଇଁ କେଉଁ ଉପାୟ ବା ପଦ୍ଧତି ଅନୁସରଣ କରାଯିବ ? ଆଜିର ଶିକ୍ଷକ ଯାହା ପଢ଼ାଏ ତାହା କେତେକ ତଥ୍ୟ ପ୍ରଦାନ କରିବା ଛଡ଼ା ଅନ୍ୟ କିଛି ନୁହେଁ । ଏହା ବାହ୍ୟ ଜୀବନର ଅଭିବୃଦ୍ଧି ପାଇଁ ଉପଯୋଗୀ; କିନ୍ତୁ ଆନ୍ତର ଜୀବନର ଅଭିବୃଦ୍ଧି ପାଇଁ କ'ଣ ପଢ଼ାଯିବ ଏବଂ କେଉଁ ପ୍ରଣାଳୀ ଅବଲମ୍ବନ କରାଯିବ ତାହା ନିର୍ଦ୍ଧାରଣ କରାଯାଇପାରିବ କି ? ଏପରିକି ଏଥିପାଇଁ ପାଠ୍ୟ ଖସଡ଼ା ପ୍ରସ୍ତୁତ କରାଯାଇ ପାରିବ କି ? ସରକାର ଏଥିପାଇଁ କି ପ୍ରକାର ପୁସ୍ତକମାନ ପ୍ରଣୟନ କରି ପାରିବେ ଏବଂ କେଉଁ ପରୀକ୍ଷା ମାଧ୍ୟମରେ ଛାତ୍ରମାନଙ୍କର କୃତିତ୍ୱକୁ ନିର୍ଦ୍ଧାରଣ କରିପାରିବେ ? ପୂର୍ଣ୍ଣାଙ୍ଗ ଶିକ୍ଷା ବାହ୍ୟ ଜୀବନ ଓ ଆନ୍ତର ଜୀବନ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରେ । ଏହି ଶିକ୍ଷା ପାଇଁ ଶିକ୍ଷକ କେଉଁ ବିଷୟ ପଢ଼ାଇବ ଏବଂ କେଉଁ ପ୍ରଣାଳୀ ଅନୁସରଣ କରିବ, ତାହା ଆମେ ନିର୍ଦ୍ଦିଷ୍ଟ କରି କହିପାରିବା ନାହିଁ । ଲକ୍ଷ୍ୟପ୍ରାପ୍ତିର ଅନେକ ପନ୍ଥା ରହିଛି; ପ୍ରତ୍ୟେକ ଶିଶୁର ପ୍ରକୃତି ଅନ୍ୟଠାରୁ ପୃଥକ୍ ହୋଇଥିବାରୁ ଗୋଟିଏ ପ୍ରକାର ପଦ୍ଧତି ସମସ୍ତଙ୍କ ପାଇଁ ଉପଯୋଗୀ ହୋଇପାରିବ ନାହିଁ । ପୁନଶ୍ଚ ପିଲାର ଆଗ୍ରହ, ଅନୁରାଗ, ଅଭୀପ୍ସା ଏବଂ ମାନସିକ ଅବସ୍ଥାକୁ ନେଇ ଶିକ୍ଷାଦାନର ଉପଯୁକ୍ତ ପ୍ରଣାଳୀ ବିଷୟରେ ଚିନ୍ତା କରାଯାଇପାରେ । ଏଥିପାଇଁ ପିଲାର ସ୍ୱଭାବ ଓ ସ୍ୱଧର୍ମକୁ ମଧ୍ୟ ବୁଝିବାକୁ ହେବ । ଏପରିକି ଭିନ୍ନ ଭିନ୍ନ ପରିସ୍ଥିତିରେ ଭିନ୍ନ ଭିନ୍ନ ପ୍ରଣାଳୀ ମଧ୍ୟ ଅବଲମ୍ବନ କରାଯାଇପାରେ । ସୁତରାଂ ଶିକ୍ଷାଦାନ ପଦ୍ଧତିଟି ଯାବତୀୟ ଶିକ୍ଷାର ମୁଖ୍ୟ ଆୟୁଧ ରୂପେ ପରିଚିତ ।

ପ୍ରାଚୀନ ଗୁରୁକୁଳ ଆଶ୍ରମରେ ଶିଷ୍ୟଟି କର୍ମ ମାଧ୍ୟମରେ ଶିଖୁଥିଲା । ସେଠାରେ କର୍ମ-ଜିଜ୍ଞାସା, ଧର୍ମ-ଜିଜ୍ଞାସା ଓ ବ୍ରହ୍ମ-ଜିଜ୍ଞାସା ଏହି ତିନୋଟି ଏକ ସଙ୍ଗରେ ଚାଲୁଥିଲା । ଆନ୍ତର ପ୍ରେରଣାକୁ ସାଥୀ କରି ଶିକ୍ଷାର୍ଥୀ ଆଗେଇ ଯାଉଥିଲା । ସ୍ୱତଃସ୍ଫୂର୍ତ୍ତଭାବେ ଶ୍ରଦ୍ଧାର ସହ ଜଣେ ଶିଖିବାକୁ ଚେଷ୍ଟା କଲେ ସେ ସହଜରେ ଶିଖିଯାଏ । ଜଣକୁ ଠେଲି କରି ଯଦି ଶିଖାଇବାକୁ ଚେଷ୍ଟା କରାଯାଏ ସେସବୁ ବୃଥା ହୁଏ ଏବଂ ଶିକ୍ଷାଟି ଅଶିକ୍ଷାରେ

ପରିଣତ ହୋଇଯାଏ । ପୂର୍ଣ୍ଣାଙ୍ଗ ଶିକ୍ଷାରେ କେହି କାହାକୁ ଶିଖାଏ ନାହିଁ । ଏଠାରେ ପିଲାଟି ନିଜର ସ୍ୱଭାବ ଅନୁସାରେ ନିଜର ପଦ୍ଧତିକୁ ନିଜେ ବାଛିଥାଏ । ଶିକ୍ଷାଦାନରେ ଅନେକ ପଦ୍ଧତି ରହିଛି । ପ୍ରତ୍ୟେକ ପଦ୍ଧତିର ମୂଲ୍ୟ ତା'ର ବ୍ୟବହାର ଉପରେ ନିର୍ଭର କରେ । ପ୍ରକୃତ କଥା ହେଲା ପିଲାଟିର ସ୍ୱଭାବ ଓ ମାନସିକ ସ୍ଥିତି ଏବଂ ସେ କେଉଁ ପରିବେଶରେ ବଢୁଛି ସେସବୁ ପ୍ରତି ଶିକ୍ଷକର ଗଭୀର ଜ୍ଞାନ ଓ ଅନୁଭୂତି ନଥିଲେ ତା' ପାଇଁ ଯଥାର୍ଥ ଶିକ୍ଷଣ-ପଦ୍ଧତି ବାଛିବା ସମ୍ଭବ ହୋଇ ନଥାଏ ।

ପ୍ରକୃତରେ ପୂର୍ଣ୍ଣାଙ୍ଗ ଶିକ୍ଷାରେ ଶିକ୍ଷକ ନିଜେ ହେଉଛି ସବୁଠାରୁ ଉତ୍ତମ ଶିକ୍ଷାଦାନ ପଦ୍ଧତି । ଶିକ୍ଷାଦାନର ବିଭିନ୍ନ ପଦ୍ଧତି ବିଷୟରେ ତା'ର ଜ୍ଞାନ ଅବଶ୍ୟ ରହିଥିବ; କିନ୍ତୁ ଆବଶ୍ୟକ ସ୍ଥଳେ ସେ ଯେଉଁ ପଦ୍ଧତିଟିକୁ ଉପଯୁକ୍ତ ବୋଲି ମନେ କରିବ ତାହାହିଁ ସେ ପ୍ରୟୋଗ କରିପାରିବ । ଏପରିକି ଶିକ୍ଷକ ନିଜେ ସୃଷ୍ଟି କରିଥିବା ପଦ୍ଧତିଟିହିଁ ଶିକ୍ଷାଦାନ ପାଇଁ ଉତ୍ତମ ହୋଇଥାଏ । ଶ୍ରୀଅରବିନ୍ଦ ଜାତୀୟ ଶିକ୍ଷା ପ୍ରଣାଳୀ (A System of National Education)ରେ ଯେଉଁ ତିନୋଟି ସୂତ୍ରର କଥା କହିଛନ୍ତି ତାହା ପୂର୍ଣ୍ଣାଙ୍ଗ ଶିକ୍ଷାର ମୌଳିକ ସୂତ୍ର ବୋଲି କୁହାଯାଏ । ଏହା ମଧ୍ୟ ସବୁ ଦେଶର ସମସ୍ତ ଶିକ୍ଷକଙ୍କ ପାଇଁ ମୌଳିକ ସୂତ୍ର ବୋଲି କୁହାଯାଇ ପାରିବ ।

ପ୍ରଥମ ସୂତ୍ର ହେଲା – "Nothing can be taught." ଅର୍ଥାତ୍, ଶିଶୁକୁ କିଛି ବି ଶିକ୍ଷା ଦିଆଯାଇ ପାରିବ ନାହିଁ । ଏହା ଏକ ବିରୋଧାଭାସ । ନିରର୍ଥକ ରୂପେ ପ୍ରତୀୟମାନ ହେଲେ ବି ଏହା ତତ୍ତ୍ୱତଃ ସତ୍ୟ ଅଟେ । ଶିଶୁ ଭିତରେ ସକଳ ବିଦ୍ୟା, ଅନନ୍ତ ସମ୍ପଦ ମହଜୁଦ ହୋଇ ରହିଛି; କିନ୍ତୁ ସେ ତାହା ଭୁଲି ଯାଇଛି । ଏହା ତା'କୁ ମନେ ପକାଇ ଦେବା ହେଉଛି ଶିକ୍ଷାର କାର୍ଯ୍ୟ । ଅନ୍ତରାତ୍ମାହିଁ ପ୍ରକୃତ ଶିକ୍ଷକ । ଅନ୍ୟ ପ୍ରକାରେ କହିବାକୁ ହେଲେ ପ୍ରତ୍ୟେକ ବ୍ୟକ୍ତି ନିଜେହିଁ ନିଜର ଶିକ୍ଷକ । ନିଜେହିଁ ଶିକ୍ଷାର୍ଥୀ ଏବଂ ନିଜେହିଁ ଶିକ୍ଷା ।

ଦ୍ୱିତୀୟ ସୂତ୍ରଟି ହେଲା – "Mind has to be consulted in its own growth." ଅର୍ଥାତ୍, ''ଅଭିବୃଦ୍ଧି ସକାଶେ ମନକୁ ନିଜର ପରାମର୍ଶ ଗ୍ରହଣ କରିବାକୁ ହେବ ।'' ଶିଶୁ ହେଉଛି ଏକ ବିକାଶଶୀଳ ଆତ୍ମା । ସେ ତା'ର ମନକୁ ଜାଣିବ । ନିଜର ମନକୁ ପଚାରି ବାଟ ଚାଲିବ ଏବଂ ନିଜ ଭିତରେ ଥିବା ଆତ୍ମାକୁ ଆବିଷ୍କାର କରି ଅନନ୍ତ ସମ୍ଭାବନାଗୁଡ଼ିକୁ ବିକଶିତ କରାଇ ଆଣିବ । ଭାଗବତରେ କୁହାଯାଇଛି – 'ମନ ତୋହର ନିଜ ଗୁରୁ, ଉଦ୍ଧବ କେତେ ତୁ ପଚାରୁ ।' ପ୍ରତ୍ୟେକ ବ୍ୟକ୍ତିର ଏକ ସ୍ୱତନ୍ତ୍ର ଭାବ ଓ ଧର୍ମ ରହିଛି । ଅନ୍ତରାତ୍ମାର ଭାବହିଁ ଆମର ସ୍ୱଭାବ ଏବଂ ଅନ୍ତରାତ୍ମାର ଧର୍ମ ହେଉଛି ଆମର ସ୍ୱଧର୍ମ । ଗୀତାରେ କୁହାଯାଇଛି, ''ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍ ।'' ଅଳ୍ପ ହେଉ ପଛେ ପରଧର୍ମ ଅପେକ୍ଷା ନିଜର ଧର୍ମକୁ ଅନୁସରଣ କରିବା ଦ୍ୱାରା ମହାନ୍ ଦୁର୍ଗତିରୁ ରକ୍ଷା ମିଳେ । ପ୍ରତ୍ୟେକ ବ୍ୟକ୍ତିର ସ୍ୱଭାବ ଓ ସ୍ୱଧର୍ମ ହେଉଛି ଭଗବାନଙ୍କର ବିଶେଷ ଦାନ । ସେହି ସ୍ୱଭାବ ଓ ସ୍ୱଧର୍ମକୁ ଚିହ୍ନିବା, ଆବିଷ୍କାର କରିବା, ବିକଶିତ କରାଇବା ଏବଂ ସଦ୍‌ବ୍ୟବହାର କରିବା ହେଉଛି ପୂର୍ଣ୍ଣାଙ୍ଗ ଶିକ୍ଷାର ଲକ୍ଷ୍ୟ । ସୁତରାଂ ପିଲାଟି ନିଜର ସ୍ୱଭାବ ଓ ସ୍ୱଧର୍ମ ଅନୁସାରେ ନିଜ ଶିକ୍ଷାର ପ୍ରଣାଳୀ ନିଜେ ବାଛି ନେବ । ତା'ର ବାଛିବା ବା ଅନ୍ୱେଷଣ ପଥରେ ଶିକ୍ଷକ କେବଳ ଶ୍ରଦ୍ଧାର ସହ ସହାୟତାର ହାତ ବଢ଼ାଇ ଦେବ ।

ତୃତୀୟ ସୂତ୍ରଟି ହେଲା – ''... to work from the near to the far, from that which is to that which shall be.'' (CWSA, Vol. 1, p. 384)

ଅର୍ଥାତ୍, ''... ନିକଟସ୍ଥ ପାରିପାର୍ଶ୍ୱିକ ଅବସ୍ଥାରୁ ଆରମ୍ଭ କରି ଦୂରଦୂରାନ୍ତ ପର୍ଯ୍ୟନ୍ତ, ବର୍ତ୍ତମାନ ଯାହା ଅଛି ତହିଁରୁ ଆରମ୍ଭ କରି ଭବିଷ୍ୟତରେ ଯାହା ହୋଇଉଠିବ ସେଥି ନିମିତ୍ତ କାର୍ଯ୍ୟ କରିବା ।'' ଏହି ମୌଳିକ ନିୟମଟିକୁ ଶିକ୍ଷାଦାନ କ୍ଷେତ୍ରରେ ସଚରାଚର ଗ୍ରହଣ କରାଯାଏ । ନିକଟରୁ ଦୂର, ଜଣାରୁ ଅଜଣା, ଅଳ୍ପରୁ ବହୁତ, କେତେକରୁ ସମସ୍ତ, ସୀମିତରୁ ଅସୀମ, ପରୀକ୍ଷିତରୁ ଅପରୀକ୍ଷିତ, ଦେଖାରୁ ଅଦେଖା, ମୂର୍ତ୍ତରୁ ବିବିକ୍ତ, ଭିତରୁ ବାହାର, ବର୍ତ୍ତମାନରୁ ଭବିଷ୍ୟତକୁ ଗତି କରିବା ଶିକ୍ଷାଦାନର ସର୍ବୋତ୍କୃଷ୍ଟ ପ୍ରଣାଳୀ ବୋଲି ସବୁ ଶିକ୍ଷାନୀତିରେ କୁହାଯାଇଛି । ନିଜର ପରିସର ଭିତରେ ରହି କାର୍ଯ୍ୟ ଆରମ୍ଭ କରିବା ଯଥାର୍ଥ ଉପାୟ । ଏହା ଦ୍ୱାରା ଜୀବନ ସହିତ ଶିକ୍ଷା ଯୋଡ଼ି ହୋଇଯାଏ ଏବଂ ଚେତନା ଧୀରେ ଧୀରେ ପ୍ରସାରିତ ହୋଇଯାଏ । ସ୍ୱାଭାବିକ ଧାରାରେ ବଞ୍ଚିବା ଓ ବଢ଼ିବା – ଏକ ମୁକ୍ତ ଓ ସ୍ୱତଃସ୍ଫୂର୍ତ୍ତ ଅଭିବୃଦ୍ଧିହିଁ ପୂର୍ଣ୍ଣାଙ୍ଗ ଶିକ୍ଷାର ଆଦର୍ଶ ଅଟେ । ଏହି ତିନୋଟି ସୂତ୍ର ଭିତରେ ଆମେ ଶିକ୍ଷାର ଦୁନିଆକୁ ଦେଖି ପାରିବା ଏବଂ ସେହି ଅନୁସାରେ ଆତ୍ମ-ସମୀକ୍ଷା କରିପାରିବା । ଏହି ତିନୋଟି ସୂତ୍ର ନୂତନ ଶିକ୍ଷାର ଆହ୍ୱାନ ହୋଇ ରହିଛି ।

(କ୍ରମଶଃ)

❑❑❑

# ଆସନ୍ତୁ ଚେଷ୍ଟା କରିବା

## ପ୍ରସାଦ ତ୍ରିପାଠୀ

ମୋର ଜଣେ ମୁସଲମାନ ବନ୍ଧୁ ଥିଲେ । ମୁଁ ତାଙ୍କ କୋଠରିକୁ ଗଲେ ପ୍ରଥମେ ଆଖିରେ ପଡ଼େ ଗୋଟିଏ ବାଣୀ । ସେ ବାଣୀଟି କେଉଁଠାରୁ ଉଦ୍ଧୃତ ମୁଁ କେବେ ପଚାରି ନାହିଁ, ମାତ୍ର ବାଣୀଟି ମୋତେ ବହୁତ ଆକର୍ଷିତ କରେ । ବାଣୀଟି ଏହିପରି – "Do you have any solution to the problem or you are a part of it ?" ଅର୍ଥାତ୍ – ''ଯେଉଁ ସମସ୍ୟାରେ ତୁମେ ଅଛ, ସେ ସମସ୍ୟାର କିଛି ସମାଧାନ ତୁମ ପାଖରେ ଅଛି ନା ତୁମେ ନିଜେ ସେଇ ସମସ୍ୟାର ଏକ ଅଂଶ ?'' ବାଣୀଟି ବାସ୍ତବିକ କେତେ ଯଥାର୍ଥ ! ସମସ୍ୟା ଭିତରେ ଥାଇ ଘାଣ୍ଟି ହେଉଥିଲେ ତା'ର ସମାଧାନ କେବେ ଦିଶିବ ନାହିଁ । ଯଦି ତୁମେ ସମସ୍ୟାର ଊର୍ଦ୍ଧ୍ୱକୁ ଉଠିଯିବ, ହୁଏତ ସମାଧାନ ଦିଶିବ । ଆମକୁ କିନ୍ତୁ ସମସ୍ୟା ଭିତରେ ଥିଲେ ଯେଉଁ ବିକୃତ ଆନନ୍ଦ ମିଳେ ତାକୁ ଛାଡ଼ିବାକୁ କେବେ ବି ଆଗ୍ରହ ନଥାଏ । କୁଣ୍ଡିଆକୁ କୁଣ୍ଡାଇଲା ବେଳେ ଯେଉଁ ଆନନ୍ଦ ମିଳେ, କୁଣ୍ଡିଆ ଭଲ ହୋଇଗଲେ ସେ ଆନନ୍ଦ ମିଳିବ ନାହିଁ । ଯଦି ଆମେ ସତରେ କୁଣ୍ଡିଆରୁ ମୁକ୍ତ ହେବାକୁ ଚାହୁଁ ତେବେ ନିଜର ହାତକୁ ସଂଯତ କରିବାକୁ ହେବ । ଯେତେ କୁଣ୍ଡେଇ ହେଉଥିଲେ ମଧ୍ୟ କୁଣ୍ଡାଇବାକୁ ଦେବା ନାହିଁ ଏବଂ ତା' ସହିତ କୁଣ୍ଡିଆ ଉପରେ ମଲମ ଲଗାଇବାକୁ ହେବ ।

ଆମେ ସବୁ କଥାକୁ ଗ୍ରହଣ କରି ନେଉଛୁ । ଯଦି ସବୁକୁ ସ୍ୱୀକାର କରିନେବୁ ତେବେ ତା' ଊର୍ଦ୍ଧ୍ୱକୁ ଉଠିବୁ କିପରି ? ଧରାଯାଉ, ଆପଣଙ୍କୁ ଭୀଷଣ ଥଣ୍ଡା, କାଶ ହେଉଛି । ସାଙ୍ଗେ ସାଙ୍ଗେ ଅନେକ ପରାମର୍ଶ ଆସିବ – ''ସବୁଆଡ଼େ ତ ଥଣ୍ଡା, କାଶ । ଏ ଋତୁ ତ ସେଇଆ । ବ୍ୟସ୍ତ ହେଲେ କ'ଣ ହେବ ?'' ଅର୍ଥାତ୍, ଏହି ସମସ୍ୟାଟା ଆମେ ଭୋଗିବାକୁ ବାଧ୍ୟ । ଏପରି ଏକ ମନୋଭାବ ଆସିବା ପରେ ଆମେ ତା' ଊର୍ଦ୍ଧ୍ୱକୁ ଉଠିବୁ କିପରି ? ଥଣ୍ଡା, କାଶର ସମ୍ମୁଖୀନ ହେଲେ ମଧ୍ୟ ତା'ଠାରୁ ମୁକ୍ତି ପାଇବା ପାଇଁ ଔଷଧ ଖାଇଛୁ, ଅର୍ଥାତ୍ ଆମେ ତା'ଠାରୁ ଊର୍ଦ୍ଧ୍ୱକୁ ଯିବାକୁ ପ୍ରୟାସ କରୁଛୁ । ସେଠାରୁ ଉଦ୍ଧାର ବା ମୁକ୍ତି ପାଇବା ପାଇଁ ଚେଷ୍ଟା କରୁଛୁ । ଔଷଧ ଖାଉଛୁ, ଅନ୍ୟ କିଛି ଉପଚାର କରୁଛୁ ।

ଠିକ୍ ସେହିପରି, ବର୍ତ୍ତମାନ ଅସଙ୍ଗତି ଏକ ସ୍ଲୋଗାନ୍ ହୋଇ ଗଲାଣି । ପ୍ରତ୍ୟେକ ଅନୁଷ୍ଠାନରେ ଅସଙ୍ଗତି । ସମାଜରେ ଖୁବ୍ ଅଳ୍ପ ଅନୁଷ୍ଠାନ ଅଛି ଯେଉଁଠାରେ ଅସଙ୍ଗତି ନାହିଁ କିଂବା ଖୁବ୍ କମ୍ ଅଛି । ମାତ୍ର କେତେକ ସ୍ଥାନରେ ଏହା ତାଙ୍କର ନିଃଶ୍ୱାସ ପ୍ରଶ୍ୱାସ ଭଳି ଅତ୍ୟାବଶ୍ୟକୀୟ ଶବ୍ଦ ହୋଇ ଗଲାଣି; ଯେପରି ଅସଙ୍ଗତି ନହେଲେ ଭଲ ଲାଗିବ ନାହିଁ ।

ପ୍ରଭୁ କହିଲେ, ''ସୃଷ୍ଟିର ସମସ୍ତ ସମସ୍ୟାର ମୂଳରେ ରହିଛି ସଙ୍ଗତିର ସମସ୍ୟା ।'' ଆମକୁ ଏହା ଏକ ସୁଯୋଗ ଭଳି ମନେ ହେଲା । ପ୍ରଭୁ କହିଛନ୍ତି ପରା ଆମେ କିଏ ? ଏହା ହେବହିଁ ହେବ । ମାତ୍ର ପ୍ରଭୁ କୌଣସିଠାରେ କହି ନାହାନ୍ତି ଯେ ଆମେ ଚେଷ୍ଟା କଲେ ଅସଙ୍ଗତିର ଊର୍ଦ୍ଧ୍ୱକୁ ଯାଇପାରିବା ନାହିଁ । ସଂସାରର ସମସ୍ତ ସମସ୍ୟାର ସମାଧାନ ନେଇ ଯିଏ ଆସିଛନ୍ତି ସେ କ'ଣ ଅସଙ୍ଗତିର ସମାଧାନ ଆଣି ନାହାନ୍ତି ?

ଗୋଟିଏ ମଉଜିଆ କଥା ମନେ ପଡ଼େ । ଗୋଟିଏ କଲୋନୀରେ ଗୁଡ଼ିଏ କ୍ୱାଟର ଥାଏ । ସବୁ କ୍ୱାଟର ଭର୍ତ୍ତି । ଦିନଯାକ ପୂରା କଲୋନୀଟି ଖୁବ୍ ଶାନ୍ତ ଲାଗେ । ଯେପରି କେହି କେଉଁଠାରେ ନାହାନ୍ତି । ମାତ୍ର ସନ୍ଧ୍ୟା ହୋଇଗଲେ, ଅର୍ଥାତ୍ ଅଫିସ ଛୁଟି ହୋଇଗଲେ ସମସ୍ତେ ଘରକୁ ଫେରନ୍ତି । ତା'ପରେ ପୂରା ମହାଭାରତ । ପୂରା କଲୋନୀଟାଯାକ ହୁଲସ୍ଥୁଲ, ପାଟିତୁଣ୍ଡ, କଳି କଜିଆ – ସମସ୍ତଙ୍କର ଅଭ୍ୟାସରେ ପଡ଼ି ଯାଇଥାଏ ବରଂ ପାଟିତୁଣ୍ଡ ନହେଲେ ଭଲ ଲାଗେନି । କିଛି ନୂଆ ସୃଷ୍ଟି କରି ଝଗଡ଼ା କରାଯାଏ । ଏଥିରେ ଉଭୟ ପକ୍ଷ ସମ୍ପୃକ୍ତ । ବେଶ୍ କିଛି ସମୟ ପାଟିତୁଣ୍ଡ ହେଲାପରେ ଧୀରେ ଧୀରେ ତାହା କମିଯାଏ । ଦୀପାବଳୀର ବାଣ ଫୁଟିଫୁଟି ଆସ୍ତେ ଆସ୍ତେ ଶବ୍ଦ କମ୍ ହେଲା ଭଳି ରାତିକୁ ପାଟି କମିଯାଏ ଏବଂ ତା'ପରେ ପୂରା ଶାନ୍ତ-ନୀରବ, ଅର୍ଥାତ୍ ସମସ୍ତେ ଶୋଇ ପଡ଼ନ୍ତି । ଯେପରି ନିଦଟାହିଁ ସଙ୍ଗତି, ଶୋଇବା ପର୍ଯ୍ୟନ୍ତ ଅସଙ୍ଗତି । ଥରେ ସେହି କଲୋନୀରେ ସଦ୍ୟ ବିବାହିତ ଗୋଟିଏ ଦମ୍ପତି ଆସି ରହିଲେ । ମାତ୍ର ତାଙ୍କ ଘରୁ ପାଟିତୁଣ୍ଡ ଶୁଣାଗଲା ନାହିଁ । ସବୁବେଳେ ହସ । କେତେବେଳେ ପୁରୁଷ ହସ, କେତେବେଳେ ମହିଳା ହସ; ମାତ୍ର ହସହିଁ ହସ । ଅନ୍ୟମାନେ

ଆଲୋଚନା କଲେ ଆମ ଘରେ ତ ଖାଲି ପାଟି । ଏଠାରେ ଏତେ ହସ କିଆଁ ? କେହି କେହି କହିଲେ – ଅପେକ୍ଷା କର, ମାସେ ଦୁଇମାସ ଯାଉ । ଏବେ ଏବେ ବିବାହ କରିଛନ୍ତି ତ ! ତେଣୁ ଅସଲ ପରିବାରର ରୂପ ଦେଖି ନାହାନ୍ତି । ମାତ୍ର ଛଅ ମାସ ଗଲା । ତଥାପି ହସ ବନ୍ଦ ହେଲା ନାହିଁ । ବନ୍ଧୁମାନେ ଉକ୍ତ ଗୃହର ପୁରୁଷ ବନ୍ଧୁଙ୍କୁ ଡାକି ପଚାରିଲେ – ''କ'ଣ ବାବୁ, ତୁମ ଦୁହିଁଙ୍କ ମଧରେ ଖୁବ୍ ଭଲ ସମ୍ପର୍କ ! କାହିଁ ଥରେ ବି ତ ପାଟି ତୁଣ୍ଡ ଶୁଭୁ ନାହିଁ ! କ'ଣ ଝଗଡ଼ା ହୁଏ ନାହିଁ ?'' ବନ୍ଧୁ ଜଣକ କହିଲେ – ''ଝଗଡ଼ା ହେଉଛି ଆଉ ଭଲ କରି ହେଉଛି । ମାତ୍ର ଆମ ଘରେ ଝଗଡ଼ା ହେଲେ ଆମେ ପରସ୍ପରକୁ ବାସନ ଫୋପାଡୁ । ଯାହା ଦେହରେ ବାଜେ ଅପର ପକ୍ଷ ହସେ । ତେଣୁ ମୋ ଦେହରେ ବାଜିଲେ ସେ ହସନ୍ତି, ଆଉ ତାଙ୍କ ଦେହରେ ବାଜିଲେ ମୁଁ ହସେ । ତେଣୁ ଆମେ ଏଇ ଧାରାରେ କଜିଆ କରି ହସାହସି ଭିତରେ ସମାଧାନ କରୁ ।'' ବନ୍ଧୁମାନେ କାବା ହୋଇ ଗଲେ ସମସ୍ୟାର ସମାଧାନ ଦେଖି ।

ଯାହାହେଉ ପଛେ ଆମ ପାଇଁ ଅସଙ୍ଗତି ଯେ ଅନିବାର୍ଯ୍ୟ ନୁହେଁ ଏଥିରେ ସନ୍ଦେହ ନାହିଁ । ପ୍ରକୃତରେ ଅସଙ୍ଗତିରେ ଯେଉଁମାନେ ସମ୍ପୃକ୍ତ ସମସ୍ତେ କଷ୍ଟ ପାଆନ୍ତି; ମାତ୍ର କେହି ବି ଏହାର ଊର୍ଦ୍ଧ୍ୱକୁ ଯିବାକୁ ଚାହାନ୍ତି ନାହିଁ । ଯଦି ଆମ ଭିତରେ ପରସ୍ପର ପ୍ରତି ଏକ ଅନାବିଳ ଶ୍ରଦ୍ଧା ଥିବ, ଭଲପାଇବା ଥିବ ତେବେ ଅସଙ୍ଗତି ପ୍ରବେଶ କରିପାରିବ ନାହିଁ । କାରଣ ଆମେ ପରସ୍ପର ପରସ୍ପରକୁ ସହିବା ଶିଖିବା । କାହାର ବି ଭୁଲ୍ ହେଲେ ତାହା ସ୍ୱାଭାବିକ ବୋଲି ଭାବିବା । ଅନ୍ତତଃ ମୋର ବି ସେଇ ଭୁଲ୍ ହୁଏ ବୋଲି ସ୍ୱୀକାର କରିବା ।

ଅସଲ କଥା ହେଲା ଆମେ ଅସଙ୍ଗତିକୁ ଆଦୌ ଗୁରୁତ୍ୱ ଦେବା ନାହିଁ, ସେବିଷୟରେ ଭାବିବା ନାହିଁ, ଆଲୋଚନା କରିବା ନାହିଁ । ଶ୍ରୀମା କହିଲେ – "Never think of a difficulty – you give it strength."

(CWM, Vol. 14, p. 224)

ଅର୍ଥାତ୍, ''ଆମେ ଅସୁବିଧା ବିଷୟରେ ଭାବିଲେ, ଆଲୋଚନା କଲେହିଁ ତା'ର ଶକ୍ତି ବୃଦ୍ଧି ହୁଏ ।'' ତେଣୁ ସେସବୁକୁ ଭୁଲି କାମ କରି ଚାଲିବା । ଯଦି ସମସ୍ତେ କାର୍ଯ୍ୟରେ ନିବିଡ଼ ଭାବରେ ସମ୍ପୃକ୍ତ ହୁଅନ୍ତି ତେବେ ଆମର କିଛି ଭାବିବାକୁ ବେଳ କେଉଁଠି ମିଳିବ ?

ବନ୍ଧୁଗଣ, ଅନ୍ୟମାନଙ୍କ କଥା ଅଲଗା । ଆମେ ଯାହାଙ୍କ ପାଖକୁ ଆସିଛୁ ସେ ସମସ୍ତ ସଂସାରର ଦାୟିତ୍ୱ ନେଇ ଆସିଛନ୍ତି । ତାଙ୍କ ପାଖରେ ଥାଇ ଆମେ ଯଦି ତଥାପି ମୁହଁ ଶୁଖାଇ ବୁଲୁ ତେବେ ତାହା ତାଙ୍କ ପ୍ରତି ଅସମ୍ମାନ ହେବ । ଶ୍ରୀମା କହିଛନ୍ତି, ''ଏପରି କିଛି ସମସ୍ୟା ସୃଷ୍ଟି ହୋଇ ପାରିବ ନାହିଁ ଯାହାର ସମାଧାନ ସେ କରିପାରିବେ ନାହିଁ ।'' ତା'ର ଅର୍ଥ ଏହା ନୁହେଁ ଯେ ଶ୍ରୀମା ସମାଧାନ କରିବାକୁ ଅଛନ୍ତି ବୋଲି ଆମେ ସମସ୍ୟା ସୃଷ୍ଟି କରି ଚାଲିବା ।

ଆମକୁ ପରିବର୍ତ୍ତିତ ହେବାକୁ ପଡ଼ିବ । ଅନ୍ତତଃ ଆନ୍ତରିକତାର ସହିତ ଏହା କରିବାକୁ ହେବ । ଅନ୍ୟକୁ କ୍ଷମା ଦେବାକୁ ହେବ, ନିଜକୁ ନୁହେଁ । ଅନ୍ୟ ପାଖରେ ଉଦାହରଣ ନ ଖୋଜି ନିଜକୁ ଉଦାହରଣରେ ପରିଣତ କରିବାକୁ ହେବ । ଏକ ଗୌରବମୟ ଜୀବନର ଅଧିକାରୀ ହେବାକୁ ହେବ ।

❑❑❑

ଯେତେବେଳେ ତୁମେ କାହାକୁ ''**ସୁପ୍ରଭାତ**'' ବୋଲି କହୁଛ, ସେତେବେଳେ ତୁମେ ତାଙ୍କ ଲାଗି ଏକ **ଶୁଭଦିନ**ର କାମନା କରୁଛ । ଯଦି ତୁମେ ସଚେତନ ଭାବରେ ତାହା କରୁଥିବ, ଯାହା କହୁଛ ତାହାରି ବିଷୟରେ ଭାବୁଥିବ, ତେବେ ''**ସୁପ୍ରଭାତ**'' କଥାଟି ପ୍ରଭୂତ ଶକ୍ତିଯୁକ୍ତ ହୋଇପାରିବ ଏବଂ ଦିନଟିକୁ ଏକ ଶୁଭଦିନରେ ପରିଣତ କରିବାକୁ ସାହାଯ୍ୟ କରିବ ।

– ଶ୍ରୀମା

# ନବବର୍ଷର ଆବାହନୀ

## ସୁନାମଣି ରାଉତ

"Let the year that is beginning mark a definitive stage in the growth of your psychic being and its power over your nature and your life."

(CWSA, Vol. 35, p. 842) – Sri Aurobindo

''ଯେଉଁ ବର୍ଷଟି ଆରମ୍ଭ ହେଉଛି, ତୁମ ଚୈତ୍ୟ ସତ୍ତାର ଅଭିବୃଦ୍ଧି ତଥା ତୁମ ପ୍ରକୃତି ଓ ଜୀବନ ଉପରେ ତା'ର ଅଧିକାର ସାବ୍ୟସ୍ତ ଦିଗରେ ତାହା ଏକ ସୁସ୍ପଷ୍ଟ ପର୍ଯ୍ୟାୟର ସୂଚନା ଦେଉ ।''

– ଶ୍ରୀଅରବିନ୍ଦ

[ଶ୍ରୀଅରବିନ୍ଦଙ୍କ ଉପରୋକ୍ତ ଉକ୍ତିକୁ ଆଧାର କରି '**ନବବର୍ଷର ଆବାହନୀ**' କବିତାଟିର ପରିକଳ୍ପନା ଓ ରୂପାୟନ ।]

ଜୀବନରେ କେତେ ନୂଆବର୍ଷ ଆସେ ଯାଏ
        ସୁଖ-ଦୁଃଖ ହସ-ଲୁହର ଫୁଆରା ଛୁଟେ,
ଚେତନାରେ ଜାଗେ କେତେ ନୂଆ ଅଭିଳାଷ
        ମନ-ପାରାବାରେ ଉଜାଣି ଜୁଆର ଉଠେ ॥୧॥

କେତେ ସପନର ଇମାରତ ହୁଏ ଗଢ଼ା
        ସମୟ ବେଳାରେ ବାଲିଘର ଯାଏ ଭାସି,
ତଥାପି ମଣିଷ ଆଶା ମରେ ନାହିଁ କେବେ
        ଗୋଟେ ଉଜୁଡ଼ିଲେ ଆଉ କିଛି ଜୁଟେ ଆସି ॥୨॥

ଭଙ୍ଗା-ଗଢ଼ା ଏଇ ଜୀବନ-ମରଣ ଖେଳ
        ଚାଲିଛି ଚାଲୁଛି ସୃଷ୍ଟି ସରଜନା କାଳୁ,
ନୂଆ ଆଶା ଜାଗେ ନୂତନର ଆବାହନେ
        ଅତୀତର ସ୍ମୃତି ଲିଭୁନି ଏ ମନ ତଳୁ ॥୩॥

ଆଶା ସବୁବେଳେ ଭରା ବୈତରଣୀ ନଦୀ
        ଏ କୂଳ ଖାଇଲେ ସେ କୂଳେ ସ୍ୱର୍ଣ୍ଣାଭ କ୍ଷେତ,
ସୁନା ସୋରିଷିଆ ଖରା ନାଚୁଥାଏ ସେଠି
        ସାରା ସଂସାରରେ ଦୁଃଖ-ସୁଖ ଅଭିପ୍ରେତ ॥୪॥

ନବବର୍ଷରେ ନବୀନ ଚେତନା ଜାଗୁ
        ପୁଷ୍ପିତ ହେଉ ଜୀବନର ଚଲା-ବୀଥି,
ପ୍ରକୃତିରେ ଆସୁ ଇପ୍ସିତ ପରିବର୍ତ୍ତନ
        ଦୁଃଖ-ଅନ୍ଧାର-ରଜନୀର ହେଉ ଇତି ॥୫॥

ଆକାଶରୁ ଝରୁ ଅତିମାନସର ଧାରା
        ସ୍ୱର୍ଣ୍ଣାଭ ଆଲୋକେ ହସୁ ଏ ନୂତନ ସୃଷ୍ଟି
କଳା ପରଦାର ଯବନିକା ଖୋଲି ଦେଖ
        ଆବାହନୀ ଛନ୍ଦେ ହୁଏ କରୁଣାର ବୃଷ୍ଟି ॥୬॥



କାହାଣୀ :

# ଶେଷ ବ୍ରାହ୍ମଣ

## ମନୋଜ ଦାସ

ବହୁ ପୁରାକାଳର କଥା । ଦୟାନଦୀ କୂଳରେ ଶତେକ ବ୍ରାହ୍ମଣ ପରିବାର ସମ୍ବଳିତ ଏକ ଶାନ୍ତ ବସତି ଥିଲା ।

ସେମାନେ ଅତି ନିଷ୍ଠାପର । ପ୍ରତି ଘରର ଭିତର ଅଗଣାରେ ଛୋଟିଆ ଯଜ୍ଞକୁଣ୍ଡଟିଏ । ହୋମାନୁଷ୍ଠାନର କେହି କେବେ ତ୍ରୁଟି କରୁ ନଥା'ନ୍ତି ।

ଦିନେ ଜଣେ ବ୍ରାହ୍ମଣ ତାଙ୍କ ଯଜ୍ଞକୁଣ୍ଡଟି ପରିଷ୍କାର କରୁଛନ୍ତି, ହଠାତ୍ ଦେଖି ଚମକି ପଡ଼ିଲେ : ପାଉଁଶ ତଳେ ଚକଚକ କରୁଛି ଟେକାଏ ସୁନା ! ସେ ତାକୁ ଉଠାଇ ଆଣି ଚାରି ଦିଗ ଓ ଉପର ତଳ ଅନାଇଲେ । କୁଣ୍ଡ ଭିତରକୁ ସୁନା ଟେକାଏ ଖସି ପଡ଼ିବାର କୌଣସି ଯୁକ୍ତି ସେ ପାଇଲେ ନାହିଁ ।

ଏଭଳି କ'ଣ ଘଟି ଥାଇପାରେ, ଯାହା ଫଳରେ ଯଜ୍ଞ କୁଣ୍ଡରେ ଉପୁଜିବ ସୁନା ? ସେ ପୁଙ୍ଖାନୁପୁଙ୍ଖ ତଦନ୍ତ ଆରମ୍ଭ କଲେ । ପରିବାର ବୋଇଲେ ତାଙ୍କ ସ୍ତ୍ରୀ । ସେ ସଧୈର୍ଯ୍ୟ ଜେରା କରି ବୁଝିଲେ, ପୂର୍ବଦିନ ସ୍ତ୍ରୀ ଅଗଣା ଓଳାଉଥିବା ବେଳେ ବାଡ଼ି ଭିତରକୁ ପଶି ଆସିଲା ଷଣ୍ଢ । ସେତେବେଳେ ଭଦ୍ରମହିଳାଙ୍କ ପାଟିରେ ପାଟିଏ ପାନରସ । ଷଣ୍ଢ ଘଉଡ଼ାଣ ସକାଶେ ଅନିବାର୍ଯ୍ୟ ରଡ଼ି କରିବା ପୂର୍ବରୁ ମୁହଁ ତାମ୍ବୂଳ ମୁକ୍ତ ହେବା ଜରୁରି । ତରବରରେ ସେ ଯଜ୍ଞକୁଣ୍ଡ ଭିତରକୁ ହିଁ ମୁହଁରୁ ପିଚକାରି ମାରିଥିଲେ ।

''ଆରେ ମୂଢ଼ା ! ତୁ ଏଡ଼େ ପବିତ୍ର ଥାନକୁ ଏଡ଼େ ସାମାନ୍ୟ କାରଣରୁ ଅପବିତ୍ର କରିଦେଲୁ ?'' ସୁନାଖଣ୍ଡିକ ହାତରେ ଖେଳାଉଁ ଖେଳାଉଁ ବ୍ରାହ୍ମଣ କହିଲେ ।

ସୁନାଖଣ୍ଡିକ ଖେଳାଉଁ ଖେଳାଉଁ ସେ ଆହୁରି ମଧ କହିଲେ, ''ତୋ' ପାପକର୍ମରୁ ପ୍ରସୂତ ଏ ସୁନା । ଏହା ଭୟଙ୍କର । ଏହାକୁ ଫୋପାଡ଼ି ଦେବା ବିଧେୟ ।''

''ଦେଖିବା, ଦେଖିବା କେଡ଼େ ଭୟଙ୍କର ! ଯଦି ଫୋପାଡ଼ିବ, ମୋହରି ଆଡ଼େ ଫୋପାଡ଼ି ଦିଅ ମ !'' କହି ଝାମ୍ପ ମାରି ବ୍ରାହ୍ମଣୀ ସ୍ୱାମୀଙ୍କ ପାପୁଲିରୁ ସୁନାଟେକା ନେଇ ନେଲେ ।

''ଆରେ ମୂଢ଼ାଦପି ମୂଢ଼ା ! ତାକୁ ବର୍ଜନ କର !'' ଗର୍ଜନ କରି ନିର୍ଦ୍ଦେଶ ଦେଲେ ସ୍ୱାମୀ । ତେବେ କାଶ ଉଠିବାରୁ ଗର୍ଜନଟି ମଝାମଝି ଧିମେଇଗଲା ।

''ଓଃ, ଏମିତି ଚିଲ୍ଲାଉଛ କିଆଁ ? ମୁଁ କ'ଣ ଏହାକୁ ସାଇତି ରଖି ପୂଜିବି ଭାବିଲ ?'' ଆଉ ଖଣ୍ଡିଏ ପାନ ପାଟିରେ ପକାଇ ଚାଲିଗଲେ ବ୍ରାହ୍ମଣୀ ।

ପରଦିନ କୁଣ୍ଡ ପରିଷ୍କାର କଲାବେଳେ ବ୍ରାହ୍ମଣ ବଡ଼ ସତର୍କ ଭାବରେ ପାଉଁଶ ଅଣ୍ଡାଳି ଦେଖୁଥିଲେ । ଚକଚକ କରୁଥିଲା ଆହୁରି ଟେକାଏ ସୁନା !

''ଆରେ ମୂଢ଼ା ! ତୁ ପୁଣି ସେହି ଅପକର୍ମ କଲୁ ?'' ସେ ପାଟି କରି ପଚାରିଲେ ।

ବ୍ରାହ୍ମଣୀ ହସି ହସି ବାହାରି ଆସି ସୁନାଖଣ୍ଡିକ ଝାମ୍ପି ନେଲେ । ସେ ପିନ୍ଧିଥିଲେ ଦୁର୍ମୂଲ୍ୟ ପାଟ ଶାଢ଼ି । କହିଲେ, ''ତମ ପାଇଁ ପାଟ ଧୋତି ବରାଦ ଦେଇଛି ।''

ପରଦିନ ବି ବ୍ରାହ୍ମଣ ପାଇଲେ ସୁନା । ତହିଁ ପରଦିନ ବି । ତହିଁ ପର-ପର-ପର-ପର-ପରଦିନ ମଧ ! ତେବେ ସେ ସ୍ତ୍ରୀକୁ ମୂଢ଼ା ବୋଲି କହିବାରେ ତ୍ରୁଟି କରନ୍ତି ନାହିଁ ।

କ୍ରମେ ତାଙ୍କ କୁଡ଼ିଆ ସ୍ଥାନରେ ଠିଆ ହେଲା କୋଠା । ଗୋଧନ, ସେବକ ସଂଖ୍ୟା ବୃଦ୍ଧି ହେଲା ।

''ଭଉଣୀ ! ତମ ଶିରୀ ଦେଖି ମୋ ହୃଦ ପୂରି ଯାଉଛି । ବିଧି ତମକୁ କେଡ଼େ ଭାଗ୍ୟବତୀ କରିଛି । ତମ ସ୍ୱାମୀ ଦାନ୍ତରେ ସୁନା ବାନ୍ଧିବା ପରଠୁଁ ତାଙ୍କ ମନ୍ତ୍ରୋଚ୍ଚାରଣ ଖାଲି ନୁହେଁ, ଚାକରବାକରଙ୍କ ପ୍ରତି ଗାଳିଗୁଲଜ ବି କେଡ଼େ ବୈଦିକ ଶୁଭୁଛି, ସେକଥା ସମଝଦାର ଛଡ଼ା କିଏ ବୁଝିବ ! ଭଉଣୀ ! ଅଳଙ୍କାର ପିନ୍ଧି ତମେ ଯେମିତି ଦିଶୁଛ, ରାଣୀ ମହାରାଣୀ ବି ତମ ପୋଇଲୀ ପରି ଦିଶିବେ !'' ଦିନେ ଜଣେ ପ୍ରତିବେଶିନୀ କହିଲେ ।

''ଆରେ ! ମୁଁ ତ ଛେପ ପକେଇଲେ ସୁନା ! କେତୁଟା ରାଣୀ ମହାରାଣୀଙ୍କ ସ୍ୱପ୍ନ ସେଯାଏ ପହଞ୍ଚିବ ?'' ପ୍ରୀତ ହୋଇ ଉତ୍ତର ଦେଲେ ବ୍ରାହ୍ମଣୀ ।

''ଆହା, ଭଉଣୀ ! ମୋ ଆଞ୍ଜୁଳାରେ ଟିକିଏ ଛେପ

ପକାନ୍ତ ନାହିଁ ? ଧନ୍ୟ ହୁଅନ୍ତି ।'' ପ୍ରତିବେଶିନୀ ପାପୁଲି ମେଲା କଲେ ।

ବ୍ରାହ୍ମଣୀ ଅଗତ୍ୟା ଛେପ ପକାଇବାର ଅବିକଳ ବିଧି ସେ ମୁଗ୍ଧ ପ୍ରତିବେଶିନୀକୁ ବତାଇ ଦେଲେ ।

ପରଦିନ ସନ୍ଧ୍ୟା ସୁଦ୍ଧା ପ୍ରତିବେଶିନୀ ମଧ୍ୟ ପାଟ ଶାଢ଼ି ପିନ୍ଧିବାର ଦେଖାଗଲା । ମାସଟିଏ ନ ବିତୁଣୁ ସାରା ଗାଁର ଚେହେରା ବଦଳି ଗଲା । ସମସ୍ତେ ହେଲେ ଧନବାନ୍ । ସୁନା ଉପୁଜାଇବାର ଗୋପନ ରହସ୍ୟ ସମସ୍ତେ ଜାଣି ଯାଇଥିଲେ ।

ଅବଶ୍ୟ ସମସ୍ତେ ବୋଲି କହିବା ଭୁଲ୍ ହେବ । ବାଚସ୍ପତି ନାମଧାରୀ, ବସତିର ସବୁଠାରୁ ବୟୋବୃଦ୍ଧ, ସମ୍ମାନିତ ବ୍ରାହ୍ମଣଙ୍କ ଅବସ୍ଥାରେ କୌଣସି ପରିବର୍ତ୍ତନ ହୋଇ ନଥାଏ । ସେ ଗରିବ ହୋଇ ରହିଥା'ନ୍ତି ।

ବାରଂବାର ତାଙ୍କ ପତ୍ନୀ କାନ୍ଦ କାନ୍ଦ ହୋଇ ଅଭିଯୋଗ କରୁଥା'ନ୍ତି, ''ତମେ ନିଜେ ଯଦି ଯଜ୍ଞକୁଣ୍ଡରେ ଛେପ ନପକାଇବ, ମୋତେ ପକାଇବାକୁ ଅନୁମତି ଦିଅ !''

ବାଚସ୍ପତି ନୀରବ ରହିଥା'ନ୍ତି, ନହେଲେ କହୁଥା'ନ୍ତି, ''ନା, ବ୍ରାହ୍ମଣୀ, ସେଭଳି ଅନୁମତି ଦେବା ମୋ ପକ୍ଷରେ ସମ୍ଭବ ନୁହେଁ ।''

ଦିନେ ବ୍ରାହ୍ମଣୀ କାନ୍ଦ କାନ୍ଦ ପର୍ଯ୍ୟାୟରେ ଅଟକି ନ ରହି ସତରେ କାନ୍ଦିଲେ ଓ କହିଲେ, ''ବେଶ୍, ଯଦି ମୋତେ ଛେପ ପକାଇବାକୁ ନଦେବ, ତେବେ ଚାଲ, ଆମେ ଏ ଗାଁ ଛାଡ଼ି ଚାଲିଯିବା । ସମସ୍ତେ ଧନୀ । ସମସ୍ତଙ୍କ ଘର ଐଶ୍ୱର୍ଯ୍ୟ, ଦାସଦାସୀରେ ଭରା । ଏମାନଙ୍କ ଭିତରେ ରହିବାକୁ ଆମକୁ ବି ଲାଜ ମାଡୁଛି; ଆମକୁ ଦେଖି ସେମାନଙ୍କୁ ବି ଅଡୁଆ ଲାଗୁଛି । ଚାଲ, ଝିଅଘର ଗାଁରେ ରହିବା ।''

''ନା, ନା, ଗାଁ ଛାଡ଼ି ଯିବା କଥା କୁହ ନାହିଁ ।'' ବାଚସ୍ପତି କହିଲେ ।

ବୃଦ୍ଧା ରାଗିଗଲେ । ''ତୁମେ ଥାଅ, ମୁଁ ଚାଲିଲି ।'' କହି ସେ ନିଜ ସାମାନ୍ୟ ଲୁଗାପଟାର ଛୋଟିଆ ବୁଜୁଳାଟି ପ୍ରସ୍ତୁତ କରି, କାଖରେ ଜାକି ଘରୁ ବାହାରି ଗଲେ ।

ଅଗତ୍ୟା ବୃଦ୍ଧ ବି ନିଜ ସମ୍ବଳ ଧରି ତାଙ୍କୁ ଅନୁସରଣ କଲେ ।

ସେତେବେଳେ ସନ୍ଧ୍ୟା । ଦୁହେଁ ଗାଁ ଛାଡ଼ି ପ୍ରାନ୍ତରରେ ପହଞ୍ଚିଛନ୍ତି, ହଠାତ୍ ଦେଖାଗଲା ସାରା ଗାଁ ହୁତୁହୁତୁ ହୋଇ ଜଳି ଉଠିଛି । ଭୀଷଣ ପାଟି ହୁଙ୍କାର, ରେରେକାର ଶୁଭୁଛି । ପ୍ରତିବେଶୀମାନେ ପରସ୍ପର ଘର ଜଳାଉଛନ୍ତି । ମରାମରି ହେଉଛନ୍ତି ।

''ଇଏ କ'ଣ ହେଲା ?'' ବ୍ରାହ୍ମଣୀ ବିସ୍ମୟରେ ପ୍ରଶ୍ନ କଲେ ।

''ମୁଁ ଏହି ଆଶଙ୍କା କରୁଥିଲି, ବ୍ରାହ୍ମଣୀ ! ସେଥିପାଇଁ ଗାଁ ଛାଡ଼ିବାକୁ ଚାହୁଁ ନଥିଲି । ଧନ ଜମିବା ସଙ୍ଗେ ସଙ୍ଗେ ଗ୍ରାମବାସୀମାନଙ୍କ ଭିତରେ ପରସ୍ପର ଈର୍ଷା, ପ୍ରତିଯୋଗିତା କୁହୁଳି କୁହୁଳି ରହିଥିଲା । ଆମେ ଥିଲୁ ବୋଲି ଅର୍ଥାତ୍ ଆମରି ଯଜ୍ଞକୁଣ୍ଡଟି ଅପବିତ୍ର ହେବାକୁ ଆମେ ଦେଉ ନଥିଲୁ ବୋଲି ବାତାବରଣରେ ଶାନ୍ତି ଥିଲା । ଯେମିତି ଆମେ ଗାଁ ଛାଡ଼ିଲୁ, ସେ ଶାନ୍ତି ଜଳି ଛାରଖାର ହୋଇଗଲା ।''

ବ୍ରାହ୍ମଣ ଦୀର୍ଘନିଃଶ୍ୱାସ ଛାଡ଼ିଲେ । ତେବେ ଦୁହେଁ ଆଉ ଫେରିଲେ ନାହିଁ ।

(ମନୋଜ ଦାସ ପରିବେଷିତ 'ଉପକଥା ଶତକ'ରୁ ସଂଗୃହୀତ, ପୃ. ୧୫-୧୮) ❑

---

'ଉପକଥା ଶତକ' କାହାଣୀମାଳା ପରିବେଷଣ ଅବସରରେ ମନୋଜ ଦାସ ପ୍ରତ୍ୟେକ କାହାଣୀର ତାତ୍ପର୍ଯ୍ୟ ଉପରେ କିଛି ଆଲୋକପାତ କରିଛନ୍ତି । ଉପରୋକ୍ତ କାହାଣୀ **'ଶେଷ ବ୍ରାହ୍ମଣ'** ସମ୍ପର୍କରେ ତାଙ୍କର ଅଭିମତ ଏହିପରି :

''କୌଣସି ଏକ ଜନ-ସମଷ୍ଟି ବା ବସତିରେ, ଏପରିକି ଜଣେ ମଣିଷର ସତ୍ୟନିଷ୍ଠା ସମସ୍ତଙ୍କ ପାଇଁ ଏକ ରକ୍ଷାକବଚ ରୂପେ କାମ କରୁଥିବା ସମ୍ଭବ । ଏହାହିଁ ଏ କାହାଣୀର ମୁଖ୍ୟ ବକ୍ତବ୍ୟ । କାହାଣୀର ଅନ୍ୟ ଦିଗ ହେଲା ମଣିଷର ଲୋଭାତୁରତା ପ୍ରତି ବ୍ୟଙ୍ଗ ।''

(ତତ୍ରୈବ : ପୃଷ୍ଠା : ୩୨୫)

# ରାଜାଙ୍କ ଦରବାର

## ବନମାଳୀ ଆଚାର୍ଯ୍ୟ

ରାଜାଙ୍କ ଦରବାର । ମନ୍ତ୍ରୀ, ପାରିଷଦବର୍ଗ ଓ ପ୍ରଜା-ପ୍ରତିନିଧିମାନଙ୍କର ଏକ ବିସ୍ମୟକର ସମାବେଶ । ଦରବାର କକ୍ଷରେ ସମ୍ପୂର୍ଣ୍ଣ ନୀରବତା । ଚିନ୍ତାମଗ୍ନ ସ୍ଥିତିରେ ମନ୍ତ୍ରୀ ଓ ପାରିଷଦବର୍ଗ ନିଜ ନିଜ ଆସନରେ ବସି ରହିଥିଲେ । ଏ ପ୍ରକାର ଦୁର୍ବୋଧ ପରିସ୍ଥିତିରେ ପ୍ରଜା-ପ୍ରତିନିଧିମାନେ ମଧ୍ୟ ପାଟି ବନ୍ଦ ରଖି ଘଟଣାକୁ ବୁଝିବାକୁ ଚେଷ୍ଟା କରୁଥିଲେ । ସବୁରି ମନରେ ପ୍ରଶ୍ନ – 'ରାଜାଙ୍କର କ'ଣ ହୋଇଛି ? ସେ କିଛି କହୁ ନାହାନ୍ତି କାହିଁକି ?' ରାଜା ଓ ପ୍ରଜାଙ୍କର ଏହି ସମ୍ମିଳନ କକ୍ଷଟି ଅନ୍ୟଦିନ ଭଳି କର୍ମଚଞ୍ଚଳ ଓ ମୁଖରିତ ନଥିଲା । ତାହା ଉଦାସ, ଗମ୍ଭୀର ଓ ନୀରସ ମନେ ହେଉଥିଲା । ଭିତରର ବାତାବରଣ ଅସହ୍ୟ ବୋଧ ହେଉଥିଲା । ରାଜାଙ୍କୁ କିଛି ପଚାରିବା ପାଇଁ କାହାରି ମନରେ ସାହସ ନଥିଲା । ମୁଦ୍ରିତ ଚକ୍ଷୁରେ ଓ ଶାନ୍ତ ଅବସ୍ଥାରେ ରାଜା ସିଂହାସନ ଉପରେ ବିରାଜମାନ କରିଥିଲେ । ବେଳେବେଳେ ତାଙ୍କର ସ୍ଥିର ଦୃଷ୍ଟି କକ୍ଷ ଭିତରେ ଘୂରି ଆସୁଥିଲା, ଯେପରିକି ତାହା କୌଣସି ଅଦୃଶ୍ୟ ସତ୍ତାକୁ ଦେଖି ପାରୁଥିଲା ଓ ଅନୁସରଣ କରୁଥିଲା । ବିଷଣ୍ଣ ରାଜାଙ୍କର ଏତାଦୃଶ ଅନ୍ତର୍ମୁଖୀ ଅବସ୍ଥାକୁ କେହି ବୁଝିପାରୁ ନଥିଲେ । ତାଙ୍କର ଅସ୍ୱାଭାବିକ ମାନସିକ ସ୍ଥିତି ବଦଳି ନଯିବା ପର୍ଯ୍ୟନ୍ତ ସମସ୍ତଙ୍କୁ ନୀରବରେ ଅପେକ୍ଷା କରିବାକୁ ପଡ଼ିଲା ।

ସମସ୍ତଙ୍କ ମନରେ ଅଧୀରତା ବଢୁଥିଲା । କିଛି ସମୟ ବିତିଗଲା । ରାଜା ଧୀରେ ଧୀରେ ସ୍ୱାଭାବିକ ଅବସ୍ଥାକୁ ଫେରି ଆସି ରାଜକୀୟ ଠାଣିରେ ସିଂହାସନ ଉପରେ ଉପବେଶନ କଲେ । ଚାରି ଆଡ଼କୁ ନଜର ପକାଇ ସେ ଗମ୍ଭୀର ସ୍ୱରରେ କହିଲେ, ''ତୁମେ ସମସ୍ତେ ମୋର ଆହ୍ୱାନକୁ ସ୍ୱୀକାର କରି ଏଠାରେ ସମବେତ ହୋଇଛ । ତୁମେ ଜାଣ କି ମୁଁ କାହିଁକି ତୁମ୍ଭମାନଙ୍କୁ ଏ ସ୍ଥାନକୁ ଡକାଇଛି ? ମୁଁ ତୁମ୍ଭମାନଙ୍କ ସମ୍ମୁଖରେ ମୋ ଜୀବନର ଏକ ଗୁପ୍ତକଥା ପ୍ରକାଶ କରିବାକୁ ଚାହେଁ । ଅତୀତରେ ମୋ ଦ୍ୱାରା ଏକ ବଡ଼ ଭୁଲ୍ କାର୍ଯ୍ୟ ହୋଇ ଯାଇଥିଲା ଯାହାର ପଶ୍ଚାତ୍ତାପ ଏବେ ବି ମୋ ଭିତରକୁ ଖାଇ ଚାଲିଛି । ମୋତେ ଚିନ୍ତାଗ୍ରସ୍ତ କରାଉଛି । ସେଥିରୁ ମୁକ୍ତିଲାଭ ପାଇଁ ମୁଁ ଦେବଦେବୀଙ୍କ ସାହାରା ନେଇଛି । ପୂଜାର୍ଚ୍ଚନା କରିଛି । ବିଦ୍ୱାନ୍ ବ୍ୟକ୍ତିଙ୍କ ପରାମର୍ଶ ଅନୁସାରେ ଯାହା କରାଯିବା କଥା ତାହା କରିଛି । ତଥାପି ମୋ ମାନସିକ ଯନ୍ତ୍ରଣାର ଉପଶମ ହୋଇ ନାହିଁ । ଭିତରେ ଭିତରେ ମୁଁ ଅନୁଶୋଚନାର ଅଗ୍ନିରେ ଦଗ୍ଧ ହେବାରେ ଲାଗିଛି । ମୁଁ ସେକଥାକୁ ଭୁଲି ପାରୁ ନାହିଁ । ତୁମ୍ଭମାନଙ୍କ ଆଗରେ ପ୍ରକାଶ କଲେ ହୁଏତ କିଛି ସମାଧାନର ବାଟ ଖୋଲିଯିବ । ମୋତେ ମାନସିକ ଶାନ୍ତି ମିଳିବ ଯାହା ଅବଶ୍ୟ ମୋ ପାଇଁ ଏକ ସ୍ୱପ୍ନ ।'' ରାଜା ନୀରବ ରହିଲେ ।

ଆସନରୁ ଉଠି ମନ୍ତ୍ରୀ କହିଲେ, ''ମହାରାଜ, କ୍ଷମା ଚାହୁଁଛି । ମୋ ଜାଣିବାରେ ଆପଣ ସେପରି କିଛି ଭୁଲ୍ କରି ନାହାନ୍ତି ଯାହା ଆପଣଙ୍କ ମନରେ ଆଘାତ ଦେଇ ପାରିବ । ମନୁଷ୍ୟ ଭୁଲ୍ କରିବା ଏକ ସ୍ୱାଭାବିକ କଥା । ସେଥିସକାଶେ ଅନୁଶୋଚନା ଯଥେଷ୍ଟ । ମୋର ଅନୁରୋଧ, ସେ ସମସ୍ତ କିଛିକୁ ଆପଣ ମନ ଭିତରୁ ବାହାର କରି ଦିଅନ୍ତୁ ।'' ଯୋଡ଼ହସ୍ତରେ ରାଜ-ପୁରୋହିତ ବିନମ୍ରତାର ସହିତ କହିଲେ, ''ମହାଭାଗ, ଆପଣଙ୍କ ଭଳି ଜଣେ ପୁଣ୍ୟାତ୍ମା ସୁପୁରୁଷ କୌଣସି ଭୁଲ୍ କାର୍ଯ୍ୟ କରିପାରିବେ ନାହିଁ । ପରିଷ୍କାର ଧଳା ରଙ୍ଗର କପଡ଼ା ଦେହରେ କଳା ବିନ୍ଦୁଟିଏ ଅଧିକ ଉଜ୍ଜ୍ୱଳ ଦିଶେ । ଆପଣଙ୍କର ସ୍ୱଚ୍ଛ ମନ ଭିତରେ ହୁଏତ ସାମାନ୍ୟ ଭୁଲ୍‌ଟିଏ ଅଧିକ ପ୍ରଭାବ ପକାଇଛି । ଯଦି ସେପରି ହୋଇଥାଏ, ଆପଣଙ୍କ ପାଶ୍ଚାତ୍ତାପ ଦ୍ୱାରା ତାହା ଶୁଦ୍ଧ ହୋଇ ଯାଇଥିବ । ଆପଣ ସେପରି ଭାବନାରୁ ନିଜକୁ ମୁକ୍ତ ରଖିଲେ ଭଲ ହେବ । ରାଜକାର୍ଯ୍ୟରେ ମନୋନିବେଶ କରିବାକୁ ମୋର ଆନ୍ତରିକ ଅନୁରୋଧ । ଈଶ୍ୱରଙ୍କ ଆଶୀର୍ବାଦରେ ଆପଣଙ୍କ ମନ ଭିତରର ଦୁଶ୍ଚିନ୍ତାସବୁ ଅପସରି ଯିବ ।'' ରାଣୀ ନିଜ ଆସନରୁ ଉଠି ରୁଦ୍ଧକଣ୍ଠରେ ପ୍ରକାଶ କଲେ – ''ରାଜାଙ୍କର ଅତି ନିକଟରେ ଥାଇ ମଧ୍ୟ ମୁଁ ତାଙ୍କ ମାନସିକ ବେଦନାର କାରଣ କ'ଣ ତାହା ଜାଣି ପାରି ନାହିଁ । ବେଳେବେଳେ ତାଙ୍କ ଉଦାସ ଭାବ ମୋତେ କଷ୍ଟ ଦିଏ । ମୁଁ ଜାଣିବାକୁ ପ୍ରୟାସ କରିଛି, ମାତ୍ର ସେ ମୋତେ କିଛି କହନ୍ତି ନାହିଁ । ମହାରାଜ, ଆପଣଙ୍କର ରାଜ୍ୟବାସୀ ଏଠାରେ ଉପସ୍ଥିତ ଅଛନ୍ତି । ଆପଣଙ୍କର ମାନସିକ ଉଦାସୀନତାର କାରଣଟି କ'ଣ ଦୟାକରି ତାହା ପ୍ରକାଶ କରିବାକୁ ମୁଁ ବିନୀତ ଭାବରେ ପ୍ରାର୍ଥନା କରୁଛି ।''

''ଈର୍ଷା'' – ରାଜା ଗମ୍ଭୀର ସ୍ୱରରେ କହିଲେ । କକ୍ଷର ନୀରବତା ଭଙ୍ଗ କରି ଶବ୍ଦଟି ଗୁଞ୍ଜରିତ ହେଲା । ବିସ୍ମିତ ଜନତା ଶବ୍ଦଟି କିପରି ରାଜାଙ୍କ ମାନସିକ ଅସ୍ଥିରତା ସହ ଜଡ଼ିତ ତାହା ସେମାନେ ବୁଝିବାକୁ ଚେଷ୍ଟା କରୁଥିଲେ । ରାଜା କହିବାକୁ ଆରମ୍ଭ କଲେ, ''ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ମୋ ଜୀବନର ଏକ ବାସ୍ତବ ଘଟଣା ସହ ଏହାର ସମ୍ବନ୍ଧ ରହିଛି । ମୋତେ ସେତେବେଳେ ପନ୍ଦର ବର୍ଷ; ଜଣେ ସୁସ୍ଥ ସବଳ ବାଳକ ଓ ବିଦ୍ୟାର୍ଥୀ । ଅରଣ୍ୟର ଉପାନ୍ତରେ ଥିବା ଜଣେ ମହାନ୍ ସନ୍ନ୍ୟାସୀଙ୍କ ଆଶ୍ରମରେ ରହି ଶିକ୍ଷାଲାଭ କରୁଥିଲି । ମୋ ବୟସର ଆଉ କେତେଜଣ ବି ମୋ ସହିତ ରହି ଶିକ୍ଷାଲାଭ କରୁଥିଲେ । ସେମାନେ ମୋର ସହପାଠୀ ଥିଲେ । ସେମାନେ ମୋ ପରି ରାଜପୁତ୍ର ନଥିଲେ । ସାଧାରଣ, ମଧ୍ୟବିତ୍ତ ଓ ଉଚ୍ଚ ପରିବାରରୁ ଆସିଥିବା ବିଦ୍ୟାର୍ଥୀ ଥିଲେ । ଶିକ୍ଷା ଗ୍ରହଣ ପାଇଁ କୌଣସି ଦେୟ ଦେବାକୁ ପଡୁ ନଥିଲା । ଆଶ୍ରମକୁ ଆସୁଥିବା ଦାନ ଅର୍ଥରେ ଓ ଭଗବାନଙ୍କ ଆଶୀର୍ବାଦରେ ସବୁକିଛି ସ୍ୱତଃସ୍ଫୂର୍ତ୍ତ ଭାବେ ଚାଲିଥିଲା । ସବୁଠାରୁ ଶ୍ରେଷ୍ଠ କଥା ଥିଲା ଗୁରୁଦେବଙ୍କ ଅମାପ ଭଲପାଇବା ଓ ସାଧନା । ଆଶ୍ରମରେ ନୀରବତା, ଶାନ୍ତି ଓ ଆନନ୍ଦ ବିରାଜିତ ଥିଲା । ଏହାରି ଭିତରେ ଦିନେ ମୋ ରକ୍ତରେ ଶୋଇ ରହିଥିବା ରାଜକୀୟ ଦାମ୍ଭିକତାଟି ମୁଣ୍ଡଟେକି ଉଠିଲା । ମୋ ଅଜାଣତରେ ମୋ ଦ୍ୱାରା ଭୁଲ୍ କାର୍ଯ୍ୟଟିଏ ହୋଇଗଲା ।'' ରାଜା ପୁନର୍ବାର ନୀରବତା ଅବଲମ୍ବନ କଲେ, ଯେପରିକି କିଛି ମୁହୂର୍ତ୍ତ ପାଇଁ ନିଜ ଅତୀତ ଭିତରେ ହଜିଗଲେ ।

ଜଣେ ପାରିଷଦ ଠିଆ ହୋଇ ଯୋଡହସ୍ତରେ କହିଲେ, ''ମହାରାଜ, ଅତୀତରେ ଆପଣ ବ୍ୟକ୍ତିତ୍ୱ ଗଠନରେ ପୂର୍ଣ୍ଣତା ଓ ଦକ୍ଷତା ହାସଲ କରିବା ଉଦ୍ଦେଶ୍ୟରେ ବିଳାସପୂର୍ଣ୍ଣ ସୁଖକର ଜୀବନକୁ ପରିତ୍ୟାଗ କରି ଜଣେ ଆଶ୍ରମବାସୀର ସରଳ ଜୀବନକୁ ଆଦରି ନେଇଥିଲେ । ପରୋକ୍ଷରେ ତାହା ଆପଣଙ୍କ ସକାଶେ ପ୍ରଜାମାନଙ୍କର ପ୍ରକୃତ ଜୀବନଧାରା ଉପରେ ସଚେତନ ହେବା ପାଇଁ ଏକ ପ୍ରକୃଷ୍ଟ କ୍ଷେତ୍ର ଥିଲା । ଏଥିରେ କୌଣସି ଭୁଲ୍ ନଥିଲା । ଏହା ଥିଲା ଆପଣଙ୍କର ମହାନତା ।''

ସେହି ମହାନତାକୁ ମୁଁ ସେଦିନ ହରାଇ ବସିଲି । ମୋର ଜଣେ ସହପାଠୀ ଶାନ୍ତ, ସରଳ ଓ ବିଚକ୍ଷଣ ଭାବେ ଜ୍ଞାନୀ ଥିଲା । ସେ ଶାସ୍ତ୍ରଜ୍ଞାନ ଓ ସଙ୍ଗୀତ ବିଦ୍ୟାରେ ମୋତେ ପଛରେ ପକାଇ ଦେଉଥିଲା । ଗୁରୁଦେବ ତା' ଆଡ଼କୁ ପ୍ରଶଂସାପୂର୍ଣ୍ଣ ଦୃଷ୍ଟିରେ ଚାହିଁ ରହୁଥିଲେ । ମୁଁ ସମସ୍ତ ବିଦ୍ୟାରେ ପାରଙ୍ଗମ ଥିଲି । ତଥାପି ମୁଁ ତାକୁ ସହ୍ୟ କରିପାରୁ ନଥିଲି । ମୁଁ ତାକୁ ଈର୍ଷା କରୁଥିଲି । ମୁଁ ଚାହୁଁ ନଥିଲି, ସେ ମୋର ସମକକ୍ଷ ହେଉ । ତା' ପ୍ରତି ଥିବା ଈର୍ଷା ଭାବ ମୋ ଭିତରେ ବଢ଼ି ଚାଲିଲା । ଦିନେ ମୁଁ ତାକୁ ପୁଷ୍ପ ଉଦ୍ୟାନର ଏକ ନିର୍ଜନ କୋଣକୁ ଡାକି ନେଲି । କୃତ୍ରିମ ହସ ହସି କହିଲି – 'ତୁମେ ଜାଣ, ମୁଁ ତୁମ ରାଜ୍ୟର ରାଜକୁମାର । ସବୁ ବିଷୟରେ ମୁଁ ସମସ୍ତଙ୍କ ଉପରେ ରହିବାକୁ ଚାହେଁ, ଏପରିକି ସମସ୍ତ ବିଦ୍ୟାରେ ବି । ମାତ୍ର ଶାସ୍ତ୍ରଜ୍ଞାନ ଓ ସଙ୍ଗୀତ ବିଦ୍ୟାରେ ତୁମେ ମୋତେ ପଛରେ ପକାଇ ଦେଉଛ । ଏହା ଦ୍ୱାରା ମୋତେ କେତେ କଷ୍ଟ ବୋଧ ହେଉଛି, ତୁମେ ଜାଣ କି ? ତୁମେ କ'ଣ ଚାହଁ ତୁମ ରାଜ୍ୟର ଭାବୀରାଜା ନିମ୍ନରେ ରହନ୍ତୁ ?'

ସ୍ମିତ ହସି ମୋ ସହପାଠୀ ଉତ୍ତର ଦେଲା – 'ମୋ ଠାରୁ ମୋ ଜନ୍ମମାଟିର ଟେକ ଅଧିକ ବଡ । ଆମ ରାଜ୍ୟର ଭାବୀରାଜାଙ୍କ ପ୍ରତି ସେପରି କିଛି ଆଉ ଘଟିବ ନାହିଁ ।' ସେହିଦିନ ଠାରୁ ସେ ତା'ର ପ୍ରତିଭାର ପରିପ୍ରକାଶକୁ ସୀମାବଦ୍ଧ କରି ରଖିଲା । ମୋ ସ୍ଥାନ ଉଚ୍ଚରେ ରହିଲା । କ୍ରମଶଃ ମୁଁ ଅନୁଭବ କଲି, ମୁଁ ତା' ପ୍ରତି ବଡ଼ ଅନ୍ୟାୟ କରିଛି । ଆମ ରାଜବଂଶର ଗର୍ବ ଓ ଦାମ୍ଭିକତାକୁ ତା' ଉପରେ ଲଦି ଦେଇଛି, ତା'ର ଅନ୍ତର୍ନିହିତ ବିକାଶ ଦିଗରେ ବାଧା ସୃଷ୍ଟି କରିଛି । ତା' ପ୍ରତିଭାର ଅଗକୁ ଦଳିମକଚି ଦେଇଛି । ତା'କୁ ଜିତି ମଧ୍ୟ ତା' ନିକଟରେ ହାରି ଯାଇଛି । ଏହା ମୋର ଏକ ଅକ୍ଷମଣୀୟ ଅପରାଧ ଥିଲା । ଏଥିସକାଶେ ପ୍ରାୟଶ୍ଚିତ କରିବାକୁ ମୁଁ ସଂକଳ୍ପବଦ୍ଧ ହେଲି । ଆଶ୍ରମ ପରିତ୍ୟାଗ କରିବାର ଦିବସ ଉପଗତ ହେଲା । ସେଦିନ ମୁଁ ତାକୁ ବହୁତ ଖୋଜିଲି, ମାତ୍ର କେଉଁଠାରେ ପାଇଲି ନାହିଁ । ମୋ ଭିତରେ ଅନୁଶୋଚନାର କୀଟଟିକୁ ବହନ କରି ଆଶ୍ରମରୁ ବିଦାୟ ନେଲି । ସେହି ଅନୁଶୋଚନାର କୀଟଟି ଏବେ ମୋ ଭିତରେ ବହୁତ ବଡ଼ ହୋଇ ସାରିଛି । ମୋତେ ବାରଂବାର ଦଂଶନ କରୁଛି । ମୁଁ ଚାହେଁ, ତୁମ୍ଭେମାନେ ତା'ର ଅନୁସନ୍ଧାନ କର; ତାକୁ ମୋ ନିକଟକୁ ଫେରାଇ ଆଣ । ମୁଁ ହଜି ଯାଇଥିବା ଶାନ୍ତିକୁ ଫେରି ପାଇବି ।

ରାଜାଙ୍କ କଥା ଶୁଣିବା ଭିତରେ ମନ୍ତ୍ରୀ ପଣ୍ଡିତ ଶାଶ୍ୱତ ଶାସ୍ତ୍ରୀଙ୍କ କଥା ମନେ ମନେ ଚିନ୍ତା କରୁଥିଲେ । ସେ ରାଜାଙ୍କ ଦରବାରରେ ଜଣେ ପ୍ରଖ୍ୟାତ ପଣ୍ଡିତ ଓ ବେହେଲା ବାଦକ ଥିଲେ । ରାଜାଙ୍କ କଥା ତାଙ୍କ ସହିତ ଅନେକାଂଶରେ ମେଳ ଖାଇ ଯାଉଥିଲା । ପଣ୍ଡିତଙ୍କ ନାମକୁ ମଧ୍ୟ ରାଜାଙ୍କ ଗୁରୁଦେବ

ସୁପାରିସ କରିଥିଲେ । ବୋଧହୁଏ, ରାଜା ତାଙ୍କୁ ନିଜର ସହପାଠୀ ବୋଲି ଚିହ୍ନି ପାରି ନଥିଲେ । ମନ୍ତ୍ରୀ ଶାସ୍ତ୍ରୀ ମହୋଦୟଙ୍କ ଆସନ ଦିଗରେ ନୀରବରେ ପାଦ ବଢ଼ାଇଲେ ।

''ତୁମେ ସନ୍ନ୍ୟାସୀଙ୍କ ଆଶ୍ରମରେ ମହାରାଜାଙ୍କର ସହପାଠୀ ଥିଲ ?'' ଅପ୍ରତ୍ୟାଶିତ ପ୍ରଶ୍ନଟିର ଉତ୍ତର ଦେବାକୁ ଯାଇ ତତ୍‌କ୍ଷଣାତ୍ ଶାସ୍ତ୍ରୀଜି କହିଲେ — ''ହଁ'' ।

ମନ୍ତ୍ରୀ ମହାଶୟ ଗଡ଼ ଜିତିବା ଭଳି ଖୁସି ମନରେ ଚଞ୍ଚଳ ପାଦ ପକାଇ ରାଜାଙ୍କ ସମୀପରେ ପହଞ୍ଚିଗଲେ ଏବଂ ଘୋଷଣା କଲେ — ''ମହାରାଜ, ଆପଣଙ୍କର ପ୍ରିୟ ସହପାଠୀ ଆମ ଗହଣରେ ଥିବା ସ୍ୱନାମଧନ୍ୟ ବେହେଲା ବାଦକ ଓ ପଣ୍ଡିତ ଶ୍ରୀ ଶାଶ୍ୱତ ଶାସ୍ତ୍ରୀ । ସେ ଆପଣଙ୍କ ସମ୍ମୁଖରେ ପାରିଷଦଙ୍କ ଗହଣରେ ଆସୀନ ।'' ରାଜା ଶାସ୍ତ୍ରୀଙ୍କ ଆଡ଼କୁ ସ୍ଥିର ଦୃଷ୍ଟିରେ ଚାହିଁ ରହିଲେ ଏବଂ ତାଙ୍କୁ ଚିହ୍ନି ପାରିଲେ । ଏହାପରେ ସେ ସିଂହାସନରୁ ଓହ୍ଲାଇ ଶାସ୍ତ୍ରୀଜିଙ୍କ ଆଡ଼କୁ ଆଗଭର ହେଲେ । ରାଜାଙ୍କୁ ଆସିବାର ଦେଖି ଶାସ୍ତ୍ରୀ ମହୋଦୟ ଯୋଡ଼ହସ୍ତରେ ଠିଆ ହୋଇ ରହିଲେ । ସର୍ବ ସମକ୍ଷରେ ରାଜା ଶାସ୍ତ୍ରୀଜିଙ୍କୁ ଆଲିଙ୍ଗନ କଲେ ।

ଦୁଇ ଜଣଙ୍କ ଚକ୍ଷୁରେ ଆନନ୍ଦର ଅଶ୍ରୁ । ସଭାସ୍ଥଳୀ ମୃଦୁ କରତାଳି ଶବ୍ଦରେ ପୂରି ଉଠୁଥିଲା । ରାଜା ଆଉ ଅସୁସ୍ଥ ନଥିଲେ ।

ଦିବ୍ୟଜନନୀ ଶ୍ରୀମା ଉଲ୍ଲେଖ କରିଛନ୍ତି : —

"Jealousy comes from a narrowness of the mind and a weakness of the heart. It is a great pity that so many are attacked by it."

(C.W.M., Vol. 14, P. 261)

ଅର୍ଥାତ୍, ''ମନର ଏକ ସଂକୀର୍ଣ୍ଣତାରୁ ଏବଂ ହୃଦୟର ଏକ ଦୁର୍ବଳତାରୁହିଁ ଈର୍ଷାର ଉଦ୍ଭବ ହୋଇଥାଏ । ବଡ଼ ଦୁଃଖର ବିଷୟ ଯେ ଅନେକ ବ୍ୟକ୍ତି ଈର୍ଷା ଦ୍ୱାରା ଆକ୍ରାନ୍ତ ହୋଇ ପଡ଼ନ୍ତି ।'' (ମାତୃରଚନାବଳି, ୧୪ ଖଣ୍ଡ) ❑


**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

# ଦୁଇଟି କ୍ଷୁଦ୍ର ପ୍ରେରଣାପ୍ରଦ ଆଲେଖ୍ୟ

### ଯେତେବେଳେ ଦୁଇଜଣ ମହାନ୍ ବ୍ୟକ୍ତିତ୍ୱଙ୍କର ସଂଯୋଗ ଘଟେ ...

ଡକ୍ଟର କଲାମ୍ ରାଷ୍ଟ୍ରପତି ଥିବାବେଳେ ଥରେ ସେ କନ୍ନୁର ଗସ୍ତରେ ଯାଇଥିଲେ । ସେଠାରେ ପହଞ୍ଚିବା ପରେ ଯେତେବେଳେ ଜାଣିବାକୁ ପାଇଲେ ଯେ ସେଠାରେ ମିଲିଟାରୀ ହାସପାତାଳରେ ଫିଲ୍ଡ ମାର୍ଶାଲ ସାମ ମାନେକ୍ସା ଚିକିତ୍ସିତ ହେଉଛନ୍ତି, ସେ ତାଙ୍କୁ ଭେଟିବା ପାଇଁ ଇଚ୍ଛା ପ୍ରକାଶ କଲେ ।

ରାଷ୍ଟ୍ରପତିଙ୍କର ସ୍ଥିରୀକୃତ ଗସ୍ତସୂଚୀରେ ଏହା ନଥିବାରୁ ତୁରନ୍ତ ବ୍ୟବସ୍ଥା କରାଗଲା । ଡକ୍ଟର କଲାମ୍ ଚିକିତ୍ସାଳୟରେ ମାନେକ୍ସା ସାହେବଙ୍କ କୋଠରିରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟ ଏବଂ ଚିକିତ୍ସା ସମ୍ବନ୍ଧରେ ପଚାରି ବୁଝିଲେ । ତାଙ୍କ ପାଖରେ ପନ୍ଦର ମିନିଟ ପର୍ଯ୍ୟନ୍ତ ରହି ପରେ ବାହାରିବା ସମୟରେ ଜିଜ୍ଞାସା କଲେ, ‘‘ଆପଣ ଖୁସିରେ ଅଛନ୍ତି ତ ? ନା ମୋତେ କିଛି କରିବାକୁ ପଡ଼ିବ ! ଆପଣଙ୍କର କିଛି ଅଭିଯୋଗ ଅଛି କି ? ଆପଣଙ୍କର କିଛି ଅସୁବିଧା ଅଛି କି, ଯାହା ଦୂର ହୋଇ ପାରିଲେ ଆପଣ ଅଧିକ ଖୁସି ହେବେ ?’’

ସାମ ମାନେକ୍ସା କହିଲେ, ‘‘ହଁ ମହାମହିମ, ମୋର ଗୋଟିଏ ଅଭିଯୋଗ ଅଛି ।’’

ଦୁଃଖିତ ଏବଂ ଆଚମ୍ବିତ ହୋଇଗଲେ ରାଷ୍ଟ୍ରପତି କଲାମ୍ । ଏହି ଅଭିଯୋଗ କ'ଣ ବୋଲି ସେ ସାମ ମାନେକ୍ସାଙ୍କୁ ପଚାରିଲେ । ସେ ଉତ୍ତରରେ କହିଲେ, ‘‘ମୋର ଅଭିଯୋଗ ଓ ଦୁଃଖ ହେଉଛି ଯେ ମୁଁ ମୋ ଦେଶର ଅନନ୍ୟ ଲୋକପ୍ରିୟ ରାଷ୍ଟ୍ରମୁଖ୍ୟଙ୍କୁ ଠିଆ ହୋଇ ସାଲ୍ୟୁଟ୍ କରି ପାରୁ ନାହିଁ ।’’

କଲାମ୍ ସାହେବ ଜେନେରାଲ ମାନେକ୍ସାଙ୍କ ଦୁଇ ହାତକୁ ଚାପି ଧରିଲେ – ଉଭୟଙ୍କ ଆଖିରେ ଲୁହ । ...

ସାମ ମାନେକ୍ସା ପୁଣି କହିଲେ, ‘‘ମୁଁ ମୋର ପଦବୀ ‘ଫିଲ୍ଡ଼ ମାର୍ଶାଲ’ ଅନୁସାରେ ଆଜିଯାଏଁ ୨୦ ବର୍ଷ ହେଲାଣି ପେନ୍‌ସନ୍ ପାଇ ନାହିଁ ।’’

ବିକ୍ଷୁବ୍ଧ ମନରେ ରାଷ୍ଟ୍ରପତି ଦିଲ୍ଲୀ ଫେରିଗଲେ । ଗୋଟିଏ ସପ୍ତାହ ମଧ୍ୟରେ ତାଙ୍କର ବାକିଥିବା ସବୁ ପେନ୍‌ସନ୍ ଅନୁମୋଦିତ ହୋଇଗଲା । ପ୍ରାୟ ଏକ କୋଟି ପଚିଶ ଲକ୍ଷ ଟଙ୍କାର ଚେକ୍ ଡିଫେନ୍ସ ସେକ୍ରେଟାରୀଙ୍କ ହାତରେ ଏକ ସ୍ୱତନ୍ତ୍ର ବିମାନ ଯୋଗେ ସାମ ମାନେକ୍ସା ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିବା ଉଟିସ୍ଥିତ ୱେଲିଂଟନ ହାସପାତାଳକୁ ପଠାଇ ଦିଆଗଲା ।

ଏହା ଥିଲା ଡକ୍ଟର ଏ. ପି. ଜେ. ଅବଦୁଲ କଲାମ୍‌ଙ୍କର ମହତପଣିଆ । କିନ୍ତୁ ଫିଲ୍ଡ ମାର୍ଶାଲ ସାମ ମାନେକ୍ସା ଚେକ୍‌ଟିକୁ ପାଇବା ମାତ୍ରେ ତା'କୁ ‘‘ଆର୍ମି ରିଲିଫ୍ ଫଣ୍ଡ୍’’କୁ ଦାନ କରିଦେଲେ ।

ଏବେ ଆପଣ କାହାର ମହତପଣିଆକୁ ସଲାମ କରିବେ ! ବାସ୍ତବରେ ଏମାନେ ଭାରତମାତାଙ୍କର ଯୋଗ୍ୟତମ ଅମର ସନ୍ତାନ ।

### ସଂସ୍କାର

ପରିବାରହିଁ ଶିଶୁର ପ୍ରଥମ ପାଠଶାଳା । ମାତାପିତାହିଁ ତା' ଜୀବନ ବିଦ୍ୟାଳୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାଦାତା । ଏହି ସତ୍ୟକୁ ଆଧାରିତ କରି କାହାଣୀଟିଏ –

ଘୋଡ଼ାଟିର ଜନ୍ମରୁ ତରୁଣ ହେବାଯାଏଁ ରାଜାଙ୍କ ଘୋଡ଼ାଶାଳହିଁ ତା'ର ପ୍ରିୟ କ୍ରୀଡ଼ାଭୂମି, ଆବାସସ୍ଥଳ । ସାଥୀରେ ତା'ର ଅତି ଆପଣାର ମାଆ – ଜୀବନ ବଞ୍ଚିବାର ସବୁ କଳାକୌଶଳ ସେ ତା' ଠାରୁ ଶିଖିଛି । ଘୋଡ଼ାଟି ଦେଖିବାକୁ ଖୁବ୍ ବଳିଷ୍ଠ, ଆକର୍ଷଣୀୟ ଓ ତେଜୀୟାନ୍ । ନିଜ କାର୍ଯ୍ୟ ନିର୍ବାହରେ ଯଥେଷ୍ଟ ପାରଙ୍ଗମ । ମାତ୍ର ତା' ନିଜର କଣାଆଖିଟି କଥା ମନେ ପଡ଼ିଗଲେ ଭିତରୁ ତା'ର ସବୁ ସରସତା ହଜିଯାଏ । ହଠାତ୍ ସିଏ କ୍ଷଣିକ ପାଇଁ ହେଉ ପଛେ ବିଷଣ୍ଣ ହୋଇଉଠେ । ଥରେ ଏମିତି ଏକ ବିମର୍ଷ ମୁହୂର୍ତ୍ତରେ ସେ ତା'ର ମାଆକୁ ପଚାରିଲା, ‘‘ମାଆ, କହ ତ ମୁଁ କଣା ହେଲି କେମିତି ?’’

ମାଆ ତା'ର ଖୁବ୍ ସଂଭ୍ରମରେ ଆରମ୍ଭ କଲା, ‘‘ମୋର ତାରୁଣ୍ୟ ଓ ଯୌବନାବସ୍ଥାରେ ମୁଁ ମହାରାଜଙ୍କ ଖୁବ୍ ପ୍ରିୟ ବାହନ ଥିଲି । ରାଜା କୁଆଡ଼େ ବାହାରିଲେ ମୁଁ ଲୋଡ଼ା ପଡୁଥିଲି – ସେ ନଗର ଭ୍ରମଣ ହେଉ ଅଥବା ରଣକ୍ଷେତ୍ର ହେଉ । ଘୋଡ଼ାଶାଳର ରକ୍ଷଣା-ବେକ୍ଷଣରେ ଥିବା କର୍ମଚାରୀମାନେ ମଧ ମୋର ଯତ୍ନ ନେବାରେ ସାମାନ୍ୟତମ ଅବହେଳା କରୁ ନଥିଲେ । ଥରେ ମହାରାଜା ଖୁବ୍ ମାନସିକ ଦ୍ୱନ୍ଦ୍ୱ ଓ ବିରକ୍ତି

ଭିତରେ ଥିବା ବେଳେ ମୋ ଉପରେ ସବାର ହେବା ମୁହୂର୍ତ୍ତରେ ଚାବୁକରେ ମୋତେ ଶକ୍ତ ଭାବେ ପିଟି ଦେଲେ । ସେତେବେଳେ ମୁଁ ଗର୍ଭବତୀ ଥିଲି । ସେହି ଆଘାତରେ ହୁଏତ ତୋର ଗୋଟିଏ ଚକ୍ଷୁ ନଷ୍ଟ ହୋଇଗଲା । ତୁ ସମ୍ପୂର୍ଣ୍ଣ ସୁସ୍ଥ, ସୁନ୍ଦର ଭାବରେ ଜନ୍ମ ହୋଇଥିଲେ ବି ତୋର କଣା ଆଖିଟି ଦେଖି ମୁଁ ବ୍ୟଥିତ ହେଉଥିଲି ।

ତରୁଣ ଘୋଟକଟି ତତ୍‌କ୍ଷଣାତ୍ ଉତ୍‌କ୍ଷିପ୍ତ ହୋଇ ଉଠିଲା ଓ ତା'ର ମାଆକୁ କହିଲା, ''ମୁଁ ନିଶ୍ଚୟ ଏହାର ପ୍ରତିଶୋଧ ନେବି ।'' ମାଆ ଘୋଡ଼ିଟି କିନ୍ତୁ ଖୁବ୍ ଧୈର୍ଯ୍ୟର ସହ ତାକୁ ବୁଝାଇବାକୁ ଚେଷ୍ଟା କରି କହିଲା, ''ତୁ ଯେଉଁ ସୁସ୍ଥ, ସବଳ ଓ କର୍ମଦକ୍ଷ ଘୋଡ଼ା ହୋଇପାରିଛୁ; ତାହା ମହାରାଜଙ୍କର ତୋ ପ୍ରତି ସଦୟ ମହନୀୟତା ଯୋଗୁଁ ସମ୍ଭବ ହୋଇ ପାରିଛି । ସେଥିପାଇଁ ତୁ କୃତଜ୍ଞ ହେବା ଉଚିତ । କ୍ରୋଧବଶତଃ ସେ ଯେଉଁ ଭୁଲ୍ କରିଛନ୍ତି, ତା'ର ପ୍ରତିଶୋଧ ନେବାରେ କ'ଣ ବା ମହତପଣିଆ ଅଛି ! ସେସବୁ ବରଂ ଭୁଲିଯିବା ଭଲ ।'' ଘୋଡ଼ାଟି କିନ୍ତୁ ନିଜ ଜିଦ୍‌ରେ ଅଟଳ ଥିଲା ।

ଅଳ୍ପଦିନ ବ୍ୟବଧାନରେ ମହାରାଜାଙ୍କୁ ଯୁଦ୍ଧ କରିବା ଆବଶ୍ୟକ ପଡ଼ିଲା । ଏଇ ତରୁଣ ଘୋଡ଼ାଟିକୁ ନେଇ ରାଜା ଯୁଦ୍ଧକ୍ଷେତ୍ରକୁ ଗଲେ । ମାତ୍ର ଦୁଃଖର କଥା, ରାଜା ସେ ଯୁଦ୍ଧରେ ଆଘାତ ପାଇ ଧରାଶାୟୀ ହୋଇଗଲେ । ତରୁଣ ଘୋଡ଼ାଟି ଶ୍ରମ ସ୍ୱୀକାର କରି ରାଜାଙ୍କୁ କୌଣସିମତେ ପିଠିରେ ଉଠାଇ ରାଜଉଆସ ଆଡ଼କୁ ଯଥାଶୀଘ୍ର ଧାଇଁବାକୁ ଲାଗିଲା । ରାଜାଙ୍କର ଜୀବନ ବଞ୍ଚିଗଲା । ସମସ୍ତେ ଆଶ୍ୱସ୍ତ ହେଲେ ।

ସେଦିନ ରାତ୍ରୀରେ ବିଶ୍ରାମ ନେବାକୁ ଗଲାବେଳେ ଘୋଡ଼ାଟି ତା' ମାଆକୁ ପଚାରିଲା, ''ଏତେ ସହଜରେ ରାଜାଙ୍କ ଉପରେ ପ୍ରତିଶୋଧ ନେବାର ସୁଯୋଗଟି ପାଇଥିଲେ ମଧ୍ୟ ମୁଁ ସେଇଟିକୁ ହାତଛଡ଼ା କଲି କିପରି ! ମୋ ଭିତରେ ସେପରି କରିବାର ଚିନ୍ତା ମଧ୍ୟ ଆସିଲା ନାହିଁ ।''

ତା'ର ମାଆ ହସି କରି କହିଲା, ''ତୋ ରକ୍ତରେ ଓ ସଂସ୍କାରରେ କାହା ଉପରେ ପ୍ରତିଶୋଧ ନେବାହିଁ ନାହିଁ । ତୁ ଜାଣିଶୁଣି କିପରି କାହାର କ୍ଷତି କରିପାରିବୁ ! ତୋର ଶରୀରରେ ମୋର ରକ୍ତ ପ୍ରବାହିତ ହେଉଛି । ତୋର ବିଚାର ମୋର ବିଚାର ଦ୍ୱାରା ପ୍ରଭାବିତ ହେବା ସ୍ୱାଭାବିକ ।''

ଯେମିତି ପାଣିରେ ମିଶିଯାଇଥିବା ଚନ୍ଦନ ନିଜର ସୁଗନ୍ଧ ବା ଶୀତଳତା ହରାଇ ନଥାଏ ସେହିପରି ଆମର ମାତାପିତା ତଥା ପାରିବାରିକ ସଂସ୍କାର ଆମର ମସ୍ତିଷ୍କର ଅବଚେତନା ଭିତରେ ବୀଜ ରୂପେ ସଞ୍ଚିତ ହୋଇ ରହିଥାଏ । ସେ ଦୃଷ୍ଟିରୁ ଆଗାମୀ ସମାଜ ପାଇଁ ଦୟା, କ୍ଷମା, ତ୍ୟାଗ, ତପସ୍ୟା ତଥା ଆତ୍ମୀୟତାରେ ସଂପୃକ୍ତ ପରିବାରର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ❑

# ନେଉଛ ମା ! ପଥ ବାହି

## ଶରତ କୁମାରୀ ସ୍ୱାଇଁ

ଯୁଗ ଯୁଗାନ୍ତର ଏ ବନ୍ଧନ ଆମ
ଯୁଗେ ଯୁଗେ ଥିବ ରହି
ରହିଥିବୁ ତବ ଅଭୟ ବାହୁର
କାରାଗାରେ ବନ୍ଦୀ ହୋଇ ।୦।

ତରଙ୍ଗ ଉଚ୍ଛୁଳା କୃପା ପାରାବାରେ
ମମତା ଭିଜା ସେ ସିକତା ଶେଯରେ
ଗଡ଼ାଇ ଦେଇ ମା ! ଜଡ଼ାଇ ଧରୁଛ
ଅମୃତ ପରଶ ଦେଇ ।୧।



ଲୋଭ, ମୋହ, ମାୟା, କାମନାରେ ମାତି
ମରୀଚିକା ପଛେ ଧାଉଁ ମରୁଯାତ୍ରୀ
ତଥାପି କୋଳେଇ, କୋଳରେ ଦୋଳାଇ
କ୍ଷମୁଛ ମା, ଦୟାମୟୀ ।୨।

ଅନ୍ୟାୟ ଅନୀତି ଯେତେ ଅସଙ୍ଗତି
ଦୂରେଇ କରୁଛ ସତ୍ୟପଥେ ଯାତ୍ରୀ
ଆଲୋକେ ସଜାଇ, ପୁଲକେ ମଜାଇ
ନେଉଛ ମା ପଥବାହି ।୩। ❑

# ଉନ୍ମତ୍ତ ସାଗର

## ସବ୍ୟସାଚୀ

ସତ୍ୟଯୁଗର କଥା । କଶ୍ୟପଙ୍କର ଦୁଇ ପତ୍ନୀ — ଦିତି ଓ ଅଦିତି । ଦିତିଙ୍କ ଗର୍ଭରୁ ଜନ୍ମ ନେଲେ ଦୈତ୍ୟ ଓ ତାଙ୍କଠାରୁ ଉତ୍ପନ୍ନ ହେଲେ ଦୈତ୍ୟକୁଳ ବା ଅସୁରକୁଳ । ଅଦିତିଙ୍କ ଗର୍ଭରୁ ଜନ୍ମ ନେଲେ ଆଦିତ୍ୟ ଓ ଅନ୍ୟାନ୍ୟ ଦେବତାମାନେ ।

ଅସୁର ଓ ଦେବତା ଏକ ରକ୍ତରେ ଗଢ଼ା ଓ ଏକ ପିତା-ସମ୍ଭୂତ ହେଲେ ମଧ୍ୟ ଚେତନାର ସ୍ଫୁରଣ ହେଲା ଉଭୟଙ୍କର ସଂପୂର୍ଣ୍ଣ ବିପରୀତ ଭାବରେ । ତେଣୁ ସେମାନେ ଶାଶ୍ୱତ କାଳ ପାଇଁ ପରସ୍ପରର ବିରୋଧୀ ହୋଇ ରହିଲେ । ସଦାସର୍ବଦା ଦେବତା ଓ ଅସୁରମାନଙ୍କ ମଧ୍ୟରେ ଯୁଦ୍ଧ ହୋଇ ଚାଲିଥାଏ । କେବେ ଅସୁରମାନେ ଜିତିଥା'ନ୍ତି ତ କେବେ ଦେବତାମାନେ ।

ଥରେ ଏପରି ଏକ ଅବସ୍ଥା ସୃଷ୍ଟି ହେଲା ଯେ ଅସୁରମାନେ ଆଦୌ ହାରିଲେ ନାହିଁ । ସେମାନେ ହଠାତ୍ ଆକ୍ରମଣ କରି ଦେବତାମାନଙ୍କୁ ପରାଜିତ କରି କୁଆଡ଼େ ପଳାନ୍ତି । ଏପରି ହଠାତ୍ ଆକ୍ରମଣ ଫଳରେ ଦେବତାମାନେ ବଡ଼ ବ୍ୟସ୍ତ ବିବ୍ରତ ଓ କ୍ଷତିଗ୍ରସ୍ତ ହେଲେ । ସେମାନଙ୍କୁ ପାଇଲେ ତ ଯୁଦ୍ଧ କରିବେ ! ବିଶେଷତଃ ରାତ୍ରିରେ ଏପରି ଆକ୍ରମଣ ସେମାନେ କରିଥା'ନ୍ତି ।

ବହୁଦିନ ଧରି ସେମାନେ ପଳାଇବା ବେଳେ ପଶ୍ଚାତ୍ ଅନୁଧାବନ କରି ଦେବତାମାନେ ଦେଖିଲେ ସେମାନେ ସମୁଦ୍ରର ଅତଳଗର୍ଭରେ ଲୁଚି ଯାଉଛନ୍ତି । ଦିନବେଳରେ ଦେବତାମାନେ ଯେତେ ଚେଷ୍ଟା କଲେ ସେମାନଙ୍କୁ ପାଇଲେ ନାହିଁ । ସମୁଦ୍ରର ବେଳାଭୂମିରେ ଥାଇ ବହୁ ଚେଷ୍ଟା କଲେ ମଧ୍ୟ ଫଳ କିଛି ହେଲା ନାହିଁ । ଅନନ୍ତ ମହାସାଗରର ବିପୁଳ ଜଳ ଓ ଭୟ-ଉଦ୍ରେକକାରୀ ବିରାଟ ଢେଉମାନଙ୍କୁ ଦେଖି ସେମାନେ ଫେରି ଆସନ୍ତି । ସେମାନେ ଚିନ୍ତା କଲେ, ''ଅସୁର ସଂହାର କରିବାର ଏବେ ଉପାୟ କ'ଣ ? ଏହି ଭୟଙ୍କର ମହାସାଗରର ଅଥଳ ଜଳର ନିମ୍ନକୁ ଯାଇ ସେମାନଙ୍କ ସହିତ ଯୁଦ୍ଧ କରିବା ସମ୍ଭବ ନୁହେଁ । ହୁଏତ ସାଗର ସେମାନଙ୍କୁ ରକ୍ଷା କରିବା ପାଇଁ ସ୍ୱୀକୃତ ହୋଇଛି । କାରଣ ଦେବତାମାନେ ଯେତେ ପ୍ରଚେଷ୍ଟା କଲେ ମଧ୍ୟ ସାଗରର ବିରାଟ ଓ ଭୟଙ୍କର ରୂପକୁ ଦେଖି ସେମାନେ ପଶ୍ଚାତ୍ପଦ ହୋଇଛନ୍ତି । ଏବେ ଏହାର ଉପାୟ କ'ଣ ?'' ଦେବତାମାନେ ଧାଇଁଲେ ଭଗବାନ୍ ବିଷ୍ଣୁଙ୍କ ନିକଟକୁ । ଶ୍ରୀବିଷ୍ଣୁ ସବୁ ଶୁଣି କହିଲେ, ''ଦେଖ, ସାଗର ପଞ୍ଚମହାଭୂତ ମଧ୍ୟରୁ ଅନ୍ୟତମ । ପୁଣି ସେ ତାହାର ଅନନ୍ତ ବିଶ୍ୱଧ୍ୱଂସକାରୀ ରୂପ ଧରି ତୁମ୍ଭମାନଙ୍କ ସମ୍ମୁଖକୁ ଆସୁଛି । ତା'ର କେହି କିଛି କରିପାରିବେ ନାହିଁ । ମୁନିଋଷିମାନେ ଯଦି ନିଜର ତପଃଶକ୍ତି ବଳରେ କିଛି କରିପାରନ୍ତି ତେବେ ତୁମର ବିଜୟ ସୁନିଶ୍ଚିତ । କିନ୍ତୁ କୌଣସି ସ୍ଥୂଳଶକ୍ତି ତା'ର କିଛି କରିପାରିବ ନାହିଁ । ତୁମେ ବରଂ ଯାଇ ଏ ବିଷୟ ମହର୍ଷି ଅଗସ୍ତିଙ୍କ ନିକଟରେ ନିବେଦନ କର ।''

ଦେବତାମାନେ ଋଷିବର ଅଗସ୍ତିଙ୍କୁ ଏକଥା ନିବେଦନ କଲେ, ସେମାନଙ୍କୁ ଅସୁରଙ୍କ ଆକ୍ରମଣରୁ ରକ୍ଷା କରିବାକୁ ହେବ । ଯଦି ଅସୁରମାନେ ସମ୍ମୁଖ ଯୁଦ୍ଧ କରନ୍ତେ ତେବେ ହାରଜିତର ପ୍ରଶ୍ନ ଉଠନ୍ତା । କିନ୍ତୁ ସେମାନେ ତ ସମୁଦ୍ରଗର୍ଭରେ ଲୁଚି ଯାଉଛନ୍ତି । ଆଉ ସମୁଦ୍ର ନିଜ ଶକ୍ତିର ଗର୍ବରେ ଉନ୍ମତ୍ତ ହୋଇ ସଚରାଚର ଗ୍ରାସ କରିବାକୁ ଉଦ୍ୟତ ହେଉଛି ଏବଂ ତା'ର ସେ ଶକ୍ତି ଅଛି ।

ଅଗସ୍ତି ସବୁ ଶୁଣି କହିଲେ, ''ଇଏ ଏକ ସମସ୍ୟା ! ଉନ୍ମତ୍ତ ସାଗରର ସମସ୍ତ ଗର୍ବକୁ ମୁଁ ଅଚିରେ ଖର୍ବ କରିବି । ତାହାର ସ୍ଥିତି ମଧ୍ୟ ରହିବ ନାହିଁ । ତୁମେମାନେ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ପ୍ରସ୍ତୁତ ହୋଇଥାଅ । ଜଳ ଶୁଷ୍କ ହେବା ମାତ୍ରେ ଅସୁରବଂଶ ଦୃଷ୍ଟିଗୋଚର ହେବେ ଏବଂ ତୁମେ ସେମାନଙ୍କୁ ସହଜରେ ବଧ କରିପାରିବ ।''

ପରଦିନ ଦେବତାମାନେ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ହୋଇ ରହିଲେ । ସମୁଦ୍ରର ବେଳାଭୂମିରେ ମହର୍ଷି ଅଗସ୍ତି ଆସି ଉପସ୍ଥିତ ହେଲେ । ମହାନ୍ ଦିବ୍ୟଶକ୍ତିକୁ ସେ ଆବାହନ କରି ନିଜକୁ ମନ୍ତ୍ରପୂତ କରି ବଳଶାଳୀ କଲେ ଓ ଅନନ୍ତ ମହାସାଗରର ସମସ୍ତ ଜଳକୁ ଅଚିରେ ଚଳୁ କରି ପାନ କଲେ । ମହାସାଗର ଜଳଶୂନ୍ୟ ହେଲା, ପାତାଳ ପର୍ଯ୍ୟନ୍ତ ବିସ୍ତୃତ ଭୟଙ୍କର ଗର୍ତ୍ତ ଓ ସାଗରର ନିମ୍ନଦେଶରେ ଥିବା ଅସୁରମାନେ ଦୃଶ୍ୟମାନ ହେଲେ । ଦେବତାମାନେ ସେମାନଙ୍କ ସହିତ ଯୁଦ୍ଧ କରି ତାଙ୍କୁ ପରାଜିତ କଲେ ।

ସତ୍ୟଯୁଗରେ ଏପରି ଅଲୌକିକ କାର୍ଯ୍ୟସବୁ ତପସ୍ୟା ଶକ୍ତି ବଳରେହିଁ କରାଯାଉଥିଲା । ଗର୍ବୋନ୍ମତ୍ତ ସାଗର ସେହି ଦିନଠାରୁ ଶାନ୍ତ ହେଲା । ସମୟକ୍ରମେ ତାହା ପୁନଶ୍ଚ ଜଳରେ ପୂର୍ଣ୍ଣ ହେଲା । ❑

# ମହାକୁମ୍ଭର ଶେଷ ପର୍ଯ୍ୟାୟ

## ଧର୍ମକୁମାର ଶତପଥି

ବିଗତ ବର୍ଷ ଭାରତର ଐତିହ୍ୟ ନଗରୀ ପ୍ରୟାଗରାଜଠାରେ ଧର୍ମ ଓ ଆଧ୍ୟାତ୍ମିକତାର ମହାମିଳନର ମହାନ୍ ପର୍ବ 'ମହାକୁମ୍ଭ ମେଳା' ଅନୁଷ୍ଠିତ ହୋଇ ଯାଇଛି । ପ୍ରତି ବାର ବର୍ଷରେ ଏଇ ମେଳା ହୋଇଥାଏ । ମାତ୍ର ଏ ବର୍ଷ ଏଠାରେ 'ମହାକୁମ୍ଭ ମେଳା' – ବାରଟି କୁମ୍ଭମେଳା ସମାପନ ପରେ ଏକ ବିରଳ ଓ ବିଶ୍ୱାସର ବଳିଷ୍ଠ ଏକାତ୍ମତାର ପର୍ବ ପାଳିତ ହୋଇଯାଇଛି । ପବିତ୍ର ମକର ସଂକ୍ରାନ୍ତି ଠାରୁ ଶିବରାତ୍ରୀ ପର୍ଯ୍ୟନ୍ତ ଛଅଟି ପୁଣ୍ୟତିଥି (ଗ୍ରହ, ତାରା, ନକ୍ଷତ୍ରମାନଙ୍କ ଚଳନଗତି) ଅନୁସାରେ ଏହି 'ମହାକୁମ୍ଭ'ର ମହାନ୍ ତିଥି ନିରୂପିତ ହୋଇଥିଲା । ସେହି ମହାନ୍ ତିଥିରେ ପ୍ରୟାଗରାଜରେ ସାରା ବିଶ୍ୱର ଶ୍ରଦ୍ଧାଳୁମାନେ ବିଶ୍ୱାସର ମହାନ୍ ଆଦର୍ଶକୁ ଆଦରି ନେଇ ପବିତ୍ର ସଙ୍ଗମରେ ସ୍ନାନ କରିଥିଲେ । ବିଶ୍ୱାସ ରହିଛି ଏହି ସଙ୍ଗମସ୍ଥଳରେ ସ୍ନାନ କରିବା ଦ୍ୱାରା ମନୁଷ୍ୟର ପାପ ମୋଚନ ହୋଇ ମୋକ୍ଷ ପ୍ରାପ୍ତ ହୋଇଥାଏ । ଖାଲି ସେତିକି ନୁହେଁ, ଏଠାରେ ମୃତ ପିତୃ-ପିତାମହଙ୍କ ଅସ୍ଥି ବିସର୍ଜନ କଲେ ସେମାନେ ମୋକ୍ଷପ୍ରାପ୍ତି ହୋଇଥା'ନ୍ତି ଓ ପିତୃଲୋକରେ ବାସ କରିଥା'ନ୍ତି ।

ଏଇ ବିରଳ ସଂଯୋଗରେ ସଙ୍ଗମର ପବିତ୍ର ସ୍ଥାନଟି ପବିତ୍ରମୟ ହୋଇଉଠେ । ଏଇ ଭୂଲୋକ ପାଲଟିଯାଏ ଭୂସ୍ୱର୍ଗରେ । ଏଠାରେ କୁମ୍ଭମେଳା ସମୟରେ ସ୍ନାନ କରି କି ପୁରୁଷ କି ମହିଳା ସର୍ବସାଧାରଣ ଅପାର ଆତ୍ମତୃପ୍ତି ପାଇଥା'ନ୍ତି । ସ୍ୱର୍ଗରୁ ଉତ୍ସୃଷ୍ଟ ପତିତପାବନୀ ଗଙ୍ଗା, ତପସ୍ୟା ବଳରେ ଯାହା ଧରାବତରଣ କରିଛି, ସେ ମର୍ତ୍ତ୍ୟ ଲୋକରେ ସେଇ ସ୍ୱର୍ଗୀୟ ବିଭୂତିବିମଣ୍ଡିତା ହୋଇ ଯୁଗେ ଯୁଗେ ''ଅୟୀ ସୁରେଶ୍ୱରୀ, ଭଗବତୀ ଗଙ୍ଗେ, ତ୍ରିଭୁବନ ତାରିଣୀ ତରଳ ତରଙ୍ଗେ'' ରୂପେ ଭାରତ ଭୂଇଁକୁ ସ୍ୱର୍ଗଠାରୁ ବଳି ମହିମା ମଣ୍ଡିତ କରି ଚାଲିଛି ଯୁଗ ଯୁଗରୁ ।

ମହାକୁମ୍ଭମେଳାର ଆୟୋଜନ ଲକ୍ଷ, ଲକ୍ଷ ନୁହେଁ; କୋଟି, କୋଟି ଜନତାଙ୍କ ଆଦର୍ଶର ମାର୍ଗ ପ୍ରୟାଗରାଜଠାରେ ବ୍ୟାପକ ପ୍ରସ୍ତୁତି । ପବିତ୍ର ସଙ୍ଗମଠାରେ ଶ୍ରଦ୍ଧାଳୁମାନଙ୍କ ବିଶ୍ୱାସର ଅନ୍ୟତମ ପର୍ବ 'ସାହିସ୍ନାନ' ଶୃଙ୍ଖଳିତ ସଂଘଟନ ପାଇଁ ବ୍ୟାପକ ବନ୍ଦୋବସ୍ତ । ପ୍ରୟାଗର ତଟବର୍ତ୍ତୀ ଅଞ୍ଚଳ ୪,୦୦୦ ହେକ୍ଟର ପରିମିତ ଜମିରେ ଅସ୍ଥାୟୀ ଶିବିର, ସ୍ୱେଚ୍ଛାସେବୀ, ସମାଜସେବୀ ଓ ଶ୍ରଦ୍ଧାଳୁମାନଙ୍କ ସୁରକ୍ଷାର ସୁବନ୍ଦୋବସ୍ତ ସହିତ ସଫଳତମ ଭାବେ କୋଟି କୋଟି ଜନତା ପବିତ୍ର ସଙ୍ଗମରେ ସ୍ନାନ କରି ପରମ ଶାନ୍ତି ପ୍ରାପ୍ତିର ଆକାଂକ୍ଷା ଚରିତାର୍ଥ କରିବା ପାଇଁ ସ୍ୱତନ୍ତ୍ର ଯାତ୍ରୀବାହୀ ଟ୍ରେନ୍ ଓ ବସ୍‌ର ପ୍ରଚଳନ ହୋଇଥିଲା । ସାଧାରଣତଃ ଏହି ସମୟରେ ପ୍ରୟାଗରାଜଠାରେ ଶୀତର ପ୍ରକୋପ, ଲୋକଭିଡ଼ ଯୋଗୁଁ ଠେଲାପେଲା ଅଥବା ମନୁଷ୍ୟକୃତ ଅଘଟଣ ନହେବା ପାଇଁ ସତର୍କ ଦୃଷ୍ଟି ସହିତ ସୁରକ୍ଷାବଳର ବ୍ୟାପକ ମୁତୟନ ହୋଇଥିଲା ।

ଏମିତି ଲୋମହର୍ଷଣକାରୀ ଖବରସବୁ ଟେଲିଭିଜନ ଅଥବା ଖବର କାଗଜରୁ ଅବଗତ ହୋଇ ସୁକୁମାର ବାବୁ ଚମତ୍କୃତ ହେଉଥିଲେ । ମଣିଷ ମନରେ ଈଶ୍ୱର ବିଶ୍ୱାସର ଗଭୀର ଆଲୋଡ଼ନକୁ ଅନୁଭବ କରି ସମ୍ମୋହିତ ହେଉଥିଲେ । ତାଙ୍କ ଚିନ୍ତା ଓ ଚେତନା ରାଜ୍ୟରେ କୁମ୍ଭମେଳାକୁ ନେଇ ଯେଉଁ ବିରାଟ ଓ ମାର୍ମିକ ଆବେଦନ ଉତ୍ତାଳ ଲହରୀ ପରି ଉଠୁଥିଲା ଓ ପଡୁଥିଲା, ତାହା ତାଙ୍କୁ ଆକ୍ରାମାକ୍ରା କରି ପକାଉଥିଲା । ଏଡ଼େ ବିରାଟ ଆୟୋଜନ ! ଆକାଶ ପରି ବ୍ୟାପକ ଓ ଧରଣୀ ପରି ବିସ୍ତୀର୍ଣ୍ଣ ଭାରତ ଭୂଇଁରେ ସଂଘଟିତ ହୋଇପାରେ – ଏହା ତାଙ୍କ କଳ୍ପନାର ବାହାରେ ! କୂଳକିନାରାହୀନ !

ଏହିପରି କେତେ ଭାବ ଓ ଭାବନାରେ ଆତ୍ମ-ବିଭୋର ସୁକୁମାରଙ୍କ ମନରେ ଉଙ୍କି ମାରିଲା ଏକ ଅନନୁଭୂତ ପୁଲକ, ଅଭାବିତ ଭାବଧାରା । ସେଇ ଉର୍ଜସ୍ୱଳ ଧାରାରେ ତାଙ୍କ ମନରେ ଆବୋରି ବସିଲା ଏକ ଅଜଣା କୌତୂହଳ, ଏକ ଅଦ୍ଭୁତ ପ୍ରଶ୍ନବାଚୀ । ସେ ଭାବିହେଲେ – ଭାରତୀୟ ବେଦ, ବେଦାନ୍ତ, ଉପନିଷଦ୍‌ର ଶ୍ଲୋକସବୁ ଯେଉଁ ଆର୍ଯ୍ୟ ଋଷିଙ୍କ କଣ୍ଠରୁ ଦୃପ୍ତ ଉଚ୍ଚାରିତ ହୋଇଛି ଏବଂ ଏହି ଉଦାତ୍ତ ମନ୍ତ୍ର – ''ଶୃଣ୍ୱନ୍ତୁ ସର୍ବେ ଅମୃତସ୍ୟ ପୁତ୍ରାଃ ...'' ଏ କ'ଣ କେବଳ କେତୋଟି ମାମୁଲି ଶବ୍ଦର ସମାହାର ? ''ହେ ଅମୃତର ପୁତ୍ରଗଣ, ଶୁଣିବା ହୁଅନ୍ତୁ'' କହି ଯେଉଁ ତପସ୍ୱୀମାନେ ତପଶ୍ଚର୍ଯ୍ୟାରେ ନିପୁଣତା ଆଣି ଉତ୍ତର ସମ୍ବୋଧିଛନ୍ତି ତାହା କ'ଣ କେବଳ ଗୋଟିଏ ଆକ୍ଷରିକ ବକ୍ତବ୍ୟ ! ଯେଉଁ ସନ୍ତାନମାନେ ଅମୃତର ନିଷ୍କର୍ଷରୁ ଉଦ୍ଭୂତ

ସେମାନଙ୍କଠାରେ ପାପ ରହି ପାରିବ କିପରି ? ପାପ କ'ଣ ? ଏହା କି ପ୍ରକାର ଜିନିଷ ? ମଣିଷ ପାପ କରେ କାହିଁକି ? ଏମିତି କେତେ ଅନୁଚ୍ଚାରିତ, ଅସମାହିତ ପ୍ରଶ୍ନ ତାଙ୍କୁ ଘାଣ୍ଟି ଚକଟି ଅସ୍ତବ୍ୟସ୍ତ କଲା । ସେ ଭାବି ହେଲେ । ଭାବନାର ଏକ ଅଛିଣ୍ଡା ସୂତାର ଲମ୍ବା ସ୍ରୋତ । ତା'ର ଖିଅ ଧରିବା ମୁସ୍କିଲ ।

କିଛିଦିନ ପରେ ସେ ସ୍ୱତଃ ଅନୁଭବ କଲେ – ହୋଇପାରେ, ମଣିଷ ହେଉଛି ପରିସ୍ଥିତିର ଦାସ । ଏହାର ପଞ୍ଝାରେ ପଡ଼ି କର୍ତ୍ତବ୍ୟ କର୍ମରୁ ବାଆଁରେଇ ଯିବା, ସୁବିଧାବାଦୀ ହୋଇ ସତ୍ୟର ଆଶ୍ରୟ ନନେଇ ମିଥ୍ୟାକୁ ଆପଣାଇବା ଅଥବା ଗୁରୁ, ଗୁରୁଜନମାନଙ୍କୁ ଅସମ୍ମାନ କରିବା ଇତ୍ୟାଦି ପାପ ପଦବାଚ୍ୟ ହୋଇପାରେ । ଏହା ଆମ ଶାସ୍ତ୍ର ପୁରାଣରେ ମଧ ବର୍ଣ୍ଣିତ । ତେବେ ଏମିତି ପାପ କ'ଣ କାଦୁଅ, ପଙ୍କ, ମଇଳା ବା ଅଳନ୍ଧୁ ଲାଗିବା ପରି ଆମ ଦେହରେ ଲାଗି ରହିଛି ଯେ ତାହା ସଙ୍ଗମରେ ଏକ ମାମୁଲି ସ୍ନାନରେ ଧୋଇ ହୋଇଯାଏ ? ଆଉ ଯଦିବି ଧୋଇ ହେଲା, କୋଟି କୋଟି ଶ୍ରଦ୍ଧାଳୁଙ୍କ ସ୍ନାନରୁ ନିର୍ଗତ ପାପସକଳ ଗଙ୍ଗା ନଦୀରେ ପୁଣି କ'ଣ, କେମିତି ଓ କିପରି ରହିଛି ? ସେଇ ଧୌତ ପାପର ଶେଷ ପରିଣତି କ'ଣ ? ଇତ୍ୟାଦି, ଇତ୍ୟାଦି ।

ସେ ଖୋଜି ହେଲେ । ତାଙ୍କ ପ୍ରଶ୍ନର ସମାଧାନ କେଉଁଠି ମିଳିବ ? କିଏ କହିବ ଏଇ ଅଛିଣ୍ଡା ପ୍ରଶ୍ନର ଅପୂର୍ବ ଉତ୍ତର । ଏଇ କୌତୂହଳ, ସବୁ ଆବୁରୁଜାବୁରୁ ପ୍ରଶ୍ନର ବିଲୋପ ପାଇଁ ଥରେ ଯାଇ ପ୍ରୟାଗରେ ଅଂଶୀଦାର ହେଲେ କେମିତି ହୁଅନ୍ତା ! ଆଗକୁ ଶିବରାତ୍ରୀ । ମହାକୁମ୍ଭର ଶେଷ ମହୋତ୍ସବ । ଏହି ଦିନ ପ୍ରୟାଗରେ ସ୍ନାନ କଲେ ଏସବୁର ପ୍ରତ୍ୟକ୍ଷ ଅନୁଭୂତି ମିଳିଯିବ । ଠିକ୍ ବୁଦ୍ଧିଟିଏ ମୁଣ୍ଡକୁ ଜୁଟିଲା । ତା' ସହିତ ସୁକୁମାରଙ୍କର ପିଲାଦିନର କଥାଟିଏ ମନେ ପଡ଼ିଗଲା । ତାଙ୍କ ପଡ଼ୋଶୀ ଘରର ଜଣେ ଜେଜେମା ସ୍ଥାନୀୟ ପ୍ରୌଢ଼ା ଘରର ସବୁ ପାଇଟିରେ ତତ୍ପର ରହି କଥା କଥାକେ ''ନିଜେ ନମଲେ ଯମ ଦର୍ଶନ କରି ହୁଏ ନାହିଁ'' ଉଦ୍ଧୃତ କରି ଖଟ ଛାଡ଼ିବା ବେଳରୁ ସବୁ କାମ ତୁଲାଇ ଦିନ ଗୋଟାଏ ବେଳକୁ ଦାନ୍ତ ଘଷୁଥିଲେ । ହାୟ, ସେ ଯେ ଆଜି ଇହ ଜଗତରେ ନାହାଁନ୍ତି । ସୁତରାଂ ମଲା ବେଳକୁ ତାଙ୍କର ଯମଦର୍ଶନ ହେଇ ପାରିଲା କି ନାହିଁ ତାହା ସେ କାହାକୁ ସୁଦ୍ଧା କହି ପାରିଲେ ନାହିଁ । ଏହାର ସକାରାତ୍ମକ ଦିଗକୁ ବଳବତ୍ତର ରଖି ସେଇ ଜେଜେମା ସାରା ପରିବାରର ଅନ୍ୟମାନଙ୍କୁ କର୍ମକୁଣ୍ଠ ଓ ଅଳସୁଆ କରିଦେଲେ ।

ସୁକୁମାର ବାବୁଙ୍କ ମୁହଁଟି ଉଜ୍ଜ୍ୱଳ ଦେଖାଗଲା । ଅନେକ ଘଣ୍ଟାଚକଟା, ମୁଣ୍ଡବ୍ୟଥା ପରେ ସେ ଯେମିତି ଆବିଷ୍କାର କଲେ ସମାଧାନର ଏକ ସରଳ ସୂତ୍ର । ଶିବରାତ୍ରୀ ଆଉ ପାଞ୍ଚ ଦିନ ଆଗକୁ ଅଛି । ପରିବାରର ସମସ୍ତଙ୍କୁ ଜଣାଇ ଦେଇ ସେ ବାହାରିଗଲେ ମହାକୁମ୍ଭର ଶେଷ ମହୋତ୍ସବରେ ପ୍ରୟାଗରେ ପବିତ୍ର ବୁଡ଼ ପକାଇ ନିଜ ପାପ ଧୌତର ଦିବ୍ୟ ଅବଧାରଣାକୁ ଅଙ୍ଗେ ନିଭାଇବେ ।

ଗାଁଠାରୁ ଚାଳିଶ କିଲୋମିଟର ଦୂର ସହରରୁ ଟ୍ରେନ୍ ଧରିଲେ । ଜାଗର ମେଳାର ପୂର୍ବଦିନ ସକାଳୁ ସକାଳୁ ଟ୍ରେନ୍ ବ୍ରେକ୍ କଷି ଅଟକିଲା ପ୍ରୟାଗଠାରେ । ସେ ଚାଲିଲେ ପ୍ରୟାଗର ଅସ୍ଥାୟୀ ଆଶ୍ରୟସ୍ଥଳକୁ । ସତକୁ ସତ ମେଳାର ଶିବିରସବୁ ଲୋକାରଣ୍ୟ ହୋଇ ଉଠିଛି । କେତେକ ସ୍ଥାନରେ ଟେଲିଭିଜନ ବା ସମ୍ବାଦପତ୍ରର ବର୍ଣ୍ଣନାଠାରୁ ସୁଦ୍ଧା ବଳେଇ ଯାଇଛି ଏଠାର ପରିବେଶ । ଯେଉଁ ଆଡ଼କୁ ଆଖି ବୁଲାଇଲେ ଖାଲି ମଣିଷ ଆଉ ମଣିଷ । ବିଭିନ୍ନ ଭାଷାଭାଷୀ, ବେଶଭୂଷା, ରୁଗ୍ଣ, ଶୀର୍ଣ୍ଣ, ଦୀର୍ଣ୍ଣ ମୁକ୍ତି-ପିପାସୁମାନଙ୍କର ମହାସଙ୍ଗମ ।

ବିଶେଷ କରି ଶେଷ ଧାର୍ମିକ ମହାସମାବେଶ ଶିବରାତ୍ରୀ ହୋଇଥିବାରୁ ବିଶ୍ୱର ସମସ୍ତ କୋଣରୁ ଶ୍ରଦ୍ଧାଳୁମାନଙ୍କ ସମାଗମରେ ଚଳଚଞ୍ଚଳ ହୋଇ ଉଠିଛି ଗଙ୍ଗା ତଟବର୍ତ୍ତୀ ଅଞ୍ଚଳ । ଗୁଡ଼ଟେଳାକୁ ଆବୃତ୍ତ କରି ପିମ୍ପୁଡ଼ିମାନେ ଯେପରି ମିଠା ଆସ୍ୱାଦନରେ ମଗ୍ନ ଥା'ନ୍ତି ସେମିତି ଶ୍ରଦ୍ଧାଳୁମାନଙ୍କ ଭିଡ଼ରେ ମାଟି ସୁଦ୍ଧା ନିଶ୍ଚିହ୍ନ ହୋଇ ଯାଇଛି । ଆକାଶ ଯେପରି ଦୂର ଦିଗ୍‌ବଳୟ ଆଡ଼କୁ ନଇଁପଡ଼ି ମାଟି ଭିତରେ ମିଶି ଯାଇଛି । ଯାହା ଲେଖାରେ ଦେଖି ସେ ଗାଆଁରେ ଚମତ୍କୃତ ହେଉଥିଲେ, ଏଠାରେ ତାହା ଆଖିରେ ଦେଖି ଅଭିଭୂତ ହେଲେ । ଏଠାକାର ବିରାଟ ସମାବେଶ ସହିତ ମଣିଷର ଗଭୀର ବିଶ୍ୱାସକୁ ସେ ମନ ତରାଜୁରେ ତଉଲି ଆତ୍ମବିଭୋର ହୋଇ ଉଠିଲେ ।

ଅସ୍ଥାୟୀ ଶିବିରରେ ରହିବାର ସୁବନ୍ଦୋବସ୍ତ ହୋଇଗଲା । ପଞ୍ଜରା ଭିତରୁ ଦୀର୍ଘଶ୍ୱାସ ଛାଡ଼ି ସିଏ ଦଣ୍ଡେ ବସିଗଲେ । ମନତଳର ସବୁ ଜମାଟ କ୍ଳାନ୍ତି ଓ ଅବସାଦ ଯେମିତି ଚଢ଼େଇଟେ ପରି ଫୁର୍‌କିନା ଉଡ଼ିଗଲା । ସେ ବୁଲାବୁଲି କଲେ । ଆସନ୍ତା ସକାଳକୁ ଶ୍ରଦ୍ଧାଳୁମାନଙ୍କ ବ୍ୟାକୁଳ ଅପେକ୍ଷା । ଶିବରାତ୍ରୀ ଜାଗର । ସେ ବି ଅପେକ୍ଷା କଲେ । ବଡ଼ିଭୋରରୁ ତ୍ରିବେଣୀଠାରେ ସୁବିଧାରେ ସ୍ନାନ ସାରିଲେ ତାଙ୍କ କୌତୂହଳର ପାପ ମୋଚନ ହେବ । ସେ ସ୍ୱର୍ଗୀୟ ଅନୁଭୂତି ଲାଭର ଅବକାଶ ଆଉ ବେଶୀ

ଦୂର ନୁହେଁ । ସୁକୁମାର ବାବୁଙ୍କ ମନରେ କୌତୂହଳର ମହାପ୍ଲାବନ, ବ୍ୟାକୁଳତା । ସରଳ, ତରଳ, ସ୍ୱଚ୍ଛ ପୁଣ୍ୟତୋୟାର ଶୀତଳ ଜଳରାଶିରେ ଶରୀରକୁ ଭିଜାଇ ଦେବେ ସେ, ଐଶ୍ୱର୍ଯ୍ୟର ଅନ୍ୟ ନାମ ଏଇ ପବିତ୍ର ନଦୀ ତାଙ୍କୁ ଐଶ୍ୱର୍ଯ୍ୟମୟ କରିଦେବ । ହରଣ କରିନେବ ଏଯାବତ୍ ପୁଞ୍ଜିଭୂତ ତାଙ୍କର ସମସ୍ତ ପାପରାଶିକୁ । ସେ ପୁଲକିତ, ରୋମାଞ୍ଚିତ ହେଲେ ।

ଯଥା ସମୟରେ ପବିତ୍ର ପରିବେଶର ଶୁଭ ମୁହୂର୍ତ୍ତରେ ଗଙ୍ଗାରେ ସ୍ନାନ କଲେ ସୁକୁମାର । ସୁରେଶ୍ୱରୀ ଗଙ୍ଗାଙ୍କ ଆଶୀର୍ବାଦରୁ କିଛି ଅସୁବିଧା ହେଲା ନାହିଁ । ଅନ୍ୟମାନଙ୍କ ପରି ''ଜୟ ଗଙ୍ଗା ମୈୟା'', ''ନମାମି ଗଙ୍ଗେ'' ଗାଇ ଗାଇ ସେ ସ୍ନାନ କାର୍ଯ୍ୟ ସମ୍ପନ୍ନ କଲେ । ପବିତ୍ର ଗଙ୍ଗାର କଳାଘୁମର ଶୀତଳ ଜଳରାଶିର ଆତ୍ମୀୟ ଆଲିଙ୍ଗନରେ ଶିହରିତ ହେଲେ । କଳନାଦିନୀ ନଦୀର କଳ କଳ ଧ୍ୱନିରେ ତାଙ୍କ କର୍ମଠ ଶରୀରର ସମଗ୍ର ସତ୍ତା କର୍ମତତ୍ପର ହୋଇ ଉଠିଲା । ହିମ ଶୀତଳ ଜଳରାଶି ମଧ୍ୟରେ ସେ ଅନୁଭବ କଲେ ଏକ ସ୍ନାୟବିକ ଉଷ୍ଣତା, ଯାହା ପାର୍ଥିବ ଅଭିଜ୍ଞତା ଠାରୁ ଢେର୍ ଭିନ୍ନ ଥିଲା ।

ସେ ଫେରି ଆସିଲେ ନିଜ ଅସ୍ଥାୟୀ ରହଣିସ୍ଥଳକୁ । ଥୁରୁ ଥୁରୁ କଣ୍ଠରେ, ''ନଗେନ୍ଦ୍ର ହାରାୟ ...''ଠାରୁ ଆରମ୍ଭ କରି ''ତସ୍ମୈଇ ୟ କାରାୟ ନମଃ ଶିବାୟ''କୁ ଆବୃତ୍ତି କରୁଥିଲେ । ମାତ୍ର ସେଇ ଗଚ୍ଛିତ କୌତୂହଳ, ଯାହା ସେ ଗାଆଁରୁ ମୁଣ୍ଡେଇ ଆସିଛନ୍ତି – ''ପାପ କିପରି ଧୋଇ ହେଲା ? ଯଦିବି ଧୋଇ ହେଲା ତାହା ଚିନି ପରି ମିଳାଇ ଗଲା କି ? ସେ କି ପଦାର୍ଥ ? ମୁଁ ତ ଜାଣି ପାରିଲି ନାହିଁ ।'' ଏପରି ଭାବି ଭାବି ପୋଷାକ ବଦଳାଇଲେ । ତାଙ୍କର ଅନନୁଭୂତ ତାଜାପଣ ତାଙ୍କୁ ଏଇ ସୂଚନା ଦେଉଥିଲା, ଯେପରି ମହାକୁମ୍ଭର ଶେଷ ସ୍ନାନପର୍ବରେ ସେ ତ୍ରିବେଣୀରେ ବୁଡ଼ ପକାଇ କୃତାର୍ଥ ହୋଇଛନ୍ତି । ହର ହର ଗଙ୍ଗେ ।

ସେ ବସିଗଲେ ଧ୍ୟାନ ମୁଦ୍ରାରେ । ଆଖି ବନ୍ଦ କରି ଶିବ ପଞ୍ଚାକ୍ଷର ମନ୍ତ୍ର ''ତ୍ରିଭୁବନ ତାରିଣୀ ତରଳ ତରଙ୍ଗେ''କୁ ବେଶ୍ ଏକାଗ୍ର ହୋଇ ଆବୃତ୍ତି କଲେ । ନୀରବ ଧ୍ୟାନ, ନୀରବ ମନନ ଓ ନୀରବ ପ୍ରାର୍ଥନାରେ ମଗ୍ନ ରହି ତନ୍ମୟ ହୋଇପଡ଼ିଲେ ସେ ।

ସୁକୁମାର ବାବୁଙ୍କର ମନେ ହେଲା ଗୋଟିଏ କୁନି ଝିଅ ତାଙ୍କ ଆଗରେ ଉଭା ହୋଇଛି ଯେମିତି । ଗଙ୍ଗାଦେବୀଙ୍କ ପ୍ରତିମା ପରି ଚେହେରା । ସେ ନିଜ ଆଡୁ ପଚାରିଲେ, ''କ'ଣ, ତୋ' ମନରେ କି ସଂଶୟ ରଖିଛୁ ? କହ, ମୁଁ ଗଙ୍ଗାମାତା । ତୋ ସଂଶୟକୁ ସଙ୍କୋଚ ନକରି ପଚାର ।'' ସେଇ ପ୍ରଶ୍ନରେ ସୁକୁମାରଙ୍କ ତାଳୁରୁ ତଳିପା ଯାଏଁ ଖେଳିଗଲା ଏକ ଶିହରଣ । ସେ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, ''ତୁମେ ସତରେ ଗଙ୍ଗାମାତା ?''

କୁନି ମାତା ଅଳ୍ପ ହସି ''ହଁ'' କହିଲେ । ସୁକୁମାର ଉତ୍ସୁକଭରା କଣ୍ଠରେ ପଚାରିଲେ, ''ତୁମେ ମୋ ଦେହରୁ ମୋର ସମସ୍ତ ପାପକୁ ଧୋଇ ଦେଲ ?''

– ''ହଁ'' ! କୁନିମାତା ଉତ୍ତର ଦେଲେ ।

– ''ଏଯାଏଁ ଯେଉଁମାନେ ଏଠାରେ ସ୍ନାନ କରିଛନ୍ତି ସେମାନଙ୍କର ପାପକୁ ବି ?''

– ''ହଁ !'' ସେ ସେମିତି ଦାମ୍ଭିକତାରେ ଉତ୍ତର କଲେ ।

– ''ସେଇ ପାପତକ ନେଇ ତୁମେ କେଉଁଠି ରଖିବ ? ତାକୁ କ'ଣ କରିବ ?'' ସୁକୁମାର ବାବୁ ହାବୁକାଏ ପବନ ଭିତରକୁ ନେଉ ନେଉ ପୁଣି ପଚାରିଲେ । ତାଙ୍କ କୌତୂହଳ ସୀମା ପାର ହୋଇ ସାରିଥିଲା ।

– ''ମୁଁ କ'ଣ ବାତୁଳ ହୋଇଛି ଯେ ତାକୁ ଗଚ୍ଛିତ କରି ରଖିବି ?'' ମାତା ଓଲଟି ସୁକୁମାରଙ୍କୁ ପ୍ରତିପ୍ରଶ୍ନ କଲେ । ''ଦେଖୁନୁ ଏଇ କଳା ଘୁମର ଜଳରାଶି ପରା କଳ କଳ ଧ୍ୱନିରେ ତଳକୁ ବୋହି ଚାଲିଛି । ସେଇ ପାପରାଶିକୁ ମୁଁ ଏଇ ସ୍ରୋତ ସହିତ ସାଗରକୁ ଦେଇ ଦେଇଛି । ସେସବୁ ମୋର କ'ଣ ହେବ ?'' – ସିଏ ଉତ୍ତର ଦେଲେ । ସେଇ ଉତ୍ତରରେ ଆହୁରି ଦାମ୍ଭିକତା ଥିଲା, ଅଧିକ ବାସ୍ତବତା ଥିଲା ।

ସୁକୁମାରଙ୍କ କୌତୂହଳର ସୀମା ରହିଲା ନାହିଁ । ସେ ସାଗର ଆଡ଼କୁ ବୁଲିପଡ଼ି ପଚାରିଲେ, – ''ହେ ସାଗର ! ଗଙ୍ଗା ସ୍ନାନରେ ଧୋଇ ହୋଇଥିବା ଶ୍ରଦ୍ଧାଳୁମାନଙ୍କର ପାପ ଓ ମୋ ଦେହର ପାପତକ ଗଙ୍ଗା ମା' ତୁମ ନିକଟକୁ ପଠାଇ ଦେଇଛନ୍ତି ?''

ସାଗର ଉତ୍ତର ଦେଲେ, ''ହଁ !'' ଏ ଉତ୍ତର ମଧ୍ୟ ଜୋର୍‌ଦାର ଥିବା ପରି ସୁକୁମାର ଅନୁଭବ କଲେ ।

– ''ସେଇ ପାପକୁ ତୁମେ କ'ଣ କଲ ? କେଉଁଠି ରଖିଛ ?''

ସାଗର ଅତ୍ୟନ୍ତ ଆବେଗଭରା କଣ୍ଠରେ ବେଶ୍ ଓକିଲାତି ଶୈଳୀରେ ଉତ୍ତର ଦେଲେ – ''ମୁଁ କ'ଣ ପାଗଳ ହୋଇଛି ଯେ ସେହି ପାପସବୁକୁ ମୋ ପାଖରେ ରଖିବି ? ସେଗୁଡ଼ିକ ମୋର କି କାମରେ ଆସିବ ? ମୁଁ ସେସବୁକୁ ମେଘ ରାଇଜକୁ, ବାଦଲ ପାଖକୁ ପଠାଇ ଦିଏ । ସେସବୁ ମୋର ନୁହେଁ ।''

ସୁକୁମାର ସ୍ୱଗତୋକ୍ତି କଲେ – ''ଆଚ୍ଛା ! ଏମିତି କଥା !'' ସେ ଆକାଶକୁ ଅନାଇଲେ । ସେତେବେଳେ ତାଙ୍କ

ମୁଣ୍ଡ ଉପରଦେଇ ଭାସି ଯାଉଥିଲା ଏକ ବିରାଟ ବଉଦ ଖଣ୍ଡ । ଧଳା ଚକଚକ ବୋଇତଟିଏ ଯେପରି ରୁପାର ସାଜ-ସରଞ୍ଜାମରେ ଭର୍ତ୍ତି ହୋଇଥିଲା । ତାକୁ ସମ୍ବୋଧନ କରି ସେ ପଚାରିଲେ, ''ସମୁଦ୍ରକୁ ଆସିଥିବା ଶ୍ରଦ୍ଧାଳୁମାନଙ୍କ ପାପସବୁ, ସିଏ ତୁମ ପାଖକୁ ପଠାଇଛନ୍ତି ?'' ଉତ୍ତର ଆସିଲା ''ହଁ'' । ସୁକୁମାର ଅଧୈର୍ଯ୍ୟ ହୋଇ ପଚାରିଲେ, ''ସେଇ ପାପସବୁକୁ ତୁମେ କ'ଣ କରିବ ?'' ବଉଦଖଣ୍ଡଟି ସୁକୁମାରଙ୍କୁ ହାତ ଠାରି ନିଜ ନିକଟବର୍ତ୍ତୀ ହେବାକୁ ଇସାରା କଲେ । ସନ୍ତ୍ରମରେ ସୁକୁମାର ସଂଶୟ ଚିତ୍ତରେ ପାଦ ପକାଇ ବାଦଲର ନିକଟକୁ ଗଲେ । ସେ ସୁକୁମାରଙ୍କ କାନରେ ଫିସ୍ ଫିସ୍ କରି କହିଲେ, ଆମେ କ'ଣ ପାଗଳ ହୋଇଛୁ ଯେ ମଣିଷଙ୍କ ପାପକୁ ଗଚ୍ଛିତ କରି ରଖିବୁ । ଆମେ ସେସବୁକୁ ବର୍ଷା ରୂପରେ ଢାଳି ଦେଇଥାଉ ।''

''କାହା ଉପରେ ?'' — ସୁକୁମାର ବ୍ୟଗ୍ର ହେଉ ହେଉ ପଚାରିଲେ ।

ବାଦଲଖଣ୍ଡଟି ବିଦୂଷକ ଭଳି ଆଖି ଦୁଇଟିକୁ ଦୁଇଥର ବୁଲାଇ ଦେଇ ଚତୁରତାରେ ଚଟାପଟ ଉତ୍ତର ଦେଲେ, 'ତୁମମାନଙ୍କ ଉପରେ ! ମର୍ତ୍ତ୍ୟର ଅଧିବାସୀ ତଥା ଗଛଲତା, ଜୀବଜନ୍ତୁ, ପାହାଡ଼ ଉପରେ ।''

''ଇସ୍ !'' ସୁକୁମାର ଅଜାଣତରେ କହି ଉଠିଲେ । ତା'ପରେ ନିର୍ବାକ୍ ରହିଗଲେ କେଇ ମିନିଟ । କ'ଣ କହିବେ ତାହା ବି ସେ ଭାବି ପାରିଲେ ନାହିଁ । ସତେ କି ସେ ସଂଜ୍ଞାହତ, ବାକ୍‌ରୁଦ୍ଧ ଓ ହତଭମ୍ବ ହୋଇ ଯାଇଥିଲେ । ତାଙ୍କ ଆପାଦ-ମସ୍ତକରୁ ଏକ ଶୀତଳ ସ୍ରୋତ ବୋହି ଯାଉଥିଲା । ସେ ଆଖି ଖୋଲିଲେ । ତନ୍ଦ୍ରାଚ୍ଛନ୍ନ ଅବସ୍ଥାରେ ବୋଧହୁଏ ସ୍ୱପ୍ନଟିଏ ଦେଖୁଥିଲେ । ମନେହୁଏ ତାଙ୍କର ଜମାଟବନ୍ଧା ସନ୍ଦେହ ଓ କୌତୂହଳ ବୋଧହୁଏ ଏପରି ଏକ ସ୍ୱପ୍ନ ସୃଷ୍ଟି କରିଥିଲା ।

କିଛି ସମୟ ପରେ ସେ ଅନୁଭବ କଲେ — ଯାହା ବି ହେଉ, ଯୁଆଡ଼େ ବି ଯାଉ ଆମର କର୍ମହିଁ ଆମ ସହ ମିଶି ଧାବିତ ହୋଇଥାଏ । ଏକ ସମର୍ପଣର ମୁଦ୍ରାରେ ସେ ବାହାରକୁ ଅନାଇ ଦେଖିଲେ ଶୁଚିସ୍ନିଗ୍ଧ ସକାଳ ଯେମିତି ମୁଗ୍ଧ ବିଭୋର ହୋଇ ଚାହିଁ ରହିଛି । ସତେଅବା ସୃଷ୍ଟିର ପ୍ରାର୍ଥନାର ଉତ୍ତରରେ ଅବତରି ଆସୁଛି ସ୍ରଷ୍ଟାଙ୍କର କରୁଣାର ଧାରା । ଆମର ପ୍ରୟାସଶୀଳ ମୁହୂର୍ତ୍ତମାନେହିଁ ସେ କରୁଣାର ଯୋଗ୍ୟ ହୋଇ ପାରିବେ । ଆମର ସଂକଳ୍ପ, କର୍ମ ଓ ପ୍ରତି ମୁହୂର୍ତ୍ତରେ ଅଗ୍ରଗତି ପାଇଁ ପ୍ରସ୍ତୁତି ନୂତନ ଆନନ୍ଦଘନ ଜୀବକୁଳ ପାଇଁ ପଥ ପ୍ରସ୍ତୁତ କରିବ । ନିତ୍ୟ ନୂତନ ପ୍ରବହମାନ ସନାତନ ଧର୍ମର ତାହାହିଁ ମର୍ମବାଣୀ ।

ଅସ୍ଥାୟୀ ଶିବିର ନିକଟବର୍ତ୍ତୀ କୋଠରିରୁ ଗୁରୁଗମ୍ଭୀର ଧ୍ୱନିରେ ଭାସି ଆସୁଥିଲା କାହାର ଅନୁନାସିକ ଉଚ୍ଚାରଣ — ''ତମସୋ ମା ଜ୍ୟୋତିର୍ଗମୟ''ର ସେଇ ବୈଦିକ ମନ୍ତ୍ର । ❑

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:

**donations.sriaurobindoashram.org**

Donations to Sri Aurobindo Ashram Trust

ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।

ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ

ଚେତନାର ଦିଗ୍‌ବଳୟ :

# ନୂତନ ବ୍ୟାଧିର ପଦଧ୍ୱନି : ଏକ ଚେତାବନୀ*

"My library was dukedom large enough."

''ମୋ ପାଠାଗାର ଗୋଟିକହିଁ ଥିଲା ମୋ ସକାଶେ ଯଥେଷ୍ଟ ବଡ଼ ରାଇଜଟିଏ !''

ଆମର ବହୁ ପାଠକ ସେକ୍ସପିଅର୍‌ଙ୍କ The Tempest ନାଟକଟି ପାଠ୍ୟ ପୁସ୍ତକ ରୂପେ ପଢ଼ିବାର ସୁଯୋଗ ପାଇଥିବେ । ସେ ନାଟକର ମହନୀୟ ଚରିତ୍ର ପ୍ରୋସ୍ପାରୋ କାହିଁକି ତାଙ୍କ ଛୋଟିଆ ରାଜ୍ୟ (Dukedom) ଖଣ୍ଡିକ ହରାଇଲେ, ତାହାର କାରଣ ରୂପେ ଏହା ଦର୍ଶାଇଛନ୍ତି । ନିଜ ପାଠାଗାର ଭିତରେ ଜ୍ଞାନ ପିପାସା ମେଣ୍ଟାଇବାରେହିଁ ତାଙ୍କର ଅଧିକାଂଶ ସମୟ ବିତି ଯାଉଥିଲା; ରାଜ୍ୟ ସମ୍ଭାଳିବାରେ ସେ ମନ ଦେଉ ନଥିଲେ । ଫଳରେ ଶତ୍ରୁମାନେ ତାଙ୍କୁ ମାଡ଼ି ବସିଲେ ଏବଂ ଭଦ୍ରଲୋକ କୌଣସିମତେ ଜୀବନ ଧରି ନିଜର ଟିକି କନ୍ୟାଟି ସହ ଏକ ନିର୍ଜନ ଦ୍ୱୀପରେ ଆସି ଉପନୀତ ହେଲେ । ଅର୍ଥାତ୍, ପାଠାଗାର ତାଙ୍କ ପାଇଁ ଥିଲା ନିଜର ସ୍ଥୂଳ ଐଶ୍ୱର୍ଯ୍ୟ ରାଜ୍ୟଠାରୁ ବହୁ ଅଧିକ ମୂଲ୍ୟବାନ୍ ଐଶ୍ୱର୍ଯ୍ୟ ।

ଯୁଗେ ଯୁଗେ ପାଠାଗାର ଯେପରି ସଭ୍ୟତାର ଏବଂ ସାମୂହିକ ସାଂସ୍କୃତିକ ମାନସିକତାର ମାନଦଣ୍ଡ ରୂପେ ପରିଗଣିତ ହୋଇଛି, ସେହିପରି ବ୍ୟକ୍ତିଗତ ଧୀମାନ୍ ବୃନ୍ଦଙ୍କର ଅନ୍ୱେଷଣର ଏବଂ ସତ୍‌ସଙ୍ଗ-ପ୍ରେମର ପରିଚୟ ବହନ କରିଛି । ଭଲ ବହିଠାରୁ ଭଲ ସଙ୍ଗ କ୍ୱଚିତ୍ କେହି ଦେଇପାରିବେ ।

DELNET (Developing Library Network) ନାମକ ସଂସ୍ଥା ଏବଂ ପଣ୍ଡିଚେରୀଠାରେ ଅବସ୍ଥିତ ଫରାସୀ ସରକାରଙ୍କର ସ୍ୱନାମଧନ୍ୟ ସଂସ୍ଥା French Institute ଆନୁକୂଲ୍ୟରେ ଏଠାରେ (ପଣ୍ଡିଚେରୀଠାରେ) ଡିସେମ୍ବର ୯, ୨୦୧୪ରେ ଆରମ୍ଭ ହୋଇଛି ଏକ ତିନିଦିନିଆ ପାଠାଗାରିକ ସମ୍ମିଳନୀ । ଭାରତବର୍ଷର ତଥା ଇଂଲଣ୍ଡ, ଆମେରିକା, ଫ୍ରାନ୍ସ, ଅଷ୍ଟ୍ରେଲିଆ ଇତ୍ୟାଦି ପୃଥିବୀର ବିଭିନ୍ନ ପ୍ରାନ୍ତର ପାଠାଗାରିକ ଏବଂ ପାଠାଗାର-ବିଶେଷଜ୍ଞମାନଙ୍କର ଏ ସମ୍ମିଳନୀ ଆମର ପୂର୍ବତନ ରାଷ୍ଟ୍ରପତି ଶ୍ରୀ ଅବଦୁଲ କାଲାମ୍ ଉଦ୍‌ଘାଟନ କରିବା ଅନ୍ତେ ପ୍ରଥମ ଅଧିବେଶନର ପ୍ରାରମ୍ଭରେ ଏଇ ଲେଖକଙ୍କୁ କିଛି କହିବାକୁ ଆହ୍ୱାନ କରାଯାଇଥିଲା ।

ଲେଖକ ତା'ର ସଂକ୍ଷିପ୍ତ ଉଦ୍‌ବୋଧନରେ ଯାହା କହିଥିଲା, ସେଥିରୁ କେତୋଟି କଥା ଆମ ପାଠକମାନଙ୍କ ସକାଶେ ସମାନ ମାତ୍ରାରେ ପ୍ରାସଙ୍ଗିକ ।

ସମ୍ମିଳନୀର ଆରମ୍ଭ ଦିନଟି ଥିଲା ବଡ଼ ତାତ୍ପର୍ଯ୍ୟପୂର୍ଣ୍ଣ । ପୂର୍ବତନ ରାଷ୍ଟ୍ରପତି ମହୋଦୟ ପ୍ରଥମେ ଆଶ୍ରମ ପରିସରକୁ ଆସି ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ସମାଧିରେ ଶ୍ରଦ୍ଧାର୍ପଣ ଅନ୍ତେ ସମ୍ମିଳନୀସ୍ଥଳକୁ ଯାଇଥିଲେ । ୧୯୫୦ ମସିହାରେ ଏହି ଦିନହିଁ ଶ୍ରୀଅରବିନ୍ଦଙ୍କ ଦିବ୍ୟ-କଳେବର ସମାଧିସ୍ଥ ହୋଇଥିଲା । ଆଜିର ବହୁବିଧ ସଂକଟ-ପ୍ରପୀଡ଼ିତ ମାନବଜାତି ପ୍ରତି ଶ୍ରୀଅରବିନ୍ଦଙ୍କର ଏକ ବିଶେଷ ଅବଦାନ ହେଲା ଭବିଷ୍ୟତ୍ ଉପରେ ଆସ୍ଥାର ଆହ୍ୱାନ । ଆଜିର ସଙ୍କଟ ବିବର୍ତ୍ତନଗତ ସଙ୍କଟ ଏବଂ ସେଥିରୁ ମାନବଜାତି ଉତ୍ତୀର୍ଣ୍ଣ ହେବ – ସେ ଆମକୁ ଏହି ଭବିଷ୍ୟଦ୍‌ବାଦୀ ଆଶାର ସୂଚନା ଦେଇଛନ୍ତି ।

ଭବିଷ୍ୟଦ୍‌ବାଦୀ ଆଶା ଉପରେହିଁ ସମଗ୍ର ପାଠାଗାର ପରମ୍ପରା ପ୍ରତିଷ୍ଠିତ । ଅତୀତର ଧୀମାନ୍‌ବର୍ଗ ପାଠାଗାର ସ୍ଥାପନ କରିଥିଲେ ସମସାମୟିକ ତଥା ଭବିଷ୍ୟତର, ଅର୍ଥାତ୍ ଆଜିର ପାଠକମାନଙ୍କର ମଙ୍ଗଳ ପାଇଁ । ଆଜି ପାଠାଗାରମାନ ପ୍ରତିଷ୍ଠିତ ହେଉଛି ଆଜିର ତଥା ଅନାଗତ ଭବିଷ୍ୟତର ପାଠକମାନଙ୍କ ମଙ୍ଗଳ ପାଇଁ ।

ଯୁଗେ ଯୁଗେ ପାଠାଗାର ପରମ୍ପରା ନାନାଦି ଦୁର୍ଯୋଗ ସାମନା କରିଛି । ଦୁଇହଜାର ବର୍ଷ ତଳର ଚୀନ ସମ୍ରାଟ ସି ହ୍ୱାଂତି ତାଙ୍କ ସାମ୍ରାଜ୍ୟ ବ୍ୟାପୀ ଯେତେ ଯହିଁ ଯାହା ଲେଖାଲେଖି ଥିଲା, ସେସବୁ ଧ୍ୱଂସ କରିବାର ଉଦ୍ୟମ କରିଥିଲେ । ସେତେବେଳେ ଲେଖାଲେଖି ହେଉଥିଲା ମୁଖ୍ୟତଃ କାଠଖଣ୍ଡ

* ପ୍ରବନ୍ଧଟିର ରଚନାକାଳ ଜାନୁଆରୀ ମାସ ୨୦୧୫ ମସିହା ।

ଉପରେ । ଗୋଲାକାର କାଠ ଖଣ୍ଡମାନ ଗଢେଇ ଗଢେଇ ତହିଁପରେ ଖୋଦିତ କୁଂ ଫୁସୁ ବା କନଫ୍ୟୁସିଅାସ୍ ଏବଂ ଅନ୍ୟ ମନୀଷୀମାନଙ୍କ ବାଣୀ ପଢ଼ିବାକୁ ପଡୁଥିଲା । ସେସବୁ ପୋଡ଼ି ଦିଆଗଲା । ସେତେବେଳେ ଚୀନର ବିଖ୍ୟାତ ବିଶାଳ ପ୍ରାଚୀର (Great Wall of China – ସପ୍ତାଶ୍ଚର୍ଯ୍ୟ ମଧ୍ୟରୁ ଗୋଟିଏ) ନିର୍ମାଣ ଚାଲିଥାଏ । ସାମ୍ରାଜ୍ୟବ୍ୟାପୀ ସେ ବହି ପୋଡ଼ାରେ ଯେଉଁ ଲେଖକ ବା ପାଠକମାନେ ସହଯୋଗ କଲେ ନାହିଁ, ସେମାନଙ୍କୁ ସେମାନଙ୍କ କାଠ-ବହି ସମେତ ସେହି ନିର୍ମାଣମାନ ପ୍ରାଚୀର ଭିତରେ ଜୀବନ୍ତ ସମାଧି ଦିଆଗଲା ।

ସପ୍ତମ ଶତାବ୍ଦୀରେ ଆମ ଦେଶର ପ୍ରଖ୍ୟାତ ନାଳନ୍ଦା ବିଶ୍ୱବିଦ୍ୟାଳୟ ପରିସରରେ ରହିଥିଲା ତିନୋଟି ବୃହତ୍ ଅଟ୍ଟାଳିକା ଭର୍ତ୍ତି ବହିପତ୍ର । ସେସବୁ ଦିନେ ଅଗ୍ନି ଉତ୍ପାତ ଯୋଗେ ଭସ୍ମସ୍ତୂପରେ ପରିଣତ ହେଲା । ବହିଃଶତ୍ରୁ ଦ୍ୱାରା ନା ଆଭ୍ୟନ୍ତରୀଣ ଶତ୍ରୁ ଦ୍ୱାରା ସେ ବିଭୀଷିକା ସମ୍ଭବ ହେଲା ତାହା ନିରୂପିତ ହୋଇପାରି ନାହିଁ ।

ସେହିପରି ଧ୍ୱଂସ ହୋଇଥିଲା ଆଲେକ୍‌ଜାଣ୍ଡ୍ରିଆ ନଗରୀର ବିରାଟ ପାଠାଗାର । ବିଂଶ ଶତାବ୍ଦୀରେ ମଧ୍ୟ ଏକଛତ୍ରବାଦୀ ଦଳଙ୍କ ଶାସିତ ଦେଶସବୁରେ କେତେ କେତେ ପାଠାଗାର ନିଜ ସତ୍ତା ହରାଇଛନ୍ତି – ଅଥବା ବିକଳାଙ୍ଗ ହୋଇଛନ୍ତି ଆଦର୍ଶଗତ କାରଣରୁ । କିନ୍ତୁ କିଂବଦନ୍ତିର ଫିନିକ୍ସ ପକ୍ଷୀ (Phoenix) ଭଳି ପାଠାଗାର ପ୍ରତିଥର ଚିତାଗ୍ନି ଭିତରୁ ପୁନରୁଜ୍ଜୀବିତ ହୋଇଛି ।

ତେବେ ଆଜିର ପାଠାଗାର ପାଇଁ ସେଭଳି ସ୍ଥୂଳ ଆକ୍ରମଣ ବା ଦୁର୍ଘଟଣା ସବୁଠାରୁ ବଡ଼ ବିପଦ ନୁହେଁ । ସବୁଠାରୁ ବଡ଼ ବିପଦ ହେଲା ବହି ଉପରୁ ଯାଇ ପାଠକର – ବିଶେଷତଃ ବାଳୁତ ଏବଂ କିଶୋର ପାଠକର – ମନଧ୍ୟାନ ବୈଦ୍ୟୁତିକ ପ୍ରମୋଦ ମାଧ୍ୟମ ଉପରେ ନିବଦ୍ଧ ହେବା । ଏହା ଏକ ଗୁରୁତର ବିପଦ ଏବଂ ମାତାପିତା, ଶିକ୍ଷକ, ଅଭିଭାବକମାନେ ଯଥେଷ୍ଟ ସତର୍କ ନହେଲେ ଆଗାମୀ ପିଢ଼ି ଗୋଟାଏ କଠିନ ନୂତନ ମାନସିକ ବ୍ୟାଧିର ଶିକାର ହେବ । ସେ ବ୍ୟାଧି ବା ବିକଳତାର ନାମ ମନସ୍ତାତ୍ତ୍ୱିକମାନେ ଆପାତତଃ ଦେଇଛନ୍ତି "Internet-use-disorder" । ଆପଣ ଯଦି ପିଲାଠାରୁ ସେ ବୈଦ୍ୟୁତିକ ମାଧ୍ୟମ ଅପସାରଣ କରିନେବେ ତେବେ ସେ ବିଷାଦ ରୋଗ ଦ୍ୱାରା ଆକ୍ରାନ୍ତ ହେବ । ଅଷ୍ଟ୍ରେଲିଆର ଦଳେ ମନୋବୈଜ୍ଞାନିକଙ୍କ ଗବେଷଣା, ଯାହା ପ୍ରଥମେ Sydney Morning Herald‌ରେ ପ୍ରକାଶ ପାଇଥିଲା, ତାହାର କିୟଦଂଶ ଏଠାରେ ଉଦ୍ଧୃତ କରୁଛି :

"Children addicted to using electronic devices may suffer from 'Internet-use-disorders', a newly discovered and serious mental illness. Psychologists argue video games and internet addictions share the characteristics of other addicts, including emotional shut-down, lack of concentration and withdrawal symptoms if the gadgets are removed."

ଭାରତ ପରିପ୍ରେକ୍ଷୀରେ ଏଭଳି ମାନସିକ ବ୍ୟାଧି ମହାନଗରୀମାନଙ୍କରେ ଘଟିବାକୁ ଆରମ୍ଭ କରିଛି । କିନ୍ତୁ ବୃହତ୍ତର ଭାରତ ଏ ଦିଗରେ ଆଜହୁଁ ସଚେତନ ରହିଲେ ବିପଦର ମାତ୍ରା ଊଣା ହେବ ବୋଲି ଆଶା କରାଯାଇପାରେ । ପିଲାଙ୍କ ଭିତରେ ପ୍ରତ୍ୟକ୍ଷ ପଠନ ଅଭ୍ୟାସର ବିକାଶ ଦିଗରେ ମନୋଯୋଗ ଦେବା ଅଭିଭାବକମାନଙ୍କର ଆଜି ବିଶେଷ ଦାୟିତ୍ୱ ।

**– ମନୋଜ ଦାସ**

❑❑❑

ଶ୍ରୀଅରବିନ୍ଦଙ୍କର ପ୍ରତ୍ୟେକଟି ବହି ତାଙ୍କ ନିଜ ମଧ୍ୟରେ ଯାହା ରହିଛି ସେସବୁକୁ ପ୍ରତୀକାତ୍ମକଭାବେ ତଥା ପ୍ରଚ୍ଛନ୍ନଭାବେ ଧାରଣ କରିଥା'ନ୍ତି ।

– ଶ୍ରୀମା

tarika

AYURVEDIC HERBAL REMEDIES

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

**Hair Vitaliser oil**
Controls hair loss and improves hair growth
*Regular use prevents hair thinning and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

**Vol. LVII, No. 1**
Navaprakash (Monthly), January, 2026
**Date of Posting : 7th, 8th of every month**


**R.N.I. No. 18163/70.**
Registration No. PY/51/2024-26
**Licenced to Post without prepayment**
TN/PMG(CCR)/WPP-63/2024-26

**ବିଶେଷ ସୂଚନା :**

''**ସାବିତ୍ରୀ** ଶ୍ରୀଅରବିନ୍ଦଙ୍କ ଭବିଷ୍ୟ ଦୃଷ୍ଟିର ସର୍ବୋଚ୍ଚ ପରିପ୍ରକାଶ ।''

— ଶ୍ରୀମା

ପୂର୍ବପ୍ରକାଶିତ ଶ୍ରୀଅରବିନ୍ଦଙ୍କ ରଚିତ ମନ୍ତ୍ରମୟୀ ମହାକାବ୍ୟ ସାବିତ୍ରୀର ପ୍ରଥମ ଭାଗର ପରବର୍ତ୍ତୀ କ୍ରମ ରୂପେ ଦ୍ୱିତୀୟ ଓ ତୃତୀୟ ଭାଗର ଓଡ଼ିଆ ଅନୁବାଦ ଅଧୁନା ପ୍ରକାଶ ପାଇଲା । ଏହାର ଅନୁବାଦକ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗ୍ରନ୍ଥର ବିଶେଷତ୍ୱ ଏହି ଯେ ଶ୍ରୀଅରବିନ୍ଦଙ୍କ କୃତ ସାବିତ୍ରୀର ପ୍ରତିଟି ପଂକ୍ତିର ମାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ଅନୁବାଦ ସହ ମୂଳ ଇଂରାଜୀ ଲେଖାକୁ ପୂର୍ବପରି ସଂଯୋଜିତ କରାଯାଇଛି ।




**ସାବିତ୍ରୀ**

**ଏକ କିଂବଦନ୍ତି ଏବଂ ଏକ ପ୍ରତୀକ**

**(ଦ୍ୱିତୀୟ ଭାଗ ଏବଂ ତୃତୀୟ ଭାଗ)**

୮୯୭ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : *୬୪୦/-* ଟଙ୍କା ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - *୬୦୫ ୦୦୨***

**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Parcel Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**